# ଗଣିତ କୁହୁକ

## ଚତୁର୍ଥ ଶ୍ରେଣୀ

7M1JEY

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଗଣିତ କୁହୁକ

## ଚତୁର୍ଥ ଶ୍ରେଣୀ


**ସଂପାଦକ ମଣ୍ଡଳୀ :**

ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର

ଶ୍ରୀ ପ୍ରସନ୍ନ କୁମାର ସାହୁ

ଶ୍ରୀ ମନୋରଞ୍ଜନ ମହାପାତ୍ର

ଶ୍ରୀ ରଞ୍ଜନ କୁମାର ଧଳ

**ସମୀକ୍ଷକ ମଣ୍ଡଳୀ :**

ଶ୍ରୀ ମଦନ ମୋହନ ମହାନ୍ତି

ଶ୍ରୀ ତାପସ କୁମାର ନାୟକ

ଡ. ବାମଦେବ ତ୍ରିପାଠୀ

**ସଂଯୋଜନା :**

ଶ୍ରୀ ପରମାନନ୍ଦ ଦାସ

ଶ୍ରୀମତୀ ପୁଷ୍ପାଞ୍ଜଳୀ ପ୍ରହରାଜ

ଡ. ତିଳୋତ୍ତମା ସେନାପତି

ଡ. ସବିତା ସାହୁ

**ପ୍ରକାଶକ :**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୧୦
୨୦୧୯

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

* ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
* ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
* ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
* ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

# କେଉଁଠି କ'ଣ ଅଛି


| କ୍ରମିକ ନଂ | ପାଠର ନାମ | ପୃଷ୍ଠା |
|---|---|---|
| ପାଠ -୧ | ରେଖାଖଣ୍ଡର ଦୈର୍ଘ୍ୟ ମାପିବା | ୧ - ୯ |
| ପାଠ-୨ | କୋଣର ବଡ଼ଭାଗୀକରଣ କରିବା | ୧୦ - ୨୩ |
| ପାଠ-୩ | ଟାଇଲି ସଜାଇବା | ୨୪ - ୩୫ |
| ପାଠ-୪ | ପରିସୀମା ମାପିବା | ୩୬ - ୪୧ |
| ପାଠ-୫ | କ୍ଷେତ୍ରଫଳ ପରିମାଣ ମାପିବା | ୪୨ - ୪୭ |
| ପାଠ-୬ | ତ୍ରିମାତ୍ରିକ ବସ୍ତୁ ଚିହ୍ନିବା | ୪୮ - ୫୧ |
| ପାଠ-୭ | ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ବ୍ୟବହାର କରିବା | ୫୨ - ୬୫ |
| ପାଠ-୮ | ବଡ଼ ଓ ସାନ ସଂଖ୍ୟା ଚିହ୍ନିବା | ୬୬ - ୭୫ |
| ପାଠ-୯ | ସଂଖ୍ୟାମାନଙ୍କର ଯୋଗ ଓ ବିୟୋଗ କରିବା | ୭୬ - ୯୧ |
| ପାଠ-୧୦ | ଗୁଣନ କରି ଜାଣିବା | ୯୨ - ୧୦୦ |
| ପାଠ-୧୧ | ହରଣ କରି ଜାଣିବା | ୧୦୧ - ୧୧୧ |
| ପାଠ-୧୨ | ଅଧା ଓ ଚଉଠ ଜାଣିବା | ୧୧୨ - ୧୧୮ |
| ପାଠ-୧୩ | ଭଗ୍ନସଂଖ୍ୟାରେ ସାନ ବଡ ଚିହ୍ନିବା | ୧୧୯ - ୧୨୭ |
| ପାଠ-୧୪ | ସମ ଭଗ୍ନସଂଖ୍ୟା ଚିହ୍ନିବା | ୧୨୮ - ୧୩୪ |
| ପାଠ-୧୫ | ଭଗ୍ନସଂଖ୍ୟାର ଯୋଗ ଓ ବିୟୋଗ କରିବା | ୧୩୫ - ୧୪୩ |
| ପାଠ-୧୬ | ଟଙ୍କା ପଇସା ହିସାବ କରିବା | ୧୪୪ - ୧୫୬ |
| ପାଠ-୧୭ | ମେଟ୍ରିକ୍ ପଦ୍ଧତିରେ ଦୈର୍ଘ୍ୟ ମାପିବା | ୧୫୭ - ୧୬୭ |
| ପାଠ-୧୮ | ଓଜନ ଓ ପରିମାଣ ଜାଣିବା | ୧୬୮ - ୧୭୮ |
| ପାଠ-୧୯ | କ୍ୟାଲେଣ୍ଡର ତିଆରି କରିବା | ୧୭୯ - ୧୯୪ |
| ପାଠ-୨୦ | ତଥ୍ୟ ଜାଣିବା ଓ ତହିଁରୁ ସିଦ୍ଧାନ୍ତ କରିବା | ୧୯୫ - ୨୦୨ |



# INDIAN ARMY






**An extraordinary life**
**A life full of adventure, honour and glory**
**Where you are one among a million,**
**and one in a million.**

## Be The Best
## Join Indian Army

www.joinindianarmy.nic.in

# ପାଠ-୧ ରେଖାଖଣ୍ଡର ଦୈର୍ଘ୍ୟ ମାପିବା


ରୀନା ଖଣ୍ଡିଏ ଧଳା କାଗଜ ନେଇ କାଗଜ ଭଙ୍ଗା କାମ କରୁଥିଲା । କାଗଜଖଣ୍ଡର ମଝିରୁ ଭାଙ୍ଗି ତା'କୁ ଦୁଇଭାଗ କଲା । ରୀନା କାଗଜଖଣ୍ଡଟିକୁ ଯେପରି ଭାଙ୍ଗିଲା, ତୁମେ ସେହିପରି କାଗଜ ଖଣ୍ଡେ ନେଇ,ଏହାକୁ ମଝିରୁ ଭାଙ୍ଗ । ଏବେ କାଗଜଟିକୁ ଖୋଲି ଦିଅ । ଏବେ ତୁମେ କାଗଜ ଉପରେ ଏକ ଭାଙ୍ଗ ଦେଖିବ । ଏହା ରେଖାଖଣ୍ଡର ଏକ ଉଦାହରଣ ।



ପାଖରେ ଦିଆଯାଇଥିବା ଚିତ୍ରକୁ ଦେଖ । ଚିତ୍ରରେ ସୀମା ଓ ଜିତା ଖଣ୍ଡିଏ ସୂତାର ଦୁଇମୁଣ୍ଡକୁ ଭିଡ଼ି ଧରିଛନ୍ତି । ଏଠାରେ ସୂତାଟି ସିଧା ହୋଇ ରହିଛି । ସୂତାଟି ଏଠାରେ ରେଖାଖଣ୍ଡର ଗୋଟିଏ ଆକୃତି ଧାରଣ କରିଛି ।



7MAFGL




ଚିତ୍ରରେ ମହେଶ ଓ ରହିମ୍ ମଧ୍ୟ ଆଉ ଖଣ୍ଡିଏ ସୂତାର ଦୁଇ ମୁଣ୍ଡକୁ ଧରିଛନ୍ତି । ଏଠାରେ ସୂତାଟି ସିଧା ହୋଇ ରହିଛି କି ? ଏଠାରେ ସୂତାଟି ସିଧା ହୋଇ ନାହିଁ । ସୂତାଟି ଗୋଟିଏ ବକ୍ରରେଖାର ଆକୃତି ଧାରଣ କରିଛି ।

ତୁମ ବହିର ଧାର, ଟେବୁଲର ଧାର, ଦୁଇ କାନ୍ଥର ମିଳନସ୍ଥଳ, ପୋଷ୍ଟକାର୍ଡ଼ରେ ପଡ଼ିଥିବା ଗାର ଇତ୍ୟାଦି ରେଖାଖଣ୍ଡର ଗୋଟିଏ ଗୋଟିଏ ଉଦାହରଣ ।










☞ ଆଉ କେଉଁ କେଉଁ ଜିନିଷର ଧାର ରେଖାଖଣ୍ଡର ଗୋଟିଏ ଗୋଟିଏ ଉଦାହରଣ ତା'ର ନାମ ଲେଖ ।

☞ (କ) ତଳ ବିନ୍ଦୁଗ୍ରୀଡ୍‌ରେ ଥିବା ବିନ୍ଦୁମାନଙ୍କୁ ଯୋଡ଼ି ଗୋଟିଏ ଲେଖାଁଏ ତ୍ରିଭୁଜ, ଆୟତ ଚିତ୍ର ଓ ବର୍ଗ ଚିତ୍ର ଅଙ୍କନ କର । ଚିତ୍ର ତିନୋଟିର ନାମକରଣ କର ।



(ଖ) ବର୍ତ୍ତମାନ ଉପର ଚିତ୍ର ଦେଖି ତଳ ସାରଣୀ ପୂରଣ କର ।

| ଚିତ୍ର | ଚିତ୍ରର ନାମ | ବାହୁ ସଂଖ୍ୟା | ବାହୁଗୁଡ଼ିକର ନାମ |
|---|---|---|---|
| ତ୍ରିଭୁଜ | | | |
| ଆୟତ ଚିତ୍ର | | | |
| ବର୍ଗ ଚିତ୍ର | | | |

ଲକ୍ଷ୍ୟ କର– ତ୍ରିଭୁଜ, ବର୍ଗ ଚିତ୍ର, ଆୟତଚିତ୍ରର ପ୍ରତ୍ୟେକ ବାହୁ ଗୋଟିଏ ଗୋଟିଏ ରେଖାଖଣ୍ଡ ।

ତୁମ ଖାତାର ଗୋଟିଏ କାଗଜ ପୃଷ୍ଠା ଉପରେ ପେନ୍‌ସିଲ୍ ମୁନରେ ଗୋଟିଏ ଦାଗ ଦିଅ । ଏପରି ଦାଗକୁ ବିନ୍ଦୁ କହନ୍ତି । ଏହାର ନାମ 'କ' ଦିଅ । ସେହି ବିନ୍ଦୁଠାରୁ କିଛି ଦୂରରେ କାଗଜପୃଷ୍ଠା ଉପରେ ଆଉ ଗୋଟିଏ ବିନ୍ଦୁ ଦିଅ । ତାହାର ନାମ 'ଖ' ଦିଅ । ସ୍କେଲ ଓ ପେନ୍‌ସିଲ୍‌କୁ ବ୍ୟବହାର କରି 'କ' ଓ 'ଖ' ବିନ୍ଦୁକୁ ଯୋଡ଼ । ତୁମେ କ'ଣ ପାଇଲ ?

ତୁମେ 'କଖ' ରେଖାଖଣ୍ଡ ପାଇବ ।


ଏହି 'କଖ' ରେଖାଖଣ୍ଡରେ 'କ' ଓ 'ଖ' ବିନ୍ଦୁକୁ ଏହାର ପ୍ରାନ୍ତବିନ୍ଦୁ କୁହାଯାଏ ।

'କଖ' ରେଖାଖଣ୍ଡକୁ '$\overline{\text{କଖ}}$' ଭାବେ ଲେଖାଯାଏ ।




☞ ତୁମ ଖାତାରେ ଗୋଟିଏ ରେଖାଖଣ୍ଡ ଅଙ୍କନ କରି ତାହାର ନାମକରଣ କର ।

- ଆସ, ସ୍କେଲ୍ ବିଷୟରେ ଜାଣିବା ଓ ସ୍କେଲ୍‌ର ବ୍ୟବହାର କରିବା । ତୁମ ଜ୍ୟାମିତି ବାକ୍ସରେ ଥିବା ସ୍କେଲ୍‌କୁ ଦେଖ । ସେଥିରେ କ'ଣ ଥିବାର ଦେଖୁଛ ?




ଲକ୍ଷ୍ୟ କର, ସ୍କେଲ୍‌ରେ ଥିବା ବଡ଼ ଗାରଗୁଡ଼ିକୁ ୧, ୨, ୩, ............ ୧୫ ଇତ୍ୟାଦି ସଂଖ୍ୟାମାନଙ୍କ ଦ୍ୱାରା ଚିହ୍ନିତ କରାଯାଇଛି । ୦ ଓ ୧ ମଧ୍ୟରେ ଥିବା ଦୂରତା, ୧ ଓ ୨ ମଧ୍ୟରେ ଥିବା ଦୂରତା ସହ ସମାନ । ଅର୍ଥାତ୍, ସ୍କେଲରେ ପାଖାପାଖି ଦୁଇଟି ବଡ଼ ଦାଗ ମଧ୍ୟରେ ଦୂରତା ୧ ସେ.ମି. ।

ସ୍କେଲ୍ ବ୍ୟବହାର କରି ଦିଆଯାଇଥିବା ଏକ ରେଖାଖଣ୍ଡର ଦୈର୍ଘ୍ୟ କିପରି ମାପିବା ଆସ ସେ ସମ୍ପର୍କରେ ଜାଣିବା ।


ପ ୭ ସେ.ମି. ଫ

ଉପରେ ଦିଆଯାଇଥିବା ରେଖାଖଣ୍ଡକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

- ରେଖାଖଣ୍ଡଟିର ନାମ କ'ଣ ?
- ଏହାର ପ୍ରାନ୍ତବିନ୍ଦୁ ଦୁଇଟିର ନାମ କ'ଣ ?

ପ୍ରତ୍ୟେକ ରେଖାଖଣ୍ଡର ନିର୍ଦ୍ଦିଷ୍ଟ ଦୈର୍ଘ୍ୟ ରହିଛି । ଏହାର ଦୁଇ ପ୍ରାନ୍ତବିନ୍ଦୁ ମଧ୍ୟରେ ଥିବା ଦୂରତା ହେଉଛି ଏହି ରେଖାଖଣ୍ଡର ଦୈର୍ଘ୍ୟ ।

ସ୍କେଲ୍‌ଟିଏ ନିଅ । ସ୍କେଲ୍‌ର ଧାରକୁ $\overline{\text{ପଫ}}$ ସହିତ ମିଶାଇ ରଖ ଯେପରି ରେଖାଖଣ୍ଡର ପ ଓ ଫ ବିନ୍ଦୁ ଦୁଇଟି ସ୍କେଲର ଧାର ସହିତ ମିଶି ରହିବ ।





ଏବେ ସ୍କେଲ୍‌ଟିକୁ ଏପରି ଭାବେ ରଖ, ଯେପରି 'ପ' ବିନ୍ଦୁଟି ସ୍କେଲ୍‌ର '0' ଚିହ୍ନିତ ଦାଗ ସହିତ ମିଶି ରହିବ ।
'ପଫ' ରେଖାଖଣ୍ଡର 'ଫ' ବିନ୍ଦୁଟି ସ୍କେଲ୍‌ର କେଉଁ ସଂଖ୍ୟା ସୂଚକ ସହ ମିଶି ରହିଛି ?
ଉପର ଚିତ୍ରରେ 'ଫ' ବିନ୍ଦୁଟି ସ୍କେଲର ୭ ଦାଗ ସହ ମିଶି ରହିଛି । ଅର୍ଥାତ୍ 'ପଫ' ରେଖାଖଣ୍ଡର ଦୂରତା ୭ ସେ.ମି. 'ପ' ଓ 'ଫ' ବିନ୍ଦୁ ମଧ୍ୟରେ ଦୂରତା ୭ ସେ.ମି. ।

☞ ଚିତ୍ର ଦେଖି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।



- ସ୍କେଲ୍‌ର ଉପର ଧାରକୁ ଲାଗି କରି ଥିବା ରେଖାଖଣ୍ଡର ନାମ କ'ଣ ?
- ଏହାର ପ୍ରାନ୍ତ ବିନ୍ଦୁ ଦୁଇଟିର ନାମ କ'ଣ ?
- ଏହାର 'ଚ' ବିନ୍ଦୁ ସ୍କେଲ୍‌ର କେଉଁ ଦାଗ ସହ ମିଶି କରି ଅଛି ?
- ଏହାର 'ଛ' ବିନ୍ଦୁ ସ୍କେଲ୍‌ର କେଉଁ ଦାଗ ସହ ମିଶି କରି ଅଛି ?
- 'ଚ' ଓ 'ଛ' ମଧ୍ୟରେ କେତୋଟି ବଡ଼ ଭାଗ ଅଛି ?
- ପ୍ରତି ବଡ଼ ଭାଗର ଦୈର୍ଘ୍ୟ କେତେ ?
- ତେବେ 'ଚ' ଓ 'ଛ' ବିନ୍ଦୁ ଦୁଇଟି ମଧ୍ୟରେ ଦୂରତା କେତେ ?
- ଅତଏବ, 'ଚଛ'ରେଖାଖଣ୍ଡର ଦୈର୍ଘ୍ୟ କେତେ ?

ଏଥର ତଳଚିତ୍ରଟିକୁ ଦେଖ । 'କ' ବିନ୍ଦୁକୁ ଲଗାଇ ସ୍କେଲ୍‌ର ୧ ଚିହ୍ନିତ ଦାଗଟି ରଖିବା । ତେବେ 'ଖ' ବିନ୍ଦୁ କେଉଁ ଦାଗ ଉପରେ ରହିଛି ଲକ୍ଷ୍ୟ କର ।




ଚିତ୍ରଟିକୁ ଦେଖି 'କଖ' ରେଖାଖଣ୍ଡର ଦୈର୍ଘ୍ୟ ସ୍ଥିର କରିବା ।

କଖ ର ଦୈର୍ଘ୍ୟ = ୮ ସେ.ମି. - ୧ ସେ.ମି = ୭ ସେ.ମି.

☞ ତଳ ରେଖାଖଣ୍ଡଗୁଡ଼ିକର 'କ' ବିନ୍ଦୁକୁ ଯଥାକ୍ରମେ ସ୍କେଲ୍‌ର ୨ , ୩, ୪ ଚିହ୍ନ ଉପରେ ରଖି 'ଖ' ବିନ୍ଦୁ କେଉଁ ଦାଗ ଉପରେ ରହୁଛି ଦେଖ ଓ ପ୍ରତ୍ୟେକ କ୍ଷେତ୍ରରେ 'କଖ' ରେଖାଖଣ୍ଡର ଦୈର୍ଘ୍ୟ ସ୍ଥିର କର ।

କ ______________________ ଖ (୧ମ)

କ ____________________ ଖ (୨ୟ)


କ ______________________________ ଖ (୩ୟ)

ଏକ ରେଖାଖଣ୍ଡର ଦୈର୍ଘ୍ୟ ତା'ର ପ୍ରାନ୍ତବିନ୍ଦୁ ଦୁଇଟି ମଧ୍ୟରେ ଥିବା ଦୂରତା ସହ ସମାନ ।

☞ ତଳ ରେଖାଖଣ୍ଡଗୁଡ଼ିକର ଦୈର୍ଘ୍ୟ ଲେଖ ।



☞ ସ୍କେଲ୍ ବ୍ୟବହାର କରି ବିନ୍ଦୁଗୁଡ଼ିକୁ ଯୋଡ଼ି $\overline{\text{କଖ}}$, $\overline{\text{ଖଗ}}$, $\overline{\text{କଘ}}$, $\overline{\text{ଗଙ}}$ ଅଙ୍କନ କର ।




ତଳ ସାରଣୀରେ ଦିଆଯାଇଥିବା ରେଖାଖଣ୍ଡଗୁଡ଼ିକର ଦୈର୍ଘ୍ୟ ନିର୍ଣ୍ଣୟ କରି ସାରଣୀର ଖାଲି ଘରେ ଲେଖ ।


| ରେଖାଖଣ୍ଡର ନାମ | ରେଖାଖଣ୍ଡର ଦୈର୍ଘ୍ୟ |
|---|---|
| $\overline{\text{କଖ}}$ | |
| $\overline{\text{ଖଗ}}$ | |
| $\overline{\text{କଘ}}$ | |
| $\overline{\text{ଗଙ}}$ | |

## ନିର୍ଦ୍ଦିଷ୍ଟ ଦୈର୍ଘ୍ୟର ରେଖାଖଣ୍ଡ ଅଙ୍କନ :


ଦିଆଯାଇଥିବା ଏକ ରେଖାଖଣ୍ଡର ଦୈର୍ଘ୍ୟ କିପରି ନିର୍ଣ୍ଣୟ କରାଯାଏ ଆମେ ଜାଣିଲେ ।

ଏବେ ଏକ ନିର୍ଦ୍ଦିଷ୍ଟ ଦୈର୍ଘ୍ୟର ରେଖାଖଣ୍ଡ କିପରି ଅଙ୍କନ କରାଯିବ, ତାହା ଆଲୋଚନା କରିବା । ମନେକରାଯାଉ ଆମେ ୫ସେ.ମି ଦୈର୍ଘ୍ୟର ଗୋଟିଏ ରେଖାଖଣ୍ଡ ଅଙ୍କନ କରିବା । ଏଥିପାଇଁ ସ୍କେଲ୍ ଓ ପେନସିଲ୍ ଦରକାର ।

- ଖାତା ଉପରେ ବିନ୍ଦୁଟିଏ ଅଙ୍କନ କର ।
- ବିନ୍ଦୁଟିର ନାମ 'ଚ' ଦିଅ ।
- ସ୍କେଲର '0' ଚିହ୍ନିତ ଦାଗକୁ 'ଚ' ବିନ୍ଦୁ ସହିତ ମିଶାଇ ରଖ ।



- ଏବେ ସ୍କେଲ୍‌ର ୫ ଦାଗ ସହ ମିଳାଇ ଅନ୍ୟଏକ ବିନ୍ଦୁ ଖାତା ଉପରେ ଆଙ୍କ ।
- ଏହି ବିନ୍ଦୁର ନାମ 'ଛ' ଦିଅ ।




- ତାପରେ ସ୍କେଲ୍ ଧାରକୁ ଲଗାଇ 'ଚ' ଓ 'ଛ' ବିନ୍ଦୁକୁ ଯୋଗକର ।  ଚ ______________ ଛ
- ସ୍କେଲକୁ ଉଠାଇ ଦିଅ । ବର୍ତ୍ତମାନ 'ଚଛ' ପାଇବା ଯାହାର ଦୈର୍ଘ୍ୟ ୫ସେ.ମି. ।
- ତୁମ ଖାତାରେ 'ଜଝ' ରେଖାଖଣ୍ଡ ଅଙ୍କନ କର, ଯାହାର ଦୈର୍ଘ୍ୟ ୮ସେ.ମି. ହେଉଥିବ ।

## ନାମରେ ରେଖାଖଣ୍ଡ :

ଲିଲି ତୁମମାନଙ୍କ ପରି ୪ର୍ଥ ଶ୍ରେଣୀରେ ପଢୁଥିବା ଝିଅଟିଏ । ତା'ର ନାମକୁ ଇଂରାଜୀ ଅକ୍ଷରରେ ଲେଖିଲେ LILI ହେବ । ଦେଖ, ତା'ର ନାମର ପ୍ରତ୍ୟେକ ଅକ୍ଷରରେ ରେଖାଖଣ୍ଡ ଅଛି ।

ଏବେ କହ, କେଉଁ କେଉଁ ଇଂରାଜୀ ଅକ୍ଷରରେ କେବଳ ରେଖାଖଣ୍ଡ ଅଛି ?

A E F H I K L M
N T V W X Y Z


ଲିଲି

☞ ତୁମ ଶ୍ରେଣୀର କେଉଁ ପିଲାମାନଙ୍କର ନାମରେ କେବଳ ରେଖାଖଣ୍ଡ ଅଛି ? ତୁମର ପାଞ୍ଚ ଜଣ ସାଙ୍ଗଙ୍କ ନାମକୁ ଇଂରାଜୀ ଅକ୍ଷରରେ ଲେଖ । କାହାର ନାମର କେତୋଟି ଅକ୍ଷର କେବଳ ରେଖାଖଣ୍ଡକୁ ନେଇ ଗଠିତ ?


| ସାଙ୍ଗଙ୍କ ନାମ (ଓଡ଼ିଆରେ) | ସାଙ୍ଗଙ୍କ ନାମ (ଇଂରାଜୀରେ) | କେତୋଟି ଅକ୍ଷରରେ କେବଳ ରେଖାଖଣ୍ଡ ଅଛି ? |
|---|---|---|
| | | |
| | | |
| | | |
| | | |
| | | |

# ଅଭ୍ୟାସ କାର୍ଯ୍ୟ

୧. ତଳେ ଦିଆଯାଇଥିବା ଇଂରାଜୀ ଅକ୍ଷରରେ କେତୋଟି ଲେଖାଏଁ ରେଖାଖଣ୍ଡ ଅଛି,ପାଖ ଖାଲିସ୍ଥାନରେ ଲେଖ ।

N_____ W _____ M_____ Z_____ E _____

୨.(କ) ପାଖ ଚିତ୍ରରେ କେତୋଟି ରେଖାଖଣ୍ଡ ଅଛି ? __________





(ଖ) ସେଗୁଡ଼ିକର ନାମ ଲେଖ ।

________________________________________

୩. ତୁମ ଜ୍ୟାମିତି ବାକ୍ସରେ ଥିବା ସ୍କେଲ୍‌କୁ ଥରେ ବ୍ୟବହାର କରି ଅତି ବେଶିରେ କେତେ ସେ.ମି. ଦୈର୍ଘ୍ୟର ରେଖାଖଣ୍ଡ ମାପି ପାରିବ ?

୪. ଏହି ତ୍ରିଭୁଜର ବାହୁମାନଙ୍କର ଦୈର୍ଘ୍ୟ ମାପି ଲେଖ ।




$\overline{ଚଛ}$ ର ଦୈର୍ଘ୍ୟ = __________

$\overline{ଛଜ}$ ର ଦୈର୍ଘ୍ୟ = __________

$\overline{ଜଚ}$ ର ଦୈର୍ଘ୍ୟ = __________


୫. (କ) ଏହି ଚିତ୍ରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ମାପି ତା' ପାଖରେ ଲେଖ ।

(ଖ) ଏହା କି ପ୍ରକାର ଚିତ୍ର ? __________




୬. (କ) ଏହି ଚିତ୍ରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ମାପି ତା' ପାଖରେ ଲେଖ ।

(ଖ) ଏହା କି ପ୍ରକାର ଚିତ୍ର ? __________





୭. ନିମ୍ନଲିଖିତ ଦୈର୍ଘ୍ୟର ରେଖାଖଣ୍ଡ ଅଙ୍କନ କର ଓ ପ୍ରତ୍ୟେକର ନାମକରଣ କର ।

(କ) ୪ସେ.ମି.

(ଖ) ୭ ସେ.ମି.

(ଗ) ୧୦ ସେ.ମି.


୮. ତଳେ ଦିଆଯାଇଥିବା ପ୍ରତ୍ୟେକ ଚିତ୍ରରେ କେତୋଟି ଲେଖାଏଁ ରେଖାଖଣ୍ଡ ଅଛି ? ସେଗୁଡ଼ିକର ନାମ ଲେଖ ।




୯. ତଳ ରେଖାଖଣ୍ଡଗୁଡ଼ିକର ଦୈର୍ଘ୍ୟ ମାପି ଲେଖ ।



୧୦. ସ୍କେଲ୍ ବ୍ୟବହାର କରି ତଳ ବିନ୍ଦୁଗୁଡ଼ିକୁ କ୍ରମରେ ଯୋଡ଼ । ଏହା କାହାର ଚିତ୍ର କୁହ ।





ଏହିପରି କେତେଗୁଡ଼ିଏ ବିନ୍ଦୁ ନେଇ ତୁମେ କେତୋଟି ଚିତ୍ର ଆଙ୍କ ।

ତୁମେ କେଉଁ କେଉଁ ଜିନିଷର ଚିତ୍ର ତିଆରି କରିପାରିଲ ?


୧୧. ଚିତ୍ର ଦେଖି ରେଖାଖଣ୍ଡର ଦୈର୍ଘ୍ୟ କେତେ, ଖାଲି ସ୍ଥାନରେ ଲେଖ ।

(କ)





.........ସେ.ମି.

(ଖ)




.........ସେ.ମି.

(ଗ)





.........ସେ.ମି.


୧୨. ତଳେ ଦିଆଯାଇଥିବା ପ୍ରତ୍ୟେକ ଚିତ୍ରରେ କେତୋଟି ଲେଖାଏଁ ରେଖାଖଣ୍ଡ ଅଛି ଓ ସେଗୁଡ଼ିକର ନାମ ଲେଖ ।





(ଚିତ୍ର - ୧)




(ଚିତ୍ର - ୨)




(ଚିତ୍ର - ୩)




(ଚିତ୍ର - ୪)

| ଚିତ୍ର ନମ୍ବର | ରେଖାଖଣ୍ଡ ସଂଖ୍ୟା | ରେଖାଖଣ୍ଡଗୁଡ଼ିକର ନାମ |
|---|---|---|
| ୧ | | |
| ୨ | | |
| ୩ | | |
| ୪ | | |

୧୩. ଗୋଟିଏ ୬ସେ.ମି. ଦୈର୍ଘ୍ୟର ରେଖାଖଣ୍ଡ ଅଙ୍କନ କରିବାର ସୋପାନଗୁଡ଼ିକୁ ଲେଖ ।

# ପାଠ - ୨ କୋଣର ବିଭାଗୀକରଣ କରିବା

## କୋଣ ଓ ଏହାର ବିଭାଗୀକରଣ :

ଆୟେଶା ତୁମ ବୟସର ଝିଅଟିଏ । ଦିନେ ଦିଆସିଲି ବାକ୍ସରୁ ଦିଆସିଲି କାଠିଗୁଡ଼ିକୁ ନେଇ ସଜାଇ,ବିଭିନ୍ନ ଆକୃତି ତିଆରି କରୁଥିଲା । ସେ ୬ ଖଣ୍ଡ ଦିଆସିଲି କାଠିକୁ ସଜାଇ ତଳ ଆକୃତିଟି ପାଇଲା ।






ଏବେ କହିଲ ଦେଖି, ଏହି ଆକୃତିଟି ଖୋଲା ନା ବନ୍ଦ ବା ଆବଦ୍ଧ ?

ଏହାର କେତୋଟି ବାହୁ ଅଛି ? ____________

7MJBI9

### ତୁମ ପାଇଁ କାମ

* ଏବେ ତୁମେ ଦିଆସିଲି କାଠି ଆଣି ନିଜେ ଏହିପରି ସଜାଅ ।
* ଏହି ୬ ଖଣ୍ଡ ଦିଆସିଲି କାଠି ନେଇ ଆଉ ଅନ୍ୟ ପ୍ରକାରର ଆକୃତି ତିଆରି କର ।
* ଯେଉଁସବୁ ଆକୃତି ତିଆରି କଲ ତାକୁ ଖାତାରେ ଆଙ୍କ ।
* ଏବେ ଦେଖ, ତୁମେ ଆଙ୍କିଥିବା ଆକୃତି ଆୟେଶା ଆଙ୍କିଥିବା ଆକୃତିଠାରୁ ଭିନ୍ନ କି ?
* ତୁମେ ଖାତାରେ ଆଙ୍କିଥିବା ଚିତ୍ରଗୁଡ଼ିକୁ ତଳ ଆକୃତି ସହିତ ମିଶାଅ ।



ବର୍ତ୍ତମାନ କହ, ବାହୁସଂଖ୍ୟା ସମାନ ଥାଇ ଓ ଆବଦ୍ଧ ହୋଇ ମଧ୍ୟ ଆକୃତି ତିନୋଟି ଭିନ୍ନ ହେଲା କିପରି ? ଦୁଇଟି ଦିଆସିଲି କାଠିର ମିଳନ ସ୍ଥାନରେ ବା ଚିତ୍ରର ଦୁଇଟି ବାହୁ (ରେଖାଖଣ୍ଡ)ର ମିଳନ ବିନ୍ଦୁରେ ଗୋଟିଏ କୋଣ ସୃଷ୍ଟି ହୋଇଛି ।

ପୂର୍ବ ପୃଷ୍ଠାରେ ଥିବା ଚିତ୍ର ତିନୋଟିରେ ଚିହ୍ନ ଦିଆହୋଇଥିବା କୋଣଗୁଡ଼ିକୁ ଲକ୍ଷ୍ୟ କର । ସେଗୁଡ଼ିକ ମଧ୍ୟରେ କିଛି ଫରକ ଦେଖୁଛ କି ?

**ତୁମ ପାଇଁ କାମ :**

* ଦୁଇଟି ଲେଖାଏଁ ଦିଆସିଲି କାଠିର ଦୁଇମୁଣ୍ଡ ଯୋଡ଼ି ବିଭିନ୍ନ ପ୍ରକାର କୋଣ ତିଆରି କର ।
* କୋଣମାନଙ୍କର ଚିତ୍ର ନିଜ ଖାତାରେ ଆଙ୍କ ।
* କୋଣମାନଙ୍କ ମଧ୍ୟରେ କିଛି ଫରକ ଦେଖୁଛ କି ?

- ଚିତ୍ରରେ ଥିବା ନିମ୍ନ ପ୍ରକାର କୋଣଗୁଡ଼ିକୁ ସମକୋଣ କହିବା ।





- ସମକୋଣଠାରୁ ସାନ ବା ଛୋଟ କୋଣଗୁଡ଼ିକୁ ସୂକ୍ଷ୍ମକୋଣ କହିବା ।




- ସମକୋଣଠାରୁ ବଡ଼ କୋଣକୁ ସ୍ଥୂଳକୋଣ କହିବା ।



ଆମେ ଜାଣିଲେ, କୋଣର ପରିବର୍ତ୍ତନ ହେଉଥିବାରୁ ୬ଟି କାଠି ନେଇ ପୂର୍ବରୁ ତିଆରି ହୋଇଥିବା ଆକୃତି ତିନୋଟି ଭିନ୍ନ ହୋଇଥିଲା ।


**ମନେରଖ :**

- ସମସ୍ତ ପ୍ରକାର କୋଣଗୁଡ଼ିକୁ ତିନିଭାଗରେ ବିଭକ୍ତ କରାଯାଇଥାଏ । ଯଥା-ସ୍ଥୂଳକୋଣ, ସମକୋଣ ଓ ସୂକ୍ଷ୍ମକୋଣ ।
-  ଏପ୍ରକାର କୋଣକୁ ସମକୋଣ କହନ୍ତି ।
- ସମକୋଣଠାରୁ ବଡ଼ କୋଣକୁ  ସ୍ଥୂଳକୋଣ କହନ୍ତି ।
- ସମକୋଣ ଠାରୁ ସାନ କୋଣକୁ  ସୂକ୍ଷ୍ମ କୋଣ କହନ୍ତି ।


* ତଳେ ଦିଆଯାଇଥିବା  କୋଣଗୁଡ଼ିକ କି ପ୍ରକାର କୋଣ ତଳେ ଥିବା କୋଠରିରେ ଲେଖ ।



* ଚାଲ,ବିଭିନ୍ନ ଦୈର୍ଘ୍ୟର କାଠିଗୁଡ଼ିଏ ନେଇ ଭିନ୍ନ ଭିନ୍ନ ତ୍ରିଭୁଜ ତିଆରି କରି ସେଗୁଡ଼ିକର ଚିତ୍ର ଆଙ୍କିବା ଓ ସେଥିରେ କି କି ପ୍ରକାର କୋଣ ଅଛି ତଳ ସାରଣୀରେ  ଲେଖିବା ।

| ତ୍ରିଭୁଜର ଚିତ୍ର | କୋଣ ସଂଖ୍ୟା | ୧ମ କୋଣ | ୨ୟକୋଣ | ୩ୟକୋଣ |
|---|---|---|---|---|
|   | | ସୂକ୍ଷ୍ମକୋଣ | ସ୍ଥୁଳକୋଣ | ସୂକ୍ଷ୍ମକୋଣ |
| | | | | |
| | | | | |
| | | | | |

**ତୁମ ପାଇଁ କାମ :**



* କାର୍ଡ଼ବୋର୍ଡ଼ରେ ଦୁଇଟି ସମାନ ଦୈର୍ଘ୍ୟର ସରୁ ପଟି ତିଆରି  କର ।
* ଦୁଇଟିକୁ ଡ୍ରଇଁପିନ୍ ଦ୍ୱାରା ସଂଯୁକ୍ତ କର, ଯେପରି ପଟି ଦୁଇଟି ମୁକ୍ତ ଭାବେ ଘୂରୁଥିବ ଅର୍ଥାତ୍ ଡ୍ରଇଁପିନ୍‌ଠାରେ ପଟି ଦୁଇଟି ଘୂରୁଥିବ ।
* ଏହାକୁ ନେଇ ନିଜ ଖାତା ଉପରେ ଥୋଇ ଦୁଇଟି ଲେଖାଏଁ ସୂକ୍ଷ୍ମକୋଣ, ସମକୋଣ ଓ ସ୍ଥୁଳକୋଣ ଆଙ୍କ ।

ତୁମ ଜ୍ୟାମିତି ବାକ୍ସରେ ଥିବା ଡିଭାଇଡ଼ର ବା ଦୁଇମୁନିଆ ଯନ୍ତ୍ର ସାହାଯ୍ୟରେ ମଧ୍ୟ ବିଭିନ୍ନ ପ୍ରକାରର କୋଣ ତିଆରି କରିପାରିବା ।



## ପରିବେଶରେ ବିଭିନ୍ନ ପ୍ରକାରର କୋଣକୁ ଚିହ୍ନିବା :


ତୁମ ଶ୍ରେଣୀ ଗୃହ, ତୁମ ଘରେ ଓ ବାହାରେ ଥିବା ବିଭିନ୍ନ ବସ୍ତୁ ଓ ଜିନିଷରେ ବିଭିନ୍ନ ପ୍ରକାରର କୋଣ ଦେଖୁଥିବ । ସେଗୁଡ଼ିକ ଭଲଭାବରେ ନିରୀକ୍ଷଣ କର । ଚାଲ, ସେଗୁଡ଼ିକରେ ଥିବା କୋଣଗୁଡ଼ିକୁ ଚିହ୍ନିବା ।





ତୁମ ଘରିପଟେ ଥିବା ଏହିସବୁ ଘର, ଖେଳସାମଗ୍ରୀରେ ବିଭିନ୍ନ ପ୍ରକାର କୋଣ ଲକ୍ଷ୍ୟ କରୁଥିବ । ଏହି ସବୁଥିରେ ଅନେକ ଓ ବିଭିନ୍ନ ପ୍ରକାର କୋଣ ଯଥା- ସୂକ୍ଷ୍ମକୋଣ, ସମକୋଣ ଓ ସ୍ଥୁଳକୋଣ ଅଛି ।

☞ ତୁମେ ଦେଖୁଥିବା ବିଭିନ୍ନ ପ୍ରକାର କୋଣ ଥିବା ଆଉ କେତୋଟି ଜିନିଷର ନାମ ତାଲିକା କର ଏବଂ ଚିତ୍ର ଆଙ୍କ ।

- **କୋଣରୁ ଆକୃତି :** ଆସ, ବିଭିନ୍ନ ପ୍ରକାର କୋଣକୁ ଏକାଠି କରି ତୁମ ଘରିପଟେ ଦେଖୁଥିବା ବିଭିନ୍ନ ଜିନିଷର ଆକୃତି କରିବା । ତଳ ଆକୃତିଗୁଡ଼ିକୁ ଲକ୍ଷ୍ୟ କରି ତାର ନାମ କହ ଓ ସେଥିରେ କେଉଁ କେଉଁ ପ୍ରକାର କୋଣ ଅଛି ଲେଖ ।



☞ ଛବିରୁ ଚିହ୍ନ ଦିଆଯାଇଥିବା କୋଣ ଦେଖି ତଳ ଖାଲି କୋଠରି ପୂରଣ କର ।

| ଛବି | ସମକୋଣ ସଂଖ୍ୟା | ସୂକ୍ଷ୍ମକୋଣ ସଂଖ୍ୟା | ସ୍ଥୂଳକୋଣ ସଂଖ୍ୟା |
|---|---|---|---|
|  | | | |
|  | | | |
|  | | | |
|  | | | |
|  | | | |
|  | | | |

## ନାମରେ କୋଣ

ହେନା ଚତୁର୍ଥ ଶ୍ରେଣୀରେ ପାଠ ପଢ଼େ । ରଙ୍ଗିନ୍ ଚକ୍ ଆଣି ତା'ନାମ ଇଂରାଜୀ ଅକ୍ଷରରେ ଚଟାଣରେ ଲେଖିଲା । ସେ ଦେଖିଲା ନାଁର ପ୍ରତ୍ୟେକ ଅକ୍ଷରରେ ଏକାଧିକ କୋଣ ଅଛି ।







ଲକ୍ଷ୍ୟକର-

ନାମର ୧ ମ ଅକ୍ଷର H ରେ ୪ଟି କୋଣ ଅଛି । ଏଗୁଡ଼ିକ ସବୁ ସମକୋଣ ଅଟନ୍ତି ।

୨ ୟ ଅକ୍ଷର E ରେ ମଧ୍ୟ ୪ଟି କୋଣ ଅଛି । ଏଗୁଡ଼ିକ ସବୁ ସମକୋଣ ଅଟନ୍ତି ।

୩ ୟ ଅକ୍ଷର N ରେ ୨ଟି କୋଣ ଅଛି । ଦୁଇଟି ଯାକ କୋଣ ସୂକ୍ଷ୍ମକୋଣ ।

୪ର୍ଥ ଅକ୍ଷର A ରେ କେତୋଟି କୋଣ ଅଛି ? ସେଗୁଡ଼ିକ କି କି ପ୍ରକାରର କୋଣ ?

☞ ଆସ, ଇଂରାଜୀରେ ଲେଖାଥିବା ନାମ ପଢ଼ି ତଳ ସାରଣୀ ପୂରଣ କରିବା ।

| ନାମ | ମୋଟ କୋଣ ସଂଖ୍ୟା | ସୂକ୍ଷ୍ମକୋଣସଂଖ୍ୟା | ସମକୋଣସଂଖ୍ୟା | ସ୍ଥୂଳକୋଣସଂଖ୍ୟା |
|---|---|---|---|---|
| FATIMA | | | | |
| KAHNA | | | | |
| NEEMA | | | | |
| VEENA | | | | |

ଏବେ କହ, କେଉଁ ଇଂରାଜୀ ବଡ଼ ଅକ୍ଷରରେ କେବଳ ରେଖାଖଣ୍ଡ ଅଛି କିନ୍ତୁ କୋଣ ନାହିଁ ?

## କୋଣ ଓ ସମୟ :

ରବିବାର ଛୁଟିଦିନ ଥିବାରୁ ପପୁଲୁ ଦିନବେଳା ଖାଇ ଶୋଇ ପଡ଼ିଲା । ତା' ବଡ଼ଭଉଣୀ ଏସ୍‌ମା ଦେଖିଲା ୪ଟା ବାଜିଲାଣି, ପପୁଲୁ ଉଠିନାହିଁ । ପପୁଲୁକୁ ଉଠାଇଲା କ୍ରିକେଟ୍ ଖେଳିଯିବା ପାଇଁ । କ୍ରିକେଟ୍ ଖେଳିଯିବା କଥା ଶୁଣି ପପୁଲୁ ଧଡ଼ପଡ଼ ହୋଇ ଉଠି ମୁହଁ ଧୋଇଲା । କିନ୍ତୁ ବର୍ଷା ହେଉଥିବାରୁ ସେ ଖେଳିଯାଇ ନ ପାରିବାରୁ ମନଦୁଃଖରେ ବସିଲା । ଏସ୍‌ମା କହିଲା- "ଆସ, ଘଣ୍ଟାରେ ମିନିଟ୍‌କଣ୍ଟା ଓ ଘଣ୍ଟାକଣ୍ଟାକୁ ବଦଳାଇ ଖେଳ ଖେଳିବା ।" ପପୁଲୁ କହିଲା- "ହଁ ଦିଦି, ଗତକାଲି ଆମ ଶିକ୍ଷକ ଘଣ୍ଟାର ମିନିଟ୍ କଣ୍ଟା ଓ ଘଣ୍ଟା କଣ୍ଟାର ଅବସ୍ଥିତିକୁ ନେଇ ଉତ୍ପନ୍ନ ବିଭିନ୍ନ ପ୍ରକାର କୋଣ ବିଷୟରେ ପଢ଼ାଉଥିଲେ । ମୋତେ ତୁ ଭଲ ଭାବରେ ବୁଝାଇ ଦେଲୁ ।'' ଏସ୍‌ମା ତା' ଟେବୁଲ୍ ଘଣ୍ଟା ଆଣି ମିନିଟ୍ ଓ ଘଣ୍ଟା କଣ୍ଟାକୁ ଘୂରାଇ କୋଣ ବିଷୟରେ ବୁଝାଇଲା ।



ପପୁଲୁ - ମୋର ସ୍କୁଲ୍ ଯିବା ସମୟ ୧୦ଟାକୁ ଘଣ୍ଟାରେ ଦେଖାଇଲୁ ।

ଏସ୍‌ମା-(ଘଣ୍ଟାରେ ୧୦ଟା ବାଜିବା ଦେଖାଇ) ଘଣ୍ଟାକଣ୍ଟା ଓ ମିନିଟ୍‌କଣ୍ଟା ମଧ୍ୟରେ ଉତ୍ପନ୍ନ କୋଣଟି ସୂକ୍ଷ୍ମକୋଣ ।



ପପୁଲୁ-ମୋର ସ୍କୁଲରୁ ଫେରିବା ସମୟ ୪ଟାକୁ ଘଣ୍ଟାରେ ଦେଖାଅ ?




ଏସ୍ମା-(ଘଣ୍ଟାରେ ୪ଟା ବାଜିବା ଦେଖାଇ) ଦୁଇ କଣ୍ଟା ଦ୍ୱାରା ଗଠିତ କୋଣଟି ସ୍ଥୂଳକୋଣ ଅଟେ ।

ପପୁଲୁ-ମୁଁ ରାତି ୯ଟାରେ ଖାଇଥାଏ । ଏହାକୁ ଘଣ୍ଟାରେ ଦେଖାଇଲେ କିପରି ହେବ ଦେଖାଅ ?



ଏସ୍ମା-(ଘଣ୍ଟାରେ ୯ଟା ବାଜିବା ଦେଖାଇ) କଣ୍ଟା ଦୁଇଟିକୁ ନେଇ ଉତ୍ପନ୍ନ କୋଣଟି ସମକୋଣ ।


ପପୁଲୁ-ଦିଦି, ମୋର ସକାଳୁ ଉଠିବା ସମୟ ହେଉଛି ୬ଟା ।




ଏସ୍ମା-(ଘଣ୍ଟାରେ ୬ଟା ବାଜିବା ଦେଖାଇ) ଏହି କୋଣଟି କି ପ୍ରକାରର କୋଣ ?


ତା’ ପରେ ଏସ୍ମା ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟା ଘୂରାଇ (ଚିତ୍ର ଦେଖ) ପପୁଲୁକୁ କୋଣର ପ୍ରକାର ବିଷୟରେ ପଚାରିଲା । ପପୁଲୁ ସବୁ ଉତ୍ତର ଠିକ୍ କରି କହିଥିବାରୁ ଏସ୍ମା ତାକୁ ଚକୋଲେଟ୍ ଖାଇବାକୁ ଦେଲା ।

☞ ଚିତ୍ର ଦେଖି ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟା ମଧ୍ୟରେ ଗଠିତ କୋଣଟି କେଉଁ ପ୍ରକାର କୋଣ ଖାଲି ଘରେ ଲେଖ ।










ସୂକ୍ଷ୍ମକୋଣ, ସମକୋଣ ଓ ସ୍ଥୂଳକୋଣକୁ ଦର୍ଶାଇବା ପାଇଁ ତିନୋଟି ଘଣ୍ଟା ଚିତ୍ର ଅଙ୍କନ କରି ସେଥିରେ ଘଣ୍ଟାକଣ୍ଟା ଓ ମିନିଟ୍ କଣ୍ଟାକୁ ଦର୍ଶାଅ । ପ୍ରତ୍ୟେକ ଘଣ୍ଟା ତଳେ ସେଥିରେ ଦେଖାଉଥିବା ସମୟ ଲେଖ ।


## ଜାଣିଛ କି ?

ତୁମ ଜ୍ୟାମିତି ବାକ୍ସରେ ଥିବା D ଆକୃତିର ଉପକରଣଟିର ନାମ ପ୍ରୋଟ୍ରାକ୍ଟର । ଏହା ସାହାଯ୍ୟରେ କୋଣର ପରିମାଣ ମପାଯାଏ ।



## ତ୍ରିଭୁଜ, ବର୍ଗଚିତ୍ର ଓ ଆୟତ ଚିତ୍ରର ଧର୍ମ :

ତୃତୀୟ ଶ୍ରେଣୀରେ ତୁମେ କାଗଜ କାଟି ଏବଂ କାଠି ଓ ଭାଲବ୍‌ଟ୍ୟୁବ୍ ସାହାଯ୍ୟରେ ତ୍ରିଭୁଜ, ବର୍ଗଚିତ୍ର ଓ ଆୟତଚିତ୍ର ତିଆରି କରିଛ । ସେଗୁଡ଼ିକର କ'ଣ କ'ଣ ଅଂଶ ଅଛି ତାହା ମଧ୍ୟ ଜାଣିଛ । ଆସ, ସେଗୁଡ଼ିକ ସଂପର୍କରେ ଅଧିକ ଜାଣିବା ।




ଏହା କି ପ୍ରକାର ଚିତ୍ର ? ______________


ଏହାର କେତୋଟି ବାହୁ ଅଛି ? ______________

ଏହାର ଶୀର୍ଷସଂଖ୍ୟା କେତେ ? ______________

ଆମେ ଜାଣିଛୁ, ତ୍ରିଭୁଜର ପ୍ରତ୍ୟେକ ବାହୁ ଗୋଟିଏ ଲେଖାଏଁ ରେଖାଖଣ୍ଡ । ଦୁଇଟି ରେଖାଖଣ୍ଡର **ମିଳନସ୍ଥଳରେ ଗୋଟିଏ କୋଣ ସୃଷ୍ଟି ହୁଏ ।**

ଏବେ କହ, ତ୍ରିଭୁଜର କେତୋଟି କୋଣ ଅଛି ? ______________

ଆମେ ଜାଣିଛୁ, ଏହାର କୋଣମାନଙ୍କୁ ବଦଳାଇ ଅର୍ଥାତ୍ ସାନ ଓ ବଡ଼ କରି ଅନ୍ୟ ଆକୃତିର ତ୍ରିଭୁଜ ପାଇବା ।



ଚିତ୍ର ଦେଖ, ଏହାର କୋଣଗୁଡ଼ିକ ତିନି ପ୍ରକାର ହୋଇପାରିବ ଯଥା – ସୂକ୍ଷ୍ମକୋଣ, ସମକୋଣ ଓ ସ୍ଥୁଳକୋଣ ।

### ଆମେ ଜାଣିଲେ,

- ତ୍ରିଭୁଜର ତିନୋଟି ଶୀର୍ଷବିନ୍ଦୁ, ତିନୋଟି ବାହୁ ଓ ତିନୋଟି କୋଣ ଥାଏ ।
- ତ୍ରିଭୁଜର କୋଣ ସୂକ୍ଷ୍ମକୋଣ, ସମକୋଣ ବା ସ୍ଥୁଳକୋଣ ହୋଇପାରେ ।

ତୁମେ ଗୋଟିଏ ତ୍ରିଭୁଜ ଅଙ୍କନ କର, ଯାହାର ଦୁଇଟି ସୂକ୍ଷ୍ମକୋଣ ଥିବ ।

☞ ପାଖ ଚିତ୍ରଟିକୁ ଲକ୍ଷ୍ୟକରି ଲେଖ ।

ଏହି ଚିତ୍ରଟି କି ପ୍ରକାରର ଚିତ୍ର ? ____________

ଏହାର ଶୀର୍ଷବିନ୍ଦୁ ସଂଖ୍ୟା କେତେ ? ____________

ଶୀର୍ଷବିନ୍ଦୁଗୁଡ଼ିକର ନାମ ଲେଖ ? ____________

ଏହାର କେତୋଟି ବାହୁ ଅଛି ? ____________

ଏଥିରେ କେତୋଟି କୋଣଥିବାର ଲକ୍ଷ୍ୟ କରୁଛ ? ____________

ଏହି କୋଣଗୁଡ଼ିକ କେଉଁ ପ୍ରକାରର କୋଣ ? ____________




ତୁମ ପାଇଁ କାମ :

ସ୍କେଲ୍ ସାହାଯ୍ୟରେ ଏହାର ବାହୁଗୁଡ଼ିକର ଦୈର୍ଘ୍ୟ ମାପ ଓ ଲେଖ । ବାହୁମାନଙ୍କର ଦୈର୍ଘ୍ୟରେ କ'ଣ ସଂପର୍କ ଅଛି ଲେଖ ।


____________________________________________

____________________________________________

ଆମେ ଜାଣିଲେ,

ଆୟତଚିତ୍ରର ୪ଟି ଶୀର୍ଷବିନ୍ଦୁ ଅଛି । ଏହାର ବାହୁସଂଖ୍ୟା ୪ । ଏହାର ବିପରୀତ ବାହୁମାନଙ୍କର ଦୈର୍ଘ୍ୟ ସମାନ । ଆୟତଚିତ୍ରର ଚାରୋଟି କୋଣ ଅଛି ଓ ପ୍ରତ୍ୟେକ କୋଣ ହେଉଛି ସମକୋଣ ।

☞ ଏବେ ତଳ ଚିତ୍ରଟିକୁ ଦେଖି ସାରଣୀର ଖାଲିଘର ପୂରଣ କର ।



| ଶୀର୍ଷ ସଂଖ୍ୟା | ବାହୁ ସଂଖ୍ୟା | କୋଣ ସଂଖ୍ୟା | କୋଣଗୁଡିକର ପ୍ରକାର |
|---|---|---|---|
| | | | |

ଏହାର ବାହୁଗୁଡ଼ିକର ଦୈର୍ଘ୍ୟ ମାପି ସେଗୁଡ଼ିକର ପାଖରେ ଲେଖ । ଏହି ଚିତ୍ରରେ ବାହୁଗୁଡିକ ମଧ୍ୟରେ କ'ଣ ସମ୍ବନ୍ଧ ଅଛି ? ____________________________________________


____________________________________________

ଆମେ ଜାଣିଲେ ,

ବର୍ଗ ଚିତ୍ରର ଚାରୋଟି ଲେଖାଏଁ ବାହୁ, କୋଣ ଓ ଶୀର୍ଷବିନ୍ଦୁ ଥାଏ । ଏହାର ପ୍ରତ୍ୟେକ କୋଣ ଗୋଟିଏ ଲେଖାଏଁ ସମକୋଣ ଓ ଏହାର ବାହୁଗୁଡ଼ିକର ଦୈର୍ଘ୍ୟ ସମାନ ।

## ଅଭ୍ୟାସ କାର୍ଯ୍ୟ

୧. ଚିତ୍ରରେ କି ପ୍ରକାର କୋଣ ସୃଷ୍ଟି ହୋଇଛି, ତଳ କୋଠରିରେ ଲେଖ ।



୨. ସ୍କେଲ ଓ ପେନସିଲ୍ ବ୍ୟବହାର କରି ଗୋଟିଏ ଲେଖାଏଁ ସୂକ୍ଷ୍ମକୋଣ, ସମକୋଣ ଓ ସ୍ଥୂଳକୋଣ ଆଙ୍କ ।

୩. (କ) କେତୋଟି ଇଂରାଜୀ ବଡ଼ ଅକ୍ଷର କେବଳ ରେଖାଖଣ୍ଡକୁ ନେଇ ଗଠିତ ?

(ଖ) କୋଠରି ପୂରଣ କର ।


| କୋଣସଂଖ୍ୟା | କେତୋଟି ଇଂରାଜୀ ଅକ୍ଷର ଅଛି | ସେଗୁଡ଼ିକ କ'ଣ କ'ଣ ? |
|---|---|---|
| ୧ଟି କୋଣ | | |
| ୨ଟି କୋଣ | | |
| ୩ଟି କୋଣ | | |
| ୪ଟି କୋଣ | | |
| ୫ଟି କୋଣ | | |

୪. ତିନୋଟି, ଚାରୋଟି ଓ ପାଞ୍ଚୋଟି ଲେଖାଏଁ ଦିଆସିଲି କାଠି ନେଇ ବିଭିନ୍ନ ପ୍ରକାର ଆକୃତି ତିଆରି କର ଓ ସେମାନଙ୍କର ଚିତ୍ର ଖାତାରେ ଆଙ୍କ ।

୫. ତଳ ଟେବୁଲରେ ଥିବା ଇଂରାଜୀ ଶବ୍ଦ ଦେଖି ଖାଲି କୋଠରି ପୂରଣ କର ।

| ଶବ୍ଦ | ଶବ୍ଦରେ ଥିବା ମୋଟ୍ କୋଣ ସଂଖ୍ୟା | ସୂକ୍ଷ୍ମକୋଣ ସଂଖ୍ୟା | ସମକୋଣ ସଂଖ୍ୟା | ସ୍ଥୂଳକୋଣ ସଂଖ୍ୟା |
|---|---|---|---|---|
| ANT | | | | |
| LEAF | | | | |
| ANIMAL | | | | |
| WHEAT | | | | |
| TWENTY | | | | |

୬. ତଳ ଇଂରାଜୀ ଅକ୍ଷରରେ କେଉଁ ପ୍ରକାରର କୋଣ ଅଛି ଲେଖ ।

| ଇଂରାଜୀ ଅକ୍ଷର | ୧ମ କୋଣ | ୨ୟ କୋଣ | ୩ୟ କୋଣ | ୪ର୍ଥ କୋଣ |
|---|---|---|---|---|
|   | | | | |
|   | | | | |
|   | | | | |
|   | | | | |
|   | | | | |

୭. ତୁମ ପରିବେଶରେ କେଉଁଠି ସୂକ୍ଷ୍ମକୋଣ, ସମକୋଣ ଓ ସ୍ଥୂଳକୋଣ ଦେଖିବାକୁ ମିଳୁଛି ତା'ର ଏକ ତାଲିକା ପ୍ରସ୍ତୁତ କର ।

| କୋଣ | କେଉଁଠାରେ ଦେଖାଯାଏ |
|---|---|
| ସୂକ୍ଷ୍ମକୋଣ | |
| ସ୍ଥୂଳକୋଣ | |
| ସମକୋଣ | |

୮. (କ) ୬ଟି ଦିଆସିଲି କାଠିକୁ ବ୍ୟବହାର କରି ୮ଟି ତ୍ରିଭୁଜ ତିଆରି କର ।

(ଖ) ୮ଟି ଦିଆସିଲି କାଠିକୁ ବ୍ୟବହାର କରି ଏକ ମାଛର ଆକୃତି କର ।

(ଗ) ୧୦ଟି ଦିଆସିଲି କାଠିକୁ ବ୍ୟବହାର କରି ଏକ ଘର ତିଆରି କର ।

(ଘ) ତୁମେ ତିଆରି କରିଥିବା ଆକୃତିଗୁଡ଼ିକର ଚିତ୍ର ଅଙ୍କନ କର ।

୯. ତଳେ ଗୋଟିଏ ଛକର ଚିତ୍ର ଦିଆଯାଇଛି ଓ ସେଠାରୁ ବିଭିନ୍ନ ଆଡ଼କୁ ରାସ୍ତା ଦିଆଯାଇଛି । ଚିତ୍ର ଦେଖି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।





(କ) ଗାଁ କୁ ଯାଇଥିବା ରାସ୍ତା ଓ ଡାକ୍ତରଖାନାକୁ ଯାଇଥିବା ରାସ୍ତାକୁ ନେଇ ସୃଷ୍ଟି ହୋଇଥିବା କୋଣଟି କି ପ୍ରକାର କୋଣ ?

(ଖ) ଗାଁ କୁ ଯାଇଥିବା ରାସ୍ତା ଓ ବିଦ୍ୟାଳୟକୁ ଯାଇଥିବା ରାସ୍ତା ମଧ୍ୟରେ ଥିବା କୋଣଟି କେଉଁ ପ୍ରକାରର ?

(ଗ) ବିଦ୍ୟାଳୟକୁ ଯାଇଥିବା ଓ ସହରକୁ ଯାଇଥିବା ରାସ୍ତା ମଧ୍ୟରେ ଥିବା କୋଣଟି କେଉଁ ପ୍ରକାର କୋଣ ?

(ଘ) ସହରକୁ ଯାଇଥିବା ରାସ୍ତା ଓ ଡାକ୍ତରଖାନାକୁ ଯାଇଥିବା ରାସ୍ତା ମଧ୍ୟରେ କି ପ୍ରକାର କୋଣ ଅଛି ?

୧୦. ଚିତ୍ର ଦେଖି ଚିହ୍ନିତ କୋଣଗୁଡ଼ିକର ପ୍ରକାର ଶୂନ୍ୟସ୍ଥାନରେ ଲେଖ ।




୧ମ କୋଣ = ....................

୨ୟ କୋଣ = ....................

୩ୟ କୋଣ = ....................

୪ର୍ଥ କୋଣ = ....................

୧୧. ଏକ ନଡ଼ିଆଗଛ ବାତ୍ୟାରେ ଭାଙ୍ଗି ତା'ର ଅଗ୍ରଭାଗ ଭୂମିକୁ ଛୁଇଁଛି । ଏଥିରେ ଚିହ୍ନିତ କୋଣମାନଙ୍କର ପ୍ରକାର ଖାଲି ସ୍ଥାନରେ ଲେଖ ।




୧ମ କୋଣ = ....................


୨ୟ କୋଣ = ....................

୩ୟ କୋଣ = ....................

୧୨. ତଳ ଚିତ୍ରରେ ଚିହ୍ନ ଦିଆଯାଇଥିବା କୋଣଟି କି ପ୍ରକାରର କୋଣ ଲେଖ ।



୧୩. ତଳ ଘଣ୍ଟାଗୁଡ଼ିକର ମିନିଟ୍‌କଣ୍ଟା ଓ ଘଣ୍ଟାକଣ୍ଟା ମଧ୍ୟରେ କି ପ୍ରକାର କୋଣ ସୃଷ୍ଟି ହେଉଛି ଲେଖ ।



୧୪. ଘଣ୍ଟା ତଳେ ଥିବା ସମୟକୁ ପଢ଼ି ଘଣ୍ଟାରେ ଘଣ୍ଟାକଣ୍ଟା ଓ ମିନିଟ୍‌କଣ୍ଟା ବସାଅ । କଣ୍ଟା ଦୁଇଟି ମଧ୍ୟରେ କି ପ୍ରକାର କୋଣ ସୃଷ୍ଟି ହେଉଛି, ଲେଖ ।




(୩ଟା) (୪ଟା ୩୦ ମି.) (୧ଟା ୩୦ମି. (୧୧ଟା) (୮ଟା ୩୫ମି.)


୧୫. ତଳ ଚିତ୍ରଗୁଡ଼ିକର ପୃଷ୍ଠ ଦେଶର ଆକୃତି କି ପ୍ରକାରର ? ପ୍ରତ୍ୟେକ ଚିତ୍ରରେ ସଂଖ୍ୟା ଦ୍ୱାରା ସୂଚିତ କୋଣ ଗୁଡ଼ିକ କି ପ୍ରକାରର ?





୧୬. ଗୋଟିଏ ବର୍ଗଚିତ୍ର, ଆୟତଚିତ୍ର ଓ ଗୋଟିଏ ତ୍ରିଭୁଜ ଅଙ୍କନ କର । ପ୍ରତ୍ୟେକ ଚିତ୍ରରେ କୋଣଗୁଡ଼ିକୁ ୧ମ, ୨ୟ, ୩ୟ ଭଳି ନାମକରଣ କରି ସେଗୁଡ଼ିକ କି ପ୍ରକାରର କୋଣ ଲେଖ ।


୧୭. ତଳ ଚିତ୍ରଗୁଡ଼ିକୁ ବିଭିନ୍ନ ରଙ୍ଗ ଦେଇ ରଙ୍ଗୋଲି ପ୍ରସ୍ତୁତ କର ।
















# ପାଠ-୩ ଟାଇଲ୍ ସଜାଇବା

ମାମୁନୀ ଚତୁର୍ଥ ଶ୍ରେଣୀରେ ପଢ଼େ । ସେ ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍‌ର ଖଣ୍ଡଗୁଡ଼ିକୁ ନେଇ ବିଭିନ୍ନ ଆକୃତି ତିଆରି କରୁଥିଲା । ସେହି ସମୟରେ ତାର ସାନଭଉଣୀ କୁନ୍‌ମୁନି ସେଥିରୁ ଦୁଇଖଣ୍ଡ କାଗଜ ଚିରି ଦେଲା । ମାମୁନୀ ବ୍ୟସ୍ତ ହୋଇ ପଡ଼ିଲା । ମାମୁନୀର ବ୍ୟସ୍ତତା ଦେଖି ମା' କହିଲେ- "ବ୍ୟସ୍ତ ହୁଅନା, ମୁଁ ତୋ ପାଇଁ ଟ୍ୟାନ୍‌ଗ୍ରାମ୍ କାଟିଦେବି ।" ମା' ମାମୁନୀ ପାଇଁ କିପରି ଟ୍ୟାନ୍‌ଗ୍ରାମ୍ କାଟିଲେ ଲକ୍ଷ୍ୟକର ।'


- ବର୍ଗାକୃତିର କାଗଜଟିକୁ କ, ଖ, ଗ ଓ ଘ ନାମ ଦେଲେ ।





- କଖ, ଖଗ ଓ ଗଘ ବାହୁର ଠିକ୍ ମଝି ବିନ୍ଦୁ ନିର୍ଣ୍ଣୟ କରି ସେଗୁଡ଼ିକୁ ଯଥାକ୍ରମେ 'ଚ', 'ଛ' ଓ 'ଜ' ନାମ ଦେଲେ ।




- ବର୍ଗଚିତ୍ରର କଗ ଓ ଖଘ ଠାରେ କାଗଜ ଖଣ୍ଡକୁ ଭାଙ୍ଗ କଲେ ଓ ଭାଙ୍ଗ ଦୁଇଟିର ଛେଦବିନ୍ଦୁକୁ 'ଟ' ନାମ ଦେଲେ ।
- 'ଟ'କୁ 'କ', ଚ, ଛ ଓ ଘ ସହ ଯୋଗ କରି ରେଖାଖଣ୍ଡମାନ ଟାଣିଲେ ଏବଂ 'ଛ' କୁ 'ଜ' ସହ ଯୋଗକରି ରେଖାଖଣ୍ଡଟିଏ ଟାଣିଲେ ।




- ଚିତ୍ରରେ ଦର୍ଶାଯାଇଥିବା ପରି ପ୍ରତ୍ୟେକ ଖଣ୍ଡକୁ ୧, ୨, ୩, ୪, ୫ ନମ୍ବରରେ ଚିହ୍ନିତ କଲେ ।
- କଇଁଚିରେ କାଟି ପ୍ରତ୍ୟେକ ଖଣ୍ଡକୁ ଅଲଗା କଲେ ।




☞ ମାମୁନୀର ମା' ଯେପରି ୫ଖଣ୍ଡ ବିଶିଷ୍ଟ ଟ୍ୟାନଗ୍ରାମ୍‌ଟିଏ କାଟିଲେ, ତୁମେ ବର୍ଗାକୃତି କାଗଜ ଖଣ୍ଡେ ନେଇ ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ପ୍ରସ୍ତୁତ କର । ପୂର୍ବପୃଷ୍ଠାରେ ଦିଆଯାଇଥିବା ଟ୍ୟାନ୍‌ଗ୍ରାମ୍‌ର ଚିତ୍ର ଦେଖି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।


(କ) ବର୍ଗାକୃତିଟିଏ କରିବା ପାଇଁ କେଉଁ ଦୁଇଟି ଟ୍ୟାନ୍‌ଗ୍ରାମ୍ ଖଣ୍ଡ ନେବା ?


(ଖ) ଆୟତାକୃତିଟିଏ କରିବା ପାଇଁ କେଉଁ ତିନୋଟି ଟ୍ୟାନ୍‌ଗ୍ରାମ୍ ଖଣ୍ଡ ନେବା ?

(ଗ) ବର୍ଗାକୃତି କରିବା ପାଇଁ କେଉଁ ତିନୋଟି ଟ୍ୟାନ୍‌ଗ୍ରାମ୍ ଖଣ୍ଡ ନେବା ?

(ଘ) ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍‌ର ସବୁଖଣ୍ଡଗୁଡ଼ିକୁ ବ୍ୟବହାର କରି ନିମ୍ନ ଚିତ୍ରଗୁଡ଼ିକର ଆକୃତି ତିଆରି କର ।










## ସାତ ଖଣ୍ଡବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ କାଟିବା ପ୍ରଣାଳୀ-

- ବର୍ଗାକୃତିର 'କାଗଜ' କୁ କଖଗଘ ନାମ ଦିଅ ।
- କଖ ଓ କଘ ବାହୁର ମଧ୍ୟବିନ୍ଦୁର ନାମ ଯଥାକ୍ରମେ 'ଚ' ଓ 'ଛ' ଦିଅ ।
- 'ଚ' ଓ 'ଛ' କୁ ଯୋଗ କର ଓ ଚଛର ମଧ୍ୟବିନ୍ଦୁର ନାମ 'ପ' ଦିଅ ।
- 'ପ' ଓ 'ଗ' ବିନ୍ଦୁ ଏବଂ 'ଘ' ଓ 'ଖ' ବିନ୍ଦୁକୁ ଯୋଗ କର ।
  ପଗ ଓ ଖଘ ର ଛେଦବିନ୍ଦୁକୁ 'ଫ' ନାମ ଦିଅ ।
- ଘଫ ଓ ଫଖ ର ମଧ୍ୟବିନ୍ଦୁର ନାମ ଯଥାକ୍ରମେ 'ବ' ଓ 'ଭ' ଦିଅ ।





‘ଟ’ କୁ ‘ଭ’ ସହ ଓ ‘ପ’ କୁ ‘ବ’ ସହ ଯୋଗ କର ।





- ଚିତ୍ରରେ ଦର୍ଶାଯାଇଥିବା ଭଳି ଖଣ୍ଡଗୁଡ଼ିକୁ ୧, ୨, ୩, ୪, ୫, ୬ ଓ ୭ ଲେଖି ନମ୍ବର ଦିଅ ।
- କଇଁଚିରେ କାଟି ଖଣ୍ଡଗୁଡ଼ିକୁ ଅଲଗା କର ।




☞ ୭ ଖଣ୍ଡବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ବ୍ୟବହାର କରି ନିମ୍ନ ଆକୃତିଗୁଡ଼ିକୁ ତିଆରି କର ।



(କ) (ଖ) (ଗ) (ଘ)




(ଙ) (ଚ) (ଛ) (ଜ) (ଝ) (ଞ)

କେଉଁ ଆକୃତିଟି କାହାର ଚିତ୍ର ଭଳି ଦେଖାଯାଉଛି ଲେଖ ।

☞ ୭ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ବ୍ୟବହାର କରି ନିମ୍ନ ଆକୃତିଗୁଡ଼ିକୁ ତିଆରି କର ଏବଂ ସେଗୁଡ଼ିକୁ ଖାତାରେ ଅଠାଦେଇ ଲଗାଅ ।


(କ)




(ଖ)




(ଗ)




(ଘ)



(ଙ)



(ଚ)




## ଅଭ୍ୟାସ କାର୍ଯ୍ୟ

୧. ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ଖଣ୍ଡମାନ କାଟି, ସେଗୁଡ଼ିକୁ ଉପଯୁକ୍ତ ସଂଖ୍ୟା ଦ୍ୱାରା ଚିହ୍ନିତ କର ।

(କ) ଦୁଇଟି ଛୋଟ ତ୍ରିଭୁଜ ଖଣ୍ଡକୁ ବ୍ୟବହାର କରି ନିମ୍ନ ଆକୃତିଗୁଡ଼ିକୁ ତିଆରି କର ।







ସୂଚନା: ଯେଉଁ ବର୍ଗାକୃତି ଖଣ୍ଡରୁ ଟ୍ୟାନ୍‌ଗ୍ରାମ୍ ଖଣ୍ଡମାନ କଟାଯିବ ତା'ର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ଉପରିସ୍ଥ ବର୍ଗଚିତ୍ରର ବାହୁର ଦୈର୍ଘ୍ୟର ଦୁଇଗୁଣ ହେବା ଆବଶ୍ୟକ ।


(ଖ) ୪ ନମ୍ବର ଖଣ୍ଡ ଓ ଦୁଇଟି ଛୋଟ ତ୍ରିଭୁଜ ନେଇ ଆୟତଚିତ୍ରଟିଏ ପ୍ରସ୍ତୁତ କର ଓ ତାହାର ବାହୁମାନଙ୍କର ଦୈର୍ଘ୍ୟ ମାପି ଲେଖ ।

(ଗ) ବର୍ଗାକୃତି ଖଣ୍ଡ ଓ ଛୋଟ ତ୍ରିଭୁଜ ଦୁଇଟି ନେଇ ଆୟତାକୃତିଟିଏ ପ୍ରସ୍ତୁତ କର ଓ ତାହାର ବଡ଼ ବାହୁର ଦୈର୍ଘ୍ୟ ମାପି ଲେଖ ।

(ଘ) ତିନୋଟି ତ୍ରିଭୁଜ ନେଇ ବର୍ଗାକୃତିଟିଏ ପ୍ରସ୍ତୁତ କର ଓ ତାହାର ବାହୁର ଦୈର୍ଘ୍ୟ ମାପି ଲେଖ ।

୨. ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍‌ର ସମସ୍ତ ଖଣ୍ଡଗୁଡ଼ିକୁ ବ୍ୟବହାର କରି ନିମ୍ନ ଚିତ୍ରଗୁଡ଼ିକର ଆକୃତି ତିଆରି କର ।

(କ)




(ଖ) ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ର ସମସ୍ତ ଖଣ୍ଡଗୁଡ଼ିକୁ ସଜାଇ ତୁମ ମନକୁ ଆସୁଥିବା ଦୁଇଟି ଆକୃତି କର ।

୪. ୭ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମର ଦିଆଯାଇଥିବା ଖଣ୍ଡଗୁଡ଼ିକୁ ନେଇ ନିମ୍ନ ସୂଚନା ଅନୁଯାୟୀ ଆକୃତି ଗଠନ କର ଏବଂ ସେଗୁଡ଼ିକୁ ତୁମ ଖାତାରେ ଅଠା ଦେଇ ଲଗାଅ ।

(କ) ୧, ୨, ୩, ୫ ନମ୍ବର ଖଣ୍ଡଗୁଡ଼ିକୁ ନେଇ ଆୟତାକୃତିଟିଏ ପ୍ରସ୍ତୁତ କର ।

(ଖ) ୧, ୩, ୫, ୬, ୭ ନମ୍ବର ଖଣ୍ଡଗୁଡ଼ିକୁ ନେଇ ଆୟତାକୃତିଟିଏ ପ୍ରସ୍ତୁତ କର ।

(ଗ) ୩, ୪, ୫ ଖଣ୍ଡଗୁଡ଼ିକୁ ନେଇ ଆୟତାକୃତିଟିଏ ପ୍ରସ୍ତୁତ କର ।




(ଘ) ୩ ଓ ୫ ଖଣ୍ଡକୁ ନେଇ ଗୋଟିଏ ତ୍ରିଭୁଜାକୃତି ପ୍ରସ୍ତୁତ କର । ଏହି ଆକୃତିଟି କେଉଁ ସଂଖ୍ୟା ଚିହ୍ନିତ ଖଣ୍ଡ ସହ ସମ୍ପୂର୍ଣ୍ଣ ମିଶିଯିବ ଲେଖ ।

(ଙ)  ୧, ୩ ଓ ୫ ଖଣ୍ଡକୁ ନେଇ ବର୍ଗାକୃତିଟିଏ ଗଠନ କର ।

(ଚ)  ୨, ୩ ଓ ୫ ଖଣ୍ଡକୁ ନେଇ ତ୍ରିଭୁଜାକୃତିଟିଏ ଗଠନ କର ।

(ଛ)  ୬, ୨, ୩ ଓ ୫ ଖଣ୍ଡକୁ ନେଇ ବର୍ଗାକୃତିଟିଏ ଗଠନ କର ।

(ଜ)  ୭ଟି ଯାକ ଖଣ୍ଡକୁ ନେଇ ତ୍ରିଭୁଜାକୃତିଟିଏ ଗଠନ କର ।


(ଝ)  ୧, ୨, ୩, ୪ ଓ ୫ ଖଣ୍ଡକୁ ନେଇ ବର୍ଗାକୃତିଟିଏ ପ୍ରସ୍ତୁତ କର ।

## ଚଟାଣ ସଜ୍ଜା


ତୁମେ ତୃତୀୟ ଶ୍ରେଣୀରେ ଚଟାଣରେ କିପରି ଟାଇଲ୍ ସଜାଯାଏ ସେ ବିଷୟରେ ଜାଣିଛ ।

- ନିମ୍ନରେ ଥିବା ସମ୍ପୂର୍ଣ୍ଣ ହୋଇ ନ ଥିବା ଚଟାଣ ସଜାକୁ ସମ୍ପୂର୍ଣ୍ଣ କର ।


(କ)




(ଖ)




(ଗ)




(ଘ)



(ଙ)




(ଚ)




# ଅଭ୍ୟାସ କାର୍ଯ୍ୟ

୧. (କ) ଏହି ଟାଇଲ୍ ସାହାଯ୍ୟରେ ଚଟାଣ ସଜା ପୂର୍ଣ୍ଣ କର ।




(ଖ) ଏହି ବିନ୍ଦୁ ଗ୍ରୀଡ୍‌ରେ ତୁମ ଇଚ୍ଛା ଅନୁଯାୟୀ ଟାଇଲ୍ ନେଇ ସଜାଅ ।




୨. ନିମ୍ନ ସଂରଚନା ମଧ୍ୟରୁ କେଉଁ କେଉଁ ସଂରଚନାକୁ ନେଇ ଚଟାଣ ସଜା ପୂର୍ଣ୍ଣ କରିହେବ ତା ତଳେ ( ✓ ) ଠିକ୍ ଚିହ୍ନ ଦିଅ ।

(କ)




(ଖ)




(ଗ)




(ଘ)




(ଙ)




(ଚ)




(ଛ)




(ଜ)




(ଝ)



(ଞ)



(ଟ)




(ଠ)




୩. ନିମ୍ନ ଚଟାଣ ସଜାରେ କେଉଁ କେଉଁ ଆକୃତିର ଟାଇଲ୍ ବ୍ୟବହାର କରାଯାଇଛି, ତାହାକୁ ଚିତ୍ରରେ ଦେଖାଅ ।


(କ)




(ଖ)



(ଗ)




(ଘ)




ସେହି ଆକୃତିକୁ ନେଇ ତୁମେ ତୁମ ମନ ପସନ୍ଦର ଚଟାଣ ସଜା ତିଆରି କର ।

୪. ଚଟାଣ ସଜାକୁ ସଂପୂର୍ଣ୍ଣ କର ।


(କ)




(ଖ)




(ଗ) ସୀତା ଇଟାରେ କାନ୍ଥ ତିଆରି କରୁଥିଲା । ତୁମେ ତା'ର କାନ୍ଥକୁ ସମ୍ପୂର୍ଣ୍ଣ କର ଓ ସେଥିରେ ଦୁଇ ପ୍ରକାର ରଙ୍ଗ ଦିଅ ।




(ଘ) ଚଟାଣରେ ଟାଇଲ୍ ସଜାକୁ ସଂପୂର୍ଣ୍ଣ କରିବା ପରେ ଦିଆଯାଇଥିବା ଭଳି ରଙ୍ଗ କର ଓ କେତୋଟି ରଙ୍ଗୀନ୍ ଟାଇଲ୍ ପାଇଲ ଲେଖ ।



(ଙ)କାନ୍ଥଟିକୁ ସଂପୂର୍ଣ୍ଣ କର ।



(ଚ) ଚଟାଣଟିକୁ ରଙ୍ଗ ଦିଅ ।



୫. ଷଡ଼ଭୁଜାକୃତି ଟାଇଲ୍ ଦ୍ୱାରା ନିମ୍ନ ଚଟାଣଟିକୁ ସଜାଅ ।

୬. ରାଜମିସ୍ତ୍ରୀ ଇଟା କାନ୍ଥ ତିଆରି ବେଳେ ଇଟାଗୁଡ଼ିକୁ ଯେଭଳି ସଜାନ୍ତି, ତା'ର ଦୁଇଟି ଭିନ୍ନ ଭିନ୍ନ ଡିଜାଇନ୍ କର ।

# ପାଠ-୪ ପରିସୀମା ମାପିବା



ଏକ ଛୋଟିଆ ଜଙ୍ଗଲର ପାଦଦେଶରେ ନରହରିପୁର ଗାଁ । ଜଙ୍ଗଲ ନିକଟ ଗାଁମୁଣ୍ଡ ଗହିର ଭିତରେ ଦୁଇଟି ବଡ଼ ପୋଖରୀ, 'ହୀରା ସାଗର' ଓ 'ମୋତି ସାଗର'। ଜଙ୍ଗଲ ବୁଦା ଭିତରେ ରହୁଥିଲେ ଗୋଟିଏ ଠେକୁଆ ଓ ଗୋଟିଏ କୋକିଶିଆଳ । ସେ ଦୁହେଁ ଭାରି ସାଙ୍ଗ । ପ୍ରତିଦିନ ସକାଳୁ ଠେକୁଆ 'ହୀରା ସାଗର' ଓ କୋକିଶିଆଳ 'ମୋତି ସାଗର' ହୁଡ଼ା ଚାରିପଟେ ଥରେ ଲେଖାଁଏ ବୁଲି ନିଜ ନିଜର ଖାଦ୍ୟ ସଂଗ୍ରହ କରନ୍ତି । ବେଳେବେଳେ ଏକାଠି ହୋଇ ଗପସପ କରନ୍ତି । ଦିନେ କୋକିଶିଆଳ ତା' ସାଙ୍ଗଙ୍କୁ କହିଲା ମୁଁ ପ୍ରତିଦିନ ତୁମ ଅପେକ୍ଷା ଅଧିକ ବାଟ ବୁଲୁଛି । ଠେକୁଆ କହିଲା ''ନା, ନା, ମୁଁ ତୁମ ଅପେକ୍ଷା ବେଶି ବାଟ ବୁଲୁଛି ।" କଥା ଛିଣ୍ଡିଲା ନାହିଁ । ତେଣୁ ଠିକ୍ କଥା ଜାଣିବା ପାଇଁ ଦୁହେଁ ମିଶି ଚତୁର ବିଲୁଆନନା ପାଖକୁ ଗଲେ । ବିଲୁଆନନା ବଡ଼ ମାପଫିତାଟିଏ ଧରି କହିଲେ, "ଚାଲ, ଉଭୟ ପୋଖରୀର ହୁଡ଼ାର ଲମ୍ବ ବା ଦୈର୍ଘ୍ୟ ମାପିବା । ଚାରିପଟ ହୁଡ଼ାର ଦୈର୍ଘ୍ୟ ମିଶାଇ ଦେଲେ, ତୁମମାନଙ୍କ ଭିତରୁ କିଏ କେତେ ବାଟ ବୁଲୁଛ ଜଣାପଡ଼ିବ । କିଏ ଅଧିକ ବାଟ ବୁଲୁଛ ଜାଣିବା ।"

ଠେକୁଆ ଓ କୋକିଶିଆଳଙ୍କ ସହାୟତାରେ ପୋଖରୀ ଦୁଇଟିର ହୁଡ଼ାମାନଙ୍କ ଦୈର୍ଘ୍ୟ ମାପ କରି ବିଲୁଆନନା ପ୍ରତି ପୋଖରୀର ହୁଡ଼ାର ଦୈର୍ଘ୍ୟ ହିସାବ କରି ଦେଲେ ।

ହୀରାସାଗର ପୋଖରୀର ଚାରିପାଖ ହୁଡ଼ା ଦୈର୍ଘ୍ୟର ସମଷ୍ଟି = ୧୩୦ମି. + ୨୮୦ମି. + ୧୨୫ମି. + ୨୯୫ମି.

= ୮୩୦ମି.

ତେଣୁ ଠେକୁଆ ପ୍ରତିଦିନ ୮୩୦ମି. ବୁଲେ ବୋଲି ଜଣାପଡ଼ିଲା ।

'ମୋତିସାଗର'ଚାରିପାଖ ହୁଡ଼ାର ଦୈର୍ଘ୍ୟର ସମଷ୍ଟି = ୧୪୦ମି + ୨୭୫ମି.+ ୧୨୦ମି.+ ୨୬୦ମି.

= ୭୯୫ମି.

ତେଣୁ କୋକିଶିଆଳ,ପ୍ରତିଦିନ ୭୯୫ମି. ବୁଲେ ବୋଲି ଜଣାପଡ଼ିଲା ।

ବିଲୁଆ ନନା ପଚାରିଲା, ''ଏଥର କୁହ, କିଏ ଅଧିକ ବାଟ ବୁଲେ ?''

ରେଖାଖଣ୍ଡ ମାନଙ୍କ ଦ୍ୱାରା ଆବଦ୍ଧ ଚିତ୍ରର ବାହୁମାନଙ୍କର ଦୈର୍ଘ୍ୟର ସମଷ୍ଟିକୁ ଏହାର **ପରିସୀମା** କୁହାଯାଏ ।


ବଡ଼ବଡ଼ କ୍ଷେତ୍ରର ଲମ୍ବ, ଚଉଡ଼ା ମାପିବା ପାଇଁ ଆମେ ମିଟର ଏକକ ବ୍ୟବହାର କରୁ, କିନ୍ତୁ ଛୋଟ କ୍ଷେତ୍ରର ଲମ୍ବ ମାପିବା ବେଳେ, ଆମେ 'ସେଣ୍ଟିମିଟର' ଏକକ ବ୍ୟବହାର କରୁ । ଯଦି ଦୈର୍ଘ୍ୟଗୁଡ଼ିକ 'ମିଟର' ଏକକରେ ଦିଆଯାଇଥାଏ ତେବେ ପରିସୀମାକୁ ମଧ୍ୟ 'ମିଟର'ଏକକରେ ପ୍ରକାଶ କରାଯିବ ।

ଭାବି କହ- ଯଦି ଗୋଟିଏ କ୍ଷେତ୍ରର ଦୁଇଟି ବାହୁ 'ମିଟର' ଏକକରେ ଓ ଅନ୍ୟ ଦୁଇଟି ବାହୁ ସେଣ୍ଟିମିଟର ଏକକରେ ଥାଏ, ତେବେ ପରିସୀମା କେଉଁ ଏକକରେ ଲେଖାଯିବ ?

ତୁମ ପାଇଁ କାମ-

- ଗୋଟିଏ ପୋଷ୍ଟକାର୍ଡ଼ ସଂଗ୍ରହ କର ।
- ପୋଷ୍ଟକାର୍ଡ଼ର ଧାରମାନଙ୍କର ଦୈର୍ଘ୍ୟକୁ ସ୍କେଲ ଦ୍ୱାରା ମାପି ତୁମ ଖାତାରେ ଲେଖ ।
- ଏହାର ଧାରମାନଙ୍କର ଦୈର୍ଘ୍ୟର ସମଷ୍ଟି କେତେ ହେଲା ସ୍ଥିର କର ।
- ପୋଷ୍ଟକାର୍ଡ଼ର ପରିସୀମା କେତେ ପାଇଲ ଲେଖ ।

☞ ତଳ ଚିତ୍ରଗୁଡ଼ିକର ବାହୁଗୁଡ଼ିକର ଦୈର୍ଘ୍ୟ ମାପି ଖାଲିସ୍ଥାନରେ ଲେଖ । ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର ।




ଚିତ୍ର-୧ ଚିତ୍ର-୨ ଚିତ୍ର-୩

ଚିତ୍ର ନଂ. ୧.

$\overline{\text{କଖ}}$ = ....... ସେ.ମି., $\overline{\text{ଖଗ}}$ = ......ସେ.ମି., $\overline{\text{ଗକ}}$=......ସେ.ମି. ପରିସୀମା = ...... ସେ.ମି.

ଚିତ୍ର ନଂ ୨. ଚଛ = ....... ସେ.ମି, ଛଜ =....... ସେ.ମି., ଜଝ =..... ସେ.ମି., ଝଚ = ......ସେ.ମି.


ପରିସୀମା =....... ସେ.ମି.

ଚିତ୍ର ନଂ ୩. ଟଠ =.......ସେ.ମି, ଠଡ =.......ସେ.ମି., ଡଢ=......ସେ.ମି., ଢନ =....ସେ.ମି., ନଟ=.....ସେ.ମି.

ପରିସୀମା =....... ସେ.ମି. .

## ଆୟତଚିତ୍ର ଓ ବର୍ଗଚିତ୍ରର ପରିସୀମା

ପାର୍ଶ୍ୱରେ ଥିବା ଆୟତଚିତ୍ରର ଲମ୍ବ ଓ ଚଉଡ଼ାକୁ ମାପ ଓ ତଳେ ଲେଖ ।




କଖ = ............, ଖଗ = .............

ଗଘ = ............, ଘକ = ............

କଖ ଓ ଗଘ ଏବଂ ଖଗ ଓ ଘକ ମଧ୍ୟରେ କ'ଣ ସମ୍ପର୍କ ଥିବାର ଦେଖୁଛ ଲେଖ ।

---

ଲକ୍ଷ୍ୟ କର, କଖ ଓ ଗଘ ପ୍ରତ୍ୟେକ ହେଉଛି ଚଉଡ଼ା, ଖଗ ଓ କଘ ପ୍ରତ୍ୟେକ ହେଉଛି ଲମ୍ବ ।

ପରିସୀମା = ଲମ୍ବ + ଚଉଡ଼ା + ଲମ୍ବ + ଚଉଡ଼ା

= ଲମ୍ବ + ଲମ୍ବ + ଚଉଡ଼ା + ଚଉଡ଼ା

= ୨ଟି ଲମ୍ବ + ୨ଟି ଚଉଡ଼ା

= ୨ x ( ଲମ୍ବ + ଚଉଡ଼ା)

ଏଣୁ ଆମେ ଜାଣିଲେ, **ଆୟତଚିତ୍ରର ପରିସୀମା = ୨ x ( ଲମ୍ବ + ଚଉଡ଼ା)**

ଏହି ସୂତ୍ର ବ୍ୟବହାର କରି ଉପରିସ୍ଥ ଆୟତଚିତ୍ରର ପରିସୀମା ନିର୍ଣ୍ଣୟ କର ।


- ପାର୍ଶ୍ୱରେ ଥିବା ବର୍ଗଚିତ୍ରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ମାପ ଓ ସେଗୁଡ଼ିକୁ ନିମ୍ନରେ ଲେଖ ।

ପଫ = ........ ସେ.ମି.

ଫବ =........ ସେ.ମି.

ବଭ =........ ସେ.ମି.

ଭପ =......... ସେ.ମି.




ଏହାର ବାହୁମାନଙ୍କର ଦୈର୍ଘ୍ୟ ମଧ୍ୟରେ କ'ଣ ସମ୍ପର୍କ ଅଛି ?

ବର୍ଗଚିତ୍ର 'ପଫବଭ'ର ପରିସୀମା = $\overline{ପଫ} + \overline{ଫବ} + \overline{ବଭ} + \overline{ଭପ}$

= ......... ସେ.ମି. + ......... ସେ.ମି. + ......... ସେ.ମି.+........ସେ.ମି

= ......... ସେ.ମି.

ବର୍ଗଚିତ୍ରର ପରିସୀମା ଓ ଏହାର ବାହୁର ଦୈର୍ଘ୍ୟ ମଧ୍ୟରେ କ'ଣ ସମ୍ପର୍କ ଥିବାର ଦେଖୁଛ ଲେଖ ।

---

ଆମେ ଜାଣିଲେ, **ଗୋଟିଏ ବର୍ଗଚିତ୍ରର ପରିସୀମା = ୪ x ଗୋଟିଏ ବାହୁର ଦୈର୍ଘ୍ୟ**

## ଅଭ୍ୟାସ କାର୍ଯ୍ୟ


୧. ଶୂନ୍ୟସ୍ଥାନ ପୂରଣ କର ।

(କ) ରେଖାଖଣ୍ଡମାନଙ୍କ ଦ୍ୱାରା ଆବଦ୍ଧ ଚିତ୍ରର ପରିସୀମା =.................... ଦୈର୍ଘ୍ୟର ସମଷ୍ଟି


(ଖ) ଏକ ଆୟତ ଚିତ୍ରର ପରିସୀମା = ୨ x ( ଲମ୍ବ + .......... )

(ଗ) ଏକ ବର୍ଗଚିତ୍ରର ପରିସୀମା = ............ x ପ୍ରତ୍ୟେକ ବାହୁର ଦୈର୍ଘ୍ୟ

୨. ତଳେ କେତେକ ଚିତ୍ର ଦିଆଯାଇଛି । ପ୍ରତ୍ୟେକ ଚିତ୍ରର ବାହୁଗୁଡ଼ିକର ଦୈର୍ଘ୍ୟ ମାପ ଚିତ୍ର ପାଖରେ ଲେଖାଯାଇଛି । ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର ।





୩. ତଳ ଚିତ୍ରଗୁଡ଼ିକର ବାହୁମାନଙ୍କର ଦୈର୍ଘ୍ୟ ମାପି, ପରିସୀମା ନିର୍ଣ୍ଣୟ କର ।



୪. ତୁମ ଜ୍ୟାମିତି ବାକ୍ସର ଉପର ପାଖର ଚାରି ଧାରକୁ ମାପି ତା'ର ପରିସୀମା ସ୍ଥିର କର ।

୫. ତୁମ ଗଣିତ ବହିର ମଲାଟର ଚାରିଧାରକୁ ମାପ ଓ ପରିସୀମା ବାହାର କର ।

୬. ନିମ୍ନରେ ଥିବା ଯେଉଁ ଚିତ୍ରର ପରିସୀମା ତୁମେ ନିର୍ଣ୍ଣୟ କରିପାରିବ ତା' ମଧ୍ୟରେ ଠିକ୍ ଚିହ୍ନ (✓) ଦିଅ ।



୭. ତୁମ ଖାତା ଉପରେ ନିମ୍ନଲିଖିତ ବସ୍ତୁଗୁଡ଼ିକୁ ରଖ ଓ ତା'ର ତଳ ପାଖର ଚାରି ଧାରକୁ ଲଗାଇ ଗାର ଟାଣ । ଯେଉଁ ଚିତ୍ର ପାଇଲ, ସେଗୁଡିକ କି ପ୍ରକାର ଚିତ୍ର ଲେଖ । ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର ।

ଦିଆସିଲି ଖୋଳ, ପେନ୍‌ସିଲ୍ ବାକ୍ସ, ଲୁଡୁଗୋଟି, ଡଷ୍ଟର୍

୮. ଗୋଟିଏ ଆୟତାକୃତି କୋଠରିର ଚଟାଣର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୯ମିଟର ଓ ୫ ମିଟର । ଚଟାଣର ପରିସୀମା କେତେ ?


(କ) ଚଟାଣର ପରିସୀମା ବାହାର କରିବାର ସୂତ୍ର କ'ଣ ?

(ଖ) ପରିସୀମାକୁ କେଉଁ ଏକକରେ ପ୍ରକାଶ କରାଯିବ ?

୯. ତୁମ ସ୍କୁଲ ବଗିଚାର ବାହୁମାନଙ୍କର ଦୈର୍ଘ୍ୟ ୨୨ ମିଟର, ୧୩ମିଟର, ୨୦ ମିଟର ଓ ୧୨ ମିଟର । ଏହାର ପରିସୀମା ବାହାର କର ।


୧୦. 

ଗୋଟିଏ ଦଶଟଙ୍କିଆ ନୋଟ୍ ନିଅ । ତା'ର ପରିସୀମା ନିର୍ଣ୍ଣୟ କର । ସେହିପରି ଗୋଟିଏ ଲେଖାଏଁ ଏକ ଟଙ୍କିଆ, ପାଞ୍ଚ ଟଙ୍କିଆ ଓ କୋଡ଼ିଏ ଟଙ୍କିଆ ନୋଟ୍‌ର ପରିସୀମା ବାହାର କର ।

୧୧. 

ଡାକ ଟିକେଟ୍‌ର ଚାରୋଟି ବାହୁ ମଧ୍ୟରୁ କେଉଁ ଦୁଇଟିର ଦୈର୍ଘ୍ୟ ମାପିଲେ ଏହାର ପରିସୀମା ନିର୍ଣ୍ଣୟ କରିପାରିବ ?

୧୨. ଏହି ଚିତ୍ରର ପରିସୀମା ନିର୍ଣ୍ଣୟ କର ।




୧୩. 

ଏହାର କେବଳ ଦୁଇଟି ବାହୁର ଦୈର୍ଘ୍ୟ ମାପି ପରିସୀମା ବାହାର କର ।

# ପାଠ - ୫ କ୍ଷେତ୍ରଫଳ ପରିମାଣ ମାପିବା

ଆସ, ବିଭିନ୍ନ ବସ୍ତୁ ନେଇ ପେନ୍‌ସିଲ୍ ସାହାଯ୍ୟରେ ନିଜ ନିଜ ଖାତାରେ ଏହିପରି ଚିତ୍ର ଆଙ୍କିବା ଓ ସେମାନଙ୍କର ଆକୃତି କ'ଣ ହେଲା କହିବା ।




**ତୁମ ପାଇଁ କାମ :**

7H2UFP

- ଖାତାର ଗୋଟିଏ ପୃଷ୍ଠାରେ ଦିଆସିଲି ଖୋଳଟିଏ ଆଣି ରଖ ।
- ପେନ୍‌ସିଲ୍‌ରେ ତା' ତଳପାଖର ଚାରି ଧାରକୁ ଲଗାଇ ଗାର ଟାଣ ।
- ଏବେ ଦିଆସିଲି ଖୋଳଟିକୁ ଖାତା ଉପରୁ ଉଠାଇ ନିଅ ।
- ଏହି ଚିତ୍ରର ଭିତର ଅଂଶକୁ ଅର୍ଥାତ୍ ଯେତେ ଜାଗା (ସ୍ଥାନ) ମାଡ଼ି ବସିଛି ତାକୁ ରଙ୍ଗ ଦିଅ ।
- ସେହିପରି ଚୁଡ଼ି, ଏକ ଟଙ୍କିଆ ମୁଦ୍ରା, ପେନ୍‌ସିଲ୍ ବାକ୍‌ସ, ଜ୍ୟାମିତି ବାକ୍ସରେ ଥିବା ପ୍ରୋଟ୍ରାକ୍ଟର ଓ ସେଟ୍‌ସ୍କୋୟାର୍ ଆଦି ନେଇ ବିଭିନ୍ନ ଆକୃତିର ଚିତ୍ର କରି ରଙ୍ଗ ଦିଅ ।

ଏକ ରବିବାର ଉପର ଓଳି । ସେସ୍‌ମା ତା' ସାନଭାଇ ଅରବାକ୍‌କୁ ଡାକି କହିଲା- "ଆସ, ରଙ୍ଗ ଖେଳ ଖେଳିବା ।" ସେ ତା ପୂର୍ବରୁ ଦିଆସିଲି ଖୋଳ, ଚୁଡ଼ି, ଦୁଇ ଟଙ୍କିଆ ମୁଦ୍ରା, କାଚ ଗ୍ଲାସ୍, ଜ୍ୟାମିତି ବାକ୍‌ସ ସଂଗ୍ରହ କରି ରଖିଥିଲା । ସେ ଅରବାକ୍‌କୁ କହିଲା- "ମୁଁ ଏ ଜିନିଷଗୁଡ଼ିକୁ ନେଇ ବିଭିନ୍ନ ଚିତ୍ର କରୁଛି । ତୁ ସେଗୁଡ଼ିକ ଭିତରେ ଥିବା ସ୍ଥାନକୁ ରଙ୍ଗ କର ।" ପରେ ଦୁହେଁ ନିଜ ନିଜ କାମ କରି ଚାଲିଲେ ।




ବର୍ତ୍ତମାନ ତୁମେ, ଖାତାରେ ଏହିଭଳି ଚିତ୍ରଗୁଡ଼ିକୁ ଆଙ୍କ, ସେହି ଚିତ୍ରଗୁଡ଼ିକ ଭିତର ଅଂଶକୁ ବିଭିନ୍ନ ପ୍ରକାର ରଙ୍ଗଦିଅ ।

ଏବେ କହ :

- ତୁମେ ଆଙ୍କିଥିବା ବିଭିନ୍ନ ଚିତ୍ର ଆବଦ୍ଧ କି ?
- ଏହି ସବୁ ଚିତ୍ରର ସୀମାର ଦୈର୍ଘ୍ୟର ସମଷ୍ଟିକୁ କ'ଣ କୁହନ୍ତି ?
- ତୁମେ ସେଗୁଡ଼ିକର କେଉଁ ଅଂଶକୁ ରଙ୍ଗ କରିଛ ?
- ଏହି ଚିତ୍ରଗୁଡ଼ିକ ଯେତିକି ଜାଗା ମାଡ଼ି ବସିଛନ୍ତି ତା'କୁ ସେହି କ୍ଷେତ୍ରର କ'ଣ କୁହାଯାଏ ?

**ଏକ ଆବଦ୍ଧ କ୍ଷେତ୍ରର ସୀମାରେଖା ଓ ତା'ର ଭିତର ଅଂଶକୁ କ୍ଷେତ୍ର କୁହାଯାଏ । ଏହାର ପରିମାଣକୁ କ୍ଷେତ୍ରଫଳ କୁହନ୍ତି ।**

ତଳେ ଦିଆଯାଇଥିବା ଚିତ୍ର ମଧ୍ୟରୁ ଯାହାର କ୍ଷେତ୍ରଫଳ ନିର୍ଣ୍ଣୟ କରାଯାଇ ପାରିବ, ତା' ଉପରେ ' ✓ ' ଚିହ୍ନ ଦିଅ ।



☞ ଏବେ ପାଖ ଚିତ୍ର ଦୁଇଟିକୁ ଲକ୍ଷ୍ୟ କର ଓ ତଳେ ଦିଆଯାଇଥିବା ଖାଲିସ୍ଥାନରେ ଉତ୍ତର ଲେଖ ।


(କ) ଚିତ୍ର – ୧ କି ପ୍ରକାର ଚିତ୍ର ?...............

(ଖ) ଚିତ୍ର – ୨ କି ପ୍ରକାର ଚିତ୍ର ?...............

(ଗ) ଦୁଇଟି ମଧ୍ୟରୁ କେଉଁ ଚିତ୍ରଟି ବେଶୀ ଜାଗା ମାଡ଼ି ବସିଛି ?...........

(ଘ) ତେବେ କେଉଁ ଚିତ୍ରଟି ବଡ଼ ?...............

(ଙ) କେଉଁ ଚିତ୍ରର କ୍ଷେତ୍ରଫଳ ବେଶୀ ?.............




(ଚିତ୍ର-୧) (ଚିତ୍ର-୨)

ଆମେ ଜାଣିଲେ,

**ଦୁଇଟି ସମାନ ଆକୃତି ବିଶିଷ୍ଟ ଚିତ୍ର ମଧ୍ୟରୁ ଯାହାର ଆକାର ବଡ଼ ତା'ର କ୍ଷେତ୍ରଫଳ ଅଧିକ ହେବ ।**

- ସମାନ ଆକୃତି ବିଶିଷ୍ଟ ଚିତ୍ର ଦୁଇଟି ମଧ୍ୟରେ ଯାହାର କ୍ଷେତ୍ରଫଳ ଅଧିକ ତାକୁ ରଙ୍ଗ କର ।

(କ) (ଖ) (ଗ)



### ତୁମ ପାଇଁ କାମ

୧.• ତୁମ ଶ୍ରେଣୀରେ ଥିବା ଟେବୁଲ୍‌ର ଉପର ପାଖରେ ତୁମର ଓ ତୁମ ସାଙ୍ଗମାନଙ୍କର ଗଣିତ ବହିଗୁଡ଼ିକୁ ନେଇ ସଜାଅ ।


- ଗଣିତ ବହିଗୁଡ଼ିକୁ ଲଗାଇ ଲଗାଇ ରଖ , ଯେପରି ସେଗୁଡ଼ିକ ମଧ୍ୟରେ କୌଣସି ଖାଲିସ୍ଥାନ ବା ଫାଙ୍କା ସ୍ଥାନ ନ ରହେ ।
- କେତୋଟି ଗଣିତ ବହି ଦ୍ୱାରା ଟେବୁଲର ଉପର ଭାଗଟି ସଂପୂର୍ଣ୍ଣ ରୂପେ ଘୋଡ଼େଇ ହୋଇ ରହିଲା ?
  ଅର୍ଥାତ ଟେବୁଲର ଉପରି ଭାଗର କ୍ଷେତ୍ରଫଳ = ଗଣିତ ବହି ମଲାଟର କ୍ଷେତ୍ରଫଳ ×........

୨. ସେହିପରି ଗୋଟଏ ପୋଷ୍ଟକାର୍ଡ଼ର ଉପରି ଭାଗକୁ ଦିଆସିଲି ଖୋଳରେ ସଜାଇ ତା'ର କ୍ଷେତ୍ରଫଳ କେତେ ହେବ ନିର୍ଣ୍ଣୟ କର ।

୩. ତୁମ ଗଣିତ ବହିର ମଲାଟ ଉପରେ ଦିଆସିଲି ଖୋଳ ସଜାଅ, ଯେପରି କୌଣସି ଜାଗା ଖାଲି ନ ରହେ ।
ମୋଟ୍‌ରେ କେତୋଟି ଦିଆସିଲି ଖୋଳ ଦ୍ୱାରା ଗଣିତ ବହିର ମଲାଟର ଉପର ପାଖ ଘୋଡ଼େଇ ହୋଇଗଲା ?
ତେଣୁ ବହିର ଉପର ଭାଗର କ୍ଷେତ୍ରଫଳ = ......× ଗୋଟିଏ ଦିଆସିଲ ଖୋଳର ଗୋଟିଏ ପାଖର କ୍ଷେତ୍ରଫଳ ।


## ଅଭ୍ୟାସ କାର୍ଯ୍ୟ

୧. ତଳେ ଦିଆଯାଇଥିବା ଚିତ୍ରଗୁଡ଼ିକ ମଧ୍ୟରୁ ଯାହାର କ୍ଷେତ୍ରଫଳ ନାହିଁ, ତା' ଉପରେ ' ✓ ' ଚିହ୍ନ ଦିଅ ।




୨. ତଳ ଚିତ୍ର ଦୁଇଟି ମଧ୍ୟରୁ ଯାହାର କ୍ଷେତ୍ରଫଳ ଅଧିକ ଜଣାପଡୁଛି, ତାକୁ ରଙ୍ଗ କର ।


କ.




ଖ.




ଗ.




ଘ.




୩. କମ୍ କ୍ଷେତ୍ରଫଳ ଥିବା କ୍ଷେତ୍ରରେ ରଙ୍ଗ ଦିଅ ।

କ. 

ଖ. 

ଗ. 

ଘ. 

୪. ତଳେ କେତେଗୁଡ଼ିଏ ଉକ୍ତି ଦିଆଯାଇଛି । ପରିସୀମା ସହ ସଂପର୍କିତ ଉକ୍ତି ପାଖରେ ଥିବା ଶୂନ୍ୟସ୍ଥାନରେ ପରିସୀମା ଲେଖ, କ୍ଷେତ୍ରଫଳ ସହ ସଂପର୍କିତ ଉକ୍ତି ପାଖରେ ଥିବା ଶୂନ୍ୟସ୍ଥାନରେ କ୍ଷେତ୍ରଫଳ ଲେଖ ।

(କ) କ୍ଷେତ ଚାରିପଟେ ବାଡ଼ ଦେବା ...............................................

(ଖ) କାନ୍ଥକୁ ପୂରା ରଙ୍ଗଦେବା ...............................................

(ଗ) ଘର ଚଟାଣରେ ଟାଇଲ୍ ବିଛାଇବା ...............................................

(ଘ) ବିଲର ସମୁଦାୟ ଯାଗାକୁ ହଳ କରିବା ...............................................

(ଙ) ପୋଖରୀ ହୁଡ଼ା ଚାରିପଟେ ଦୌଡ଼ିବା ...............................................


(ଚ) କଳାପଟାର ପୃଷ୍ଠକୁ ସଫାକରିବା ...............................................


(ଛ) ଅଫିସ୍ ଘରେ କାର୍ପେଟ୍ ବିଛାଇବା ...............................................

(ଜ) ରାସ୍ତାରେ ମୋରମ୍ ବିଛାଇବା ...............................................


(ଝ) ବାରଣ୍ଡାକୁ ସିମେଣ୍ଟ ଚଟାଣ କରିବା ...............................................

୫. ପ୍ରତିଧାଡ଼ିର ଚିତ୍ରଗୁଡ଼ିକ ମଧ୍ୟରୁ ଯେଉଁଟିର କ୍ଷେତ୍ରଫଳ ସବୁଠାରୁ ଅଧିକ ତା' ମଧ୍ୟରେ ୧, ଯେଉଁଟିର ତା'ଠାରୁ କମ୍ ତା' ମଧ୍ୟରେ ୨ ଏବଂ ଯେଉଁଟି ସବୁଠାରୁ କମ୍ ତା' ମଧ୍ୟରେ ୩ ଲେଖ ।


(କ) 

(ଖ) 


(ଗ)



(ଘ)



(ଙ)




୬. ତଳ ଚିତ୍ରର କ୍ଷେତ୍ରଫଳଠାରୁ ଅଧିକ କ୍ଷେତ୍ରଫଳ ହେଉଥିବା ସମାନ ଆକୃତିର ଚିତ୍ର ଆଙ୍କ ।


(କ)




(ଖ)



(ଗ)




(ଘ)



୭. ତଳ ଚିତ୍ରଠାରୁ କମ୍ କ୍ଷେତ୍ରଫଳ ବିଶିଷ୍ଟ ସମାନ ଆକୃତିର ଚିତ୍ର ଆଙ୍କ ଓ ରଙ୍ଗ ଦିଅ ।

(କ)




(ଖ)




(ଗ)




(ଘ)



(ଙ)



(ଚ)



ନିଜେ କରି ଦେଖ ଓ ଉତ୍ତର ଲେଖ ।

- ୧୨ ସେ.ମି. ଦୈର୍ଘ୍ୟ ଓ ୪ସେ.ମି. ପ୍ରସ୍ଥ ବିଶିଷ୍ଟ ଗୋଟିଏ ଆୟତାକୃତି କାଗଜ ପଟି ତିଆରି କର ।
- ୨ସେ.ମି. ବାହୁ ବିଶିଷ୍ଟ କେତେଗୁଡ଼ିଏ ବର୍ଗାକୃତି ପଟି ତିଆରି କର ।
- ତୁମେ ତିଆରି କରିଥିବା ବର୍ଗାକୃତି ପଟିଗୁଡ଼ିକୁ ଆୟତାକୃତି ପଟି ଉପରେ ସଜାଡ଼, ଯେପରି ସେଗୁଡ଼ିକ ମଧ୍ୟରେ କୌଣସି ଫାଙ୍କା ଜାଗା ନ ରହେ ।
- କେତୋଟି ବର୍ଗାକୃତି ପଟି ଦ୍ୱାରା ଆୟତାକୃତି କାଗଜ ପଟି ଘୋଡ଼େଇ ହୋଇଗଲା ?
- ଆୟତାକୃତି କାଗଜ ପଟିର କ୍ଷେତ୍ରଫଳ = (      ) x ବର୍ଗାକୃତି କାଗଜ ପଟିର କ୍ଷେତ୍ରଫଳ ।


# ତ୍ରିମାତ୍ରିକ ବସ୍ତୁ ଚିହ୍ନିବା

7HBQHC

ତଳେ କେତେକ ଘନବସ୍ତୁର ଚିତ୍ର ଦିଆ ହୋଇଛି । ସେଗୁଡ଼ିକର ଆକୃତି ଖାଲି କୋଠରିରେ ଲେଖ ।












ତୁମ ଘରେ ଥିବା ବା ପରିବେଶରୁ ମିଳୁଥିବା ନିମ୍ନଲିଖିତ ବସ୍ତୁଗୁଡ଼ିକୁ ସଂଗ୍ରହ କର ।

ପୁରୁଣା ଟର୍ଚ୍ଚ ବ୍ୟାଟେରୀ, ଦିଆସିଲି ଖୋଳ, ଲୁଡୁ ଗୋଟି, ବଲ୍, କ୍ରିକେଟ୍ ଷ୍ଟମ୍ପ, ଜ୍ୟାମିତି ବାକ୍ସ, ରବର ।

ଏହି ଘନ ବସ୍ତୁଗୁଡ଼ିକୁ ଭଲ ଭାବରେ ଲକ୍ଷ୍ୟ କରି ତଳ ଖାଲି ସ୍ଥାନ ପୂରଣ କର ।

(କ) କେବଳ ସମତଳ ପୃଷ୍ଠ ଥିବା ଘନବସ୍ତୁ ____________


(ଖ) କେବଳ ବକ୍ରତଳ ପୃଷ୍ଠ ଥିବା ଘନବସ୍ତୁ ____________

(ଗ) ଉଭୟ ବକ୍ରତଳ ଓ ସମତଳ ପୃଷ୍ଠ ଥିବା ଘନବସ୍ତୁ ____________

- ଗୋଟିଏ କାଠବାକ୍ସ ନିଅ । ଏହା ହେଉଛି ଆୟତଘନ ଆକୃତିର । ଆୟତଘନ ଆକୃତିର ଆଉ ୫ଟି ଜିନିଷର ନାମ ଲେଖ ।

____________________

ତଳେ ଗୋଟିଏ ଆୟତଘନର ଚିତ୍ର ଦିଆଯାଇଛି । ଏହାକୁ ଲକ୍ଷ୍ୟ କର ଓ ଏହାର ବିଭିନ୍ନ  ଅଂଶକୁ ଚିହ୍ନ ।





ଏହାର ଧାରଗୁଡ଼ିକ ଯେଉଁ ବିନ୍ଦୁରେ ମିଶିଛନ୍ତି ତାହା ହେଉଛି ଆୟତଘନର **ଶୀର୍ଷ** । ଆୟତ ଘନର ପ୍ରତ୍ୟେକ ପାଖ ହେଉଛି ଏହାର ପାର୍ଶ୍ୱ ବା ପୃଷ୍ଠ ।

ଗଣି ଲେଖ– ଆୟତଘନର ଶୀର୍ଷସଂଖ୍ୟା କେତେ ? ______________________

ଏହାର ଧାର ସଂଖ୍ୟା କେତେ ? ______________________

ଏହାର ପାର୍ଶ୍ୱ ସଂଖ୍ୟା କେତେ ? ______________________

- ତୁମେ ଲୁଡୁଗୋଟି ଦେଖିଥିବ ଓ ଏହାକୁ ନେଇ ଲୁଡୁ ଖେଳିଥିବ । ଲୁଡୁଗୋଟି ହେଉଛି ସମଘନ ଆକୃତିର । ଲକ୍ଷ୍ୟ କର, ଲୁଡୁଗୋଟିର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ଅଛି । ଏହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାର ପରିମାଣ ସମାନ । ସମଘନ ଆକୃତିର କେତୋଟି ଜିନିଷର ଉଦାହରଣ ଦିଅ ।




______________________

ଗଣି ଲେଖ– ସମଘନର ଶୀର୍ଷସଂଖ୍ୟା କେତେ ? ______________________

ଏହାର ଧାର ସଂଖ୍ୟା କେତେ ? ______________________

ଏହାର ପାର୍ଶ୍ୱ ସଂଖ୍ୟା କେତେ ? ______________________

- ତୁମ ବିଦ୍ୟାଳୟରେ ଜ୍ୟାମିତିବାକ୍ସ ଥିବାର ଦେଖିଥିବ । ଏହା ଭିତରେ କାଠ ତିଆରି ଗୋଟିଏ କୋନ୍ ଆକୃତିର ବସ୍ତୁ ଥିବାର ଦେଖିଥିବ । ତୁମେ ମଧ୍ୟ ମାଟିରେ କୋନ୍ ଆକୃତିର ବସ୍ତୁଟିଏ ତିଆରି କରି ପାରିବ । ତୁମ ପରିବେଶରେ ଦେଖୁଥିବା କେତୋଟି କୋନ୍ ଆକୃତି ବିଶିଷ୍ଟ ବସ୍ତୁର ନାମ ଲେଖ ।




______________________

ଗଣି ଲେଖ – କୋନ୍‌ର ଶୀର୍ଷସଂଖ୍ୟା କେତେ ?

ଏହାର ଧାର ସଂଖ୍ୟା କେତେ ?

ଏହାର ପାର୍ଶ୍ୱ ସଂଖ୍ୟା କେତେ ?




- କ୍ରିକେଟ୍ ଖେଳରେ ବ୍ୟବହାର ହେଉଥିବା ବଲ୍ ହେଉଛି ଆଉ ଗୋଟିଏ ପ୍ରକାରର ଘନ ବସ୍ତୁ ।ଏହା ହେଉଛି ଗୋଲକ ଆକୃତିର । ତୁମ ଚାରିପଟେ ଦେଖୁଥିବା ଗୋଲକ ଆକୃତିର ବସ୍ତୁମାନଙ୍କର ଉଦାହରଣ ଦିଅ ।

_______________________________________________

ଲକ୍ଷ୍ୟ କର, ଗୋଲକର ଧାର ଓ ଶୀର୍ଷ ନାହିଁ । ଏହାର କେବଳ ଗୋଟିଏ ବକ୍ର ପୃଷ୍ଠ ଅଛି ।

- ସିଲିଣ୍ଡର ଆକୃତିର ବସ୍ତୁଟିଏ ନିଅ । ଏହାର କେତୋଟି ଧାର ଓ ତଳ ଅଛି ଗଣି ଲେଖ ।

ଧାର ସଂଖ୍ୟା ☐ ତଳ ସଂଖ୍ୟା ☐

ଲକ୍ଷ୍ୟ କର, ସିଲିଣ୍ଡର ଆକୃତିର ବସ୍ତୁର ଶୀର୍ଷ ନ ଥାଏ ।

☞ ନିମ୍ନ ଘନବସ୍ତୁଗୁଡ଼ିକୁ ଲକ୍ଷ୍ୟ କରି ତଳ ସାରଣୀ ପୂରଣ କର ।

| ବସ୍ତୁର ନାମ | କେଉଁ ପ୍ରକାରର ଘନବସ୍ତୁ | ଶୀର୍ଷ ସଂଖ୍ୟା | ଧାର ସଂଖ୍ୟା | ପାର୍ଶ୍ୱ ସଂଖ୍ୟା |
|---|---|---|---|---|
| ଇଟା | | | | |
| ଲୁଡୁଗୋଟି | | | | |
| ଗୁଲିବାଡ଼ି | | | | |
| ଫୁଟବଲ୍ | | | | |
| ଜୋକର ଟୋପି | | | | |



ସମଘନ, ଆୟତଘନ ଓ କୋନ୍‌ର ପାର୍ଶ୍ୱସଂଖ୍ୟା, ଧାରସଂଖ୍ୟା ଓ ଶୀର୍ଷସଂଖ୍ୟା ମଧ୍ୟରେ କ'ଣ ସଂପର୍କ ଅଛି ସ୍ଥିର କର ।

_______________________________________________

ଏହି ଘନବସ୍ତୁମାନଙ୍କର ଶୀର୍ଷସଂଖ୍ୟା ଓ ପାର୍ଶ୍ୱସଂଖ୍ୟାର ସମଷ୍ଟିରୁ ଧାର ସଂଖ୍ୟା ବିୟୋଗ କଲେ ବିୟୋଗଫଳ ୨ ହେବ । କିନ୍ତୁ ସିଲିଣ୍ଡର ଓ ଗୋଲକ ପାଇଁ ଏହି ନିୟମ ପ୍ରଯୁଜ୍ୟ ନୁହେଁ ।

## ଅଭ୍ୟାସ କାର୍ଯ୍ୟ

୧. ଦିଆଯାଇଥିବା ପ୍ରତ୍ୟେକ ବସ୍ତୁର ଚିତ୍ରପାଖରେ ତା'ର ପାର୍ଶ୍ୱ ସଂଖ୍ୟା, ଧାର ସଂଖ୍ୟା ଓ ଶୀର୍ଷ ସଂଖ୍ୟା ଲେଖ।

| ବସ୍ତୁ | ପାର୍ଶ୍ୱସଂଖ୍ୟା | ଧାରସଂଖ୍ୟା | ଶୀର୍ଷସଂଖ୍ୟା |
|---|---|---|---|
|  | | | |
|  | | | |
|  | | | |
|  | | | |
|  | | | |

୨. ଉତ୍ତର ଲେଖ।

କ) କେଉଁ ଘନବସ୍ତୁର ଶୀର୍ଷ ନାହିଁ ? ________________

ଖ) କେଉଁ ଘନବସ୍ତୁର ଗୋଟିଏ ମାତ୍ର ଧାର ଅଛି ? ________________

ଗ) କେଉଁ ଘନବସ୍ତୁର ତିନୋଟି ପାର୍ଶ୍ୱ ଅଛି ? ________________

ଘ) କେଉଁ ଘନବସ୍ତୁର ଗୋଟିଏ ପାର୍ଶ୍ୱ ଅଛି ? ________________

ଙ) କେଉଁ ଘନବସ୍ତୁର ଗୋଟିଏ ଶୀର୍ଷ ଅଛି ? ________________

ଚ) କେଉଁ ଘନବସ୍ତୁର କେବଳ ଦୁଇଟି ଧାର ଅଛି ? ________________

ଛ) କେଉଁ କେଉଁ ଘନବସ୍ତୁର ଉଭୟ ବକ୍ରତଳ ଓ ସମତଳ ଅଛି ? ________________

ଜ) କେଉଁ ଘନବସ୍ତୁର କେବଳ ସମତଳ ଅଛି ? ________________

ଝ) କେଉଁ ଘନବସ୍ତୁର ଗୋଟିଏ ବକ୍ରତଳ ଓ ଗୋଟିଏ ସମତଳ ଅଛି ? ________________

୩. ଗୋଟିଏ ସମଘନ, ଆୟତଘନ, କୋନ୍, ଗୋଲକ ଓ ସିଲିଣ୍ଡରର ଚିତ୍ର ଅଙ୍କନ କର।

# ପାଠ-୭ ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ବ୍ୟବହାର କରିବା

ବିଦ୍ୟାଳୟ ହତାରେ ଆମ୍ବଗଛଗୁଡ଼ିଏ ଥାଏ । ପିଲାମାନେ ଶିକ୍ଷକଙ୍କ ସହିତ ଆମ୍ବଗଛ ପାଖକୁ ଗଲେ । ଆମ୍ବ ତୋଳା ହେଲା । ଆମ୍ବଗୁଡ଼ିକ ଗଣିବା ପାଇଁ ଶିକ୍ଷକ ପିଲାମାନଙ୍କୁ କହିଲେ । ପିଲାମାନେ ବସି ସ୍ଥିର କଲେ, ପ୍ରତ୍ୟେକ ଝୁଡ଼ିରେ ୧୦୦ଟି ଲେଖାଏଁ ଆମ୍ବ ରଖିବେ । ପିଲାମାନେ ଝୁଡ଼ିରେ ଆମ୍ବ ରଖିଲେ ଓ ଗଣିଲେ ।

7HKLIZ

କେଉଁ ଧାଡ଼ିରେ କେତୋଟି ଆମ୍ବ ଅଛି ନିଜେ ଗଣି ଲେଖ-



= ଏକ ଶହ = ୧୦୦



= .....ଶହ = ........



= .....ଶହ = ........



= .....ଶହ = ........



= .....ଶହ = ........



= .....ଶହ = ........




= .....ଶହ = ........



= .....ଶହ = ........



= .....ଶହ = ........



= .....ଶହ = ........


ଜାଣି ରଖ : ୧୦ ଶହକୁ ୧ ହଜାର ବା ୧ ସହସ୍ର ବୋଲି କୁହାଯାଏ, ୧୦ ଶହ = ୧ ହଜାର

ଏକ ହଜାରକୁ ୧୦୦୦ ଭାବେ ଲେଖାଯାଏ ।

ଏବେ କହ- ଗୋଟିଏ ହଜାର ଟଙ୍କିଆ ନୋଟ୍ ବଦଳରେ କେତୋଟି ୧୦୦ଟଙ୍କିଆ ନୋଟ୍ ମିଳିବ ?

ଗୋଟଏ ହଜାର ଟଙ୍କିଆ ନୋଟ୍ ବଦଳରେ କେତୋଟି ୧୦ଟଙ୍କିଆ ନୋଟ୍ ମିଳିବ ?


ନିମ୍ନରେ ଦିଆଯାଇଥିବା ଚିତ୍ରକୁ ଲକ୍ଷ୍ୟ କର :




= ୧ ଦଶ ବା ୧୦




= ୧ ଶହ ବା ୧୦୦




= ୧ ହଜାର ବା ୧୦୦୦

କ'ଣ ପାଇଲ ?





- ଦଶଟି ଗୋଟିକିଆ କାଠିକୁ ବାନ୍ଧିଲେ ଗୋଟିଏ ୧୦ଟିକିଆ କାଠିବିଡ଼ା ହେବ।
- ସେହିପରି ୧୦ଟି ୧୦ ଟିକିଆ କାଠି ବିଡ଼ାକୁ ବାନ୍ଧିଲେ ଗୋଟିଏ ୧୦୦ଟିକିଆ କାଠିବିଡ଼ା ହେବ।
- ୧୦ଟି ୧୦୦ ଟିକିଆ କାଠି ବିଡ଼ାକୁ ବାନ୍ଧିଲେ ଗୋଟିଏ ୧ ହଜାର ଟିକିଆ କାଠି ବିଡ଼ା ହେବ।
- ଅର୍ଥାତ୍ ୧୦ଟି ୧୦୦ମଶିଲେ ୧୦୦୦ (ଏକ ହଜାର) ହେବ।

☞ ନିଜେ ପୂରଣ କର :





| | | |
|---|---|---|
| • ୧୦ ଶହ | = ୧ ହଜାର | ବା ଏକ ହଜାର (୧୦୦୦) = ..........ଶହ |
| • ୨୦ ଶହ | =........ହଜାର | ବା ଦୁଇ ହଜାର (୨୦୦୦) = ..........ଶହ |
| • ୩୦ ଶହ | =........ହଜାର | ବା ତିନି ହଜାର (୩୦୦୦) = ..........ଶହ |
| • ୪୦ ଶହ | =........ହଜାର | ବା ଚାରି ହଜାର (୪୦୦୦) = ..........ଶହ |
| • ୫୦ଶହ | =........ହଜାର | ବା ପାଞ୍ଚ ହଜାର (୫୦୦୦) = ..........ଶହ |
| • ୬୦ଶହ | =........ହଜାର | ବା ଛଅ ହଜାର (୬୦୦୦) = ..........ଶହ |
| • ୭୦ଶହ | =........ହଜାର | ବା ସାତ ହଜାର (୭୦୦୦) = ..........ଶହ |
| • ୮୦ଶହ | =........ହଜାର | ବା ଆଠ ହଜାର (୮୦୦୦) = ..........ଶହ |
| • ୯୦ଶହ | =........ହଜାର | ବା ନଅ ହଜାର (୯୦୦୦) = ..........ଶହ |


ଗଣି ଲେଖ।

| | ସଂଖ୍ୟା ସଙ୍କେତ | ସଂଖ୍ୟା ନାମ |
|---|---|---|
|  | ୧୦୦୦ | ଏକ ହଜାର |
|  | .................... | .................... |

| | ସଂଖ୍ୟା ସଙ୍କେତ | ସଂଖ୍ୟା ନାମ |
|---|---|---|
|  | ............... | ............... |
|  | ............... | ............... |
|  | ............... | ............... |
|  | ............... | ............... |
|  | ............... | ............... |
|  | ............... | ............... |
|  | ............... | ............... |


☞ ଗଣ, ସଂଖ୍ୟା ନାମ ଓ ସଂଖ୍ୟା ସଙ୍କେତ ଲେଖ

| | | | ସଂଖ୍ୟାର ନାମ | | ସଂଖ୍ୟା ସଙ୍କେତ |
|---|---|---|---|---|---|
| ଯେପରି |  | = | ଏକ ହଜାର ଏକ | = | ୧୦୦୧ |
| |  | | | | |
| |  | | | | |
| |  | | | | |
| |  | | | | |
| |  | | | | |


| | ସଂଖ୍ୟାର ନାମ | ସଂଖ୍ୟା ସଙ୍କେତ |
|---|---|---|
|  | =.................. | =...................... |
|  | = .................. | = ...................... |
|  | = .................. | = ...................... |

## ଅଭ୍ୟାସ କାର୍ଯ୍ୟ

୧. (କ) ବ୍ୟାଙ୍କ ଚେକ୍‌ରେ ଟଙ୍କାକୁ ଅଙ୍କରେ ଲେଖାଯାଇଛି । ଦିଆଯାଇଥିବା ସ୍ଥାନରେ ଅକ୍ଷରରେ ଲେଖ ।





(ଖ)




୨. (କ) ବ୍ୟାଙ୍କ ଚେକ୍‌ରେ ଟଙ୍କାକୁ ଅକ୍ଷରରେ ଲେଖାଯାଇଛି । ଦିଆଯାଇଥିବା ସ୍ଥାନରେ ତୁମେ ଅଙ୍କରେ ଲେଖ ।




(ଖ)



୨. ସାରଣୀ 'କ' ଓ 'ଖ' ରେ ଚାରିଅଙ୍କ ବିଶିଷ୍ଟ କିଛି ସଂଖ୍ୟା ଲେଖାଯାଇଛି । ସେଗୁଡ଼ିକୁ କ'ଣ ବୋଲି ପଢ଼ିବା, ପ୍ରତ୍ୟେକ ସଂଖ୍ୟାର ଡାହାଣ ପାଖରେ ଲେଖ ।

'କ'

| ସଂଖ୍ୟା | ସଂଖ୍ୟା ନାମ |
|---|---|
| ୧୦୦୧ | ଏକ ହଜାର ଏକ |
| ୧୦୦୨ | |
| ୧୦୦୩ | |
| ୧୦୦୪ | |
| ୧୦୦୫ | |
| ୧୦୦୬ | |
| ୧୦୦୭ | |
| ୧୦୦୮ | |
| ୧୦୦୯ | |
| ୧୦୧୦ | |

'ଖ'

| ସଂଖ୍ୟା | ସଂଖ୍ୟା ନାମ |
|---|---|
| ୧୦୭୦ | |
| ୨୧୦୦ | |
| ୨୨୯୯ | |
| ୪୦୦୦ | |
| ୫୮୪୧ | |
| ୬୫୦୧ | |
| ୭୦୩୨ | |
| ୮୨୩୦ | |
| ୯୦୯୦ | |
| ୯୯୯୯ | |

୩. କେଉଁ ଧାଡ଼ିରେ କେତୋଟି କାଠି ଅଛି ଲେଖ, କାଠି ସଂଖ୍ୟାକୁ ଅକ୍ଷରରେ ଲେଖ ।



୪)　ଖାଲି ଘର ପୂରଣ କର -

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୯୯୬ | ୯୯୭ | | | | | ୧୦୦୨ | | | | | | ୧୦୦୮ |
| ୧୦୦୯ | | | | | | | | | | | ୧୦୨୦ | |
| | | | | | | ୧୦୨୮ | | | | | | |
| ୧୦୩୫ | | | | | | | | | | | ୧୦୪୬ | |
| | | | | ୧୦୫୧ | | | | | | | | |
| ୧୦୬୧ | | | | | | | | | ୧୦୭୦ | | | |
| | | | | | | | ୧୦୮୦ | | | ୧୦୮୩ | | |
| | | | ୧୦୮୯ | | | | | | | | | |
| ୧୧୦୦ | | | | | | | ୧୧୦୭ | | ୧୧୦୯ | | | |

୫.　ଲେଖାଥିବା ସଂଖ୍ୟାଗୁଡ଼ିକୁ ଦେଖ । ସେହିପରି ଖାଲି ଥିବା ଘରେ ସଂଖ୍ୟା ଲେଖ ।

| | | | | | | |
|---|---|---|---|---|---|---|
| ୧୭୨୪ | ୧୭୨୫ | | ୧୭୨୭ | | ୧୭୨୯ | |
| ୨୫୦୦ | | | | | ୨୫୦୪ | ୨୫୦୬ |
| ୩୩୩୧ | | | | | | ୩୩୩୭ |
| | | | | ୪୦୦୨ | | |
| | | | | | | ୫୭୮୩ |
| ୭୦୧୦ | | | | | | |
| | | ୮୦୫୦ | | | | |
| ୯୧୮୫ | | | | | | |
| ୯୧୯୪ | | | | | | |

୬. ତଳେ ପାଞ୍ଚଟି ଗ୍ରାମପଞ୍ଚାୟତର ଲୋକସଂଖ୍ୟା ଦିଆଯାଇଛି । ସେହି ସଂଖ୍ୟାଗୁଡ଼ିକର ନାମ ଲେଖ ।

| ପଞ୍ଚାୟତର ନାମ | ଲୋକସଂଖ୍ୟା | ସଂଖ୍ୟାର ନାମ |
|---|---|---|
| ଗୋବିନ୍ଦପୁର | ୫୦୦୩ | ପାଞ୍ଚ ହଜାର ତିନି |
| ଖିଲାପଦର | ୬୮୪୦ | |
| ରାମେଶ୍ୱର | ୭୩୬୭ | |
| ଚକ୍ରଧରପୁର | ୮୪୫୫ | |
| ଚିଟିଣ୍ଡା | ୯୧୩୮ | |

୭. ଯେ କୌଣସି ୫ଟି ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର ଯାହାର ପ୍ରତ୍ୟେକ ଅଙ୍କ ସମାନ । ଗଠନ କରିଥିବା ସଂଖ୍ୟାଗୁଡ଼ିକୁ ଅକ୍ଷରରେ ଲେଖ ।

୮.

| | | |
|---|---|---|
| ୧ | ୨ | ୩ |
| ୪ | ୫ | ୬ |
| ୭ | ୮ | ୯ |

ପାଖ ଟେବୁଲ୍‌ରୁ ଅଙ୍କ ନେଇ ଯେତେ ପାରୁଛ ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ତିଆରି କର । ତୁମେ ତିଆରି କରିଥିବା ସଂଖ୍ୟା ମଧ୍ୟରୁ ସବୁଠାରୁ ବଡ଼ ଓ ସବୁଠାରୁ ସାନ ସଂଖ୍ୟାକୁ ଅକ୍ଷରରେ ଲେଖ ।

୯.କ) ୧୦ ଲେଖାଏଁ ଅଧିକ କରି ଲେଖିବା ।

୧୧୨୦, _____, _____, _____, _____, _____

୧୫୨୯, _____, _____, _____, _____, _____

୪୭୫୫, _____, _____, _____, _____, _____

୮୯୯୯, _____, _____, _____, _____, _____

ଖ) ୫୦ ଲେଖାଏଁ ଅଧିକ କରି ଲେଖିବା ।

୧୨୫୦, _____, _____, _____, _____, _____

୧୦୦୦, _____, _____, _____, _____, _____

୬୩୩୩, _____, _____, _____, _____, _____

୮୯୯୦, _____, _____, _____, _____, _____

୩୦୦୬, _____, _____, _____, _____, _____

ଗ) ୧୦୦ ଲେଖାଏଁ ଅଧିକ କରି ଲେଖ ।

୨୧୦୦, ______, ______, ______, ______, ______

୫୩୫୦, ______, ______, ______, ______, ______

୯୩୪୩, ______, ______, ______, ______, ______

୬୨୨୨, ______, ______, ______, ______, ______

ଘ) ୧୦୦୦ ଲେଖାଏଁ ଅଧିକ କରି ଲେଖ ।

୨୦୦୦, ______, ______, ______, ______, ______

୩୧୧୫, ______, ______, ______, ______, ______

୨୪୭୯, ______, ______, ______, ______, ______

୧୧୧୧, ______, ______, ______, ______, ______

୧୦. ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ଗଠନ କର, ଯେଉଁ ସଂଖ୍ୟାରେ ଅଙ୍କମାନଙ୍କର ସମଷ୍ଟି ୮ ହେବ ।

ଯେପରି– ୨୩୨୧, ଲକ୍ଷ୍ୟ କର ୨୩୨୧ର ଅଙ୍କର ସମଷ୍ଟି ୨+୩+୨+୧=୮

ତୁମେ ଏପରି କେତୋଟି ସଂଖ୍ୟା ତିଆରି କରି ପାରିଲ । ତୁମେ ତିଆରି କରିଥିବା ସଂଖ୍ୟାଗୁଡ଼ିକର ସଂଖ୍ୟାନାମ ଲେଖ ।

୧୧. (କ) ଶତକ ଘରେ କେବଳ ୩ ଥିବା ୫ଟି ଚାରି ଅଙ୍କବିଶିଷ୍ଟ ସଂଖ୍ୟା ଲେଖ ।

(ଖ) ହଜାର ଘରେ ୬ ଥିବା ୫ଟି ଚାରି ଅଙ୍କବିଶିଷ୍ଟ ସଂଖ୍ୟା ଲେଖ ।

(ଗ) ଦଶକ ଘରେ ୯ ଓ ହଜାର ଘରେ ୧ ଥାଇ ଚାରି ଅଙ୍କବିଶିଷ୍ଟ ୫ଟି ସଂଖ୍ୟା ଲେଖ ।

(ଘ) ପାଞ୍ଚଟି ଚାରି ଅଙ୍କବିଶିଷ୍ଟ ସଂଖ୍ୟା ଲେଖ, ଯାହାର ଶତକ ଘରେ ୦ ଥିବ ।

(ଙ) ଶତକ ଘରେ ୫ ଓ ଏକକ ଘରେ ୬ ଥିବା ତିନୋଟି ଚାରି ଅଙ୍କବିଶିଷ୍ଟ ସଂଖ୍ୟା ଲେଖ ।

୧୨. ବବିତା କେତେଗୁଡ଼ିଏ ସଂଖ୍ୟା ଲେଖି ରଖିଥିଲା । ତା' ସାନ ଭାଇ ଗୁଲୁ ସେହି ସଂଖ୍ୟାଗୁଡ଼ିକୁ ଓଲଟାଇ ଲେଖିଲା । ଗୁଲୁ କ'ଣ ଲେଖିଲା ତାହା ତଳେ ଦିଆଯାଇଛି ।

| | | | |
|---|---|---|---|
| ୧୦୫୭ | ୪୦୦୮ | ୧୭୧୭ | ୮୩୩୮ |
| ୬୯୦୩ | ୨୨୨୨ | ୭୭୨୨ | ୪୩୩୪ |

ଗୁଲୁ ଲେଖିଥିବା ସଂଖ୍ୟାଗୁଡ଼ିକୁ ଦେଖି ବବିତା ଲେଖିଥିବା ସଂଖ୍ୟାଗୁଡ଼ିକୁ ଅକ୍ଷରରେ ଲେଖ ।

## ଗୋଟିଏ ଅଙ୍କ ମାତ୍ର ଭିନ୍ନ ମୂଲ୍ୟ

ନୟାଗଡ଼ ସହରର ଜଣେ କୋଳି ବ୍ୟବସାୟୀ ରମେଶ । ପ୍ରତି ବର୍ଷ ତାଙ୍କର ଭଲ କୋଳି ବ୍ୟବସାୟ ହୁଏ । ରମେଶ କୋଳିଗୁଡ଼ିକୁ ବିଭିନ୍ନ ଡାଲାରେ ରଖନ୍ତି ଓ ପରେ ବିକ୍ରି କରନ୍ତି । ଛଅ ଦିନରେ ରମେଶ କେଉଁ ଦିନ କେତେ କୋଳି ବିକ୍ରି କରିଛନ୍ତି ଗଣି ଲେଖ ।

| ବାରର ନାମ | ବିକ୍ରି ହୋଇଥିବା କୋଳି | କୋଳିସଂଖ୍ୟା |
|---|---|---|
| ସୋମବାର |   | ୨୩୧୫ |
| ମଙ୍ଗଳବାର |   | |
| ବୁଧବାର |   | |
| ଗୁରୁବାର |   | |
| ଶୁକ୍ରବାର |   | |
| ଶନିବାର |   | |

ରମେଶ ସୋମବାର ଦିନ ୨ଟି ୧୦୦୦ଟିକିଆ ଡ଼ାଲା, ୩ଟି ୧୦୦ଟିକିଆ ଡ଼ାଲା, ୧ଟି ୧୦ଟିକିଆ ଡ଼ାଲା ଓ ୫ଟି ଗୋଟିକିଆ କୋଳି ବିକିଲେ । ସେ ମୋଟ୍ ୨୩୧୫ଟି କୋଳି ବିକିଲେ । ଲକ୍ଷ୍ୟ କର, ୨୩୧୫ ସଂଖ୍ୟାର ହଜାର ସ୍ଥାନରେ ୨, ଶତକ ସ୍ଥାନରେ ୩, ଦଶକ ସ୍ଥାନରେ ୧ ଓ ଏକକ ସ୍ଥାନରେ ୫ ଅଛି ।

ଅନ୍ୟ ଦିନ ମାନଙ୍କରେ କେତୋଟି ଲେଖାଏଁ କୋଳି ବିକ୍ରି ହୋଇଛି ହିସାବ କରି ଲେଖ । ତମେ ପାଇଥିବା ପ୍ରତ୍ୟେକ ସଂଖ୍ୟାର ହଜାର, ଶତକ, ଦଶକ ଓ ଏକକ ସ୍ଥାନରେ ଥିବା ଅଙ୍କଗୁଡ଼ିକୁ ଚିହ୍ନାଅ ।

ଶିକ୍ଷକଙ୍କ ପାଇଁ ସୂଚନା-ପିଲାମାନଙ୍କୁ ଦଳରେ ବସାଇବେ। ପ୍ରତି ଦଳ ପାଇଁ ୧୦୦୦ ଲେଖାଥିବା ଲାଲ୍ ରଙ୍ଗର ୯ଟି, ୧୦୦ ଲେଖାଥିବା କଳାରଙ୍ଗର ୯ଟି, ୧୦ ଲେଖାଥିବା ହଳଦିଆ ରଙ୍ଗର ୯ଟି ଓ ୧ ଲେଖାଥିବା ଧଳାରଙ୍ଗର ୯ଟି ଏହିପରି ମୋଟ୍ ୩୬ଟି କାର୍ଡ଼କୁ ଗୋଟିଏ ମୁଣିରେ ରଖିବେ। ପିଲାମାନେ ଜଣ ଜଣ କରି ୯ଟି ଲେଖାଏଁ କାର୍ଡ଼ ନେବେ ଓ ନିମ୍ନରେ ଦିଆଯାଇଥିବା ସାରଣୀ ପୂରଣ କରିବେ।

| ୧୦୦୦ ସଂଖ୍ୟାକାର୍ଡ଼ | ୧୦୦ ସଂଖ୍ୟାକାର୍ଡ଼ | ୧୦ ସଂଖ୍ୟାକାର୍ଡ଼ | ୧ ସଂଖ୍ୟାକାର୍ଡ଼ | ସଂଖ୍ୟା | ସଂଖ୍ୟାନାମ |
|---|---|---|---|---|---|
| ୪ | ୨ | ୨ | ୧ | ୪୨୨୧ | ଚାରି ହଜାର ଦୁଇଶହ ଏକୋଇଶି |
| | | | | | |
| | | | | | |

ପ୍ରତ୍ୟେକ ଅଙ୍କର ମୂଲ୍ୟ ସଂଖ୍ୟାରେ ଏହାର ସ୍ଥାନ ଉପରେ ନିର୍ଭର କରେ। ସଂଖ୍ୟାରେ ସ୍ଥାନ ଅନୁସାରେ ଅଙ୍କର ମୂଲ୍ୟ ଭିନ୍ନ ହୋଇଥାଏ। ଏହାକୁ ସ୍ଥାନୀୟ ମାନ କୁହାଯାଏ।

୪୨୨୧ ରେ ୪ ଅଙ୍କଟି ସଂଖ୍ୟାର ହଜାର ସ୍ଥାନରେ ଅଛି, ତେଣୁ ତା'ର ମୂଲ୍ୟ ୪୦୦୦,

୨ ଅଙ୍କଟି ସଂଖ୍ୟାର ଶତକ ସ୍ଥାନରେ ଅଛି, ତେଣୁ ତା'ର ମୂଲ୍ୟ ୨୦୦,

୨ ଅଙ୍କଟି ସଂଖ୍ୟାର ଦଶକ ସ୍ଥାନରେ ଅଛି, ତେଣୁ ତା'ର ମୂଲ୍ୟ ୨୦,

୧ ଅଙ୍କଟି ସଂଖ୍ୟାର ଏକକ ସ୍ଥାନରେ ଅଛି, ତେଣୁ ତା'ର ମୂଲ୍ୟ ୧।

ଏହାକୁ ଏପରି ମଧ୍ୟ ଲେଖାଯାଇପାରେ-

୪୨୨୧ = ୪୦୦୦ + ୨୦୦ + ୨୦ + ୧

☞ ନିଜେ ଲେଖ :-

(କ) ୮୭୩୨ ରେ ୮ର ମୂଲ୍ୟ =......... ୭ର ମୂଲ୍ୟ = .............

୩ର ମୂଲ୍ୟ = ............ ୨ରମୂଲ୍ୟ =.............

(ଖ) ୫୩୭୨ରେ ବିଭିନ୍ନ ଅଙ୍କର ମୂଲ୍ୟ କେତେ ?

(ଗ) ଶତକ ସ୍ଥାନରେ ୩, ଦଶକ ସ୍ଥାନରେ ୨, ହଜାର ସ୍ଥାନରେ ୧ ଓ ଏକକ ସ୍ଥାନରେ ୬ ଥିବା ସଂଖ୍ୟାଟି କେତେ ?

(ଘ) ୯୦୦୧ ରେ ବିଭିନ୍ନ ଅଙ୍କର ସ୍ଥାନୀୟମାନ କେତେ ?

(ଙ) ୨୩୪୫ରେ ୪ ଓ ୫ ମଧ୍ୟରୁ କାହାର ମୂଲ୍ୟ ଅଧିକ ?

### ତୁମ ପାଇଁ କାମ :

- ତୁମେ କଣ୍ଢାମାଟିରେ ଏକ ଆୟତଘନାକୃତି ଜିନିଷଟିଏ ପ୍ରସ୍ତୁତ କର।
- ଏହା ଉପରେ '୪'ଟି ବଡ଼ କାଠି ପୋତ। ପ୍ରତ୍ୟେକ କାଠି ଉପରେ ୯ଟି ଗୋଲି / ମାଳି ରଖ। ଅବଶିଷ୍ଟ ଉଚ୍ଚ କାଠିକୁ ଭାଙ୍ଗିଦିଅ। ଡାହାଣପଟୁ ବାମକୁ ଏକକ, ଦଶକ, ଶତକ ଓ ହଜାର କାଗଜ ପଟିକୁ କାଠି ତଳେ ଅଠାରେ ଲଗାଅ।




- ଏବେ ପ୍ରତ୍ୟେକ କାଠିରେ ଥିବା ଗୋଲ୍‌ଗୁଡ଼ିକୁ ବାହାର କରିଦିଅ।
- ତୁମର ସାଙ୍ଗକୁ କହ ଯେ- ସେ ପ୍ରତ୍ୟେକ କାଠିରେ ତା'ର ଇଚ୍ଛା ଅନୁଯାୟୀ କେତୋଟି ଲେଖାଏଁ ଗୋଲି ରଖୁ।
- ସେ ରଖିଥିବା ଗୋଲି ଅନୁଯାୟୀ କେଉଁ ସଂଖ୍ୟାଟି ହେଉଛି ତୁମେ ଲେଖ।
- ଏହିପରି ତୁମେ ପ୍ରତ୍ୟେକ କାଠିରେ କିଛି ଗୋଲି ରଖ ଓ କେଉଁ ସଂଖ୍ୟା ହେଲା ତୁମ ସାଙ୍ଗକୁ ପଚାର।

## ଅଭ୍ୟାସ କାର୍ଯ୍ୟ

୧.

| | | |
|---|---|---|
| ୧ | ୨ | ୪ |
| ୫ | ୬ | ୭ |
| ୦ | ୮ | ୯ |


ସାରଣୀରେ ଥିବା ଅଙ୍କମାନଙ୍କୁ ବ୍ୟବହାର କରି ସଂଖ୍ୟା ଗଢ଼। ତଳ ଚାରିଅଙ୍କ ବିଶିଷ୍ଟ ସଂଖ୍ୟା କୋଠରି ମଧ୍ୟରେ ସେଗୁଡ଼ିକୁ ଲେଖ ଓ ସାରଣୀ ପୂରଣ କର।

| ସଂଖ୍ୟା | ହଜାର ସ୍ଥାନର ଅଙ୍କ | ଶତକ ସ୍ଥାନର ଅଙ୍କ | ଦଶକ ସ୍ଥାନର ଅଙ୍କ | ଏକକ ସ୍ଥାନର ଅଙ୍କ | ବିସ୍ତାରିତ ରୂପ |
|---|---|---|---|---|---|
| | | | | | |

୨. 'କ' ଧାଡ଼ିର ଗଣନ ପଟାରେ ଥିବା ଗୋଲି ଦେଖି ସଂଖ୍ୟା ଲେଖ ଓ 'ଖ' ଧାଡ଼ିର ଗଣନ ପଟାରେ ଲେଖାଥିବା ସଂଖ୍ୟା ଦେଖି ଗୋଲି ଆଙ୍କ।


ଯେପରି –

'କ' ଧାଡ଼ି:



| ହଜାର | ଶହ | ଦଶ | ଏକ | ହଜାର | ଶହ | ଦଶ | ଏକ | ହଜାର | ଶହ | ଦଶ | ଏକ |
|---|---|---|---|---|---|---|---|---|---|---|---|
| | | | | | | | | | | | |

'ଖ' ଧାଡ଼ି:



| ହଜାର | ଶହ | ଦଶ | ଏକ | ହଜାର | ଶହ | ଦଶ | ଏକ | ହଜାର | ଶହ | ଦଶ | ଏକ |
|---|---|---|---|---|---|---|---|---|---|---|---|
| ୬ | ୧ | ୨ | ୭ | ୨ | ୮ | ୫ | ୧ | ୫ | ୦ | ୭ | ୩ |

୩.(କ) ବାମ ପାଖରେ ଥିବା ସଂଖ୍ୟା ଦେଖି ସ୍ଥାନୀୟମାନ ସାରଣୀ ପୂରଣ କର।

| ସଂଖ୍ୟା ସଂକେତ | ସହସ୍ର ବା ହଜାର | ଶତକ | ଦଶକ | ଏକକ | ସଂଖ୍ୟାର ନାମ |
|---|---|---|---|---|---|
| ୧୩୨୭ | ୧ | ୩ | ୨ | ୭ | ଏକ ହଜାର ତିନି ଶହ ସତେଇଶି |
| ୩୮୧୨ | | | | | |
| | | | | | ତିନି ହଜାର ଅଣଷଠି |
| | ୫ | ୬ | ୦ | ୯ | |
| | | | | | ନଅ ହଜାର ଆଠ ଶହ ଅଠାଅଶି |
| ୯୦୦୫ | | | | | |
| ୪୦୮୯ | | | | | |
| ୯୦୩୭ | | | | | |

ଖ) ତଳ ଖାଲି ଘରଗୁଡ଼ିକୁ ପୂରଣ କର ।

ଯେପରି

୨୧୫୧ = ☐ ହଜାର + ☐ ଶହ + ☐ ଦଶ + ☐ ଏକ

୪୩୨୧ = ☐ ହଜାର + ☐ ଶହ + ☐ ଦଶ + ☐ ଏକ

୬୫୮୦ = ☐ ହଜାର + ☐ ଶହ + ☐ ଦଶ + ☐ ଏକ

୩୯୪୨ = ☐ ହଜାର + ☐ ଶହ + ☐ ଦଶ + ☐ ଏକ

୪୦୮୯ = ☐ ହଜାର + ☐ ଶହ + ☐ ଦଶ + ☐ ଏକ

୯୯୯୯ = ☐ ହଜାର + ☐ ଶହ + ☐ ଦଶ + ☐ ଏକ

୪. ଦିଆଯାଇଥିବା ସଂଖ୍ୟାକୁ ବିସ୍ତାର କରି ଲେଖ ।

ଯେପରି ୫୨୪୯ = ୫୦୦୦+୨୦୦+୪୦+୯

୨୯୧୫, ୨୬୨୪, ୪୦୬୭, ୭୪୩୪, ୮୦୬୩, ୯୮୮୫

୫. ସଂଖ୍ୟା ସଙ୍କେତ ଦ୍ୱାରା ଖାଲି ଘର ପୂରଣ କର । ଯେପରି :-

୪୦୦୦ + ୩୦୦ + ୨୦ + ୩ = ୪୩୨୩

| | |
|---|---|
| ୫୦୦୦ + ୨୦୦ + ୦ + ୫ = ☐ | ୫୦୦୦ + ୨୦୦ + ୪୦ + ୭ = ☐ |
| ୩୦୦୦ + ୦ + ୯୦ + ୭ = ☐ | ୮୦୦୦ + ୦ + ୯୦ + ୦ = ☐ |
| ୭୦୦୦ + ୦ + ୦ + ୫ = ☐ | ୬୦୦୦ + ୬୦୦ + ୬୦ + ୬ = ☐ |
| ୪୦୦୦ + ୮୦୦ + ୪୦ + ୫ = ☐ | ୯୦୦୦ + ୦ + ୭୦ + ୮ = ☐ |

୬. ପ୍ରତ୍ୟେକ ସଂଖ୍ୟାରେ ଥିବା ଅଙ୍କ ୭ର ସ୍ଥାନୀୟମାନ ଖାଲି ସ୍ଥାନରେ ଲେଖ ।

(କ)୪୭୨୧ ରେ ଅଙ୍କ ୭ ର ମାନ ________, ଏଠାରେ ୭ ଶତକ ସ୍ଥାନରେ ଅଛି ।

(ଖ)୭୮୫୨ ରେ ଅଙ୍କ ୭ ର ମାନ ________, ଏଠାରେ ୭ ________ ସ୍ଥାନରେ ଅଛି ।

(ଗ)୪୩୨୭ ରେ ଅଙ୍କ ୭ ର ମାନ ________, ଏଠାରେ ୭ ________ ସ୍ଥାନରେ ଅଛି ।

(ଘ)୯୬୭୩ ରେ ଅଙ୍କ ୭ ର ମାନ ________, ଏଠାରେ ୭ ________ ସ୍ଥାନରେ ଅଛି ।


୭.(କ) କେବଳ ୫, ୨, ୭ , ୪ ଅଙ୍କଗୁଡ଼ିକୁ ଥରେ ମାତ୍ର ବ୍ୟବହାର କରି ଚାରିଅଙ୍କ ବିଶିଷ୍ଟ ଯେତେ ସଂଖ୍ୟା ଗଠିତ ହୋଇପାରୁଛି ସେଗୁଡ଼ିକୁ ଲେଖ ।


(ଖ) କେବଳ ୩ , ୫, ୭ ଅଙ୍କଗୁଡ଼ିକୁ ବ୍ୟବହାର କରି ଚାରି ଅଙ୍କ ବିଶିଷ୍ଟ ସଂଖ୍ୟା ଯେତେ ହୋଇପାରେ ଲେଖ । ଅଙ୍କଗୁଡ଼ିକୁ ଏକାଧିକ ଥର ବ୍ୟବହାର କରାଯାଇପାରେ ।

୮.(କ) ୧୯୦୨ ରେ ୧ ଓ ୯ ମଧ୍ୟରେ କାହାର ମୂଲ୍ୟ ଅଧିକ ? କାହିଁକି ?

(ଖ) ୧୦୨୯ ରେ ୧ ଓ ୯ ମଧ୍ୟରେ କାହାର ମୂଲ୍ୟ ଅଧିକ ? କାହିଁକି ?

(ଗ) ୧୦୨୪ ରେ ୧ ଓ ୯୦୨୪ ରେ ୯ ମଧ୍ୟରେ କାହାର ମୂଲ୍ୟ ଅଧିକ ? କାହିଁକି ?

୯.  ମଧ୍ୟରେ ଥିବା ଅଙ୍କର ମୂଲ୍ୟ ୧୦୦୦,  ମଧ୍ୟରେ ଥିବା ଅଙ୍କର ମୂଲ୍ୟ ୧୦୦,  ମଧ୍ୟରେ ଥିବା ଅଙ୍କର ମୂଲ୍ୟ ୧୦ ଓ  ମଧ୍ୟରେ ଥିବା ଅଙ୍କର ମୂଲ୍ୟ ୧ ।





ପ୍ରତି ଥରରେ ବର୍ଗଚିତ୍ର, ଆୟତଚିତ୍ର, ତ୍ରିଭୁଜ ଓ ବୃତ୍ତ ମଧ୍ୟରୁ ଯେ କୌଣସି ଅଙ୍କ ଆଣି ଚାରି ଅଙ୍କ ବିଶିଷ୍ଟ ସଂଖ୍ୟାଟିଏ ତିଆରି କର ।

ଏହିପରି ତୁମେ କେତୋଟି ସଂଖ୍ୟା ତିଆରି କରି ପାରିଲ ?

ପ୍ରତ୍ୟେକ ସଂଖ୍ୟାକୁ ଅକ୍ଷରରେ ଲେଖ ।

# ପାଠ-୮ ବଡ଼ ଓ ସାନ ସଂଖ୍ୟା ଚିହ୍ନିବା

ଜଙ୍ଗଲର ରାଜା ବାଘ । ବାଘ ରାଜପରିଷଦମାନଙ୍କୁ ନେଇ ସଭା କରୁଥାଏ । ହଠାତ୍ ବିଲୁଆ ଆସି ରାଜାଙ୍କୁ କହିଲା, ‘ଆଜ୍ଞା, ବନ୍ଦରରେ ଦୁଇଟି ଜାହାଜ ଆସି ଲାଗିଛି । ସବୁ ଜାହାଜରେ ଆମ ପାଇଁ ଚାଉଳ, ଚିନି, ମକାଗୁଣ୍ଡ, ମାଂସ, ଡାଲି ଓ ପନିପରିବା ଆସିଛି । ଆପଣ ଅନୁମତି ଦେଲେ, ଆମେ ସେଥିରୁ ଜିନିଷ ଖାଲି କରିବୁ ।” ରାଜା ଏକଥା ଶୁଣି କହିଲେ, “ହଁ ଶୁଣ, ତୁମେ ଚାଉଳ, ଚିନି ଇତ୍ୟାଦି ଖାଲି କଲାବେଳେ ଦେଖିବ ଯେଉଁ ଜାହାଜରେ ଯେଉଁ ଜିନିଷଟି ଅଧିକ ଅଛି, ତାକୁ ପ୍ରଥମେ ଖାଲି କରି ବଡ଼ ଗୋଦାମ ଘରେ ରଖିବ ଓ ଅନ୍ୟ ଗୁଡ଼ିକୁ ସାନ ଗୋଦାମ ଘରେ ରଖିବ । କେଉଁ ଜିନିଷଗୁଡ଼ିକ ପ୍ରଥମେ ଖାଲି ହେବ, ତାହାର ଦାୟିତ୍ୱ ମାଙ୍କଡ଼କୁ ଦିଆଯାଉ । ଗଧ, ହାତୀ, ଘୋଡ଼ା ମାନଙ୍କୁ ଜିନିଷ ବୋହିବାର ଦାୟିତ୍ୱ ଦିଆଯାଉ ।” ସଙ୍ଗେ ସଙ୍ଗେ ମାଙ୍କଡ଼ ଜିନିଷ ଗଣିବାକୁ ଯାଇ ଦେଖିଲା-



7HUHKH

| ପ୍ରଥମ ଜାହାଜ ⟶ | |
|---|---|
| ଚାଉଳ - | ୧୨୩୪ ବସ୍ତା |
| ମକାଗୁଣ୍ଡ- | ୪୨୩୦ ବସ୍ତା |
| ଚିନି - | ୫୫୫୫ ବସ୍ତା |
| ମାଂସ- | ୨୨୩୯ ଡବା |
| ଡାଲି- | ୭୨୮୯ ବସ୍ତା |
| ପନିପରିବା- | ୯୮୭୬ ଝୁଡ଼ି |

| ଦ୍ୱିତୀୟ ଜାହାଜ ⟶ | |
|---|---|
| ଚାଉଳ - | ୧୨୨୨ ବସ୍ତା |
| ମକାଗୁଣ୍ଡ- | ୫୧୩୦ ବସ୍ତା |
| ଚିନି - | ୬୬୬୬ ବସ୍ତା |
| ମାଂସ- | ୨୦୯୯ ଡବା |
| ଡାଲି- | ୮୦୧୧ ବସ୍ତା |
| ପନିପରିବା- | ୮୯୯୯ ଝୁଡ଼ି |

ସଙ୍ଗେସଙ୍ଗେ ମାଙ୍କଡ଼, ଗଧ, ହାତୀ, ଘୋଡା ଓ ଅନ୍ୟମାନେ ଜାହାଜ ପାଖକୁ ଗଲେ । ମାଙ୍କଡ଼ ଭାବିଲା, କେଉଁ ଜାହାଜରେ ଅଧିକ ଅଛି କିପରି ଜାଣିବି । ପ୍ରଥମ ଜାହାଜରେ ୧୨୩୪ ବସ୍ତା ଚାଉଳ ଓ ଦ୍ୱିତୀୟ ଜାହାଜରେ ଚାଉଳ ଅଛି ୧୨୨୨ ବସ୍ତା ।


• ୧ ୨୩୪ ଓ ୧ ୨ ୨ ୨ ମଧ୍ୟରେ ଅଧିକ କେଉଁଟି ବା ବଡ଼ କିଏ ?

୧ ୨୩୪ ଓ ୧ ୨ ୨ ୨ ଉଭୟ ସଂଖ୍ୟାର ହଜାର ସ୍ଥାନରେ ୧ ଅଛି ।

ଉଭୟ ସଂଖ୍ୟାର ଶତକ ସ୍ଥାନରେ ଅଙ୍କ ମଧ୍ୟ ସମାନ ।

୧ ୨୩୪ର ଦଶକ ସ୍ଥାନରେ ୩ ଓ ୧ ୨ ୨ ୨ର ଦଶକ ସ୍ଥାନରେ ୨ ଅଛି ।

୩ ଦଶ ୨ ଦଶଠାରୁ ବଡ଼, ତେଣୁ ୧ ୨୩୪ , ୧ ୨ ୨ ୨ ଠାରୁ ଅଧିକ ।




ପ୍ରଥମ ଜାହାଜର ଚାଉଳ ବସ୍ତା ସଂଖ୍ୟା ଅଧିକ, ତେଣୁ ପ୍ରଥମ ଜାହାଜର ଚାଉଳକୁ ବଡ଼ ଗୋଦାମ ଘରକୁ ନିଅ ।

☞ ମାଙ୍କଡ଼ କେଉଁ କେଉଁ ଜିନିଷକୁ କେଉଁ ଗୋଦାମ ଘରକୁ ପଠାଇଥିବ ସ୍ଥିର କରି ଲେଖ ।

| ବଡ଼ ଗୋଦାମ ଘରକୁ ଯାଇଥିବା ଜିନିଷ | ସାନ ଗୋଦାମ ଘରକୁ ଯାଇଥିବା ଜିନିଷ |
|---|---|
| ପ୍ରଥମ ଜାହାଜର ଚାଉଳ | ଦ୍ୱିତୀୟ ଜାହାଜର ଚାଉଳ |
| | |
| | |
| | |
| | |
| | |

ଯେଉଁ ତାଲିକା ତୁମେ ସ୍ଥିର କଲ ଠିକ୍ ଅଛି ତ ? ଆସ,ନିମ୍ନରେ ଦିଆଯାଇଥିବା ଦୁଇଟି ସଂଖ୍ୟା ମଧ୍ୟରେ ବଡ଼ ଓ ସାନ ସଂଖ୍ୟା ବାଛିବା ।

• **ସଂଖ୍ୟା ଦୁଇଟିର ଅଙ୍କ ସଂଖ୍ୟା ସମାନ ହୋଇ ନଥିଲେ-**

ସଂଖ୍ୟା ଦୁଇଟିରେ ଥିବା ମୋଟ ଅଙ୍କ ଗଣିବା । ଯେଉଁ ସଂଖ୍ୟାଟି ବେଶୀ ଅଙ୍କ ବିଶିଷ୍ଟ ହୋଇଥିବ, ସେହି ସଂଖ୍ୟାଟି ବଡ଼ ।

୫୩୨୧ ⟶ ଚାରୋଟି ଅଙ୍କ ବିଶିଷ୍ଟ
୯୮୭ ⟶ ତିନୋଟି ଅଙ୍କ ବିଶିଷ୍ଟ

୫୩୨୧ ସଂଖ୍ୟାଟି ଚାରି ଅଙ୍କବିଶିଷ୍ଟ ଓ ୯୮୭ ହେଉଛି ଗୋଟିଏ ତିନି ଅଙ୍କବିଶିଷ୍ଟ ସଂଖ୍ୟା ।

ତେଣୁ ୫୩୨୧ ବଡ଼ । ଏହାକୁ ୫୩୨୧ > ୯୮୭ ଭାବେ ଲେଖାଯାଏ ।

☞ ଉତ୍ତର ଲେଖ(କ) ୬୪୩୦ ଓ ୭୫୮ ମଧ୍ୟରେ ବଡ଼ ସଂଖ୍ୟାଟି କିଏ ?

(ଖ) ୧୦୦୦ ଓ ୯୮୭ ମଧ୍ୟରେ ସାନ ସଂଖ୍ୟାଟି କିଏ ?

(ଗ) ତିନି ଅଙ୍କବିଶିଷ୍ଟ ବଡ଼ ସଂଖ୍ୟା ଓ ଚାରି ଅଙ୍କବିଶିଷ୍ଟ ସାନ ସଂଖ୍ୟା ମଧ୍ୟରୁ କେଉଁଟି ବଡ଼ ?

- **ସଂଖ୍ୟା ଦୁଇଟିର ଅଙ୍କ ସଂଖ୍ୟା ସମାନ ହୋଇଥିଲେ -**

ବାମପଟୁ ଉଭୟ ସଂଖ୍ୟାର ଅଙ୍କଗୁଡ଼ିକୁ ତୁଳନା କରିବା, ଉଭୟ ସଂଖ୍ୟାର ବାମ ପଟ ଅଙ୍କଗୁଡ଼ିକ ସମାନ ହୋଇଥିଲେ, ଡାହାଣ ପଟର ଅଙ୍କଗୁଡ଼ିକ ତୁଳନା କରି କରି ଯିବା । ଶେଷରେ ଏକକ ଘରର ଅଙ୍କକୁ ତୁଳନା କରିବା ।

୧ ୨ ୩ ୪

↕ ↕ ↕ ↕

୧ ୨ ୩ ୨

୧୨୩୪ > ୧୨୩୨

ବା

୧୨୩୨ < ୧୨୩୪

ସଂଖ୍ୟା ଦୁଇଟିର ବାମ ପଟୁ ଅଙ୍କମାନଙ୍କର ତୁଳନା ଆରମ୍ଭ ନ କରି ଏକକ ଘର ପଟୁ ତୁଳନା ଆରମ୍ଭ କଲେ ଦେଖିବ ସଂଖ୍ୟା ଦୁଇଟିର ବଡ଼ସାନ ବାଛିବା କାର୍ଯ୍ୟଟି ଅଧିକ ସମୟ ନେଉଛି, ନିଜେ ପରୀକ୍ଷା କରି ଦେଖ ।

☞ ଆସ, >, <, = ଚିହ୍ନ ବ୍ୟବହାର କରି ଲେଖିବା ।

୨୦୦୦ ☐ ୧୦୦୦, ୫୦୦୦ ☐ ୩୦୦୦, ୮୦୦୦ ☐ ୨୦୦୦

୩୩୨୫ ☐ ୨୫୭୮, ୭୬୩୨ ☐ ୮୬୩୨, ୮୯୭୬ ☐ ୭୯୨୩

୫୫୫୫ ☐ ୪୪୪୯, ୩୨୭୮ ☐ ୨୯୯୯, ୫୬୫୬ ☐ ୬୫୬୫

## ଅଭ୍ୟାସ କାର୍ଯ୍ୟ

୧. ଖାଲିଘରେ ଉପଯୁକ୍ତ ଚିହ୍ନ ( >, < ) ଦେଇ ଲେଖ ।

(କ) ୮୨୨୫ ☐ ୮୨୨୬

(ଖ) ୭୩୩୩ ☐ ୭୩୩୨

(ଗ) ୭୫୫୫ ☐ ୫୫୫୫

(ଘ) ୬୨୩୨ ☐ ୫୨୫୯

(ଙ) ୩୨୭୯ ☐ ୨୯୯୦

(ଚ) ୫୨୭୯ ☐ ୫୨୭୨

୨.  ଚିହ୍ନ ଅନୁଯାୟୀ ଖାଲି ବାକ୍ସରେ ଗୋଟିଏ ସଂଖ୍ୟା ଲେଖ ।

(କ)  ୯୨୮  >  ____

(ଖ)  ୯୯୯  >  ____

(ଗ)  ୭୨୩୨  <  ____

(ଘ)  ____  <  ୨୯୩୫

(ଙ)  ____  >  ୬୩୭୯


(ଚ)  ୩୫୭୭  <  ____

(ଛ)  ୮୭୬୨  <  ____

୩.




୮୯୯୦ଟଙ୍କା



୪୩୫୦ଟଙ୍କା



୯୯୯୦ ଟଙ୍କା



୮୯୯୯ଟଙ୍କା

ଉପରେ ଦିଆଯାଇଥିବା ଚିତ୍ରଗୁଡ଼ିକୁ ଦେଖ, କିଏ ଅଧିକ ଦାମ୍‌ର ଶୂନ୍ୟ ସ୍ଥାନରେ ଲେଖ ।

(କ)  ଟି.ଭି. ଓ ଫ୍ରିଜ୍ ମଧ୍ୟରୁ............. ର ଦାମ୍ ଅଧିକ ।

(ଖ)  ଟି.ଭି. ଓ ଆଲମିରା ମଧ୍ୟରୁ.............ର ଦାମ୍ ଅଧିକ ।

(ଗ)  ଫ୍ରିଜ୍ ଓ ଆଲମିରା ମଧ୍ୟରୁ.............ର ଦାମ୍ ଅଧିକ ।

ଏପରି ଦୁଇଟି ଜିନିଷ ମଧ୍ୟରେ ଯେତେ ପ୍ରକାର ତୁଳନା ହୋଇପାରିବ ତୁମେ ସେତୋଟି ଉକ୍ତି ଲେଖ ।

୪.  ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଧାଡ଼ିରେ ଥିବା ସଂଖ୍ୟାଗୁଡ଼ିକ ମଧ୍ୟରେ ସବୁଠାରୁ ବଡ଼ ସଂଖ୍ୟାର ଚାରିପଟେ ○ ବୁଲାଅ ଓ ସବୁଠାରୁ ସାନସଂଖ୍ୟା ଚାରିପଟେ ▭ କର ।

(କ)  ୮୭୮୯, ୫୬୪୩, ୮୫୯୮, ୯୦୦୮


(ଖ)  ୧୨୩୪, ୫୮୯୦, ୬୦୮୫, ୮୫୬୦

(ଗ)  ୯୦୦୦, ୮୫୩୪, ୭୩୨୧, ୫୩୭୯

(ଘ)  ୩୫୮୭, ୭୩୪୯, ୩୮୭୫, ୭୪୩୯

(ଙ)  ୧୨୨୧, ୨୨୧୧, ୨୧୨୧, ୧୨୨୨

୫.




ପ୍ରତ୍ୟେକ ଘରେ ଦିଆଯାଇଥିବା କାଠି ଦେଖି ଶୂନ୍ୟସ୍ଥାନରେ < ବା > ଚିହ୍ନ ଦିଅ ।

(କ) ପ୍ରଥମ ଘରର କାଠି ସଂଖ୍ୟା.......... ଦ୍ୱିତୀୟ ଘରର କାଠି ସଂଖ୍ୟା

(ଖ) ଦ୍ୱିତୀୟ ଘରର କାଠି ସଂଖ୍ୟା........ ଚତୁର୍ଥ ଘରର କାଠି ସଂଖ୍ୟା

(ଗ) ପଞ୍ଚମ ଘରର କାଠି ସଂଖ୍ୟା........... ଦ୍ୱିତୀୟ ଘରର କାଠି ସଂଖ୍ୟା

(ଘ) ତୃତୀୟ ଘରର କାଠି ସଂଖ୍ୟା......... ଚତୁର୍ଥ ଘରର କାଠି ସଂଖ୍ୟା

୬. ୫, ୪, ୦, ୯ ମଧ୍ୟରୁ ପ୍ରତ୍ୟେକ ଅଙ୍କକୁ କେବଳ ଥରେ ବ୍ୟବହାର କରି ଯେତେ ପାରୁଛ ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ଲେଖ । ସେଗୁଡ଼ିକ ମଧ୍ୟରୁ ସବୁଠାରୁ ବଡ଼ ଓ ସବୁଠାରୁ ସାନସଂଖ୍ୟା ଲେଖ ।

ସବୁଠାରୁ ବଡ଼ ସଂଖ୍ୟା = ______________ ସବୁଠାରୁ ସାନ ସଂଖ୍ୟା = ______________

## ଆସ ସଜାଡ଼ିବା ଆମ ସଂଖ୍ୟାକୁ





ଟ୍ରେନ୍ ଚିତ୍ର ଦୁଇଟିରୁ କଣ ପାଇଲେ ?

| | |
|---|---|
| ୧୦୦୧ + ୧ = ୧୦୦୨ | ୩୯୦୦ + ୧ = ୩୯୦୧ |
| ୧୦୦୨ + ୧ = ୧୦୦୩ | ୩୯୦୧ + ୧ = ୩୯୦୨ |
| ୧୦୦୩ + ୧ = ୧୦୦୪ | ୩୯୦୨ + ୧ = ୩୯୦୩ |
| ୧୦୦୪ + ୧ = ୧୦୦୫ | ୩୯୦୩ + ୧ = ୩୯୦୪ |
| ୧୦୦୫ + ୧ = ୧୦୦୬ | ୩୯୦୪ + ୧ = ୩୯୦୫ |
| ୧୦୦୬ + ୧ = ୧୦୦୭ | ୩୯୦୫ + ୧ = ୩୯୦୬ |

ଏହାକୁ ମଧ୍ୟ ନିମ୍ନମତେ ଲେଖି ପାରିବା

| | |
|---|---|
| ୧୦୦୭ - ୧ = ୧୦୦୬ | ୩୯୦୬ - ୧ = ୩୯୦୫ |
| ୧୦୦୬ - ୧ = ୧୦୦୫ | ୩୯୦୫ - ୧ = ୩୯୦୪ |
| ୧୦୦୫ - ୧ = ୧୦୦୪ | |

ଏହିପରି ନିଜେ ନିଜେ ୩୯୦୫ ରୁ ୧ କରି ଫେଡ଼ାଣ କରି ଚାଲ ।

ପୂର୍ବ ପୃଷ୍ଠାରେ ଥିବା ଟ୍ରେନ୍ ଦୁଇଟିକୁ ଲକ୍ଷ୍ୟ କଲେ ଦେଖିବ : ଇଞ୍ଜିନ୍ ଠାରୁ ଡବାଗୁଡ଼ିକରେ ଲେଖାଯାଇଥିବା ସଂଖ୍ୟା ବଢ଼ି ବଢ଼ି ଯାଇଛି (ସାନ ରୁ ବଡ଼ ବା ଊର୍ଦ୍ଧ୍ୱକ୍ରମ) । ଟ୍ରେନ୍‌ର ଶେଷରୁ ଇଞ୍ଜିନ୍ ପାଖକୁ ଲେଖାଯାଇଥିବା ସଂଖ୍ୟାଗୁଡ଼ିକ କମି କମି ଆସୁଛି (ବଡ଼ରୁ ସାନ ବା ଅଧଃକ୍ରମ) ।

ଜାଣି ରଖ- * କୌଣସି ସଂଖ୍ୟାରେ ୧ ଯୋଗ କଲେ ତା'ର ଠିକ୍ ପରବର୍ତ୍ତୀ ସଂଖ୍ୟା ମିଳେ ।

* କୌଣସି ସଂଖ୍ୟାରୁ ୧ ବିୟୋଗକଲେ ତା'ର ଠିକ୍ ପୂର୍ବବର୍ତ୍ତୀ ସଂଖ୍ୟା ମିଳେ ।

☞ ନିମ୍ନରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକୁ ତଳ ସାରଣୀର ଉପଯୁକ୍ତ କୋଠରିରେ ରଖ ।

| | | | | | | | | |
|---|---|---|---|---|---|---|---|---|
| ୧୨୧୨ | ୩୩୧୪ | ୨୦୧୧ | ୫୪୭୧ | ୪୮୯୦ | ୬୭୦୫ | ୭୫୩୮ | ୮୬୫୯ | ୯୨୩୦ |
| ୨୫୬୧ | ୭୩୨୩ | ୫୪୨୬ | ୬୦୦୦ | ୬୦୦୨ | ୪୯୯୯ | ୨୦୫୦ | ୭୩୨୨ | ୧୧୧୦ |
| ୮୨୩୨ | ୭୫୭୭ | ୩୬୯୬ | ୩୯୯୯ | ୪୦୦୦ | ୩୦୦୧ | ୬୪୫୭ | ୨୯୯୮ | ୨୮୯୯ |

| ୧୦୦୦-୨୦୦୦ | ୨୦୦୧-୩୦୦୦ | ୩୦୦୧-୪୦୦୦ | ୪୦୦୧-୫୦୦୦ | ୫୦୦୧-୬୦୦୦ | ୬୦୦୧-୮୦୦୦ | ୮୦୦୧-୯୯୯୯ |
|---|---|---|---|---|---|---|
| | | | | | | |

-ସାରଣୀର ପ୍ରତ୍ୟେକ କୋଠରିରେ ଥିବା ସଂଖ୍ୟାଗୁଡ଼ିକୁ ସାନରୁ ବଡ଼ କ୍ରମରେ ଲେଖ ।

- ସଂଖ୍ୟାଗୁଡ଼ିକୁ ସାନରୁ ବଡ଼ କ୍ରମରେ ସଜାଅ ।

| ସଂଖ୍ୟା | କ୍ରମରେ ସଜାଇ ଲେଖ |
|---|---|
| ୨୦୦୦, ୨୦୦୨, ୨୦୦୧ | |
| ୩୫୭୨, ୩୫୭୩, ୩୫୭୪ | |
| ୭୮୭୯, ୭୮୮୦, ୭୮୭୮ | |
| ୫୭୦୨, ୫୭୦୧, ୫୭୦୩ | |
| ୮୭୭୬, ୮୭୭୫, ୮୭୭୭ | |
| ୯୯୯୭, ୯୯୯୮, ୯୯୯୯ | |

ପ୍ରତ୍ୟେକ ଧାଡ଼ିରେ ତୁମେ ଲେଖିଥିବା ମଝି ସଂଖ୍ୟାଟିରେ ମୁଣ୍ଡଳା ବୁଲାଅ ।

ଏହି ସଂଖ୍ୟା କ୍ରମରେ ମଝିରେ ଥିବାରୁ ଏଗୁଡ଼ିକୁ **ମଧ୍ୟବର୍ତ୍ତୀ ସଂଖ୍ୟା** କୁହାଯାଏ ।

## ଅଭ୍ୟାସ କାର୍ଯ୍ୟ

୧.(କ) ୧୦୦୦ ଲେଖାଏଁ ଆଗକୁ ବଢ଼ାଇ ଖାଲି ସ୍ଥାନ ପୂରଣ କର ।

୧୩୫୭, ______, ______, ______, ______, ______,

୨୫୭୬, ______, ______, ______, ______, ______,

୩୮୪୯, ______, ______, ______, ______, ______,

୨୭୯୦, ______, ______, ______, ______, ______,

(ଖ) ୫୦୦ ଲେଖାଏଁ ଆଗକୁ ବଢ଼ି ସଂଖ୍ୟା ଲେଖ ।

୧୭୫୯, ______, ______, ______, ______, ______,

୨୩୭୧, ______, ______, ______, ______, ______,

୩୮୯୦, ______, ______, ______, ______, ______,

୪୯୦୦, ______, ______, ______, ______, ______,

(ଗ) ୧୦୦୦ ଲେଖାଏଁ ଆଗକୁ ବଢ଼ି ସଂଖ୍ୟା ଲେଖ ।

୧୮୫୫, ______, ______, ______, ______, ______,

୨୩୦୨, ______, ______, ______, ______, ______,

୩୯୧୪, ______, ______, ______, ______, ______,

୪୦୫୨, ______, ______, ______, ______, ______,

୨.(କ) ୧୦୦୦ ଲେଖାଏଁ ପଛକୁ ଯାଇ ସଂଖ୍ୟା ଲେଖ-

ଉଦାହରଣ - ୫୩୨୨, ୪୩୨୨, ୩୩୨୨, ୨୩୨୨, ୧୩୨୨, ୩୨୨

୬୮୦୦, ______, ______, ______, ______, ______,

୭୨୨୨, ______, ______, ______, ______, ______,

୫୬୬୬, ______, ______, ______, ______, ______,

୯୯୯୯, ______, ______, ______, ______, ______,

(ଖ) ୧୦୦ ଲେଖାଏଁ ପଛକୁ ଯାଇ ସଂଖ୍ୟା ଲେଖ ।

୮୭୭୭, ______, ______, ______, ______, ______,

୭୫୫୫, ______, ______, ______, ______, ______,

୬୩୨୧, ______, ______, ______, ______, ______,

୫୩୫୩, ______, ______, ______, ______, ______,

୬୨୦୦, ______, ______, ______, ______, ______,

୩. ପରବର୍ତ୍ତୀ ସଂଖ୍ୟା ଲେଖ ।

୪୯୯, ______, ୭୪୯, ______, ୯୮୯, ______

୫୫୦, ______, ୬୬୬, ______, ୮୭୨, ______

୩୦୦, ______, ୮୭୬, ______, ୪୯୩, ______

୪. ପୂର୍ବବର୍ତ୍ତୀ ସଂଖ୍ୟା ଲେଖ :

______, ୪୮୨ ______, ୩୯୦ ______, ୬୦୧

______, ୪୦୦ ______, ୫୪୪ ______, ୨୨୨

______, ୬୫୦ ______, ୯୯୯ ______, ୮୭୭

୫. ଦିଆଯାଇଥିବା ସଂଖ୍ୟା ଦୁଇଟିର ମଧ୍ୟବର୍ତ୍ତୀ ସଂଖ୍ୟା (ଗୁଡ଼ିକୁ)ଲେଖ :

୮୯୦, ------------, ୮୯୨

୭୮୯, ------------, ୭୯୧

୭୯୯, ------------, ୮୦୧

୬୬୬, ------------, ------------, ୬୬୯

୯୩୮, ------------, ------------, ୯୪୧

୪୭୧, ------------, ------------, ୪୭୪

୬. ନିମ୍ନରେ ଲେଖାଯାଇଥିବା ମସିହାଗୁଡ଼ିକୁ ସାନରୁ ବଡ଼ କ୍ରମରେ ସଜାଇ ଲେଖ ।

୧୮୧୫, ୧୯୯୯, ୧୭୯୫, ୨୦୦୯, ୨୦୦୭, ୧୪୪୪, ୨୦୧୦

______, ______, ______, ______, ______, ______, ______

୭. ଗୋଟିଏ ପରିବାରର ବର୍ଷର ଶେଷ ୬ ମାସରେ ଖର୍ଚ୍ଚ ହୋଇଥିବା ଟଙ୍କା ନିମ୍ନରେ ଦିଆଯାଇଛି । କମ୍ ଖର୍ଚ୍ଚରୁ ଅଧିକ ଖର୍ଚ୍ଚ ହୋଇଥିବା କ୍ରମରେ ମାସଗୁଡ଼ିକୁ ସଜାଇ ଲେଖ ।

ଜୁଲାଇ - ୩୫୫୫ଟଙ୍କା, ଅଗଷ୍ଟ - ୬୯୯୨ଟଙ୍କା, ସେପ୍ଟେମ୍ବର - ୫୦୦୦ଟଙ୍କା,

ଅକ୍ଟୋବର-୭୪୪୭ଟଙ୍କା, ନଭେମ୍ବର - ୫୭୭୫ଟଙ୍କା, ଡିସେମ୍ବର - ୪୯୯୯ଟଙ୍କା

______, ______, ______, ______, ______, ______

୮. ପ୍ରତ୍ୟେକ ଧାଡ଼ିରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ଊର୍ଦ୍ଧ୍ୱକ୍ରମରେ ସଜାଇ ତଳ କୋଠରି ମଧ୍ୟରେ ଲେଖ ।

(କ) ୨୫୭୬, ୨୫୬୭, ୨୬୭୫, ୨୬୫୭, ୫୨୬୭, ୫୬୨୭, ୭୬୨୫

(ଖ) ୮୫୦୯, ୫୦୮୯, ୯୮୫୦, ୮୦୫୯, ୫୮୯୦, ୯୫୦୮

(ଗ) ୧୪୩୬, ୧୩୬୪, ୧୩୪୩, ୧୮୯୦, ୧୭୬୯, ୧୦୭୮

(ଘ) ୭୨୭୯, ୭୯୭୨, ୮୦୦୦, ୭୯୭୮, ୭୨୯୭, ୨୭୭୯

୯. ପ୍ରତ୍ୟେକ ଧାଡ଼ିରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକୁ ଅଧଃକ୍ରମରେ ସଜାଇ ତଳ କୋଠରିରେ ଲେଖ ।

(କ) ୩୦୦୦, ୨୯୯୬, ୨୯୬୯, ୨୬୯୯, ୩୦୦୯, ୩୯୦୦

(ଖ) ୪୯୦୦, ୪୦୯୦, ୪୦୦୯, ୯୪୦୦, ୯୦୪୦, ୯୦୦୪

(ଗ) ୬୭୮୯, ୬୭୯୮, ୭୬୮୯, ୭୬୯୮, ୮୯୭୬, ୮୭୬୯

(ଘ) ୫୪୩୨, ୫୪୨୩, ୫୩୨୪, ୫୩୪୨, ୫୨୩୪, ୫୨୪୩

୧୦.କହି ପାରିବ କି,ମୁଁ କିଏ ?

(କ) ମୁଁ ୧୫୨୮ ଓ ୧୫୩୦ର ମଧ୍ୟବର୍ତ୍ତୀ ସଂଖ୍ୟା .............

(ଖ) ମୁଁ ତିନି ଅଙ୍କରେ ଗଢ଼ା, ମୋ ସହିତ ୧ ମିଶିଲେ ମୁଁ ଚାରି ଅଙ୍କ ବିଶିଷ୍ଟ ସଂଖ୍ୟା ହୋଇଯାଏ............

(ଗ) ମୁଁ ଚାରି ଅଙ୍କରେ ଗଢ଼ା ସାନ ସଂଖ୍ୟା ଏବଂ ମୋର ସବୁ ଅଙ୍କ ସମାନ............

(ଘ) ମୋ ସହିତ ୧ ମିଶିଲେ ୮୯୦୧ର ପୂର୍ବବର୍ତ୍ତୀ ସଂଖ୍ୟା ହୁଏ.................

(ଙ) ମୁଁ ୯୯୯୯ର ପୂର୍ବବର୍ତ୍ତୀ ଓ ୯୯୯୭ର ପରବର୍ତ୍ତୀ ସଂଖ୍ୟା.................

୧୧. କୋଠରି ମଧ୍ୟରେ ଥିବା ସଂଖ୍ୟାଗୁଡ଼ିକ ମଧ୍ୟରୁ କ୍ରମିକ ସଂଖ୍ୟାଗୁଡ଼ିକୁ ବାଛି ଅଲଗା ଅଲଗା ଧାଡ଼ିରେ ଲେଖ ।

| | | | | | |
|---|---|---|---|---|---|
| ୧୮୮୦ | ୧୯୦୧ | ୧୮୯୮ | ୧୯୦୫ | ୧୮୯୫ | ୧୮୯୦ |
| ୧୮୭୯ | ୧୮୮୯ | ୧୮୯୩ | ୧୯୦୦ | ୧୮୭୮ | ୧୯୦୮ |
| ୧୮୮୮ | ୧୮୮୧ | ୧୮୯୪ | ୧୯୦୬ | ୧୮୯୯ | ୧୯୦୭ |

# ପାଠ -୯ ସଂଖ୍ୟାମାନଙ୍କର ଯୋଗ ଓ ବିୟୋଗ କରିବା

## ଚରିଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ

ବାଙ୍କୋଇ ଗାଁରେ ପୁରୁଷ ସଂଖ୍ୟା ୨୩୨୪ ଓ ମହିଳା ସଂଖ୍ୟା ୨୫୧୫। ସାଗର ଗାଁରେ ପୁରୁଷ ସଂଖ୍ୟା ୨୪୩୮ ଓ ମହିଳା ସଂଖ୍ୟା ୨୪୨୧।

ଶିକ୍ଷକ ପ୍ରଶ୍ନ କଲେ କେଉଁ ଗାଁର ଲୋକସଂଖ୍ୟା ଅଧିକ ? ପିଲାମାନେ କହିଲେ, ଚରିଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ କରିବୁ କେମିତି ? ଶିକ୍ଷକ କହିଲେ – ଆସ ମନେ ପକାଇବା, ତୃତୀୟ ଶ୍ରେଣୀରେ କିପରି ଯୋଗ କରିଥିଲେ। ଆସ, ୩୫୫ରେ ୨୨୩କୁ ମିଶାଇବା-

```
    ୩୫୫
+   ୨୨୩
--------
```

| ଶହ | ଦଶ | ଏକ |
|---|---|---|
| ୩ | ୫ | ୫ |
| ୨ | ୨ | ୩ |
| ୫ | ୭ | ୮ |

୧୦୦ ପାଇଁ ୧୦୦ ସଂଖ୍ୟାକାର୍ଡ଼, ୧୦ପାଇଁ ୧୦ ଓ ୧ ପାଇଁ ୧ ସଂଖ୍ୟାକାର୍ଡ଼ ନେଇ ଆମେ ଏହି ମିଶାଣକୁ ଚିତ୍ରରେ ନିମ୍ନରେ ଦିଆଯାଇଥିବା ଭଳି ଦର୍ଶାଇପାରିବା।

| ଶହ | ଦଶ | ଏକ |
|---|---|---|
| ୧୦୦ ୧୦୦ ୧୦୦<br>୧୦୦ ୧୦୦ | ୧୦ ୧୦ ୧୦ ୧୦ ୧୦<br>୧୦ ୧୦ | ୧ ୧ ୧ ୧ ୧<br>୧ ୧ ୧ |
| ୧୦୦ ୧୦୦ ୧୦୦ ୧୦୦ ୧୦୦ | ୧୦ ୧୦ ୧୦ ୧୦ ୧୦ ୧୦ ୧୦ | ୧ ୧ ୧ ୧ ୧ ୧ ୧ ୧ |

ଏହାକୁ ଏପରି ମଧ୍ୟ ଲେଖାଯାଇପାରେ

୩୫୫+୨୨୩=୫୭୮

ସେହିପରି ୫୨୬ ଓ ୩୨୫ କୁ ଏପରି ଯୋଗ କରିପାରିବା-

୫୨୬ = ୫ଶହ + ୨ଦଶ + ୬ଏକ

୩୨୫= ୩ଶହ + ୨ଦଶ + ୫ଏକ

| | ଶହ | ଦଶ | ଏକ |
|---|---|---|---|
| ୫୨୬→ | ୧୦୦ ୧୦୦ ୧୦୦ ୧୦୦ ୧୦୦ | ୧୦ ୧୦ | ୧ ୧ ୧ ୧ ୧ ୧ |
| ୩୨୫→ | ୧୦୦ ୧୦୦ ୧୦୦ | ୧୦ ୧୦ | ୧ ୧ ୧ ୧ ୧ |
| | ୧୦୦ ୧୦୦ ୧୦୦ ୧୦୦ ୧୦୦ ୧୦୦ ୧୦୦ ୧୦୦ | ୧୦ ୧୦ ୧୦ ୧୦ | ୧ ୧ ୧ ୧ ୧ ୧ ୧ ୧ ୧ ୧ ୧ |
| | ୮ଶହ | ୪ଦଶ | ୧୧ଏକ (୧ଦଶ ୧ଏକ) |
| | ୮ଶହ | ୫ଦଶ | ୧ଏକ |

| | ଶହ | ଦଶ | ଏକ |
|---|---|---|---|
| | | ୧ | |
| + | ୫ | ୨ | ୬ |
| | ୩ | ୨ | ୫ |
| ମୋଟ | ୮ | ୫ | ୧ |

ସଂଖ୍ୟାଟି ହେଲା : ୮ ଶହ + ୫ ଦଶ + ୧ ଏକ

= ୮୦୦ + ୫୦ + ୧

= ୮୫୧

ବର୍ତ୍ତମାନ ବାଙ୍କୋଇ ଗାଁର ଲୋକସଂଖ୍ୟା ଓ ସାଗର ଗାଁ ର ଲୋକସଂଖ୍ୟା ହିସାବ କରିବା ।


ବାଙ୍କୋଇ ଗାଁ


| | ହଜାର | ଶହ | ଦଶ | ଏକ |
|---|---|---|---|---|
| ପୁରୁଷ ସଂଖ୍ୟା | ୨ | ୩ | ୨ | ୪ |
| ମହିଳା ସଂଖ୍ୟା | ୨ | ୫ | ୧ | ୫ |
| ମୋଟ | ୪ | ୮ | ୩ | ୯ |

ସାଗର ଗାଁ

| | ହଜାର | ଶହ | ଦଶ | ଏକ |
|---|---|---|---|---|
| ପୁରୁଷ ସଂଖ୍ୟା | ୨ | ୪ | ୩ | ୮ |
| ମହିଳା ସଂଖ୍ୟା | ୨ | ୪ | ୨ | ୧ |
| ମୋଟ | ୪ | ୮ | ୫ | ୯ |

ଉପରେ ହୋଇଥିବା ମିଶାଣରୁ ଜଣାପଡ଼ିଲା ଯେ, ବାଙ୍କୋଇ ଗାଁର ଲୋକସଂଖ୍ୟା ୪୮୩୯ ଓ ସାଗର ଗାଁର ଲୋକସଂଖ୍ୟା ୪୮୫୯ ।




୪୮୩୯ ଓ ୪୮୫୯ ମଧ୍ୟରୁ କେଉଁଟି ବଡ଼ ?

ଏବେ କହ, ସାଗର ଗାଁ ଓ ବାଙ୍କୋଇ ଗାଁ ମଧ୍ୟରେ କେଉଁ ଗ୍ରାମର ଲୋକସଂଖ୍ୟା ଅଧିକ ?

● ଫୁଲ ପାଖୁଡ଼ାରେ ଲେଖାଯାଇଥିବା ସଂଖ୍ୟାଗୁଡ଼ିକ ମଧ୍ୟରୁ ଦୁଇଟି ଲେଖାଏଁ ନେଇ ଯୋଗଫଳ କେତେ ହେଉଛି ଲେଖ ।




୩୨୫୨
\+ ୪୩୪୯

| | ହଜାର | ଶହ | ଦଶ | ଏକ |
|---|---|---|---|---|
| | ୩ | ୨ | ୫ | ୨ |
| + | ୪ | ୩ | ୪ | ୯ |
| ଯୋଗଫଳ | ୭ | ୬ | ୦ | ୧ |

ଅନ୍ୟ ପାଖୁଡ଼ାରେ ଲେଖାଯାଇଥିବା ସଂଖ୍ୟାଗୁଡ଼ିକ ମଧ୍ୟରୁ ଦୁଇଟି ଲେଖାଏଁ ନେଇ ନିଜ ଖାତାରେ ଯୋଗ କର ଓ ଉତ୍ତର କେତେ ହେଲା ଲେଖ ।

**ଜାଣିରଖ :**

* ଯୋଗକଲାବେଳେ ସ୍ତମ୍ଭରେ ସ୍ଥାନୀୟମାନ ଅନୁସାରେ ସଂଖ୍ୟାଗୁଡ଼ିକୁ ତଳକୁ ତଳ ଲେଖିବା
* ଏକକ ଘର ଅଙ୍କଗୁଡ଼ିକୁ ଯୋଗକରି ଯୋଗଫଳକୁ ଏକକ ଘର ତଳେ ଲେଖିବା
* ଦଶକ ଘର ଅଙ୍କଗୁଡ଼ିକୁ ଯୋଗକରି ମିଳିଥିବା ସଂଖ୍ୟାକୁ ଦଶକ ଘର ତଳେ ଲେଖିବା
* ଶତକ ଘର ଅଙ୍କଗୁଡ଼ିକୁ ଯୋଗକରି ପାଇଥିବା ଯୋଗଫଳକୁ ଶତକ ଘର ତଳେ ଲେଖିବା
* ହଜାର ଘର ଅଙ୍କଗୁଡ଼ିକୁ ଯୋଗକରି ଯୋଗଫଳକୁ ହଜାର ଘର ତଳେ ଲେଖିବା

● ଗୋଟିଏ ପାଠାଗାରରେ ୨୩୫୫ଖଣ୍ଡ ଇଂରାଜୀ ବହି ଅଛି ଓ ତା'ଠାରୁ ୧୩୨୫ଖଣ୍ଡ ଅଧିକ ଓଡ଼ିଆ ବହି ଅଛି । ମୋଟ୍ କେତେ ଖଣ୍ଡ ବହି ପାଠାଗାରରେ ଅଛି ?

ଏଠାରେ ମୋଟ୍ ବହି ସଂଖ୍ୟା ନିର୍ଣ୍ଣୟ କରିବା ।

* ମୋଟ୍ ବହି ସଂଖ୍ୟା ଜାଣିବା କିପରି ?
* ଓଡ଼ିଆ ବହି କେତେ ଖଣ୍ଡ ଅଛି ଜାଣିବା କେମିତି ?



**ଶୂନ୍ୟସ୍ଥାନ ପୂରଣ କରି ଏହି ପ୍ରଶ୍ନର ସମାଧାନ କର-**

ପାଠାଗାରରେ ଇଂରାଜୀ ବହି ________ ଖଣ୍ଡ ଅଛି ।

ପାଠାଗାରରେ ଓଡ଼ିଆ ବହି ଇଂରାଜୀ ବହିଠାରୁ ________ ଖଣ୍ଡ ଅଧିକ ।

ଅର୍ଥାତ୍ ଓଡ଼ିଆ ବହି ସଂଖ୍ୟା = ୨୩୫୫ + ୧୩୨୫ = ________ ଖଣ୍ଡ ।

ମୋଟ୍ ବହିସଂଖ୍ୟା = ଇଂରାଜୀ ବହି ସଂଖ୍ୟା + ଓଡ଼ିଆ ବହି ସଂଖ୍ୟା

= ୨୩୫୫ + ________ = ________ ଖଣ୍ଡ ।

∴ ମୋଟ୍ ବହି ସଂଖ୍ୟା = ________ ଖଣ୍ଡ ।

- ଗୋଟିଏ ଦୋକାନରେ ବିକ୍ରିହେଉଥିବା ବିଭିନ୍ନ ଜିନିଷର ଦାମ୍‌କୁ ସେହି ଜିନିଷ ପାଖରେ ଲେଖାଯାଇଛି । ସେଗୁଡ଼ିକୁ ଦେଖ-













**ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ-**

(କ) କେଉଁ ଜିନିଷର ଦାମ୍ ସବୁଠାରୁ ଅଧିକ ଓ କେଉଁ ଜିନିଷର ଦାମ୍ ସବୁଠାରୁ କମ୍ ?

(ଖ) ଗୋଟିଏ ରେଡ଼ିଓ, ଗୋଟିଏ ଫ୍ୟାନ୍ ଓ ଗୋଟିଏ ଆଲମିରା କିଣିଲେ କେତେ ଟଙ୍କା ଦୋକାନୀକୁ ଦେବାକୁ ପଡ଼ିବ ?

(ଗ) ଗୋଟିଏ ଟି.ଭି., ଗୋଟିଏ ଆଲମିରା ଓ ଗୋଟିଏ ଫ୍ୟାନ କିଣିବା ପାଇଁ କେତେ ଟଙ୍କା ଦରକାର ?

(ଘ) କମଳ ବାବୁଙ୍କ ପାଖରେ ୪୫୦୦ଟଙ୍କା ଅଛି ସେ କେଉଁ ଦୁଇଟି ଜିନିଷ କିଣି ପାରିବେ ?ସେ ଦୁଇଟି ଜିନିଷ କିଣିବା ପାଇଁ ତାଙ୍କୁ କେତେ ଟଙ୍କା ଦେବାକୁ ପଡ଼ିବ ?

(ଙ) ତୁମେ କେଉଁ ଦୁଇଟି ଜିନିଷ କିଣିବା ପାଇଁ ପସନ୍ଦ କରିବ ? କେତେ ଟଙ୍କା ଦେଲେ ତୁମେ ସେହି ଜିନିଷ ଦୁଇଟିକୁ କିଣିପାରିବ ?

## ଅଭ୍ୟାସ କାର୍ଯ୍ୟ

୧. ପ୍ରତ୍ୟେକ ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ପାଇଁ ୧୦୦୦ , ୧୦୦ , ୧୦ ଓ ୧ ସଂଖ୍ୟାକାର୍ଡ଼ ବ୍ୟବହାର କରି ଯୋଗଫଳ ନିର୍ଣ୍ଣୟ କର।

| | | | |
|---|---|---|---|
| ୪୨୩୧ | ୧୨୩୪ | ୨୦୦୪ | ୭୨୫୫ |
| + ୧୨୩୪ | + ୪୩୨୧ | + ୧୮୭୯ | + ୧୬୬୪ |
| | | | |

୨. ଯୋଗଫଳ କେତେ ଲେଖ:


| | | |
|---|---|---|
| ୬୦୨୭ | ୭୦୩୪ | ୧୬୩୭ |
| + ୧୨୫୦ | + ୧୭୬୮ | + ୫୭୦୯ |
| | | |

୩. ଯୋଗଫଳ ନିର୍ଣ୍ଣୟ କର :

(କ) ୨୫୩୨ + ୩୩୪୩ =  (ଖ) ୪୩୨୫ + ୪୪୬୨ =

(ଗ) ୩୪୦୪ + ୪୩୮୮ =  (ଘ) ୨୩୦୨ + ୭୪୯୮ =

(ଙ) ୪୨୨୩ + ୨୩୨୪ + ୧୨୧୪ =  (ଚ) ୩୫୪୭ + ୨୨୦୦ + ୨୧୭୧ =.

୪. 


ପାଖ ଫୁଲର ପାଖୁଡ଼ାରୁ ଦୁଇଟି ବା ତିନୋଟି ପାଖୁଡ଼ାରେ ଲେଖାଥିବା ସଂଖ୍ୟାକୁ ନେଇ ଯେତୋଟି ଯୋଗ ସମ୍ଭବ ଯୋଗ କର ।

୫. ହଜାର ଘରେ ୩ ଥାଇ ଦୁଇଟି ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ଲେଖ । ସେ ସଂଖ୍ୟା ଦୁଇଟିର ଯୋଗଫଳ ନିର୍ଣ୍ଣୟ କର ।

୬.

| | | |
|---|---|---|
| ୧ | ୯ | ୪ |
| ୮ | ୫ | ୭ |
| ୨ | ୬ | ୩ |

(କ) ପୂର୍ବ ପୃଷ୍ଠାରେ ଥିବା ସଂଖ୍ୟାଗ୍ରୀଡ୍‌ରେ ବର୍ଗଚିତ୍ର ଗଠନ କରୁଥିବା ଚାରୋଟି ଲେଖାଏଁ ଘର ନେଇ କେତୋଟି ବର୍ଗଚିତ୍ର ପାଇବ ?

(ଖ) ପ୍ରତ୍ୟେକ ବର୍ଗଚିତ୍ରର ଅଙ୍କ ଚାରିଟିକୁ ବ୍ୟବହାର କରି ସବୁଠାରୁ ସାନ ସଂଖ୍ୟାଟିକୁ ଲେଖ ।

(ଗ) କେତୋଟି ସଂଖ୍ୟା ପାଇଲ ? ସେହି ସଂଖ୍ୟାଗୁଡ଼ିକୁ ବଡ଼ରୁ ସାନକ୍ରମରେ ଲେଖ ।

(ଘ) ଲେଖିଥିବା ସଂଖ୍ୟାଗୁଡ଼ିକରେ ୧ମ ଓ ୨ୟ ସଂଖ୍ୟାର ଯୋଗଫଳ ଲେଖ ।

(ଙ) ଲେଖିଥିବା ସଂଖ୍ୟାଗୁଡ଼ିକରେ ୩ୟ ଓ ୪ର୍ଥ ସଂଖ୍ୟାର ଯୋଗଫଳ ନିର୍ଣ୍ଣୟ କର ।

୭. ନିମ୍ନରେ କେତେକ ସଂଖ୍ୟା ରହିଛି । ସଂଖ୍ୟା ତଳେ ଥିବା ଉକ୍ତିଗୁଡ଼ିକୁ ଦେଖି କେଉଁ ସଂଖ୍ୟା ହେବ, ଆସ ବାଛି ଲେଖିବା । ୨୭୭୮, ୧୪୭୩, ୩୭୧୦, ୪୦୨୯, ୧୦୦୧

| | |
|---|---|
| (କ) କେଉଁ ସଂଖ୍ୟା ଦୁଇଟିକୁ ମିଶାଇଲେ ଯୋଗଫଳର ଏକକ ଘର ଅଙ୍କ ୧ ହେବ ? | |
| (ଖ) କେଉଁ ସଂଖ୍ୟା ଦୁଇଟିକୁ ମିଶାଇଲେ ଯୋଗଫଳର ଦଶକ ଘର ଅଙ୍କ '୦' ହେବ ? | |
| (ଗ) କେଉଁ ସଂଖ୍ୟା ତିନୋଟିକୁ ଯୋଗକଲେ ଯୋଗଫଳର ଏକକ ଘର ଅଙ୍କ '୦'ହେବ ? | |
| (ଘ) କେଉଁ ସଂଖ୍ୟା ଦୁଇଟିକୁ ଯୋଗକଲେ ଯୋଗଫଳର ଦଶକ ଓ ଶତକ ଘର ର ଅଙ୍କ ଦ୍ୱୟ ସମାନ ହେବ ? | |

୮. ଗୋଟିଏ ଜଙ୍ଗଲରେ ୨୫୩୦ଟି ଶାଳ ଗଛ ଓ ୩୩୨୭ ଟି ଶାଗୁଆନ ଗଛ ଅଛି । ଶାଳ ଓ ଶାଗୁଆନ ଗଛ ମିଶି କେତୋଟି ଅଛି ?

**ସମାଧାନ**– ଶାଳ ଗଛ ସଂଖ୍ୟା = ୨୫୩୦

ଶାଗୁଆନ ଗଛ ସଂଖ୍ୟା = ☐

ମୋଟ୍ ଗଛ ସଂଖ୍ୟା = ☐

∴ ଶାଳ ଓ ଶାଗୁଆନ ଗଛ ମିଶି ☐ ।

୯. ଶିଶୁ ସାହସିକତା ପୁରସ୍କାର ବାବଦରେ ସର୍ମିଷ୍ଠା ୩୬୨୫ଟଙ୍କା ଓ ଅର୍ପିତା ୨୩୭୮ଟଙ୍କା ପୁରସ୍କାର ପାଇଲେ । ଦୁହେଁ ମିଶି କେତେ ଟଙ୍କା ପୁରସ୍କାର ପାଇଲେ ?

ସମାଧାନ : ସର୍ମିଷ୍ଠା ପାଇଥିବା ପୁରସ୍କାର = [ ] ଟଙ୍କା

ଅର୍ପିତା ପାଇଥିବା ପୁରସ୍କାର = [ ] ଟଙ୍କା

ମୋଟ୍ ପାଇଥିବା ପୁରସ୍କାର = [ ] ଟଙ୍କା

∴ ଦୁହେଁ [ ] ଟଙ୍କା ପୁରସ୍କାର ପାଇଲେ ।

୧୦. ଗୋଟିଏ ପେନ୍‌ସିଲ୍ ତିଆରି କାରଖାନାରେ ସୋମବାର ଦିନ ୩୨୧୮ଟି ଓ ମଙ୍ଗଳବାର ଦିନ ତା'ଠାରୁ ୧୨୧୫ଟି ଅଧିକ ପେନ୍‌ସିଲ୍ ତିଆରି ହେଲା । ସେହି ଦୁଇଦିନରେ ମୋଟ୍ କେତୋଟି ପେନ୍‌ସିଲ୍ ତିଆରି ହେଲା ?

ସୋମବାର ଦିନ ତିଆରି ହୋଇଥିବା ପେନ୍‌ସିଲ୍ ସଂଖ୍ୟା = [ ]

ମଙ୍ଗଳବାର ଦିନ ତିଆରି ହୋଇଥିବା ପେନ୍‌ସିଲ୍ ସଂଖ୍ୟା = [ ] + [ ] = [ ]

ଦୁଇଦିନରେ ତିଆରି ହୋଇଥିବା ପେନ୍‌ସିଲ୍ ସଂଖ୍ୟା = [ ] + [ ] = [ ]

∴ ମୋଟ୍ [ ] ଟି ପେନ୍‌ସିଲ୍ ତିଆରି ହୋଇଥିଲା ।

୧୧. ସମାଧାନ କର ।

| | |
|---|---|
| (କ) ଗୋଟିଏ ଜିଲ୍ଲାରେ ୩୬୮୪ଜଣ ଶିକ୍ଷକ, ୩୫୬୭ ଜଣ ଶିକ୍ଷୟିତ୍ରୀ କାମ କରନ୍ତି । ତେବେ ସେହି ଜିଲ୍ଲାରେ ମୋଟ୍ ଶିକ୍ଷକ ଶିକ୍ଷୟିତ୍ରୀ ସଂଖ୍ୟା କେତେ ? | |
| (ଖ) ଗୋଟିଏ ଗୋଦାମରେ ୩୦୭୫ ବସ୍ତା ଚିନି, ୨୪୨୦ ବସ୍ତା ଗହମ ଓ ଗହମଠାରୁ ୨୫୫ ବସ୍ତା ଅଧିକ ଚାଉଳ ଅଛି । ତେବେ ଗୋଦାମରେ କେତେ ବସ୍ତା ଜିନିଷ ରହିଛି ? | |
| (ଗ) ତିନି ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାଠାରୁ କେଉଁ ସଂଖ୍ୟାଟି ୧୨୩୪ ବେଶି ? | |


| | |
|---|---|
| (ଘ) ୧, ୦, ୩, ୪ ଅଙ୍କକୁ ବ୍ୟବହାର କରି ଗଠିତ ଚାରି ଅଙ୍କ ବିଶିଷ୍ଟ ବୃହତ୍ତମ ସଂଖ୍ୟାଠାରୁ ୪୬୮୯ ଅଧିକ ହୋଇଥିବା ସଂଖ୍ୟାଟି କେତେ ? | |
| (ଙ) ଯେଉଁ ସଂଖ୍ୟାଟି ୬୫୩୮ ଠାରୁ ୧୨୩୫ ଅଧିକ, ସେ ସଂଖ୍ୟାଟି କେତେ ? | |

୧୨. • ହଜାର ସ୍ଥାନରେ ୩ ଓ ଏକକ ସ୍ଥାନରେ ୨ ଥାଇ ଗୋଟିଏ ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ଲେଖ ।।

• ତୁମେ ଲେଖିଥିବା ସଂଖ୍ୟାକୁ ଓଲଟାଇ ଲେଖିଲେ କେଉଁ ସଂଖ୍ୟା ପାଇବ ?

• ତୁମେ ପୂର୍ବରୁ ଲେଖିଥିବା ସଂଖ୍ୟା ଓ ପାଇଥିବା ନୂଆସଂଖ୍ୟା ଦୁଇଟିକୁ ଯୋଗକଲେ ଯୋଗଫଳ କେତେ ହେବ ଲେଖ ।

 ୩ ୫ ୪ ୨
+ ୨ ୪ ୫ ୩




## ଚାରିଅଙ୍କ ବିଶିଷ୍ଟ ସଂଖ୍ୟାର ବିୟୋଗ

୧୯୯୯ ମସିହା ଅକ୍ଟୋବର ୨୯ ତାରିଖ । ହଠାତ୍ ଜୋର୍‌ରେ ପବନ ବହିଚାଲିଲା । ବର୍ଷାର ମାତ୍ରା ବଢ଼ିଚାଲିଲା । ଗଛଗୁଡ଼ିକ ନଇଁ ପଡ଼ିଲେ, କେତେ ଗଛ ଭାଙ୍ଗିପଡ଼ିଲା ଓ କେତେକ ଗଛ ଉପୁଡ଼ି ପଡ଼ିଲେ । ସମୁଦ୍ରରୁ ମାଡ଼ିଆସିଲା ବଡ଼ ବଡ଼ ଢ଼େଉ । କେତେ ଘରଦ୍ୱାର ଭାଙ୍ଗିଗଲା । ଭାସିଗଲେ କେତେ ମଣିଷ ଓ ଅନେକ ଗାଈଗୋରୁ ପ୍ରାଣ ହରାଇଲେ । ଗୋଟିଏ ବ୍ଲକର ୪୬୩୫ ଚାଳଘର ମଧ୍ୟରୁ ୨୨୧୪ଟି ଘର ସଂପୂର୍ଣ୍ଣ ଭାଙ୍ଗିଗଲା, ୭୯୩୯ଟି ଆଜବେଷ୍ଟସ୍ ଘର ମଧ୍ୟରୁ ୨୬୧୭ଟି ଘରର ଆଜବେଷ୍ଟସ୍ ଉଡ଼ିଗଲା ।

ଏବେ ତୁମେ ହିସାବ କରି କୁହ-

(କ) ସେହି ବ୍ଲକରେ କେତୋଟି ଚାଳଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ନ ଥିଲା ?

୪୬୩୫ - ୨୨୧୪

୪୬୩୫

- ୨୨୧୪




(ଖ) ସେହି ବ୍ଲକରେ କେତୋଟି ଆଜ୍‌ବେଷ୍ଟସ ଘରର ଛପର ଉଡ଼ି ନ ଥିଲା ?

ଏହିପରି ଚିତ୍ର କରି ୭୯୩୯ - ୨୬୧୭ ନିର୍ଣ୍ଣୟ କର ।

୭୯୩୯
- ୨୬୧୭

- ସିପୁନ୍ ଓ ତା' ବାପା ବଜାରକୁ ଆସିଲେ ଟି.ଭି. କିଣିବା ପାଇଁ । ଦୋକାନରେ ୫୩୫୦ଟଙ୍କା ମୂଲ୍ୟର ଗୋଟିଏ ଟି.ଭି. କିଣିଲେ । ବାପା ଦୋକାନୀକୁ ୫୫୦୦ ଟଙ୍କା ଦେଲେ। ଦୋକାନୀ ବାପାକୁ ୧୫୦ଟଙ୍କା ଫେରାଇଲେ। ସିପୁନ୍ ବୁଝିପାରିଲାନି । ବାପା ସିପୁନ୍‌କୁ ବୁଝାଇଲେ।



ବାପା ଦୋକାନୀକୁ ଦେଲେ = ୫୫୦୦ ଟଙ୍କା

ଟି.ଭି.ର ଦାମ୍ = ୫୩୫୦ ଟଙ୍କା

ବାପା କହିଲେ - ସଂଖ୍ୟା ଦୁଇଟିକୁ ସ୍ଥାନୀୟମାନ ଅନୁସାରେ ସଜାଇ ଲେଖ । ଘରେ ଥିବା କାଠି ବିଡ଼ାକୁ ଆଣି ରଖ ।

| ହଜାର | ଶହ | ଦଶ | ଏକ |
|---|---|---|---|
| ୫ | ୫ | ୦ | ୦ |
| -୫ | ୩ | ୫ | ୦ |
| | ୧ | ୫ | ୦ |

୧ ଦଶ = ୧୦ ଏକ

୧ ଶହ = ୧୦ ଦଶ

୧ ହଜାର = ୧୦ ଶହ

ଧିରେ ଧିରେ ସିପୁନ ବିୟୋଗଟିକୁ ସମାଧାନ କରିବାକୁ ଚେଷ୍ଟାକଲା -

- ଉଭୟ ସଂଖ୍ୟାର ଏକକ ଘରେ ଥିବା ସଂଖ୍ୟା ସମାନ ତେଣୁ ବିୟୋଗଫଳ '୦' ହେବ ।

- ବଡ଼ ସଂଖ୍ୟାର ଦଶକ ଘରେ '୦'ରୁ ୫ ଦଶ ବିୟୋଗ କରି ହେବ ନାହିଁ । ତେଣୁ ପାଖ ଘରୁ ଅର୍ଥାତ୍ ଶତକ ଘରୁ ୧ ଶହ ଆଣିବାକୁ ପଡ଼ିବ । ବର୍ତ୍ତମାନ ୧ ଶହରୁ ୫ ଦଶ ଗଲେ ଆଉ ରହିବ ୫ ଦଶ (କାହିଁକି ?) ।
- ୧ ଶହ ଯିବା ପରେ ଶତକ ଘରେ ରହିଲା ୪ ଶହ । ୪ ଶହ ରୁ ୩ ଶହ ଗଲେ ଆଉ ରହିବ ୧ ଶହ ।
- ଉଭୟ ସଂଖ୍ୟାର ହଜାର ଘରର ଅଙ୍କଗୁଡ଼ିକ ସମାନ ଥିବାରୁ ବିୟୋଗଫଳ '୦' ହେବ ।

ବର୍ତ୍ତମାନ ୫୫୦୦ - ୫୩୫୦ = ୧୫୦ ହେବ ।

ସିପୁନ୍‌ର ଏପରି କାମ ଦେଖି ବାପା ବହୁତ ଖୁସି ହେଲେ ।

- ଜଣେ ଚାଷୀ ଗୋଟିଏ ମାସରେ ପରିବା ବିକି ୮୦୭୫ ଟଙ୍କା ରୋଜଗାର କଲେ । ସେହି ମାସ ତାଙ୍କର ଘର ଖର୍ଚ୍ଚ୬୫୮୮ ଟଙ୍କା ହୋଇଥିଲା । ମାସ ଶେଷରେ ତାଙ୍କ ପାଖରେ କେତେ ଟଙ୍କା ବଳକା ରହିଲା ?

ଭାବି କହ- ଏଠାରେ ବଳକା ଟଙ୍କାର ପରିମାଣ କିପରି ଜଣାପଡ଼ିବ ?

୮୦୭୫ ଟଙ୍କାରୁ ୬୫୮୮ କିପରି ବିୟୋଗ କରାଯିବ ଆସ ଦେଖିବା ।

**ପ୍ରଥମ ସୋପାନ :**

| | | | | |
|---|---|---|---|---|
| | | | (୬) | (୧୫) |
| | ୮ | ୦ | ୭ | ୫ |
| - | ୬ | ୫ | ୮ | ୮ |
| | | | | ୭ |

୫ ଏକରୁ ୮ ଏକ ବିୟୋଗ କରିପାରିବା କି ? ତେବେ କ'ଣ କରିବ ? ଦଶ ଘରୁ ୧ ଦଶ = ୧୦ ଏକ ଧାର ଆଣି ୫ ଏକରେ ମିଶାଇଲେ ହେବ ୧୫ ଏକ । ବର୍ତ୍ତମାନ ୧୫ ଏକରୁ ୮ ଏକ ନେଲେ ବଳକା ରହିବ ୭ ଏକ ।

**ଦ୍ୱିତୀୟ ସୋପାନ:**

| | | | | |
|---|---|---|---|---|
| | (୭) | (୯) | (୧୬) | (୧୫) |
| | ୮ | ୦ | ୭ | ୫ |
| - | ୬ | ୫ | ୮ | ୮ |
| | | | ୮ | ୭ |

ଦଶକ ଘରେ ବର୍ତ୍ତମାନ ରହିଲା ୬ ଦଶ । ସେଥିରୁ ବିୟୋଗ କରିବା ୮ ଦଶ । କିନ୍ତୁ ୮ ଦଶ ବଡ଼ । ଶହ ଘରୁ ଏକ ଶହ ଆଣିବା । କିନ୍ତୁ ଶହ ଘରେ '୦' ଅଛି । ବର୍ତ୍ତମାନ ହଜାର ଘରୁ ୧ ହଜାର ବା ୧୦ଶହ ଆଣିବା । ୯ ଶହ ଶତକ ଘରେ ରଖି ଆଉ ୧ ଶହ ବା ୧୦ ଦଶକୁ ଦଶକ ଘରକୁ ଆଣି ବା ଧାରଆଣି ୬ ଦଶରେ ମିଶାଇଲେ ହେବ ୧୬ ଦଶ । ୧୬ ଦଶରୁ ୮ ଦଶ ଗଲେ ବଳକା ରହିବ ୮ ଦଶ ।

|   | ୭ | ୯ | ୧୬ | ୧୫ |
|---|---|---|---|---|
|   | ୮ | ୦ | ୭ | ୫ |
| - | ୬ | ୫ | ୮ | ୮ |
|   |   | ୪ | ୮ | ୭ |

**ତୃତୀୟ ସୋପାନ:**

ଶହ ଘରେ ଥିଲା ୯ ଶହ , ସେଥିରୁ ଫେଡ଼ିବା ୫ ଶହ । ବଳକା ରହିଲା ୪ ଶହ।

|   | ୭ | ୯ | ୧୬ | ୧୫ |
|---|---|---|---|---|
|   | ୮ | ୦ | ୭ | ୫ |
| - | ୬ | ୫ | ୮ | ୮ |
|   | ୧ | ୪ | ୮ | ୭ |

**ଚତୁର୍ଥ ସୋପାନ:**

ହଜାର ଘରେ ରହିଲା ୭ ହଜାର । ସେଥିରୁ ୬ ହଜାର ନେଲେ, ବଳକା ରହିବ ୧ ହଜାର ।

ଅର୍ଥାତ୍, ୮୦୭୫-୬୫୮୮=୧୪୮୭

**ମନେରଖ :**

ବିୟୋଗ କଲା ବେଳେ -

- ବଡ଼ ସଂଖ୍ୟାରୁ ସାନ ସଂଖ୍ୟାକୁ ବିୟୋଗ କରାଯାଏ ।
- ସ୍ଥାନୀୟମାନ ଅନୁସାରେ ସଂଖ୍ୟା ଦୁଇଟିକୁ ତଳକୁ ତଳ ଲେଖାଯାଏ । (ବଡ଼ ସଂଖ୍ୟାକୁ ଉପରେ ଓ ସାନ ସଂଖ୍ୟାକୁ ତଳେ)
- ଏକକ ଘରୁ ବିୟୋଗ କ୍ରିୟା ଆରମ୍ଭ ହୁଏ ।
- ଯେଉଁ ଘରର ସଂଖ୍ୟାକୁ ବିୟୋଗ କଲାବେଳେ ଉପର ସଂଖ୍ୟାଟି ସାନ ହୋଇଥିଲେ,ବିୟୋଗ କରିବାପାଇଁ ବାମପଟ୍ଟ ଘରୁ ସଂଖ୍ୟା ଆଣିବାକୁ ପଡ଼ିବ ।
- ବାମପଟ ଘରୁ ଗୋଟିଏ ସଂଖ୍ୟା ଆଣିଲେ ଡାହାଣପଟେ ତାହାର ମୂଲ୍ୟ ୧୦ ଗୁଣ ବଢ଼ିଯାଏ ।

☞ସମାଧାନ କର-

ଗଣେଶ ପୂଜା ପାଇଁ ପିଲାମାନେ ୮୯୧୫ଟି ଫୁଲ ତୋଳି ଥିଲେ । ମାଳ ଗୁନ୍ଥିବା ପରେ ଆଉ ୩୮୧୭ଟି ଫୁଲ ବଳିପଡ଼ିଲା । ତେବେ କେତୋଟି ଫୁଲରେ ମାଳ ଗୁନ୍ଥା ହେଲା ?

## ଅଭ୍ୟାସ କାର୍ଯ୍ୟ

୧. ବିୟୋଗ ଫଳକୁ ଖାଲି କୋଠରିରେ ଲେଖ ।

(କ) ୫୨୩୨ − ୪୧୨୦ = ☐

(ଖ) ୮୨୩୭ − ୬୧୨୫ = ☐

(ଗ) ୭୭୮୩ − ୨୫୯୬ = ☐

(ଘ) ୮୯୦୭ − ୪୫୩୯ = ☐

(ଙ) ୬୫୩୪ − ୪୦୦୮ = ☐

(ଚ) ୭୦୩୦ − ୩୫୨୬ = ☐

୨. ବିୟୋଗଫଳ କେତେ ?

(କ) ୬୩୨୫ − ୨୧୦୪ = ☐


(ଖ) ୪୮୭୪ − ୨୭୭୪ = ☐

(ଗ) ୫୪୨୦ − ୪୩୧୯ = ☐

(ଘ) ୯୯୯୨ − ୮୮୮୮ = ☐

୩. ସମାନ ମୂଲ୍ୟର ସଂଖ୍ୟାକାର୍ଡ଼ ଗୁଡ଼ିକୁ ଗାରଟାଣି ଯୋଡ଼ ।

| | |
|---|---|
| ୨୨୩୫−୧୧୨୪ | ୬୧୦୦−୧୧୧୧ |
| ୫୪୬୬−୨୪୬୬ | ୬୪୫୦−୧୪୫୨ |
| ୯୮୭୬−୮୭୬୮ | ୪୨୫୨−୧୨୫୨ |
| ୮୦୦୧−୩୦୧୨ | ୪୫୩୫−୩୪୨୭ |
| ୭୬୦୧−୪୨୮୯ | ୫୦୮୧−୧୭୬୯ |
| | ୬୫୧୩−୫୪୦୨ |

୪. 


ଚିତ୍ରର ଖାଲି କୋଠରିଗୁଡ଼ିକରେ ଏପରି ସଂଖ୍ୟା ଲେଖିବା, ଯେପରି ୯୭୮୦ର ଗୋଟିଏ ଦିଗରେ ଥିବା ସଂଖ୍ୟା ଦୁଇଟିର ଯୋଗଫଳ ୯୭୮୦ ହେବ ।

୫. ସ୍କୁଲ୍ ପାଚେରୀ ତିଆରି ହେବ । ହିସାବରୁ ଜଣାଗଲା ଯେ, ୬୫୨୦ ଖଣ୍ଡ ଇଟା ଦରକାର । ଗୋଟିଏ ଟ୍ରକ୍ ପ୍ରଥମ ଥର ୨୫୦୦ ଖଣ୍ଡ ଓ ୨ୟ ଥର ୨୪୫୦ ଖଣ୍ଡ ଇଟା ଆଣିବା ପରେ ଅନ୍ୟ କାମରେ ଚାଲିଗଲା । ବାକି ଇଟାତକ ବଳଦ ଗାଡ଼ିରେ ଅଣାଯିବ । ବଳଦଗାଡ଼ିରେ କେତେ ଇଟା ଆଣିଲେ ପାଚେରୀ ତିଆରି ଶେଷ ହେବ ? ଆସ, ହିସାବ କରିବା ।

| | | |
|---|---|---|
| ପ୍ରଥମ ଥର ଟ୍ରକ୍‌ରେ ଅଣାଯାଇଥିବା ଇଟା ସଂଖ୍ୟା | = | |
| ଦ୍ୱିତୀୟ ଥର ଟ୍ରକ୍‌ରେ ଅଣାଯାଇଥିବା ଇଟା ସଂଖ୍ୟା | = | |
| ଟ୍ରକ୍‌ରେ ଅଣା ଯାଇଥିବା ମୋଟ୍ ଇଟା ସଂଖ୍ୟା | = | |
| ଆବଶ୍ୟକ ଇଟାର ପରିମାଣ | = | |
| ଟ୍ରକ୍‌ରେ ଆସିଥିବା ଇଟା ସଂଖ୍ୟା | = | |
| ବାକିତକ ଇଟା ସଂଖ୍ୟା | = | |

ତେବେ କହିଲ, ବଳଦ ଗାଡ଼ିରେ କେତେ ଇଟା ଆଣିଲେ ପାଚେରୀ ତିଆରି ହେବ ?

୬. ଲକ୍ଷ୍ୟକର, ୯୦୦୦ = ୪୦୦୦ + ୫୦୦୦

ଏହାକୁ ମଧ୍ୟ ଏପରି ଲେଖାଯାଇପାରେ, ୯୦୦୦ = ୩୦୦୦ + ୧୦୦୦ + ୫୦୦୦

୯୦୦୦କୁ ଦୁଇଟି ବା ତିନୋଟି ସଂଖ୍ୟାର ସମଷ୍ଟି ଭାବେ ପ୍ରକାଶ କରାଯାଇପାରେ ।

ତୁମେ ୯୦୦୦କୁ ଦୁଇଟି ବା ତିନୋଟି ସଂଖ୍ୟାର ସମଷ୍ଟିରେ ଭିନ୍ନ ଭିନ୍ନ ଉପାୟରେ ପ୍ରକାଶ କର ।

ସେହିଭଳି ୮୦୦୦ ଓ ୭୦୦୦କୁ ମଧ୍ୟ ଭିନ୍ନ ଭିନ୍ନ ସଂଖ୍ୟାର ସମଷ୍ଟି ରୂପେ ଲେଖ ।

୭. ପାଞ୍ଚ ଜଣ ଲୋକ ବ୍ୟାଙ୍କରୁ ଋଣ ଆଣି ଗାଇ ଓ ବାଛୁରୀ କିଣିବାକୁ ଗଲେ । ସେମାନେ ଜଣକା ୯୯୯୯ ଟଙ୍କା ଋଣ ଆଣିଛନ୍ତି । ଗାଇ ଓ ବାଛୁରୀ କିଣିବା ପରେ କାହା ପାଖରେ କେତେ ଟଙ୍କା ବଳିବ ?




ଏବେ ହିସାବ କରି କହ-

(କ) କିଏ ଅଧିକ ଟଙ୍କା ଦେଇ ଗାଇ ଓ ବାଛୁରୀ କିଣିଲା ?

(ଖ) ଗାଇ ଓ ବାଛୁରୀ କିଣିବା ପରେ କାହା ପାଖରେ ଅଧିକ ଟଙ୍କା ବଳିଲା ?

(ଗ) କେତେ ଟଙ୍କା ଋଣ କରିଥିଲେ ଗାଇବାଛୁରୀ କିଣିବା ପରେ ମଧୁ ପାଖରେ ୧୪୭୫ ଟଙ୍କା ବଳିଥା'ନ୍ତା ?

(ଘ) ମଧୁ କିଣିଥିବା ଗାଇ ଓ ବାଛୁରୀର ମୂଲ୍ୟ ରାମ କିଣିଥିବା ଗାଇ ଓ ବାଛୁରୀର ମୂଲ୍ୟଠାରୁ କେତେ ଅଧିକ ?

(ଙ) ଯଦି ମଧୁ କିଣିଥିବା ଗାଇ ଓ ବାଛୁରୀକୁ ବିଧୁ କିଣିଥା'ନ୍ତା, ତେବେ ତାକୁ କେତେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥା'ନ୍ତା ?

୮. କେଉଁ ଗାଁ'ର ଲୋକ ସଂଖ୍ୟା କେତେ ?

ଫକୀରପୁର

ହରିପୁର

ମହାମିତ୍ରପୁର
୩୨୮୪

ରତନପୁର

ବୀରବରପୁର

କେଉଁ ଗାଁ'ର ଲୋକ କେତେ, ଆସ ଲେଖିବା ।

(କ) ମହାମିତ୍ରପୁରଠାରୁ ଫକୀରପୁରରେ ୩୫୮ ଜଣ ଅଧିକ ରହନ୍ତି । ଫକୀରପୁରର ଲୋକ ସଂଖ୍ୟା କେତେ ?

(ଖ) ହରିପୁରରେ ଫକୀରପୁରଠାରୁ ୨୮୫ ଜଣ ବେଶି ବାସ କରନ୍ତି ।

ହରିପୁରର ଲୋକ ସଂଖ୍ୟା = ☐ + ☐ = ☐

(ଗ) ହରିପୁରଠାରୁ ବୀରବରପୁରରେ ୬୪୩ ଜଣ କମ୍ ଲୋକ ବାସ କରନ୍ତି । ବୀରବରପୁରର ଲୋକ ସଂଖ୍ୟା କେତେ ?

(ଘ) ଫକୀରପୁର ଓ ହରିପୁରରେ ଯେତେ ଲୋକ ରହନ୍ତି, ରତନପୁରରେ ତା'ଠାରୁ ୮୫୪ ଜଣ କମ୍ ଲୋକ ରହନ୍ତି । ରତନପୁରର ଲୋକ ସଂଖ୍ୟା କେତେ ?

(ଙ) କେଉଁ ଗ୍ରାମର ଲୋକସଂଖ୍ୟା ସବୁଠାରୁ ଅଧିକ ଓ କେଉଁ ଗ୍ରାମର ଲୋକସଂଖ୍ୟା ସବୁଠାରୁ କମ୍ ?

(ଚ) ଆଉ କେତେ ଲୋକ ହେଲେ ବୀରବରପୁରର ଲୋକ ସଂଖ୍ୟା ଫକୀରପୁର ଲୋକ ସଂଖ୍ୟା ସହ ସମାନ ହେବ ?

(ଛ) କମ୍‌ରୁ ବେଶୀ ଲୋକସଂଖ୍ୟା ଅନୁଯାୟୀ ଗ୍ରାମର ନାମଗୁଡ଼ିକୁ କ୍ରମରେ ଲେଖ ।

୯. ଜଣେ ଲୋକର ପୋଷ୍ଟଅଫିସ ଜମାଖାତାରେ କେଉଁ ତାରିଖରେ କେତେ ଟଙ୍କା ରଖିଛି ଓ କେତେ ଟଙ୍କା ଉଠାଉଛି ତାହା ଲେଖାଅଛି । ତାହାକୁ ଲକ୍ଷ୍ୟ କରି ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

| ନାମ- ଶ୍ରୀ ସଞ୍ଜୟ କୁମାର ପରିଡ଼ା | | | |
|---|---|---|---|
| ଗ୍ରାମ- ପୁରୁଣିଆଁ | | | |
| ତାରିଖ | ଜମା ରଖିଥିବା ଟଙ୍କାର ପରିମାଣ | ଉଠାଇଥିବା ଟଙ୍କା ପରିମାଣ | ବଳକା |
| ୧ଜାନୁଆରୀ, ୨୦୦୯ | ୩୫୬୯ଟଙ୍କା | ............... | ୩୫୬୯ଟଙ୍କା |
| ୧୫ଜାନୁଆରୀ, ୨୦୦୯ | ୪୭୫୫ଟଙ୍କା | ............... | |
| ୩୦ଜାନୁଆରୀ, ୨୦୦୯ | ............... | ୨୮୭୫ଟଙ୍କା | |
| ୨୪ଫେବୃଆରୀ, ୨୦୦୯ | ୭୫୮ ଟଙ୍କା | ............... | |
| ୧୩ମାର୍ଚ୍ଚ, ୨୦୦୯ | ............... | ୨୧୯୦ଟଙ୍କା | |
| ୧୫ଅପ୍ରେଲ, ୨୦୦୯ | ୧୪୮୭ଟଙ୍କା | ............... | |
| ୨୫ଅପ୍ରେଲ, ୨୦୦୯ | ୫୭୫ଟଙ୍କା | ............... | |
| ୩୦ଅପ୍ରେଲ, ୨୦୦୯ | | ୧୭୭୮ଟଙ୍କା | |

(କ) ଜାନୁଆରୀ ମାସ ଶେଷରେ ତା'ର ଜମା ଖାତାରେ କେତେ ଟଙ୍କା ଥିଲା ?

(ଖ) ଜାନୁଆରୀ ମାସରେ ସେ ମୋଟ୍ କେତେ ଟଙ୍କା ଜମା ରଖିଥିଲା ?

(ଗ) ଅପ୍ରେଲ ମାସରେ ସେ ମୋଟ୍ କେତେ ଟଙ୍କା ଜମା ରଖିଥିଲା ?

(ଘ) ଚାରିମାସରେ ସେ ମୋଟ୍ କେତେ ଟଙ୍କା ଜମା ରଖିଥିଲା ଓ କେତେ ଟଙ୍କା ଉଠାଇଥିଲା ?

(ଙ) ଅପ୍ରେଲ ମାସରେ ଆଉ କେତେ ଟଙ୍କା ଜମା ରଖିଥିଲେ ତା'ର ଜମା ଖାତାରେ ୮୦୦୦ଟଙ୍କା ହେବ ?

# ପାଠ-୧୦ ଗୁଣନ କରି ଜାଣିବା

ଅଜା ନାତିନାତୁଣୀଙ୍କ ସଙ୍ଗେ ବସି ଗପ କରୁଥାନ୍ତି । ସ୍ୱର୍ଗର ଅପ୍‌ସରା ହ୍ରଦ କୂଳରେ ନିଜର ବେଶ ବଦଳାଇ ବୁଲୁଥାଏ । ଗୋଟିଏ ଝିଅକୁ ପାଣି ପିଇବାକୁ ମାଗିଲା । ଝିଅଟି ପାଣି ଦେଲାନାହିଁ । ଅପ୍‌ସରା ରାଗିଗଲା ଓ ଅଭିଶାପ ଦେଲା ଯେ, କଥା କହିବା ବେଳେ ଗୋଟିଏ ଥରରେ ପାଟିରୁ ୨୧ଟି ବେଙ୍ଗ ବାହାରିବ । କିଛି ସମୟପରେ ଆଉ ଗୋଟିଏ ଝିଅ ପାଣି ନେଉଥିଲା । ଅପ୍‌ସରା ପାଣି ମାଗିବାରୁ ସେ ପାଣି ପିଇବାକୁ ଦେଲା । ଅପ୍‌ସରା ଖୁସି ହୋଇ ଆଶୀର୍ବାଦ ଦେଲା । କଥା କହିବା ବେଳେ ଥରକେ ପାଟିରୁ ୧୮ଟି ସୁନାମୋହର ବାହାରିବ । ପ୍ରଥମ ଝିଅଟି ୮ଥର ଓ ଦ୍ୱିତୀୟ ଝିଅଟି ୯ଥର କଥା କହିଥିଲେ । ବେଙ୍ଗ ଅଧିକ ନା ସୁନାମୋହର ଅଧିକ ? ଅଜା ନାତିନାତୁଣୀଙ୍କୁ ପଚାରିଲେ । ଅଜା ମନେମନେ ହିସାବ କରିଦେଇଥାନ୍ତି । ନାତିନାତୁଣୀମାନେ ହିସାବ କରୁଥାନ୍ତି । ଅଜା କହିଲେ, "କମ୍ ସମୟରେ ହିସାବ କରି କହ । ଯିଏ ଆଗ ହିସାବ କରି କହିବ ତା'କୁ ପୁରସ୍କାର ମିଳିବ ।"

7XD9NX



ଅଜା କହିଲେ - ୨୧ଟି ବେଙ୍ଗର ୮ଗୁଣର ଅର୍ଥ ୨୧କୁ ୮ଥର ମିଶାଇବା

ଅର୍ଥାତ୍ ୨୧ର ୮ଗୁଣ = ୨୦ର ୮ଗୁଣ + ୮ = ୧୬୦ + ୮ = ୧୬୮

୨୧କୁ ୮ରେ ଗୁଣିବା ଯାହା, ୨୦ଟି ୮ରେ ଗୋଟିଏ ୮ ମିଶାଇଦେବା ସହ ସମାନ ।

୧୮ଟି ସୁନା ମୋହରର ୯ଗୁଣ = ୧୮ର ୧୦ଗୁଣରୁ ୧୮ କମ୍ = ୧୮୦ - ୧୮ = ୧୬୨ଟି ସୁନାମୋହର

ସମସ୍ତେ ତାଳି ମାରି କହିଲେ- ବାଃ, ବାଃ, ଅଜା ଆମର ବଡ଼ ଗଣିତଜ୍ଞ ।

* ପରଦିନ ପୁଣି ଅଜା ପିଲାଙ୍କୁ କହିଲେ, ‘‘ଆସ ଆଉ ଏକ ହିସାବ କରିବା’’

**୮ଟି ଗାଈ ଓ ୯ଟି ବଳଦର ୮ ଗୁଣ କେତେ ହେବ ?**

୮ଟି ଗାଈର ୮ଗୁଣ = ୮ × ୮ = ୬୪ଟି ଗାଈ

୯ଟି ବଳଦର ୮ଗୁଣ = ୯ × ୮ = ୭୨ଟି ବଳଦ

ଏଠାରେ ଗାଈ ଓ ବଳଦ ଅଲଗା ତେଣୁ ଗୁଣିବାକୁ ହେଲେ ଅଲଗା ଅଲଗା ଭାବରେ ଗୁଣିବାକୁ ପଡ଼ିଥାଏ । ସଂଖ୍ୟାରେ ବି ଏମିତି ହୁଏକି ?

ଆସ ୫୨ର ୬ଗୁଣ ନେବା । ଏଠାରେ ୫୨ ହେଉଛି ୫ ଦଶ ଓ ୨ ଏକ । ତେଣୁ ୬ ଗୁଣ କରିବାବେଳେ ୫ ଦଶର ୬ ଗୁଣ ଓ ୨ ଏକର ୬ ଗୁଣ ଅଲଗା ଅଲଗା ଗୁଣାଯାଏ । ୫୨× ୬ରେ ୫ ଦଶର ୬ ଗୁଣ ବା ୩୦ ଦଶ ଓ ୨ଏକର ୬ଗୁଣ ବା ୧୨ଏକ ମିଳେ ।୧୨ଏକ କୁ ୧ଦଶ ୨ଏକ କୁହାଯାଏ, ତେଣୁ ମୋଟ ୩୦ଦଶ + ୧ ଦଶ ଓ ୨ ଏକ ବା ୩୧ଦଶ ଓ ୨ଏକ ହୋଇଥାଏ । ତେଣୁ ସଂଖ୍ୟାଟି ହେଉଛି ୩୧୨ ।

ଅର୍ଥାତ୍ ୫୨× ୬ = ୩୧୨ ।

### ଉଦାହରଣ - ୧

ଗୋଟିଏ ପଡ଼ିଆରେ ୬୫ଟି ଗାଈ ଚରୁଥିଲେ । ସେମାନଙ୍କର ଗୋଡ଼ ସଂଖ୍ୟା କେତେ ହେବ ?

**ସମାଧାନ :-** ୬୫ଟି ଗାଈର ଗୋଡ଼ ସଂଖ୍ୟା ଜାଣିବାକୁ ହେଲେ, ୬୦ଟି ଗାଈର ଗୋଡ଼ସଂଖ୍ୟା ସହ ୫ଟି ଗାଈର ଗୋଡ଼ସଂଖ୍ୟା ମିଶାଇ ଦେବା ।

୬୦ଟି ଗାଈର ଗୋଡ଼ ସଂଖ୍ୟା = ୬୦× ୪

୫ଟି ଗାଈର ଗୋଡ଼ ସଂଖ୍ୟା = ୫× ୪

ତେଣୁ, ୬୫ଟି ଗାଈର ଗୋଡ଼ସଂଖ୍ୟା = ୬୦× ୪ + ୫× ୪

= ୨୪୦ + ୨୦ = ୨୬୦

ଏହି ପ୍ରକ୍ରିୟାକୁ ଲକ୍ଷ୍ୟ କର ।

| | |
|---|---|
| ୬୫ | ୬୫ |
| × ୪ | × ୪ |
| ୨୦ → ୫× ୪ | ୨୦ →(୫ଏକ× ୪ = ୨୦ଏକ) |
| ୨୪୦ → ୬୦× ୪ | ୨୪ →(୬ଦଶ× ୪ = ୨୪ଦଶ) |
| ୨୬୦ | ୨୬୦ |

ଦୁଇଟି ଗୁଣନ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି କହ ।

ଆସ, ଏବେ ୧୩୫ର ୮ଗୁଣ କେତେ ନିର୍ଣ୍ଣୟ କରିବା ।

$$\begin{array}{r} ୧୩୫ \\ \times \quad ୮ \\ \hline \end{array}$$

ଏହି ଗୁଣନରେ ୧୩୫ ଗୁଣ୍ୟ ଓ ୮ ହେଉଛି ଗୁଣକ । ୧୩୫ × ୮ ଅର୍ଥ ହେଉଛି ୧୩୫କୁ ୮ଥର ମିଶାଇବା

ତେଣୁ, ୧୩୫×୮= ୧୩୫+୧୩୫+୧୩୫+୧୩୫+୧୩୫+୧୩୫+୧୩୫+୧୩୫

୧୩୫କୁ ୮ଥର ମିଶାଇଲେ ଯୋଗଫଳ କେତେ ହେଉଛି ସ୍ଥିର କର ।

୧୩୫ = ୧ଶହ + ୩ଦଶ + ୫ ଏକ

୧୩୫ର ୮ଗୁଣ ବାହାର କରିବା ପାଇଁ ୧ଶହର ୮ଗୁଣ, ୩ଦଶର ୮ଗୁଣ ଓ ୫ଏକ ର ୮ଗୁଣ ନିର୍ଣ୍ଣୟ କରିବା ।

ପ୍ରଥମ ସୋପାନ ୫ଏକ × ୮ = ________ ଏକ = ________ ଦଶ

ଦ୍ୱିତୀୟ ସୋପାନ ୩ ଦଶ × ୮ = ________ ଦଶ = ________ ଶହ ________ ଦଶ

ତୃତୀୟ ସୋପାନ ୧ଶହ × ୮ = ________ ଶହ

ସମସ୍ତ ଗୁଣଫଳକୁ ତଳେ ଧାଡ଼ିରେ ଲେଖାଯାଇଛି, ତାକୁ ଲକ୍ଷ୍ୟକର ।

| ହଜାର | ଶତକ | ଦଶକ | ଏକକ | |
|---|---|---|---|---|
| | ୧ | ୩ | ୫ | |
| | × | | ୮ | |
| | | ୪ | ୦ | ← ପ୍ରଥମ ସୋପାନ |
| | ୨ | ୪ | | ← ଦ୍ୱିତୀୟ ସୋପାନ |
| | ୮ | | | ← ତୃତୀୟ ସୋପାନ |
| ୧ | ୦ | ୮ | ୦ | |

ଏଠାରେ ଗୁଣ୍ୟର ଏକକ, ଦଶକ ଓ ଶତକ ଘରକୁ ଅଲଗା ଅଲଗା ଭାବରେ ଗୁଣକ ସହ ଗୁଣାଯାଏ ।


ଗୁଣନ କଲାବେଳେ

* ସଂଖ୍ୟା ଦୁଇଟିକୁ ସ୍ଥାନୀୟମାନ ଅନୁସାରେ ତଳକୁ ତଳ ସଜାଇ ରଖ ।
* ଏକକ ଘରୁ ଗୁଣନ ଆରମ୍ଭ କର ।
* ଗୁଣଫଳ ଏକ ଅଙ୍କରୁ ଅଧିକ ହୋଇଥିଲେ ଦଶକ ଘରକୁ ନିଅ ।
* ତା'ପରେ ଦଶକ ଘରର ଗୁଣନ କାମ ଆରମ୍ଭ କରି ଦଶକ ଘରେ ଲେଖ । ଦଶକ ଘରର ଗୁଣଫଳ ଏକ ଦଶରୁ ଅଧିକ ହୋଇଥିଲେ ବାମପଟ ଅଙ୍କକୁ ଶତକ ଘରେ ନେଇ ରଖ ।
* ଏହିପରି ଗୁଣନ କାମ କଲାପରେ, ମିଶାଇ ଦିଅ ।
* ଏକ, ଦଶ, ଓ ଶହ ଘରର କାମ କରି ସ୍ଥାନୀୟମାନ ଅନୁସାରେ ସଜାଇ ରଖ ।

## କାଗଜ ପଟି ସାହାଯ୍ୟରେ ଗୁଣନ:

କାଗଜପଟି ସାହାଯ୍ୟରେ ଗୁଣନ କରି ମଧ୍ୟ ଗୁଣଫଳ ନିର୍ଣ୍ଣୟ କରିହେବ ।

୧ ୧ ୨ × ୫ର ଗୁଣଫଳ ନିର୍ଣ୍ଣୟ କରିବା ।




ନୀଳ ବିନ୍ଦୁ କେତୋଟି ? ୧ ୦ଟି ଅର୍ଥାତ୍ ୧ ୦ ଏକ ବା ୧ ଦଶ

କଳା ବିନ୍ଦୁ କେତୋଟି ? ୫ଟି ଅର୍ଥାତ୍ ୫ ଦଶ

ଲାଲ୍ ବିନ୍ଦୁ କେତୋଟି ? ୫ଟି ଅର୍ଥାତ୍ ୫ଶହ

ତେବେ ୧ ୧ ୨ × ୫ = ୫ ଶହ + ୫ ଦଶ + ୧ ଦଶ

= ୫ ଶହ + ୬ଦଶ

= ୫୬୦

☞ ନିମ୍ନରେ ଦିଆଯାଇଥିବା ଗୁଣନକୁ ଏହିପରି ନିଜେ କର ।

| | | |
|---|---|---|
| ୧ ୨ ୩ | ୨ ୪ ୧ | ୩ ୨ ୨ |
| × ୩ | × ୪ | × ୬ |

### ଅଭ୍ୟାସ କାର୍ଯ୍ୟ

୧. ଗୁଣଫଳ ନିର୍ଣ୍ଣୟ କର ।

(କ) ୮ ୯ × ୮

(ଖ) ୧ ୨ ୪ × ୬

(ଗ) ୧ ୨ ୦ × ୫

(ଘ) ୨ ୩ ୨ × ୯

୨. ଗୁଣଫଳ ନିର୍ଣ୍ଣୟ କରି ଖାଲିଘର ପୂରଣ କର ।

| × | ୧୧୧ | ୨୨୨ | ୩୩୩ | ୪୪୪ | ୫୫୫ | ୬୬୬ | ୭୭୭ | ୧୦୦ | ୧୧୦ | ୫୪୪ | ୨୦୧ | ୪୦୫ | ୩୭୯ |
|---|---|---|---|---|---|---|---|---|---|---|---|---|---|
| ୧ | ୧୧୧ | | | | | | ୭୭୭ | | | | | | |
| ୨ | ୨୨୨ | | | | | | | | | | | | |
| ୩ | | | | | | | | | | | | | |
| ୪ | | | | | | | | | | | | | |
| ୫ | | | | | | | | | | | | | |
| ୬ | | | | | | | | | ୬୬୦ | | | | |
| ୭ | | | ୨୩୩୧ | | | | | | | | | | |
| ୮ | | | | | | | | | | | | | |
| ୯ | | | | | | | | | | | | | |
| ୧୦ | | | | ୪୪୪୦ | | | | | | | | | ୩୭୯୦ |

| | |
|---|---|
| ୩. (କ) ଗୋଟିଏ ପାଣି ଟାଙ୍କିରେ ୭ ୨ ୦ ଲିଟର ଜଳ ଧରେ । ସେହିପରି ୮ଟି ଟାଙ୍କିରେ କେତେ ଲିଟର ଜଳ ଧରିବ ? | |
| (ଖ) ଗୋଟିଏ ସିନେମା ହଲରେ ୬୮ ୪ ଜଣ ଦର୍ଶକ ବସି ସିନେମା ଦେଖିପାରିବେ । ସେହିଭଳି ୯ଟି ସିନେମା ହଲରେ କେତେ ଲୋକ ବସିପାରିବେ ? | |
| (ଗ) ଗୋଟିଏ ଛାତଘରେ ମୋଟରେ ୮ ୪ ୫ ଖଣ୍ଡ ପଥର ଲାଗିଛି । ସେହିଭଳି ୬ଟି ଛାତଘର ତିଆରି ପାଇଁ କେତେ ଖଣ୍ଡ ପଥର ଲାଗିବ ? | |
| (ଘ) ଗୋଟିଏ ଧାଡ଼ିରେ ୧ ୧ ୨ଟି ନଡ଼ିଆଗଛ ଲାଗିଛି । ୭ଟି ଧାଡ଼ିରେ ମୋଟ୍ କେତୋଟି ନଡ଼ିଆଗଛ ଲାଗିବ ? | |

୪. ମନେ ମନେ ହିସାବ କରି ପ୍ରଶ୍ନ ପାଖରେ ଥିବା କୋଠରିରେ ଉତ୍ତର ଲେଖ ।

ତୁମ ସ୍କୁଲ ପାଚେରୀ ତିଆରି ପାଇଁ ଇଟା ଦରକାର ହେବାରୁ ଟ୍ରକ୍‌ରେ ଥରକୁ ୧୯୦୦ ଲେଖାଏଁ ୪ଥର ଓ ଟ୍ରାକ୍ଟରରେ ଥରକୁ ୮୫୦ଟି ଲେଖାଏଁ ୨ ଥର ଇଟା ଆସିଲା ।

(କ) ଟ୍ରକ୍‌ରେ ଥରକୁ କେତେ ଖଣ୍ଡ ଇଟା ଆସିଥିଲା ? ☐

(ଖ) ଟ୍ରାକ୍ଟରରେ ଥରକୁ ଆସୁଥିବା ଇଟା ସଂଖ୍ୟା ଟ୍ରକ୍‌ରେ ଥରକୁ ଆସୁଥିବା ଇଟା ସଂଖ୍ୟାଠାରୁ କେତେ କମ୍ ? ☐

(ଗ) ଟ୍ରକ୍‌ରେ ଆସୁଥିବା ଇଟା ସଂଖ୍ୟା ଟ୍ରାକ୍ଟରରେ ୨ ଥର ଆସୁଥିବା ଇଟା ସଂଖ୍ୟା ଠାରୁ କେତେ ବେଶି ? ☐

(ଘ) ଟ୍ରକ୍‌ରେ ସମୁଦାୟ କେତେ ଇଟା ଅଣାଯାଇଥିଲା ? ☐

(ଙ) ଟ୍ରାକ୍ଟରରେ ସମୁଦାୟ କେତେ ଇଟା ଆସିଥିଲା ? ☐

୫. କେତେ ପ୍ରକାର ରେ ୧୯ × ୯ର ଗୁଣନଫଳ ନିର୍ଣ୍ଣୟ କରିହେବ, ନିମ୍ନ ମଧ୍ୟରୁ ବାଛ ।

(କ) ୧୯ + ୧୯ + ୧୯ + ୧୯+ ୧୯ + ୧୯ + ୧୯ + ୧୯ + ୧୯

(ଖ) (୨୦-୧) + (୨୦-୧) + (୨୦-୧) +(୨୦-୧)+(୨୦-୧)+(୨୦-୧)+(୨୦-୧) +(୨୦-୧)+(୨୦-୧)

(ଗ) ( ୨୦ × ୯ ) - ୨୦

(ଘ) ( ୨୦ × ୯ ) - ୧୯

(ଙ) ( ୧୯ × ୧୦ ) - ୧୯

(ଚ) ( ୧୯ × ୧୦ ) - ୨୦

(ଛ) ( ୨୦ × ୯ ) - ୯

୧୯ ×୯= (୨୦×୯) - ୯ କିମ୍ବା (୧୯ × ୧୦) - ୧୯ ଏହା ବି ଏକ ସହଜ ପ୍ରକ୍ରିୟା, ଯାହା ମାଧ୍ୟମରେ ବିନା କାଗଜକଲମରେ ମନେ ମନେ ହିସାବ କରି ଗୁଣନ କରିହେବ ।

## ଗୁଣନରେ ନିୟମ :

- ନିମ୍ନ ଗୁଣନ ପ୍ରକ୍ରିୟାଟିକୁ ଲକ୍ଷ୍ୟ କର ।

| | | |
|---|---|---|
| ଉଦାହରଣ - ୧ | ୯ × ୮ = ୭୨ | ୮ × ୯ = ୭୨ |
| ଉଦାହରଣ- ୨ | ୧୦ × ୮ = ୮୦ | ୮ × ୧୦ = ୮୦ |

ଲକ୍ଷ୍ୟ କର,ପ୍ରଥମ ଉଦାହରଣରେ ୯କୁ ୮ସହ ଗୁଣିବାରୁ ଗୁଣଫଳ ୭୨ ହେଲା । ସେହିପରି ୮କୁ ୯କୁ ସହ ଗୁଣିବାରୁ ଗୁଣଫଳ ୭୨ ମଧ୍ୟ ହେଲା । ଦ୍ୱିତୀୟ ଉଦାହରଣରେ ୧୦କୁ ୮ରେ ଗୁଣିଲେ ଗୁଣଫଳ ଯାହାମିଳିଲା,୮କୁ ୧୦ ସହ ଗୁଣିବାରୁ ଗୁଣଫଳ ମଧ୍ୟ ସେହି ସଂଖ୍ୟା ହେଲା । ଏଥିରୁ ତୁମେ କ'ଣ ଲକ୍ଷ୍ୟ କରୁଛ ଲେଖ ।

ଗୁଣ୍ୟ ଓ ଗୁଣକର କ୍ରମ ବଦଳାଇ ଗୁଣନ କଲେ ଗୁଣଫଳ ସମାନ ହୋଇଥାଏ ।

- ତଳେ ତିନୋଟି ସଂଖ୍ୟାକୁ କିପରି ଗୁଣନ କରାଯାଇଛି ଲକ୍ଷ୍ୟ କର ।

ଉଦାହରଣ- ୧ ୯ × ୮ × ୭ = ୭୨ × ୭ = ୫୦୪

ଏଠାରେ ପ୍ରଥମେ ୯କୁ ୮ସହ ଗୁଣାଯାଇଛି । ମିଳିଥିବା ଗୁଣନ ଫଳ ସହିତ ୭କୁ ଗୁଣନ କରାଯାଇଛି ।

୯×୮×୭ = ୯× ୫୬ = ୫୦୪

ଏଠାରେ ପ୍ରଥମେ ୮କୁ ୭ସହିତ ଗୁଣାଯାଇଛି । ମିଳିଥିବା ଗୁଣନ ଫଳ ସହିତ ୯କୁ ଗୁଣନ କରାଯାଇଛି । କିନ୍ତୁ, ଉଭୟ ଉପାୟରେ ଗୁଣଫଳ ସମାନ ହେଉଛି ।

☞ ତୁମେ ସେହିଭଳି ୧୧×୪×୩ ଓ ୨୪×୨×୫ କେତେ ହେବ ନିର୍ଣ୍ଣୟ କର ।

## ଅଭ୍ୟାସ କାର୍ଯ୍ୟ

୧. ମନେ ମନେ ହିସାବ କରି ଉତ୍ତର ଲେଖ :

(କ) ୨୦୧ × ୮ (ଖ) ୫୦୫ × ୪

(ଗ) ୯୯ × ୫ (ଘ) ୯୯୯ × ୮

(ଙ) ୧୧୨ × ୩ (ଚ) ୫୧୦ × ୮

(ଛ) ୯୯୨ × ୮ (ଜ) ୬୯୯ × ୭

୨. ଶୂନ୍ୟସ୍ଥାନ ପୂରଣ କର :-

(କ) ୫୧୨ × ୬ = (୫୦୦ × ୬) + (☐ × ୬)

= ☐ + ☐ = ☐

(ଖ) ୧୯୯ × ୪ = (☐ - ୧) × ୪

= ୨୦୦ × ☐ - ୧ × ୪

= ୮୦୦ - ☐ = ୭୯୬

## ଗୁଣନରେ ସଂରଚନା

- ୯ର ଗୁଣନ କୁହୁକ

୯ × ୧ = ୯

୯ × ୨ = ୧୮, ଏଠାରେ ଗୁଣଫଳର ଅଙ୍କଗୁଡ଼ିକର ସମଷ୍ଟି ୯

୯ × ୩ = ୨୭, ଏଠାରେ ଗୁଣଫଳର ଅଙ୍କଗୁଡ଼ିକର ସମଷ୍ଟି ୯

୯ × ୪ = ୩୬, ଏଠାରେ ଗୁଣଫଳର ଅଙ୍କଗୁଡ଼ିକର ସମଷ୍ଟି ୯

୯ × ୯ = ୮୧ , ଏଠାରେ ଗୁଣଫଳର ଅଙ୍କଗୁଡ଼ିକର ସମଷ୍ଟି ୯

୯ × ୧୧ =

୯ × ୧୨ =

୯ × ୨୩ =

କ'ଣ ଦେଖିଲ ?

- ନିମ୍ନ ସଂରଚନାକୁ ଦେଖ । ତୁମେ ଏହିପରି ୯କୁ ଭିନ୍ନ ଭିନ୍ନ ସଂଖ୍ୟା ସହ ଗୁଣନ କରି ମିଳୁଥିବା ଗୁଣଫଳରେ ଅଙ୍କଗୁଡ଼ିକୁ ଯୋଗକର । କ'ଣ ପାଉଛ ଦେଖ ।

୯ × ୧ = ୯

୯ × ୧୧ = ୯୯

୯ × ୧୧୧ = ୧୧୧ × ୯ = ୯୯୯

୯ × ୧୧୧୧ = ୧୧୧୧ × ୯ = ୯୯୯୯

☞ ତୁମେ ଏହି ସଂରଚନାକୁ ଆଗକୁ ବଢ଼ାଅ ।

● ଆସ, ୨ ଓ ୩ର ଗୁଣନଖନ୍ଦା ତିଆରି କରିବା :

୨ର ଗୁଣନଖନ୍ଦା ତିଆରି କରିବା ପାଇଁ ପ୍ରତି ଧାଡ଼ିରେ ୧ରୁ ଆରମ୍ଭ କରି ୨୦ ପର୍ଯ୍ୟନ୍ତ ଦୁଇଟି ଲେଖାଏଁ ସଂଖ୍ୟା ତଳକୁ ତଳ ଲେଖିବା । ଲକ୍ଷ୍ୟକର-

| | |
|---|---|
| ୧ | ୨ |
| ୩ | ୪ |
| ୫ | ୬ |
| ୭ | ୮ |
| ୯ | ୧୦ |
| ୧୧ | ୧୨ |
| ୧୩ | ୧୪ |
| ୧୫ | ୧୬ |
| ୧୭ | ୧୮ |
| ୧୯ | ୨୦ |

● ଏବେ ପ୍ରତ୍ୟେକ ଧାଡ଼ିର ଡ଼ାହାଣ ପଟେ ଥିବା ସଂଖ୍ୟାରେ ମୁଣ୍ଡୁଳା ବୁଲାଇବା ।

● ଲକ୍ଷ୍ୟ କର, ଡ଼ାହାଣ ପାଖରେ ଥିବା ସଂଖ୍ୟାଗୁଡ଼ିକ ହେଉଛି- ୨,୪,୬,୮,୧୦,୧୨,୧୪,୧୬,୧୮,୨୦

● ଏବେ, ତୁମେ ପୂର୍ବରୁ ଶିଖିଥିବା ୨ର ଗୁଣନଖନ୍ଦାକୁ ମନେ ପକାଅ ।

| | | | | | | | | | |
|---|---|---|---|---|---|---|---|---|---|
| ୨ | ୪ | ୬ | ୮ | ୧୦ | ୧୨ | ୧୪ | ୧୬ | ୧୮ | ୨୦ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୨ | ୨ | ୨ | ୨ | ୨ | ୨ | ୨ | ୨ | ୨ | ୨ |

● ୨ର ଗୁଣନଖନ୍ଦାରେ ଥିବା ଗୁଣଫଳଗୁଡ଼ିକ ବାମ ପଟେ ଥିବା ସଂଖ୍ୟା ସାରଣୀରେ ଅଛି କି ?

● ଆସ, ସେହିପରି ୩ର ଗୁଣନ ଖନ୍ଦା କରିବା ।

| | | |
|---|---|---|
| ୧ | ୨ | ୩ |
| ୪ | ୫ | ୬ |
| ୭ | ୮ | ୯ |
| ୧୦ | ୧୧ | ୧୨ |
| ୧୩ | ୧୪ | ୧୫ |
| ୧୬ | ୧୭ | ୧୮ |
| ୧୯ | ୨୦ | ୨୧ |
| ୨୨ | ୨୩ | ୨୪ |
| ୨୫ | ୨୬ | ୨୭ |
| ୨୮ | ୨୯ | ୩୦ |

● ଏଠାରେ ପ୍ରତ୍ୟେକ ଧାଡ଼ିରେ କେତୋଟି ସଂଖ୍ୟା ଲେଖାଗଲା ?

● ପ୍ରତିଧାଡ଼ିର ଡ଼ାହାଣ ପଟ ସଂଖ୍ୟାରେ ମୁଣ୍ଡୁଳା ବୁଲାଅ ।

● ତୁମେ କେଉଁ କେଉଁ ସଂଖ୍ୟା ପାଇଲ ?

● ଏବେ ସେହି ସଂଖ୍ୟାଗୁଡ଼ିକୁ ନେଇ ୩ଥର ଗୁଣନ ଖନ୍ଦାକୁ ଲେଖ ।

☞ (କ) ୪, ୬, ୭ର ଗୁଣନ ଖନ୍ଦା ତିଆରି କର ।

☞ (ଖ) ତୁମେ ୧୧ ଓ ୧୩ର ଗୁଣନ ଖନ୍ଦା ତିଆରି କରି ପାରିବ କି ?

ଏବେ କହ- ଏପରି ଗୁଣନ ଖନ୍ଦା ତିଆରି କରିବା ସହଜ ହେଉଛି କି ? କାହିଁକି ?

# ହରଣ କରି ଜାଣିବା


ଓଧ ଓ ନେଉଳ ଗୋଟିଏ ପୋଖରୀରୁ ଜାଲ ପକାଇ ମାଛ ଧରିଲେ । ଦୁଇଜଣଙ୍କର ଖୁସି କହିଲେ ନ ସରେ, କେତେ ମାଛ । ହେଲେ ସେମାନଙ୍କର ମନରେ ଦୁଃଖ ରହିଗଲା ସବୁମାଛ ସମାନ ବଢ଼ି ନାହାଁନ୍ତି । ଅଳ୍ପ କେତୋଟି ମାଛ ବହୁତ ବଡ଼ ହୋଇଛନ୍ତି । ତିନି ପ୍ରକାରର ମାଛ- ଛୋଟମାଛ, ମଝିଆ ପ୍ରକାରର ମାଛ ଓ ବଡ଼ମାଛ । ବଡ଼ମାଛ ୨ଟି, ମଝିଆ ପ୍ରକାରର ମାଛ ୪ଟି ଓ ସାନମାଛ ୮ଟି ।

7XH5QK



ମାଛ କିପରି ବାଣ୍ଟିବେ ଓଧ ଓ ନେଉଳ ? କ'ଣ କରିବେ । ନେଉଳ ଟିକିଏ ଚଲାକ୍ କରି ଓଧକୁ କହିଲା, "ଛୋଟମାଛର ସଂଖ୍ୟା ଅଧିକ, ତୁମେ ନେଇଯାଅ । ବଡ଼ମାଛ ଓ ମଝିଆମାଛଙ୍କ ସଂଖ୍ୟା ମିଶି କମ୍, ତେଣୁ ମୁଁ ନେଇଯାଉଛି" । ଓଧ ଭାବିଲା- ସାନ ମାଛ ସଂଖ୍ୟା ଅଧିକ କିନ୍ତୁ ବଡ଼ମାଛଙ୍କ ସହ ସମାନ ହେବେ ନାହିଁ । ଓଧ କହିଲା- "ଠିକ୍ ଅଛି, ମୁଁ ବଡ଼ ଓ ମଝିଆମାଛ ନେଇଯାଉଛି । ତୁମେ ସାନମାଛ ସବୁ ନେଇଯାଅ ।" ଏ କଥାରେ ନେଉଳ ରାଜି ହେଲା ନାହିଁ । ଦୁହିଁଙ୍କ ଭିତରେ କଥାବାର୍ତ୍ତା, ପରେ କଳି । ଶେଷରେ କ'ଣ ନିଷ୍ପତ୍ତି ହୋଇଥିବ ? ସେମାନେ କେମିତି ମାଛକୁ ବାଣ୍ଟିଥିବେ କହ ।

ସେମାନେ କିପରି ମାଛଗୁଡ଼ିକୁ ବାଣ୍ଟିଲେ ଆସ ଦେଖିବା ।



- ଆସ, ଆଉ ଗୋଟିଏ ପରିସ୍ଥିତି ସଂପର୍କରେ ଆଲୋଚନା କରିବା ।

ଥରେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ବନ୍ୟା ହୋଇଥିଲା । କେନ୍ଦ୍ର ସରକାର ଓଡ଼ିଶା ଓ ପଶ୍ଚିମବଙ୍ଗ ପାଇଁ ଚୁଡ଼ା ବସ୍ତା ଟ୍ରେନ୍‌ରେ ପଠାଇଲେ । ଉଭୟ ରାଜ୍ୟ ସମାନ ସଂଖ୍ୟକ ଚୁଡ଼ା ବସ୍ତା ବାଣ୍ଟିନେବେ । ମୋଟ ୮ଟି ଟ୍ରକ (ପ୍ରତ୍ୟେକ ଟ୍ରକରେ ୧୦୦ ବସ୍ତା), ୬ଟି ଟ୍ରାକ୍‌ଟରରେ (ପ୍ରତି ଟ୍ରାକ୍‌ଟରରେ ୧୦ ବସ୍ତା ଲେଖାଏଁ) ଓ ୪ଟି ଖୋଲା ବସ୍ତା ଚୁଡ଼ା ଆସିଥିଲା ।

☞ ଏବେ କହ, ସମାନ ଭାଗ କରି ବାଣ୍ଟିବାରେ ନିମ୍ନ ମଧ୍ୟରୁ କେଉଁଟି ଠିକ୍, ସହଜ ଓ ଶୀଘ୍ର ହେବ ?

(କ) ସମସ୍ତ ଚୁଡ଼ା ବସ୍ତାକୁ କାଢ଼ି ଗଣିବା ଓ ବସ୍ତା ବସ୍ତା କରି ଭାଗ ବାଣ୍ଟିବା ।

(ଖ) ଗୋଟିଏ ରାଜ୍ୟ ୮ ଟ୍ରକ ଚୁଡ଼ା ବସ୍ତା ଓ ଅନ୍ୟ ରାଜ୍ୟଟି ୬ଟି ଟ୍ରାକ୍‌ଟରରେ ଥିବା ଚୁଡ଼ା ଓ ୩ଟି ଖୋଲା ବସ୍ତା ନେବେ ।

(ଗ) ଟ୍ରକ, ଟ୍ରାକ୍‌ଟର ଓ ଖୋଲା ଗୋଟିକିଆ ବସ୍ତାରେ ଥିବା ଚୁଡ଼ାରୁ ଯେ କୌଣସି ରାଜ୍ୟକୁ ଯେତେ ବସ୍ତା ଦେଲେ ଚଳିବ ।

(ଘ) ପ୍ରତି ରାଜ୍ୟକୁ ସମାନ ସମାନ ଟ୍ରକର ଚୁଡ଼ା, ସମାନ ସମାନ ଟ୍ରାକଟରର ଚୁଡ଼ା ଓ ସମାନ ସମାନ ଖୋଲାବସ୍ତା ଚୁଡ଼ା ଦିଆଯିବ ।

- ଉପରେ ଦିଆଯାଇଥିବା ଚୁଡ଼ାବଣ୍ଟା ପରିସ୍ଥିତିକୁ ଭାଗକ୍ରିୟାରେ କିପରି ପ୍ରକାଶ କରାଯାଇପାରିବ ?

  ୮ଟି ଟ୍ରକରେ ଥିଲା ୮ଶହ ବସ୍ତା ଚୁଡ଼ା, ଏହାକୁ ଦୁଇ ସମାନ ଭାଗ କଲେ ପ୍ରତି ରାଜ୍ୟ ପିଛା ପଡ଼ିବ ୪ଟ୍ରକ ଚୁଡ଼ା ବା ୪ଶହ ବସ୍ତା

  ଅର୍ଥାତ୍ ୮ଶହ ÷ ୨ = ୪ଶହ

- ଗୋଟିଏ ଟ୍ରାକ୍‌ଟରରେ ଥିଲା ୧୦ବସ୍ତା ଚୁଡ଼ା, ୬ଟି ଟ୍ରାକ୍‌ଟରରେ ଥିଲା ୬ଦଶ (=୬୦)ବସ୍ତା ଚୁଡ଼ା

  ଦୁଇ ରାଜ୍ୟ ମଧ୍ୟରେ ଏହାକୁ ସମାନ ଭାବରେ ବାଣ୍ଟିନେଲେ ପ୍ରତି ରାଜ୍ୟ ପିଛା ପଡ଼ିବ ୩ଦଶ ଚୁଡ଼ା ବସ୍ତା

  ଏହାକୁ ଏପରି ଲେଖାଯିବ ୬ଦଶ ÷ ୨ = ୩ଦଶ

- ସେହିପରି ୪ଟି ଖୋଲା ଚୁଡ଼ାବସ୍ତାକୁ ଦୁଇ ସମାନ ଭାଗ କଲେ, ପ୍ରତି ଭାଗରେ ପଡ଼ିବ ୨ ବସ୍ତା ।

  ୪ଏକ ÷ ୨ = ୨ଏକ

ଅର୍ଥାତ୍ ୮ଶହ ୬ ଦଶ ୪ଏକ ÷ ୨ = ୪ଶହ ୩ଦଶ ୨ଏକ

୮୬୪ ÷ ୨ = ୪୩୨

ଉପରେ ଦିଆଯାଇଥିବା ଭାଗ କରିବାର ପ୍ରଣାଳୀକୁ ଚିତ୍ରରେ ଦର୍ଶାଅ-

☞ ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) ୬ ଶହ ୪ ଦଶ ଓ ୨ ଏକ କୁ ୨ ଭାଗ କଲେ, ପ୍ରତି ଭାଗରେ ପଡ଼ିବ ☐ ଶହ ☐ ଦଶ ଓ ☐ ଏକ,

ସଂଖ୍ୟାରେ ଲେଖିଲେ ୬୪୨ ÷ ୨ = ☐

(ଖ) ୬ ଶହ ୩ ଦଶ ଓ ୩ ଏକ କୁ ୩ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୬୩୩ ÷ ୩ = ☐

(ଗ) ୯ ଶହ ୬ ଦଶ ଓ ୦ ଏକ କୁ ୩ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୯୬୦ ÷ ୩ = ☐

(ଘ) ୮ ଶହ ୦ ଦଶ ଓ ୪ ଏକକୁ ୪ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୮୦୪ ÷ ୪ = ☐

- ୩୨୫ କୁ ୫ ଦ୍ୱାରା କିପରି ଭାଗକରାଯାଏ, ଆସ ଦେଖିବା ।

```
      ୦୬୫
  ୫ ) ୩୨୫
      ୦
  --------
      ୩୨
      ୩୦
  --------
       ୨୫
       ୨୫
  --------
        ୦
```

**ପ୍ରଥମ ସୋପାନ-** ପ୍ରଥମେ ୩ ଶହ ନେବା ୫ ଭାଗ କରିବା (୩ କୁ ୫ ଦ୍ୱାରା ଭାଗ କରିପାରିବା ନାହିଁ)। ତେଣୁ ୩ ଶହ ଓ ୨ ଦଶ ନେବା । ଏହାକୁ ୫ ଦ୍ୱାରା ଭାଗ କରିବା ।

**ଦ୍ୱିତୀୟ ସୋପାନ-** ୩ ଶହ ୨ ଦଶ = ୩୨ ଦଶ, ୩୨ ଦଶ କୁ ୫ ଦ୍ୱାରା ଭାଗ କରିବା ।

୩୨ ଦଶକୁ ୫ ଦ୍ୱାରା ଭାଗ କଲେ ପ୍ରତି ଭାଗରେ ପଡିବ ୬ ଦଶ ଓ ୨ ଦଶ ବଳିଲା ।

**ତୃତୀୟ ସୋପାନ-** ବର୍ତ୍ତମାନ ରହିଲା ୨ ଦଶ ଓ ୫ ଏକ = ୨୫ ଏକ

**୨୫ ଏକକୁ ୫ ଭାଗ କଲେ ପ୍ରତି ଭାଗରେ ୫ ଏକ ପଡ଼ିବ ।**

ଆଉ କୌଣସି ସଂଖ୍ୟା ବଳିଲା ନାହିଁ ।

ତେଣୁ ୩୨୫ ÷ ୫ = ୬ ଦଶ ୫ ଏକ ବା ୬୫

☞ ତୁମେ ନିମ୍ନ ହରଣକ୍ରିୟାଗୁଡ଼ିକୁ ନିଜେ କର ।

(କ) ୩ ) ୬୩୯ (ଗ) ୮ ) ୬୪୮

(ଖ) ୫ ) ୭୫୦ (ଘ) ୬ ) ୯୮୪

ଉଦାହରଣ - ୧

୮୨୩ଟି ପଙ୍ଖାକୁ ୩ଜଣ ବ୍ୟବସାୟୀ ସମାନ ଭାଗରେ ବାଣ୍ଟିନେଲେ । ପ୍ରତ୍ୟେକଙ୍କ ଭାଗରେ କେତୋଟି ପଙ୍ଖା ପଡ଼ିବ ?

ସମାଧାନ-

```
     ୨୭୪
୩ ) ୮୨୩
    ୬
    ----
    ୨୨
    ୨୧
    ----
     ୧୩
     ୧୨
    ----
      ୧
```

ଲକ୍ଷ୍ୟ କର, ପ୍ରତ୍ୟେକ ବ୍ୟବସାୟୀ ୨୭୪ଟି ନେଲା ପରେ ମଧ୍ୟ ଗୋଟିଏ ପଙ୍ଖା ବଳିପଡ଼ିଲା ।
ଅର୍ଥାତ୍ ଭାଗ କଲାବେଳେ କେତେକ କ୍ଷେତ୍ରରେ କିଛି ବଳେ ନାହିଁ ଓ କେତେକ କ୍ଷେତ୍ରରେ କିଛି ବଳିପଡ଼େ ।

ମନେରଖ, ଯାହାକୁ ଭାଗ କରାଯାଏ, ଅର୍ଥାତ୍ ଯେଉଁ ମୂଳ ଜିନିଷକୁ ଭାଗ ବଣ୍ଟାଯାଇଥାଏ, ତା'କୁ **ଭାଜ୍ୟ** କୁହାଯାଏ ।

ଯେତିକି (ଯାହାଦ୍ୱାରା) ଭାଗ କରାଯାଏ, ତା'କୁ **ଭାଜକ** କୁହାଯାଏ ।

ଭାଗ ହେବା ପରେ ଗୋଟିଏ ଭାଗରେ ଯେତିକି ପଡ଼ିଲା, ତା'କୁ **ଭାଗଫଳ** କୁହାଯାଏ ।

ଭାଗକ୍ରିୟା ପରେ ଯାହା ବଳିପଡ଼େ, ତା'କୁ **ଭାଗଶେଷ** କୁହାଯାଏ ।


- ଉପର ଉଦାହରଣରେ ଆମେ ଦେଖିଲେ ୮୨୩ ÷ ୩ = ୨୭୪ ପଡ଼ି ୧ ବଳିଲା ।
  ଏଠାରେ ୮୨୩ କୁ ଭାଗ କରାଯାଇଛି, ତେଣୁ ୮୨୩ ହେଉଛି ଭାଜ୍ୟ,
  ୮୨୩ କୁ ୩ ସମାନ ଭାଗ କରାଯାଇଛି, ଏଠାରେ ୩ ହେଉଛି ଭାଜକ,
  ୮୨୩ କୁ ୩ ଭାଗ କରିବା ଫଳରେ ପ୍ରତି ଭାଗରେ ୨୭୪ ପଡୁଛି, ଏଠାରେ ୨୭୪ ହେଉଛି ଭାଗଫଳ ।
  ୮୨୩କୁ ୩ ଭାଗ କରିବା ଫଳରେ ପ୍ରତି ଭାଗରେ ୨୭୪ ପଡ଼ିବା ପରେ ମଧ୍ୟ ୧ ବଳି ପଡୁଛି, ତେଣୁ ୧ ହେଉଛି ଭାଗଶେଷ ।

☞ ପ୍ରତ୍ୟେକ କ୍ଷେତ୍ରରେ ହରଣ କରି ଭାଜ୍ୟ, ଭାଜକ, ଭାଗଫଳ ଓ ଭାଗଶେଷ କେତେ ହେଲା ଲେଖ ।-

(କ) ୪ ) ୮୨୪ (ଖ) ୨ ) ୯୩୨ (ଗ) ୪ ) ୭୩୬

(ଘ) ୩ ) ୯୬୩ (ଙ) ୩ ) ୬୩୬ (ଚ) ୩ ) ୯୩୫

• ଗାଁ ଗହଳିର କଥା, ଛୋଟ ଗାଁ ଟିଏ, ନାମ ଅଲେଖପୁର । ଗାଁରେ ମାତ୍ର ୯ ଘର, ସମସ୍ତେ ଗାଁରେ ଥିବା କେତେକ ପଣସ ଗଛରୁ ୨୮୭ଟି ପଣସ ତୋଳିଲେ ଓ ସମାନ ଭାଗରେ ବାଣ୍ଟିନେଲେ । କେତୋଟି ପଣସ ବଳିପଡ଼ିଥିବ ? ଜଣଙ୍କ ଭାଗରେ କେତୋଟି ପଣସ ପଡ଼ିଥିବ ? ରାତିରେ ଗାଁରେ ସଭା ବସିଥିଲା । ଗାଁ ଦାଣ୍ଡର ରାସ୍ତା ତିଆରି ହେବ । ପଇସା ଆସିବ କେଉଁଠୁ ? ଜଣେ ଲୋକ ଠିଆ ହୋଇ ପ୍ରସ୍ତାବ ଦେଲା, ଆମେ ସମସ୍ତେ ଆଜି ଯେଉଁ ପଣସ ନେଇଥିଲେ ସେ ସବୁକୁ ଏକାଠି କରି ବିକିଦେବା । ସମସ୍ତେ ଏ ପ୍ରସ୍ତାବରେ ରାଜିହେଲେ ଓ ନିଜେ ନେଇଥିବା ପଣସ ଆଣି ନିମ୍ନଭଳି ରଖିଲେ ।



☞ ଏବେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ-

- ମୋଟ୍ କେତୋଟି ପଣସ ତୋଳା ଯାଇଥିଲା ?
- ଗ୍ରାମରେ ମୋଟ୍ କେତେ ଘର ଥିଲା ?
- ପ୍ରତି ଘର ପିଛା କେତୋଟି ଲେଖାଏଁ ପଣସ ପଡ଼ିଲା ?
- ଆଉ କେତୋଟି ପଣସ ବଳିପଡ଼ିଲା ?

ଏହି ଭାଗକ୍ରିୟାରେ ଭାଜ୍ୟ, ଭାଜକ, ଭାଗଫଳ ଓ ଭାଗଶେଷ କେତେ ପାଇଲ ତଳେ ଲେଖ ।

ଭାଜ୍ୟ = ☐ , ଭାଜକ = ☐ , ଭାଗଫଳ = ☐ , ଭାଗଶେଷ = ☐

ଗାଁ ଲୋକମାନେ ନେଇଥିବା ପଣସକୁ ଆଣି ରଖିବାପରେ ମୋଟ୍ ପଣସ ସଂଖ୍ୟା ଜାଣିବେ କିପରି ? ମୋଟ୍ ପଣସ ଏମିତି ହିସାବ କରିବ -

୧ଟି ଭାଗରେ ୩୧ ଟି ପଣସ

୯ଟି ଭାଗରେ ୩୧ x ୯ଟି ପଣସ = ୨୭୯ ଟି ପଣସ

୮ଟି ଗୋଟିକିଆ ପଣସ ଅଛି,

ମୋଟ ପଣସ ସଂଖ୍ୟା = ୨୭୯ଟି ପଣସ + ୮ଟି ପଣସ = ୨୮୭ଟି ପଣସ

ତେବେ ୨୮୭ = ୩୧ x ୯ + ୮

ବା ୨୮୭ = ୯ x ୩୧ + ୮

∴ ଭାଜ୍ୟ = ଭାଜକ x ଭାଗଫଳ + ଭାଗଶେଷ

ପ୍ରତ୍ୟେକ କ୍ଷେତ୍ରରେ ହରଣ କରି ଭାଗଫଳ ଓ ଭାଗଶେଷ ନିର୍ଣ୍ଣୟ କର। ତୁମର ଉତ୍ତର ଠିକ୍ ଅଛି କି ନାହିଁ ଜାଣିବା ପାଇଁ ଭାଜକରେ ଭାଗଫଳକୁ ଗୁଣ। ଗୁଣଫଳ ଯାହା ପାଇଲ, ସେଥିରେ ଭାଗଶେଷକୁ ମିଶାଅ। ଯୋଗଫଳ ଯଦି ଭାଜ୍ୟ ସହ ସମାନ ହେଲା, ତା'ହେଲେ ଜାଣିବ ତୁମେ କରିଥିବା ହରଣ ଠିକ୍ ଅଛି।

(କ) ୬୫୩ ÷ ୩

(ଖ) ୪୯୮ ÷ ୫

(ଗ) ୯୬୩ ÷ ୪

(ଘ) ୭୮୪ ÷ ୭

ଏବେ ବିଭିନ୍ନ ପରିସ୍ଥିତିରେ ହରଣର ବ୍ୟବହାର ସମ୍ପର୍କରେ ଜାଣିବା

ଉଦାହରଣ - ୧

ଗୋଟିଏ ପେଟିରେ ୯ଟି ବହି ରଖାଯାଇପାରିବ। ୧୮୯ଟି ବହିକୁ କେତୋଟି ପେଟିରେ ରଖାଯିବ ?

ସମାଧାନ- ଏଠାରେ ପେଟି ସଂଖ୍ୟା ଜାଣିବା ପାଇଁ ୧୮୯ରେ ୯କୁ ଭାଗ କରାଯିବ।

ଗୋଟିଏ ପେଟିରେ ୯ଟି ବହି ରହେ।

୧୮୯ଟି ବହିକୁ = ୧୮୯ ÷ ୯ = ୨୧ଟି ପେଟିରେ ରଖିହେବ।

∴ ୧୮୯ଟି ବହି ୨୧ଟି ପେଟିରେ ରହିବ।

```
     ୨୧
  ୯ ) ୧୮୯
     ୧୮
     ---
      ୦୯
       ୯
     ---
       ୦
```

ଉଦାହରଣ - ୨

୮ଜଣ ପିଲା ୮୨୪ଟି କୋଳିକୁ ସମାନ ଭାଗରେ ବାଣ୍ଟିନେଲେ। ଜଣଙ୍କ ଭାଗରେ କେତୋଟି କୋଳି ପଡ଼ିବ ?

ସମାଧାନ -

୮ଜଣ ପିଲା ୮୨୪ଟି କୋଳି ଭାଗ ବାଣ୍ଟିବେ।

୧ଜଣ ପିଲା ଭାଗରେ କୋଳି ସଂଖ୍ୟା = ୮୨୪ ÷ ୮ = ୧୦୩ଟି

∴ ଜଣଙ୍କ ଭାଗରେ ୧୦୩ଟି କୋଳି ପଡ଼ିବ।

```
     ୧୦୩
  ୮ ) ୮୨୪
     ୮
     ---
      ୦୨
       ୦
     ---
       ୨୪
       ୨୪
     ---
        ୦
```

## ଅଭ୍ୟାସ କାର୍ଯ୍ୟ

୧. ଭାଗଫଳ ଓ ଭାଗଶେଷ ନିର୍ଣ୍ଣୟ କର ।

(କ) ୪୬୮ ÷ ୨ (ଖ) ୯୨୧ ÷ ୩

(ଗ) ୭୦୨ ÷ ୩ (ଘ) ୩୯୬ ÷ ୭

(ଙ) ୬୧୭ ÷ ୯ (ଚ) ୮୦୫ ÷ ୧୦

ପ୍ରତ୍ୟେକ କ୍ଷେତ୍ରରେ ଭାଗଶେଷ, ଭାଜକ ଠାରୁ ଅଧିକ ହେଉଛି ନା କମ୍ ହେଉଛି ? କାରଣ କ'ଣ ଲେଖ ।

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ୫୨୬ ÷ ୨ = ଭାଗଫଳ.......... , ଭାଗଶେଷ ..........

(ଖ) ୭୯୩ ÷ ୫ = ଭାଗଫଳ.......... , ଭାଗଶେଷ ..........

(ଗ) ୩୦୪ ÷ ୪ = ଭାଗଫଳ.......... , ଭାଗଶେଷ..........

(ଘ) ୮୮୦ ÷ ୧୦ = ଭାଗଫଳ.......... , ଭାଗଶେଷ..........

୩. ଶୂନ୍ୟସ୍ଥାନ ପୂରଣ କର ।

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| ୮୯୫ | ୨ | ୪୪୭ | ୧ |
| ୫୮୯ | ୪ | | |
| ୭୪୨ | ୭ | | |
| ୩୦୫ | ୮ | | |
| ୯୦୧ | ୬ | | |
| ୫୫୫ | ୫ | | |

୪. ନିମ୍ନରେ ଭାଜକ, ଭାଗଫଳ ଓ ଭାଗଶେଷ ଦତ୍ତ ଅଛି । ଭାଜ୍ୟ ନିର୍ଣ୍ଣୟ କର ।

| ଭାଜକ | ଭାଗଫଳ | ଭାଗଶେଷ | ଭାଜ୍ୟ |
|---|---|---|---|
| ୭ | ୧୫ | ୩ | |
| ୯ | ୧୦୫ | ୭ | |
| ୧୦ | ୩୨୮ | ୫ | |
| ୨୩ | ୮୭୯ | ୧୩ | |

୫. ୮,୯ ଓ ୪କୁ ବ୍ୟବହାର କରି  ତିନି ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ସାରଣୀର ବାମ ପଟ ସ୍ତମ୍ଭରେ ତଳକୁ ତଳ ଲେଖ । ଲେଖିଥିବା ସଂଖ୍ୟାକୁ ଦତ୍ତ ଭାଜକମାନଙ୍କ ଦ୍ୱାରା ଭାଗ କରି ଯେଉଁଠି ଭାଗଶେଷ '୦' ସେଠାରେ ( ✓ ) ଚିହ୍ନ ଦିଅ, ନହେଲେ  (✕ ) ଚିହ୍ନ ଦିଅ ।

ଯେପରି-

| ଭାଜ୍ୟ | ଭାଜକ | | | |
|---|---|---|---|---|
| | ୨ | ୫ | ୮ | ୩ |
| ୮୯୪ | ✓ | ✕ | ✕ | ✓ |
| ୮୪୯ | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |

୬. ନିମ୍ନ ସାରଣୀରେ ଥିବା ଶୂନ୍ୟ ଘର ଗୁଡ଼ିକରେ ଠିକ୍ ସଂଖ୍ୟା ଲେଖି ପୂରଣ କର ।

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| | ୫୭ | ୭ | ୧୫ |
| ୭୫୧ | ୭ | | ୪ |
| ୩୭୯ | ୮ | | |
| ୧୦୦ | ୧୦ | | |
| | ୯ | ୬୭ | ୦ |
| | ୭ | ୯୭ | ୫ |

କୌଣସି ସଂଖ୍ୟାକୁ ୧୦ ଦ୍ୱାରା ଭାଗ କଲେ ଭାଗଫଳ କ'ଣ ହେଉଛି ଲେଖ ।(ଭାଜ୍ୟକୁ ୪୦, ୫୦, ୮୦, ୯୦ ଓ ୧୦୦ ନେଇ ଏହି କାମ କର ।)

୭.ସମାଧାନ କର ।

(କ) କରିମ୍ ପାଖରେ ୩୬୯ଟି ଟଗର ଫୁଲ ଅଛି । ପ୍ରତି ମାଳରେ ସମାନ ସଂଖ୍ୟକ ଫୁଲ ଗୁନ୍ଥି ସେ ୩ଟି ମାଳ ତିଆରି କରିବ ବୋଲି ସ୍ଥିର କଲା । ପ୍ରତି ମାଳରେ କେତୋଟି ଫୁଲ ରହିବ ?

(ଖ) ରୋମି ମହମବତି ତିଆରି କରେ । ଗୋଟିଏ ଦିନ ସେ ୭୨୫ଟି ମହମବତି ତିଆରି କଲା । ଗୋଟିଏ ପ୍ୟାକେଟ୍‌ରେ ୬ଟି ମହମବତି ରହିଲେ ସର୍ବାଧିକ କେତୋଟି ପ୍ୟାକେଟ୍ ହେବ ଓ କେତୋଟି ବତି ବଳକା ରହିବ ?

(ଗ) ତୁମ ଜନ୍ମଦିନରେ ବାପା ଗଛରୁ ୨୨୫ଟି ଚମ୍ପା ଫୁଲ ତୋଳିଥିଲେ । ଏହି ଫୁଲଗୁଡ଼ିକୁ ପ୍ରତି ଅତିଥିଙ୍କୁ ୫ଟି କରି ଦେବାରୁ ସମସ୍ତ ଅତିଥି ଫୁଲ ପାଇଲେ ଏବଂ ଆଉ ଫୁଲ ବଳିଲା ନାହିଁ । ତୁମ ଜନ୍ମଦିନର ଅତିଥି ସଂଖ୍ୟା କେତେ ?

(ଘ) ୪୩ଜଣ ପିଲାଙ୍କ ମଧ୍ୟରୁ ପ୍ରତି ପିଲାଙ୍କୁ ୪ଟି ଲେଖାଏଁ କମଳା ବାଣ୍ଟିବାରୁ ୨୮ଟି କମଳା ବଳି ପଡ଼ିଲା । ଯଦି ଜଣକୁ ୫ଟି କରି କମଳା ଦିଆଯାଇଥାନ୍ତା ତେବେ ଆଉ କେତୋଟି କମଳା ଦରକାର ପଡ଼ିଥାନ୍ତା ?

(ଙ) ଶିଶୁ ଦିବସରେ ଶିକ୍ଷକ ୧୫୬ ଜଣ ପିଲାଙ୍କୁ ୫ଟି ଲେଖାଏଁ ଚକୋଲେଟ୍ ବାଣ୍ଟିଲେ । ତାଙ୍କ ପାଖରେ ଆଉ ୩୮ଟି ଚକୋଲେଟ୍ ବଳି ପଡ଼ିଲା । ତେବେ ସେ କେତୋଟି ଚକୋଲେଟ୍ ଆଣିଥିଲେ ?

(ଚ) ସ୍ୱାଧୀନତା ଦିବସରେ ସାଜସଜା ପାଇଁ ପିଲାମାନେ ୬୩୭ଟି ପତାକା ତିଆରି କରି ସମାନ ଭାବରେ ୫ଟି ମାଳରେ ପତାକାଗୁଡ଼ିକୁ ଗୁନ୍ଥିଲେ । ଗୋଟିଏ ପତାକା ମାଳରେ କେତୋଟି ପତାକା ଲାଗିବ ? କେତୋଟି ପତାକା ବଳିପଡ଼ିବ ?

(ଛ) ଜଣେ କମଳା ବ୍ୟବସାୟୀ ୭୩୬ ଟି କମଳାକୁ ସମାନଭାବରେ ବାଣ୍ଟି ୮ଟି ପେଟିରେ ରଖିଲେ । ଗୋଟିଏ ପେଟିରେ କେତୋଟି କମଳା ରହିଲା ?

୮.(କ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଗଶେଷ ରହୁ ନ ଥିବ ।

(ଖ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଗଶେଷ ୨ ରହୁଥିବ ।

(ଗ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଜକ ୪ ହେଉଥିବ ଓ ଭାଗଶେଷ ୨ ହେଉଥିବ ।

## ଅଭ୍ୟାସ କାର୍ଯ୍ୟ

ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସମାଧାନ କର ।

୧. ସପନି ଓ ତା' ସ୍ତ୍ରୀ ଶାଳପତ୍ର ତୋଳିବାକୁ ବଣକୁ ଗଲେ । ଉଭୟ ପତ୍ର ତୋଳି ଗୋଟିଏ ଜାଗାରେ ଗଦା କଲେ । ସପନି ୧୦୦ଟିକିଆ ୬ଟି ବିଡ଼ା ତିଆରି କଲା,ତା ପାଖରେ ଆଉ ୪୪ଟି ପତ୍ର ବଳିପଡ଼ିଲା । ସେମାନେ କେତୋଟି ପତ୍ର ତୋଳିଥିଲା ?

୨. ସୀତା ୪୫ ଟି ଫୁଲ ଓ ଗୀତା ୩୦ଟି ଫୁଲ ତୋଳିଲେ । ଦୁହେଁ ତୋଳିଥିବା ଫୁଲକୁ ଏକାଠି କରି ପ୍ରତି ମାଳରେ ସମାନ ସଂଖ୍ୟକ ଫୁଲ ଗୁନ୍ଥି ୫ଟି ମାଳ ତିଆରି କଲେ । ତେବେ ପ୍ରତି ମାଳରେ କେତୋଟି ଫୁଲ ରହିଲା ?

୩. ଜଣେ ବେଲୁନ୍ ବିକାଳି ୮୯ଟି ବେଲୁନ୍ ବିକିବାକୁ ନେଇଥିଲେ । ସେଥିରୁ ୧୭ଟି ବେଲୁନ୍ ଫାଟିଗଲା । ବାକିତକ ବେଲୁନ୍ ୯ଜଣ ପିଲା ସମାନ ଭାବରେ କିଣି ନେଲେ । ପ୍ରତ୍ୟେକ କେତୋଟି ବେଲୁନ୍ କିଣିଲେ ?

୪. ଦୀପାବଳି ପାଇଁ ତୁମେ ୬ଟି ଲେଖାଏଁ ମହମବତି ଥିବା ୧୦ଟି ପ୍ୟାକେଟ୍ ଓ ୧୨ଟି ଲେଖାଏଁ ମହମବତି ଥିବା ୩ଟି ପ୍ୟାକେଟ୍ କିଣିଲ । ମୋଟ୍‌ରେ କେତୋଟି ମହମବତି କିଣିଲ ?

୫. ଗୋଟିଏ ଅଟୋରେ ୫ଜଣ ଆସନ୍ତି । ଗୋଟିଏ ଡଙ୍ଗାରେ ଥରକେ ୮ ଜଣ ନଇ ପାରିହୁଅନ୍ତି । ଦିନେ ୧୬ଟି ଅଟୋରେ ଲୋକ ଆସିଲେ । ସେମାନେ ସମସ୍ତେ କେତେ ଥରରେ ନଈ ପାରି ହେବେ ?

୬. ବାପା ବଜାରରୁ କିଛି ଗୋଲାପ ଚାରା ଆଣି ପ୍ରତି ଧାଡ଼ିରେ ୮ଟି କରି ୯ ଧାଡ଼ିରେ ଲଗାଇଲେ । ସେ ଯଦି ପ୍ରତି ଧାଡ଼ିରେ ୬ଟି କରି ଲଗାଇଥାନ୍ତେ ତେବେ କେତୋଟି ଧାଡ଼ି ହୋଇଥାନ୍ତା ?

୭. ବାତ୍ୟା ବେଳେ ଗୋଟିଏ ସାହିରେ ପ୍ରତି ପରିବାରକୁ ୬ ପ୍ୟାକେଟ୍ ପାଉଁରୁଟି ଦେବାରୁ ୫ ପ୍ୟାକେଟ୍ ବଳି ପଡ଼ିଲା । ସାହିରେ ୯ଟି ପରିବାର ଥିଲେ । କେତେ ପ୍ୟାକେଟ୍ ପାଉଁରୁଟି ବଣ୍ଟାଯିବାକୁ ଆସିଥିଲା ?

୮. ତୁମ ବିଦ୍ୟାଳୟ ପାଠାଗାରରେ ୭ଟି ଥାକରେ ୩୧୫ ଖଣ୍ଡ ବହି ଅଛି । ଯଦି ସବୁ ଥାକରେ ସମାନ ସଂଖ୍ୟକ ବହିଥାଏ, ତେବେ ୨୫ ଟି ଥାକରେ କେତେ ଖଣ୍ଡ ବହି ରହିବ ?

୯. ଗୋଟିଏ ଗଛରୁ ୫ ଜଣ ପିଲା ମିଶି ୨୪୮ ଟି ଆମ୍ବ ତୋଳିଲେ । ସେଥିରୁ ୮ ଟି ଆମ୍ବ ନଷ୍ଟ ହୋଇଗଲା । ଅବଶିଷ୍ଟ ଆମ୍ବକୁ ସେମାନେ ସମାନ ଭାଗରେ ବାଣ୍ଟିନେଲେ, ପ୍ରତ୍ୟେକ ପିଲା କେତୋଟି ଲେଖାଏଁ ଆମ୍ବ ପାଇଲେ ?

୧୦. କେତେକ ପ୍ରଶ୍ନର ସମାଧାନ ଲେଖାଅଛି । ସେହି ସମାଧାନ ପାଇଁ ପ୍ରଶ୍ନଟି କ'ଣ ହେବ ଲେଖ ।

(କ) ୧ ମିଟର କନାର ଦାମ୍ = ୧ ୨ ୫ ଟଙ୍କା

୪ ମିଟର କନାର ଦାମ୍ = ୧ ୨ ୫ଟଙ୍କା × ୪ = ୫ ୦ ୦ଟଙ୍କା

∴ ୪ମିଟର କନା କିଣିଲେ ୫ ୦ ୦ଟଙ୍କା ଦେବାକୁ ପଡ଼ିବ ।

(ଖ) ସ୍ୱାଧୀନତା ଦିବସରେ ଆସିଥିବା ଚକୋଲେଟ୍ ସଂଖ୍ୟା = ୨ ୫ ୦

ପ୍ରତ୍ୟେକ ପିଲା ପାଇଥିବା ଚକୋଲେଟ୍ ସଂଖ୍ୟା = ୫

ପିଲାସଂଖ୍ୟା = ୨ ୫ ୦ ÷ ୫ = ୫ ୦

∴ ୫ ୦ ଜଣ ପିଲା ଚକୋଲେଟ୍ ପାଇଲେ ।

୧୧. ତଳେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଠିକ୍ ଗାଣିତିକ ପ୍ରକ୍ରିୟାଟିକୁ ବାଛ ।

(କ). ୧ ୧ ୫ଟି ଚକୋଲେଟ୍‌କୁ ୫ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାହେଲା । ପ୍ରତ୍ୟେକ କେତୋଟି ଚକୋଲେଟ୍ ପାଇବେ ?

(କ) ୧ ୧ ୫ + ୫ (ଖ) ୧ ୧ ୫ - ୫ (ଗ) ୧ ୧ ୫ × ୫ (ଘ) ୧ ୧ ୫ ÷ ୫

(ଖ). ଗୋଟିଏ ଧାଡ଼ିରେ ୨ ୭ ୯ଜଣ ସୈନିକ ଅଛନ୍ତି, ୬ ଧାଡ଼ିରେ କେତେଜଣ ସୈନିକ ଥିବେ ?

(କ) ୨୭୯ + ୬ (ଖ) ୨୭୯ - ୬ (ଗ) ୨୭୯ × ୬ (ଘ) ୨୭୯ ÷ ୬

(ଗ). ଗୋଟିଏ ଛାତ୍ରୀ ନିବାସରେ ୩୩୯ ଜଣ ଛାତ୍ରୀ ରହୁଥିଲେ । ପରେ ଆଉ ୨ ଜଣ ଛାତ୍ରୀ ନିବାସରେ ଯୋଗ ଦେଲେ । ମୋଟରେ କେତେ ଜଣ ଛାତ୍ରୀ ସେହି ଛାତ୍ରୀନିବାସରେ ରହିଲେ ?

(କ) ୩୩୯ + ୨ (ଖ) ୩୩୯ - ୨ (ଗ) ୩୩୯ × ୨ (ଘ) ୩୩୯ ÷ ୨

(ଘ). ଗୋଟିଏ ମହୁଫେଣାରେ ୭୬୨ଟି ମହୁମାଛି ବସିଥିଲେ । ଧୂଆଁଯୋଗୁ ସେଥିରୁ ୨୮୯ଟି ମାଛି ଉଡ଼ିଗଲେ । ମହୁଫେଣାରେ ଆଉ କେତେ ମାଛି ରହିଲେ ?

(କ) ୭୬୨ + ୨୮୯ (ଖ) ୭୬୨ - ୨୮୯ (ଗ) ୭୬୨ × ୨୮୯ (ଘ) ୭୬୨ ÷ ୨୮୯

(ଙ) ଗୋଟିଏ ସାଇକେଲ ଦୋକାନରେ ୪୮୦ଟି ସାଇକେଲ ଥିଲା ଓ ସେଥିରୁ ୨୪୫ଟି ସାଇକେଲ ବିକ୍ରି ହୋଇଗଲା । ତା' ପରଦିନ ଦୋକାନକୁ ୧୩୦ଟି ସାଇକେଲ କିଣାହୋଇ ଆସିଲା । ଦୋକାନରେ ମୋଟ୍ କେତୋଟି ସାଇକେଲ ହେଲା ?

(କ) ୪୮୦ + ୨୪୫ + ୧୩୦ (ଖ) ୪୮୦ + ୨୪୫ - ୧୩୦

(ଗ) ୪୮୦ - ୨୪୫ - ୧୩୦ (ଘ) ୪୮୦ - ୨୪୫ + ୧୩୦

## ପାଠ-୧୨ ଅଧା ଓ ଚଉଠ ଜାଣିବା

### ଗୋଟିଏକୁ କେମିତି ଭାଙ୍ଗିବା






ଥରେ ଦୁଇଟି ବିଲେଇ ମିଶି ଜଣେ ଲୋକ ଘରୁ ପିଠାଟିଏ ଆଣିଥିଲେ । ତାକୁ ନିଜ ଭିତରେ ବାଣ୍ଟି ନ ପାରି ଗୋଟିଏ ମାଙ୍କଡ଼ର ସାହାଯ୍ୟ ନେଲେ । ମାଙ୍କଡ଼ ପିଠାକୁ ଏମିତି ଦୁଇ ଭାଗ କଲା ଯେପରି ଗୋଟିଏ ଭାଗ ବଡ଼ ଓ ଅନ୍ୟ ଭାଗ ସାନ ହେବ । ଦୁଇ ଖଣ୍ଡକୁ ତରାଜୁର ଦୁଇ ପାଖରେ ପକାଇ ତଉଲିଲା । ଗୋଟିଏ ପାଖ ତଳକୁ ଗଲା । ସେ ପାଖରେ ଥିବା ପିଠା ଖଣ୍ଡିକରୁ କିଛି ଛିଣ୍ଡାଇ ନେଇ ନିଜେ ଖାଇଲା । ପୁଣି ତଉଲିଲା, ଏଥର ତରାଜୁର ଆର ପାଖଟି ତଳକୁ ଗଲା । ସେ ପାଖରେ ଥିବା ପିଠାରୁ କିଛି ଛିଣ୍ଡାଇ ନେଇ ନିଜେ ଖାଇଲା । ବିଲେଇ ଦୁଇଟି ଭାବୁଛନ୍ତି, ''ହଁ, ମାଙ୍କଡ଼ଟି ବଡ଼ ଭାଗରୁ ଟିକିଏ ନ ଖାଇଲେ ଭାଗ ଦୁଇଟି ସମାନ ହେବ କିପରି ?



ଏପରି ଖଣ୍ଡିଏ ଖଣ୍ଡିଏ ଖାଉ ଖାଉ ପିଠା ଶେଷ ଓ ମାଙ୍କଡ଼ ଯାଇ ଗଛ ଉପରେ । ବିଲେଇ ଦୁଇଟି ଶେଷରେ ମନ ଦୁଃଖରେ ଗଲେ । ପିଠାଟିକୁ ଯଦି ନିଜେ ସମାନ ଦୁଇ ଭାଗ କରି ଦେଇଥା'ନ୍ତେ, ତେବେ ଏପରି ପରିସ୍ଥିତି ହୋଇ ନ ଥାନ୍ତା ।


- ଯଦି ବିଲେଇ ଦୁଇଟି ପିଠାଟିକୁ ସମାନ ଦୁଇ ଭାଗ କରିବା ଲାଗି ତୁମକୁ କହିଥା'ନ୍ତେ, ତୁମେ କିପରି ଭାଗ କରିଥାଆନ୍ତ ଚିତ୍ରରେ ଦେଖାଅ ।

• ଗୋଟିଏ କାଗଜ ପଟି ନେଇ ତାକୁ ସମାନ ଦୁଇ ଭାଗ କର । ଗୋଟିଏ ଭାଗକୁ ଲାଲ୍‌ରଙ୍ଗ ଦିଅ ।



ଦୁଇ ସମାନ ଭାଗରୁ ଏକ ଭାଗ ଲାଲ। ଆମେ କହୁ, ଲାଲ ଅଂଶଟି କାଗଜ ପଟିର ଦୁଇ ସମାନ ଭାଗରୁ ଏକ ଭାଗ । ସେହିପରି, ଧଳା ଅଂଶଟି ମଧ୍ୟ କାଗଜ ପଟିର ଦୁଇ ସମାନ ଭାଗରୁ ଏକ ଭାଗ । କାଗଜ ଖଣ୍ଡିକର ଅଧା ଲାଲ୍ ଓ ଆଉ ଅଧା ଧଳା ।

ମୁଖାଟିରେ ରଙ୍ଗ ହୋଇଥିବା ଭାଗଟି ମୁଖାଟିର ଅଧା ଓ ରଂଗହୋଇ ନ ଥିବା ଭାଗଟି ମଧ୍ୟ ମୁଖାଟିର ଅଧା ।







ଗୁଡ଼ିଟିର ରଙ୍ଗ ହୋଇଥିବା ଭାଗଟି ପୂରା ଛବିର ଅଧା ଓ ଧଳା ଭାଗ ପୂରା ଛବିର ଅଧା ଅଟେ । ଅଧା ଅଂଶକୁ ସଂଖ୍ୟାରେ $\frac{୧}{୨}$ ଭାବେ ଲେଖାଯାଏ, ଏହାକୁ "୧ ବିଭକ୍ତ ୨ ଭାବେ ପଢ଼ାଯାଏ" । $\frac{୧}{୨}$ ହେଉଛି ଏକ ଭଗ୍ନସଂଖ୍ୟା ।

ତୁମ ପାଇଁ କାମ-

୧. ତଳେ ଦିଆଯାଇଥିବା ପ୍ରତ୍ୟେକ ବର୍ଗାକୃତିର ଛବିକୁ ଭିନ୍ନ ଭିନ୍ନ ଭାବରେ ଗାର ଟାଣି ସମାନ ଦୁଇ ଭାଗ କର । ଗୋଟିଏ ଭାଗକୁ ରଙ୍ଗ ଦିଅ ।



୨. ପାଖରେ ଥିବା ଚିତ୍ରରେ ଗାରଟିଏ ଟାଣି ଚିତ୍ରକୁ ସମାନ ଦୁଇ ଭାଗ କର ।



• ରିତାର ବାପା ଗୋଟିଏ କେକ୍ ଆଣିଥିଲେ, ସେ ତା' ନିଜ ପାଇଁ, ଭାଇ, ବାପା ଓ ମା'ଙ୍କ ପାଇଁ ଚାରି ସମାନ ଭାଗ କଲା ଓ ପ୍ରତ୍ୟେକ ଅଂଶକୁ ବାଣ୍ଟିଦେଲା ।

ପ୍ରତ୍ୟେକ ଭାଗକୁ ଅଲଗା ଅଲଗା ରଙ୍ଗଦିଅ ।




ରିତା ପାଇଥିବା ଅଂଶ = ପୁରା କେକ୍‌ର ୪ ସମାନ ଭାଗରୁ ୧ ଭାଗ

= ପୁରା କେକ୍‌ର $\frac{୧}{୪}$ ଅଂଶ




ରିତା ଓ ତା'ର ଭାଇ ପାଇଥିବା କେକ୍‌ର ଅଂଶ = ପୁରା କେକ୍‌ର ୪ ସମାନ ଭାଗରୁ ୨ ଭାଗ

= ପୁରା କେକ୍‌ର $\frac{୨}{୪}$ ଅଂଶ




ରିତା, ତା'ର ଭାଇ ଓ ମା' ମିଶି କରି ପାଇଥିବା କେକ୍‌ର ଅଂଶ = ପୁରା କେକ୍‌ର ୪ ସମାନ ଭାଗରୁ ୩ ଭାଗ

= ପୁରା କେକ୍‌ର $\frac{୩}{୪}$ ଅଂଶ



☞ କୋଠରିଟିକୁ ଚାରି ସମାନ ଭାଗ କରାଯାଇଛି ଓ ଗୋଟିଏ ଭାଗକୁ ରଙ୍ଗ କରାଯାଇଛି ।

କୋଠରିଟିର______ ଅଂଶ ଧଳା ଓ ________ ଅଂଶକୁ ରଙ୍ଗ ଦିଆଯାଇଛି ।






କିଏ କେତେ ଅଂଶ କେକ୍ ପାଇଲେ ତାହା ଜାଣିବା ଲାଗି ଆମେ $\frac{୧}{୪}$, $\frac{୧}{୨}$ , $\frac{୩}{୪}$ ଆଦି ସଂଖ୍ୟା ବ୍ୟବହାର କଲେ । ଏହି ଭଳି ସଂଖ୍ୟାଗୁଡ଼ିକୁ ଭଗ୍ନସଂଖ୍ୟା କୁହାଯାଏ । $\frac{୧}{୨}$ ରେ ଗାର ଉପରେ ଥିବା ୧ କୁ ଲବ ଓ ଗାର ତଳେ ଥିବା ୨ କୁ ହର କୁହାଯାଏ । $\frac{୧}{୨}$ କୁ ଏକ ବିଭକ୍ତ ଦୁଇ ପଢାଯାଏ ।

$\frac{୩}{୪}$ ରେ ଲବ ୩ ଓ ହର ୪ ଅଟେ ଓ ଏହାକୁ ତିନି ବିଭକ୍ତ ଚାରି ପଢାଯାଏ ।

## ଅଭ୍ୟାସ କାର୍ଯ୍ୟ


୧. ତଳ ଚିତ୍ରକୁ କେତୋଟି ସମାନ ଭାଗ କରାଯାଇଛି ତାହା ଖାଲି ସ୍ଥାନରେ ଲେଖ ।

(କ)  (ଖ)  (ଗ) 


.................. .................. ..................

୨. ତଳ ଚିତ୍ର ମଧ୍ୟରୁ ଯେଉଁଟି ସମାନ ଭାଗରେ ବିଭକ୍ତ ହୋଇଛି ତା' ଉପରେ '✓' ଚିହ୍ନ ଦିଅ ।

(କ) ଦୁଇ ସମାନ ଭାଗ



(ଖ) ଚାରି ସମାନ ଭାଗ



୩. ଖଣ୍ଡିଏ ଆୟତାକୃତିର କାଗଜକୁ ଭାଙ୍ଗି

(କ) ୨ ସମାନ ଭାଗ କର,

(ଖ) ୩ ସମାନ ଭାଗ କର,

(ଗ) ୪ ସମାନ ଭାଗ କର,


(ଘ) ୬ ସମାନ ଭାଗ କର,

(ଙ) ୮ ସମାନ ଭାଗ କର,


ପ୍ରତ୍ୟେକ ଥର ସମାନ ଭାଗ କରିବାପରେ ତାହାକୁ ଚିତ୍ରରେ ଦେଖାଅ ।

୪. ଖଣ୍ଡିଏ ଆୟତାକୃତିର କାଗଜ ନେଇ, ତାକୁ କେତେ ପ୍ରକାରରେ ଦୁଇ ସମାନ ଭାଗରେ ବିଭକ୍ତ କରାଯାଇପାରିବ କର । ପ୍ରତ୍ୟେକ ପ୍ରକାରକୁ ଚିତ୍ରରେ ଦେଖାଅ ।


୫. ପ୍ରତ୍ୟେକ ଚିତ୍ରର ଅଧା ଦିଆଯାଇଛି, ଚିତ୍ର ଗୁଡ଼ିକୁ ସମ୍ପୂର୍ଣ୍ଣ କର ।



୬. ଚିତ୍ରର କେତେ ଅଂଶ ରଙ୍ଗିନ୍ ତାକୁ ଦେଖ ଓ ରଙ୍ଗିନ୍ ଅଂଶକୁ ଉପଯୁକ୍ତ ଭଗ୍ନସଂଖ୍ୟା ସହ ଯୋଡ଼ ।





୭. (କ) ଚିତ୍ର ଦେଖି ରେଖା ଚିହ୍ନିତ ଅଂଶ ପୂରାଚିତ୍ରର କେତେ ଭାଗରୁ କେତେ ଭାଗ ଖାଲି ସ୍ଥାନରେ ଲେଖ ।



୪ ଭାଗରୁ ୧ ଭାଗ, ----- ଭାଗରୁ ----- ଭାଗ, ----- ଭାଗରୁ ---- ଭାଗ , ----- ଭାଗରୁ ----ଭାଗ


(ଖ) ପ୍ରତ୍ୟେକ ଚିତ୍ର ତଳେ ଥିବା ଲେଖା ଅନୁଯାୟୀ ସେହି ଚିତ୍ରର ଅଂଶକୁ ରଙ୍ଗ ଦିଅ ।




ଏକ ଚତୁର୍ଥାଂଶ    ଦୁଇ ପଞ୍ଚମାଂଶ    ଚାରି ଷଷ୍ଠାଂଶ    ପାଞ୍ଚ ଅଷ୍ଟମାଂଶ

୮. ଛବିର ରେଖା ଚିହ୍ନିତ ଭାଗଟି, ପୁରା ଚିତ୍ରର କେତେ ଅଂଶ ତାହା ଲେଖ ।

(କ)




(ଖ)




(ଗ)




(ଘ)




(ଙ)



(ଚ)




୯. ରଙ୍ଗ କରି ବା ଗାର ଟାଣି ଦେଖାଅ ।



$\frac{୧}{୪}$    $\frac{୨}{୩}$    $\frac{୩}{୮}$    $\frac{୫}{୮}$

୧୦. ଯେଉଁ ଚିତ୍ରରେ ରେଖା ଚିହ୍ନିତ ଅଂଶ ଠିକ୍ ଲେଖାଯାଇଛି, ତା' ପାଖରେ ଠିକ୍ ଚିହ୍ନ (✓) ଦିଅ ଓ ଯେଉଁଟି ଭୁଲ ତା' ପାଖରେ ଛକ (×) ଚିହ୍ନ ଦିଅ ।



$\frac{୧}{୪}$ ଅଂଶ ☐ $\frac{୮}{୩}$ ଅଂଶ ☐ $\frac{୪}{୮}$ ଅଂଶ ☐ $\frac{୨}{୪}$ ଅଂଶ ☐

୧୧. ନିମ୍ନ ଭଗ୍ନସଂଖ୍ୟାଗୁଡ଼ିକର ନାମ ଖାଲି ଘରେ ଲେଖ ।

ଯେପରି

| | | |
|---|---|---|
| $\frac{୨}{୩}$ : ଦୁଇ ବିଭକ୍ତ ତିନି | $\frac{୩}{୫}$ : | $\frac{୬}{୧୦}$ : |
| $\frac{୭}{୧୬}$ : | $\frac{୮}{୧୦}$ : | $\frac{୧୦}{୧୮}$ : |

୧୨. ଉଦାହରଣ ଦେଖି ଖାଲି ସ୍ଥାନ ପୂରଣ କର ।

ଯେପରି $\frac{୧}{୩}$ ହେଉଛି ଗୋଟିଏ ବସ୍ତୁର ୩ ସମାନ ଭାଗରୁ ୧ ଭାଗ । ସେହିପରି-

(କ) $\frac{୧}{୬}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

(ଖ) $\frac{୩}{୫}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

(ଗ) $\frac{୨}{୧୦}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

(ଘ) $\frac{୪}{୫}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।









(ଙ) $\frac{୩}{୬}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

(ଚ) $\frac{୨}{୭}$ ହେଉଛି ଗୋଟିଏ ବସ୍ତୁର ..........ସମାନ ଭାଗରୁ ..........ଭାଗ ।

# ପାଠ-୧୩ ଭଗ୍ନସଂଖ୍ୟାରେ ସାନବଡ଼ ଚିହ୍ନିବା

7Y5HTV

ଦିପାଲୀ ଓ ମିତାଲୀ ଦୁଇ ଭଉଣୀ । ଦିନେ ଦିପାଲୀ କାଗଜ ଆଣି ତାକୁ ସମାନ ସମାନ ଭାଗରେ ଭାଙ୍ଗି ଚାଲିଲା ଓ ମିତାଲୀ ପ୍ରତିଥର ଗୋଟିଏ ଭାଗକୁ ପେନ୍‌ସିଲରେ ରଙ୍ଗ କଲା । ଆସ ଦେଖିବା, କାଗଜରେ ସେମାନେ କିପରି ରଙ୍ଗ କଲେ ।


| ଚିତ୍ର | କାଗଜଖଣ୍ଡର ମୋଟ୍ ଭାଗ ସଂଖ୍ୟା | କଳାରଙ୍ଗ ଥିବା ଭାଗ | କଳାରଙ୍ଗ ଥିବା ଅଂଶର ଭଗ୍ନସଂଖ୍ୟା ରୂପ | ରଙ୍ଗୀନ୍ ଅଂଶର ଭଗ୍ନସଂଖ୍ୟା ରୂପ |
|---|---|---|---|---|
|  | ୨ ସମାନ ଭାଗ | ଅଧା | $\frac{୧}{୨}$ | $\frac{୧}{୨}$ |
|  | ୩ ସମାନ ଭାଗ | ଏକ ତୃତୀୟାଂଶ | $\frac{୧}{୩}$ | $\frac{୨}{୩}$ |
|  | ୪ ସମାନ ଭାଗ | ଏକ ଚତୁର୍ଥାଂଶ | $\frac{୧}{୪}$ | $\frac{୩}{୪}$ |
|  | ୫ ସମାନ ଭାଗ | ଏକ ପଞ୍ଚମାଂଶ | $\frac{୧}{୫}$ | $\frac{୪}{୫}$ |
|  | ୬ ସମାନ ଭାଗ | ଏକ ଷଷ୍ଠାଂଶ | $\frac{୧}{୬}$ | $\frac{୫}{୬}$ |
|  | ୭ ସମାନ ଭାଗ | ଏକ ସପ୍ତମାଂଶ | $\frac{୧}{୭}$ | $\frac{୬}{୭}$ |
|  | ୮ ସମାନ ଭାଗ | ଏକ ଅଷ୍ଟମାଂଶ | $\frac{୧}{୮}$ | $\frac{୭}{୮}$ |
|  | ୯ ସମାନ ଭାଗ | ଏକ ନବମାଂଶ | $\frac{୧}{୯}$ | $\frac{୮}{୯}$ |
|  | ୧୦ ସମାନ ଭାଗ | ଏକ ଦଶମାଂଶ | $\frac{୧}{୧୦}$ | $\frac{୯}{୧୦}$ |


ପୂର୍ବପୃଷ୍ଠାରେ ଥିବା ସାରଣୀକୁ ଲକ୍ଷ୍ୟ କର । ଏଠାରେ କାଗଜର ଉଭୟ କଳା ରଙ୍ଗ ହୋଇଥିବା ଅଂଶ ପୂରା କାଗଜର ଏକ ଅଂଶ ଓ ରଙ୍ଗୀନ୍ ଅଂଶ ମଧ୍ୟ ପୂରା କାଗଜର ଏକ ଅଂଶ । କଳା ରଙ୍ଗ ହୋଇଥିବା ଅଂଶ ଓ ରଙ୍ଗିନ୍ ଅଂଶକୁ ସୂଚାଉଥିବା ଭଗ୍ନସଂଖ୍ୟାମାନଙ୍କର ଲବ ଓ ହର ମଧ୍ୟରେ କେଉଁଟି ବଡ଼ ଓ କେଉଁଟି ସାନ ହୋଇ ଥିବାର ଦେଖୁଛ ? ଯାହା ଦେଖିଲେ ତାହା ତଳେ ଥିବା ଖାଲି ସ୍ଥାନରେ ଲେଖ ।

କଳା ରଙ୍ଗ ହୋଇଥିବା ଅଂଶରେ, ହର ଅପେକ୍ଷା ଲବ __________ । ରଙ୍ଗିନ୍ ଅଂଶରେ, ହର ଅପେକ୍ଷା ଲବ __________ । ଗୋଟିଏ କାଗଜର କଳା ରଙ୍ଗ ହୋଇଥିବା ଅଂଶଟି ପୂରା କାଗଜ ଠାରୁ ସାନ । ସାରଣୀରେ ଲେଖାଥିବା ଭଗ୍ନସଂଖ୍ୟାଗୁଡ଼ିକ ଗୋଟିଏ ଗୋଟିଏ ପ୍ରକୃତ ଭଗ୍ନସଂଖ୍ୟା । ଯେଉଁ ଭଗ୍ନସଂଖ୍ୟା ଲବ ଠାରୁ ହର ବଡ଼, ତାକୁ **ପ୍ରକୃତ ଭଗ୍ନସଂଖ୍ୟା** କହନ୍ତି ।

(କ) ତୁମେ ଆଉ କେତୋଟି ପ୍ରକୃତ ଭଗ୍ନସଂଖ୍ୟାର ଉଦାହରଣ ତଳ କୋଠରିରେ ଲେଖ ।








(ଖ) ନିମ୍ନସ୍ଥ ପ୍ରତ୍ୟେକ ଚିତ୍ରରେ ରେଖାଙ୍କନ କରି ଭିନ୍ନ ଭିନ୍ନ ପ୍ରକୃତ ଭଗ୍ନସଂଖ୍ୟା ଗଠନ କର ଓ ଚିତ୍ର ତଳେ ଭଗ୍ନସଂଖ୍ୟାଟିକୁ ଲେଖ ।





## ସମହର ବିଶିଷ୍ଟ ଭଗ୍ନ ସଂଖ୍ୟା ମଧ୍ୟରେ ବଡ଼-ସାନ

ପିଣ୍ଟୁ ଓ ଚିଣ୍ଟୁ ଦୁଇ ସାଙ୍ଗ । ଦିନେ ଗୋଟିଏ ଫର୍ଦ୍ଦ ଧଳା କାଗଜ ଆଣି ସେଥିରୁ ସମାନ ଆକାରର ସାତୋଟି କାଗଜ ପଟି ତିଆରି କଲେ । କାଗଜ ପଟିଗୁଡ଼ିକୁ ୧ , ୨ , ୩..............୭ ସଂଖ୍ୟା ଦ୍ୱାରା ଚିହ୍ନିତ କଲେ ।ତା'ପରେ ପିଣ୍ଟୁ ପ୍ରତ୍ୟେକ କାଗଜ ପଟିକୁ ଆଠ ସମାନ ଭାଗରେ ଭାଙ୍ଗ କଲା ଓ ଚିଣ୍ଟୁ ପ୍ରତି କାଗଜ ପଟିରେ ବିଭିନ୍ନ ସଂଖ୍ୟକ ଭାଗକୁ ପେନ୍ସିଲରେ ରଙ୍ଗ ଦେଲା । ଆସ, ବର୍ତ୍ତମାନ ପ୍ରତ୍ୟେକ କାଗଜ ପଟିକୁ ଦେଖିବା ।

| କାଗଜ ପଟିର କ୍ରମିକ ସଂଖ୍ୟା | କାଗଜ ପଟି | ଚିତ୍ରିତ ଭାଗ ସଂଖ୍ୟା | ପୂରା ପଟିର କେତେ ଅଂଶ ଚିତ୍ରିତ |
|---|---|---|---|
| ୧ମ |  | ଏକ ଅଷ୍ଟମାଂଶ | $\frac{୧}{୮}$ |
| ୨ୟ |  | ଦୁଇ ଅଷ୍ଟମାଂଶ | $\frac{୨}{୮}$ |
| ୩ୟ |  | ତିନି ଅଷ୍ଟମାଂଶ | $\frac{୩}{୮}$ |
| ୪ର୍ଥ |  | ଚାରି ଅଷ୍ଟମାଂଶ | $\frac{୪}{୮}$ |
| ୫ମ |  | ପାଞ୍ଚ ଅଷ୍ଟମାଂଶ | $\frac{୫}{୮}$ |
| ୬ଷ୍ଠ |  | ଛଅ ଅଷ୍ଟମାଂଶ | $\frac{୬}{୮}$ |
| ୭ମ |  | ସାତ ଅଷ୍ଟମାଂଶ | $\frac{୭}{୮}$ |

ରଙ୍ଗ କରାଯାଇଥିବା ଅଂଶର ପରିମାଣ ଅନୁଯାୟୀ କମ୍‌ରୁ ଅଧିକ କ୍ରମରେ କାଗଜପଟିଗୁଡ଼ିକୁ ସଜାଯାଇ ପାରିବ କି ?

**ରଙ୍ଗିନ୍ ଅଂଶକୁ ତୁଳନାକରି, ସାନରୁ ବଡ଼ କ୍ରମରେ କାଗଜ ପଟି ଗୁଡ଼ିକର କ୍ରମିକ ସଂଖ୍ୟାକୁ, ପ୍ରଥମ ଧାଡ଼ିରେ ଥିବା ଶୂନ୍ୟ କୋଠରିରେ ପୂରଣ କର । ପ୍ରତ୍ୟେକ କାଗଜ ପଟିରେ ରଙ୍ଗିନ୍ ଅଂଶକୁ ସୂଚାଉଥିବା ଭଗ୍ନସଂଖ୍ୟା ଗୁଡ଼ିକୁ ଦ୍ୱିତୀୟ ଧାଡ଼ିରେ ଥିବା ଶୂନ୍ୟ କୋଠରିରେ ପୂରଣ କର ।**

| | | | | | | | |
|---|---|---|---|---|---|---|---|
| କ୍ରମିକ ସଂଖ୍ୟା | ୧ମ | | | | | | ୭ମ |
| ରଙ୍ଗିନ୍ ଅଂଶର ପରିମାଣ ସୂଚକ ଭଗ୍ନ ସଂଖ୍ୟା | $\frac{୧}{୮}$ | | | | | | $\frac{୭}{୮}$ |

☞ ତୁମେ ଲେଖିଥିବା ପ୍ରତ୍ୟେକ ଭଗ୍ନସଂଖ୍ୟାର ଲବ ଓ ହର ମଧ୍ୟରେ କିଏ ବଡ଼, କିଏ ସାନ ଲେଖ:

ଯେପରି : ୧/୮ ରେ ହର ଠାରୁ ଲବ ସାନ


ସେହିପରି : ୨/୮ ରେ................................ ୫/୮ ରେ................................

୩/୮ ରେ................................ ୬/୮ ରେ................................


୪/୮ ରେ................................ ୭/୮ ରେ................................

ଆସ, ୧ମ ପଟି ସହ ୨ୟ ପଟିକୁ ତୁଳନା କରିବା-

୧ମ ପଟି



୨ୟ ପଟି



କେଉଁ ପଟିର ରଙ୍ଗିନ୍ ଅଂଶ ଅଧିକ ?

ନିଶ୍ଚିତ ଭାବେ ତୁମେ କହିବ ୨ୟ ପଟିର ରଙ୍ଗିନ୍ ଅଂଶ ଅଧିକ। ଏଣୁ ଆମେ ଦେଖିଲେ ୨/୮ > ୧/୮

ସେହିପରି ୨ୟ ଓ ୩ୟ ପଟିକୁ ତୁଳନା କରି ଯାହା ଦେଖିବା ତାହା ତଳେ ଲେଖ।

..........................................................................................

୨ୟ ଓ ୪ର୍ଥ ପଟିକୁ ତୁଳନା କରି କ'ଣ ଦେଖିବା ?

..........................................................................................

☞ ବର୍ତ୍ତମାନ ତଳେ ଥିବା ଶୂନ୍ୟସ୍ଥାନ ପୂରଣ କର :

୧/୮ ଠାରୁ ୩/୮ ................. । ୧/୮ ଠାରୁ ୫/୮ .................।

୨/୮ ଠାରୁ ୩/୮ .................। ୫/୮ ଠାରୁ ୨/୮ .................।

ଆମେ କ'ଣ ଜାଣିଲେ ?

ଯଦି ଦୁଇଟି ଭଗ୍ନ ସଂଖ୍ୟାର ହର ସମାନ, ତା ହେଲେ ସେମାନଙ୍କ ମଧ୍ୟରେ ଯେଉଁ ଭଗ୍ନସଂଖ୍ୟାର ଲବ ବଡ଼, ସେହି ଭଗ୍ନ ସଂଖ୍ୟାଟି ଅନ୍ୟଠାରୁ ବଡ଼ ଓ ଯେଉଁ ଭଗ୍ନସଂଖ୍ୟାର ଲବ ସାନ, ସେହି ଭଗ୍ନସଂଖ୍ୟାଟି ଅନ୍ୟଠାରୁ ସାନ।

ଯେଉଁ ଭଗ୍ନସଂଖ୍ୟା ମାନଙ୍କର ହର ସମାନ ଅଟନ୍ତି, ସେମାନଙ୍କୁ ସମହର ବିଶିଷ୍ଟ ଭଗ୍ନସଂଖ୍ୟା କହନ୍ତି ।

☞ ତୁମ ମନରୁ ଯେ କୌଣସି ୫ ଟି ସମହର ବିଶିଷ୍ଟ ଭଗ୍ନସଂଖ୍ୟା ଲେଖ ।
ସେଗୁଡ଼ିକୁ ବଡ଼ରୁ ସାନ କ୍ରମରେ ସଜାଅ ।

## ଅଭ୍ୟାସ କାର୍ଯ୍ୟ

୧. (କ) ହରକୁ ୭ ନେଇ ଯେତେଗୁଡ଼ିଏ ପ୍ରକୃତ ଭଗ୍ନସଂଖ୍ୟା ଲେଖାଯାଇପାରେ ସେଗୁଡ଼ିକୁ ଲେଖ ।

(ଖ) ହର ୯ ହୋଇଥିବା କେତୋଟି ପ୍ରକୃତ ଭଗ୍ନସଂଖ୍ୟା ଲେଖିବା ସମ୍ଭବ ?

୨. ବନ୍ଧନୀ ମଧ୍ୟରୁ ଠିକ୍ ସଂଖ୍ୟା ବାଛି ଖାଲି ଘରେ ଲେଖ, ଯେମିତିକି ଏକ ପ୍ରକୃତ ଭଗ୍ନସଂଖ୍ୟା ଗଠନ ହେବ ।

(କ) $\frac{୮}{\square}$ (୫, ୯, ୧୦) (ଖ) $\frac{\square}{୨}$ (୨, ୧, ୩) (ଗ) $\frac{୫}{\square}$ (୨, ୧, ୬)

(ଘ) $\frac{୩}{\square}$ (୩, ୪, ୨) (ଙ) $\frac{\square}{୧୦}$ (୧, ୧୦, ୦) (ଚ) $\frac{୫}{\square}$ (୩, ୬, ୧)

୩. ୧, ୩, ୫, ୭ ସଂଖ୍ୟା ମାନଙ୍କୁ ଲବ ଓ ହର ରୂପେ ନେଇ ଯେତେ ସଂଖ୍ୟକ ପ୍ରକୃତ ଭଗ୍ନସଂଖ୍ୟା ଗଢ଼ାଯାଇ ପାରିବ ଗଢ଼ ଓ ଲେଖ ।

୪. ନିମ୍ନ ଭଗ୍ନ ସଂଖ୍ୟାଗୁଡ଼ିକର ଲବକୁ ଗୋଲ୍ ବୁଲାଅ ।

$\frac{୭}{୯}, \frac{୧}{୨}, \frac{୨}{୫}, \frac{୩}{୪}, \frac{୬}{୮}, \frac{୪}{୯}$

୫. ନିମ୍ନ ଭଗ୍ନ ସଂଖ୍ୟାଗୁଡ଼ିକର ହରକୁ ଗୋଲ୍ ବୁଲାଅ ।


$\frac{୧}{୨}, \frac{୨}{୩}, \frac{୩}{୪}, \frac{୪}{୫}, \frac{୫}{୬}, \frac{୬}{୭},$


୬. ଉପଯୁକ୍ତ ଭଗ୍ନସଂଖ୍ୟା ଲେଖ ।

ଦୁଇ ବିଭକ୍ତ ପାଞ୍ଚ, ସାତ ବିଭକ୍ତ ନଅ, ଆଠ ବିଭକ୍ତ ନଅ,

ଚାରି ବିଭକ୍ତ ସାତ, ତିନି ବିଭକ୍ତ ପାଞ୍ଚ, ଏକ ବିଭକ୍ତ ଦଶ

୭. ଛବି ଦେଖି ଖାଲି ଘର ପୂରଣ କର ।

(କ) 

(ଖ) 

ରେଖା ଚିହ୍ନିତ ଅଂଶ =......................




ଧଳା ଥିବା ଅଂଶ =......................

ରେଖା ଚିହ୍ନିତ ଅଂଶ = ....................

ଧଳା ଥିବା ଅଂଶ =......................

## ସମଲବ ବିଶିଷ୍ଟ ଭଗ୍ନସଂଖ୍ୟା ମଧ୍ୟରେ ବଡ଼-ସାନ


ଆଉ ଦିନକର କଥା । ପିଣ୍ଟୁ ଓ ଚିଣ୍ଟୁ ୪ଟି ସମାନ ଆକାରର କାଗଜପଟି ନେଲେ ଓ ସେଗୁଡ଼ିକୁ ୧, ୨, ୩ ଓ ୪ ସଂଖ୍ୟା ଲେଖି ଚିହ୍ନିତ କଲେ । ପ୍ରତ୍ୟେକ କାଗଜପଟିକୁ ବିଭିନ୍ନ ସଂଖ୍ୟକ ସମାନ ଭାଗରେ ଭାଗ କଲେ । ପ୍ରତ୍ୟେକ ପଟିରୁ ଗୋଟିଏ ଭାଗକୁ ପେନ୍‌ସିଲ୍‌ରେ ରଙ୍ଗକଲେ ।

| କାଗଜ ପଟିର କ୍ରମିକ ସଂଖ୍ୟା | କାଗଜ ପଟିର ଚିତ୍ରିତ ଅଂଶ | ଚିତ୍ରିତ ଭାଗର ପରିମାଣ | ଚିତ୍ରିତ ଅଂଶ ସୂଚକ ଭଗ୍ନସଂଖ୍ୟା |
|---|---|---|---|
| ୧ |  | ଅଧା | $\frac{୧}{୨}$ |
| ୨ |  | ଏକ ଚତୁର୍ଥାଂଶ | $\frac{୧}{୪}$ |
| ୩ |  | ଏକ ପଞ୍ଚମାଂଶ | $\frac{୧}{୫}$ |
| ୪ |  | ଏକ ଅଷ୍ଟମାଂଶ | $\frac{୧}{୮}$ |

ପିଣ୍ଟୁ, ଚିଣ୍ଟୁକୁ ୧ମ ଓ ୨ୟ ପଟି ଦୁଇଟି ଦେଖାଇ ପଚାରିଲା- "କହିଲୁ, କେଉଁ ପଟିର ରଙ୍ଗିନ୍ ଅଂଶ ଅଧିକ ?"


ଚିଣ୍ଟୁ ଉତ୍ତର ଦେଲା- " ୧ମ ପଟିର ରଙ୍ଗିନ୍ ଅଂଶ ଅଧିକ ।"

ପିଣ୍ଟୁ ପଚାରିଲା- "ତେବେ କହିଲୁ $\frac{୧}{୨}$ ଓ $\frac{୧}{୪}$ ମଧ୍ୟରେ କିଏ ବଡ଼ ?"



ଟିଣ୍ଟୁ: "ପଟିର ରଙ୍ଗିନ୍ ଅଂଶକୁ ଦେଖି ତ ଜଣାଯାଉଛି $\frac{୧}{୪}$ ଠାରୁ $\frac{୧}{୨}$ ବଡ଼ । ମାତ୍ର ଏ ଭଗ୍ନସଂଖ୍ୟା ଦୁଇଟିର ହର ସମାନ ନାହିଁ । ତେବେ କାଗଜ ପଟି ନଦେଖି ବଡ଼ ସାନ କେମିତି ଜାଣିବା ?"

ପିଣ୍ଟୁ: "ଆଉ ଦୁଇଟି ପଟି ନେଇ ଦେଖିବା କ'ଣ ହେଉଛି ।"




ତା ପରେ ୨ୟ ଓ ୩ୟ ପଟିକୁ ନେଇ ପାଖା ପାଖି ରଖିଲା ଓ ଉଭୟେ ଦେଖିଲେ- $\frac{୧}{୫}$ ଠାରୁ $\frac{୧}{୪}$ ବଡ଼ ।

ପିଣ୍ଟୁ: "ବର୍ତ୍ତମାନ ଦେଖ । ଏଠାରେ ବି ହର ସମାନ ନାହିଁ, ମାତ୍ର ସେମାନଙ୍କର ଲବ ସମାନ ।"

ଏଣୁ ଦେଖିଲେ- ଦୁଇଟି ଭଗ୍ନସଂଖ୍ୟା ମଧ୍ୟରେ ଲବ ଦୁଇଟି ସମାନ ହୋଇଥିଲେ, ଯେଉଁଟିରେ ହର ସାନ, ସେଇଟି ବଡ଼ । ସମାନ ଲବ ଥିବା ଭଗ୍ନସଂଖ୍ୟାମାନଙ୍କ ମଧ୍ୟରୁ ଯେଉଁଟିର ହର ସବୁଠୁ ବଡ଼, ସେ ଭଗ୍ନସଂଖ୍ୟାଟି ସବୁଠାରୁ ସାନ ।

☞ **ପଟି ଚାରୋଟିର ଚିତ୍ରିତ ଅଂଶକୁ ସୂଚାଇଥିବା ଭଗ୍ନସଂଖ୍ୟାଗୁଡ଼ିକ ମଧ୍ୟରେ ସବୁଠାରୁ ବଡ଼ କିଏ ଓ ସବୁଠାରୁ ସାନ କିଏ ?**

ସବୁଠୁ ବଡ଼ ହେଉଛି.................................. । ସବୁଠୁ ସାନ ହେଉଛି............................ ।

ବର୍ତ୍ତମାନ ଆମେ ପଟିର ଚିତ୍ରଅଂଶକୁ ସୂଚଉଥିବା ଭଗ୍ନସଂଖ୍ୟାଗୁଡ଼ିକୁ ସାନରୁ ବଡ଼ କ୍ରମରେ ସଜାଇବା ।

ପୂର୍ବ ପୃଷ୍ଠାରେ ଥିବା ଭଗ୍ନସଂଖ୍ୟା ଗୁଡ଼ିକୁ ସାନରୁ ବଡ଼ କ୍ରମରେ ସଜାଅ ।



ସାନରୁ ବଡ଼ କ୍ରମରେ < ଚିହ୍ନ ବ୍ୟବହାର କର - $\frac{୧}{୮} < \frac{୧}{୫} < \frac{୧}{୪} < \frac{୧}{୨}$



## ଅଭ୍ୟାସ କାର୍ଯ୍ୟ



୧. ପ୍ରତ୍ୟେକ ଚିତ୍ର ପାଖରେ ଭଗ୍ନସଂଖ୍ୟାଟିଏ ଲେଖାଯାଇଛି । ଚିତ୍ରର ଅଂଶକୁ ରଙ୍ଗ ଦିଅ ଯେପରି, ରଙ୍ଗୀନ୍ ଅଂଶଟି ଚିତ୍ର ପାଖରେ ଥିବା ସଂଖ୍ୟାକୁ ସୂଚାଇବ । ଚିତ୍ର ଦେଖି ସଂଖ୍ୟା ଦୁଇଟି ମଧ୍ୟରେ କିଏ ବଡ଼ ଗୋଲ ବୁଲାଅ ।

(କ)



(ଖ)  ୬/୧୦  ୮/୧୦

(ଗ)  ୩/୪  ୧/୪

(ଘ)  ୪/୧୦  ୮/୧୦

୨. କୋଠରିରେ ଉପଯୁକ୍ତ (< ବା >) ଚିହ୍ନ ଦିଅ।

(କ) ୧/୮ □ ୩/୮ (ଖ) ୩/୭ □ ୪/୭ (ଗ) ୩/୫ □ ୧/୫

(ଘ) ୮/୧୦ □ ୯/୧୦ (ଙ) ୪/୭ □ ୧/୭ (ଚ) ୬/୯ □ ୪/୯

୩. ଚିହ୍ନ ( > ବା < ) ଦେଖି ଶୂନ୍ୟ କୋଠରିରେ ଉପଯୁକ୍ତ ପ୍ରକୃତ ଭଗ୍ନ ସଂଖ୍ୟାଟିଏ ଲେଖ।

(କ) ୩/୫ > □ (ଖ) ୫/୯ > □ (ଗ) ୧/୩ > □

(ଘ) ୭/୮ > □ (ଙ) ୨/୩ > □ (ଚ) ୫/୯ < □

୪. (କ) ଉପର ୩ (କ) ପ୍ରଶ୍ନରେ କେତୋଟି ଉତ୍ତର ସମ୍ଭବ ?

(ଖ) ତୁମର ଉତ୍ତରକୁ ତୁମ ସାଙ୍ଗର ଉତ୍ତର ସହ ମିଳାଅ।

୫. ନିମ୍ନରେ ଥିବା ଶୂନ୍ୟ କୋଠରିରେ ଉପଯୁକ୍ତ ଚିହ୍ନ ( > ବା < ) ବସାଅ ।

(କ) $\frac{୧}{୩}$ □ $\frac{୧}{୨}$ (ଖ) $\frac{୩}{୭}$ □ $\frac{୩}{୯}$ (ଗ) $\frac{୨}{୫}$ □ $\frac{୨}{୩}$

(ଘ) $\frac{୧}{୬}$ □ $\frac{୫}{୬}$ (ଙ) $\frac{୨}{୮}$ □ $\frac{୩}{୮}$ (ଚ) $\frac{୩}{୫}$ □ $\frac{୩}{୪}$

୬. ପ୍ରତି ଧାଡ଼ିରେ ଥିବା ସବୁଠୁ ସାନ ଭଗ୍ନ ସଂଖ୍ୟାକୁ ଗୋଲ ବୁଲାଅ ।

(କ) $\frac{୬}{୮}, \frac{୨}{୮}, \frac{୧}{୮}, \frac{୫}{୮}$ (ଖ) $\frac{୨}{୫}, \frac{୪}{୫}, \frac{୧}{୫}, \frac{୩}{୫}$

(ଗ) $\frac{୧}{୪}, \frac{୧}{୨}, \frac{୧}{୬}, \frac{୧}{୭}$ (ଘ) $\frac{୩}{୫}, \frac{୩}{୪}, \frac{୩}{୮}, \frac{୩}{୧୦}$

୭. ଭଗ୍ନ ସଂଖ୍ୟାଗୁଡ଼ିକୁ ସାନରୁ ବଡ଼ କ୍ରମରେ ସଜାଇ ଲେଖ ।

(କ) $\frac{୪}{୬}, \frac{୪}{୫}, \frac{୪}{୯}, \frac{୪}{୮}, \frac{୪}{୧୦}$ □

(ଖ) $\frac{୩}{୬}, \frac{୨}{୬}, \frac{୪}{୬}, \frac{୧}{୬}$ □

(ଗ) $\frac{୩}{୪}, \frac{୩}{୬}, \frac{୩}{୧୦}, \frac{୩}{୮}, \frac{୩}{୯}$ □


(ଘ) $\frac{୨}{୯}, \frac{୩}{୯}, \frac{୭}{୯}, \frac{୫}{୯}, \frac{୮}{୯}$ □

(ଙ) $\frac{୩}{୮}, \frac{୧}{୮}, \frac{୫}{୮}, \frac{୭}{୮}, \frac{୨}{୮}$ □


# ସମ ଭଗ୍ନସଂଖ୍ୟା ଚିହ୍ନିବା

ଥରେ ନିନୀ ଓ ରୁନୀ ମିଶି ବାଡ଼ିରୁ ପାଚିଲା ବରକୋଳି ତୋଳିଲେ । ଘରକୁ ଆସି ଗଣିବାରୁ ୨୦ଟି ହେଲା । ରୁନୀ ବରକୋଳିଗୁଡ଼ିକୁ ସମାନ ଦୁଇଭାଗ କରି ରଖିଲା, କହିଲା-"ବରକୋଳିଗୁଡ଼ିକର ଦୁଇ ସମାନ ଭାଗରୁ ଗୋଟିଏ ଭାଗ ତୁମର ଓ ଅନ୍ୟ ଭାଗଟି ମୋର" ।

7YESVI





ତୁମେ ପାଇବ କୋଳିର $\frac{୧}{୨}$ ଅଂଶ ବା ଅଧା ଓ ମୋର ମଧ୍ୟ $\frac{୧}{୨}$ ଅଂଶ ବା ଅଧା । କୋଳି ଗଣିଲେ ତୁମ ଭାଗ ୧୦ଟି ଓ ମୋର ମଧ୍ୟ ୧୦ ଟି । ପରେ ନିନୀ ସବୁଯାକ କୋଳି ଏକାଠି କରି ସେଗୁଡ଼ିକୁ ଦୁଇ ଦୁଇଟି କରି ୧୦ ଭାଗ କଲା ଓ କହିଲା ଏଥିରୁ ୫ ଭାଗ ତୁମର ଓ ୫ ଭାଗ ମୋର ।





ଦେଖ, ମୋଟ ୧୦ ସମାନ ଭାଗରୁ ତୁମେ ପାଇବ ୫ ଭାଗ ବା $\frac{୫}{୧୦}$ । ତମର ଯେଉଁ ୧୦ ଟାକୁ ସେଇ ୧୦ଟା । ସମୀର ପାଖରେ ବସି ଦୁଇଜଣଙ୍କର କୋଳି ବାଣ୍ଟିବା କାମ ଦେଖୁଥିଲା । ବର୍ତ୍ତମାନ ସେ କହିଲା -"ମୋତେ କୋଳି ତକ ଦିଅ । ମୁଁ ତୁମ ମଧ୍ୟରେ ଆଉ ଗୋଟିଏ ପ୍ରକାରେ କୋଳି ଭାଗ କରିଦେବି ।"

ସମୀର ୨୦ଟି ଯାକ କୋଳିକୁ ପୁଣି ଏକାଠି କରି ସବୁଗୁଡ଼ିକୁ ସମାନ ୪ ଭାଗ କଲା ଓ କହିଲା- ତୁମେ ଦୁଇ ଜଣ ତ ସମାନ ଭାଗ ନବ । ଏଣୁ ନିନୀର ୨ ଭାଗ ଓ ରୁନୀର ୨ ଭାଗ ।




ଜଣକେ ପାଇବା ଚାରିସମାନ ଭାଗରୁ ୨ ଭାଗ ବା $\frac{୨}{୪}$ ଲେଖାଏଁ । ପ୍ରତ୍ୟେକ ନିଜ ନିଜର କୋଳି ଗଣି ଦେଖିଲେ । ପ୍ରତ୍ୟେକ ପାଇଲେ ୧୦ଟି ଲେଖାଏଁ କୋଳି । ତା'ପରେ ସମୀର ନିନୀ ଓ ରୁନୀ ବସି ଆଲୋଚନା କଲେ । ଏପରି କିପରି ହେଲା ?




ନିନୀ ଓ ରୁନୀର କୋଳିଗୁଡ଼ିକୁ ଭିନ୍ନଭିନ୍ନ ପ୍ରକାରରେ ଭାଗ କରି ଦେଖିଲେ ଯେ, ପ୍ରତ୍ୟେକ ଥର ଉଭୟଙ୍କ ପାଖରେ ସମାନ ସଂଖ୍ୟକ କୋଳି ପଡ଼ିଲା । ଆମେ ଲକ୍ଷ୍ୟ କଲେ ଯେ,

| | | |
|---|---|---|
| ୧୦ ଟି କୋଳି | = ୨୦ ଟି କୋଳିର | $\frac{୧}{୨}$ |
| | = ୨୦ ଟି କୋଳିର | $\frac{୫}{୧୦}$ |
| | = ୨୦ ଟି କୋଳିର | $\frac{୨}{୪}$ |

ଏଥିରୁ ସେମାନେ ଜାଣିଲେ, $\frac{୧}{୨} = \frac{୨}{୪} = \frac{୫}{୧୦}$

ଏଗୁଡ଼ିକ ଅଲଗା ଅଲଗା ଭଗ୍ନ ସଂଖ୍ୟା ହେଲେ ମଧ୍ୟ, ଏମାନଙ୍କର ମୂଲ୍ୟ ସମାନ ଅଟେ ।

ଆଉ ଦିନକର କଥା । ସମୀର କାଗଜ ପଟି ଆଣି ତା'ର ସାଙ୍ଗ ପିଲାଙ୍କ ପାଖରେ ପହଞ୍ଚିଲା ।



ଚିତ୍ର 'କ'

ସମୀର କାଗଜ ପଟିକୁ ସମାନ ଦୁଇ ଭାଗକରି ଗୋଟିଏ ଭାଗକୁ ରେଖାଙ୍କିତ କଲା ।



ଚିତ୍ର 'ଖ'

ରୀନା ଉପରେ ଦୁଇ ଭାଗ ହୋଇଥିବା କାଗଜ ପଟିକୁ ପୁଣି ଦୁଇ ସମାନ ଭାଗ କଲା । ମୋଟ କେତେ ସମାନ ଭାଗ ହେଲା ?



ଚିତ୍ର 'ଗ'

ମୀନା ଉପରେ ଚାରି ଭାଗ ହୋଇଥିବା କାଗଜ ପଟିକୁ ପୁଣି ଦୁଇ ସମାନ ଭାଗ କଲେ ମୋଟ କେତେ ସମାନ ଭାଗ ହେଲା ?



ଚିତ୍ର 'ଘ'

ଚିତ୍ର -'କ'ରେ ସମୀର ପ୍ରଥମେ ନେଇଥିବା କାଗଜ ପଟି ରହିଛି ।

ଚିତ୍ର -'ଖ'ରେ କାଗଜ ପଟିର ରେଖାଙ୍କିତ ଭାଗଟି ପୂରା କାଗଜ ପଟିର କେତେ ଅଂଶ ?

ଚିତ୍ର -'ଗ'ରେ ପୂର୍ବର ରେଖାଙ୍କିତ ଭାଗଟି ପୂରା କାଗଜ ପଟିର କେତେ ଅଂଶ ?

ଚିତ୍ର -'ଘ'ରେ ପୂର୍ବର ରେଖାଙ୍କିତ ଭାଗଟି ପୂରା କାଗଜ ପଟିର କେତେ ଅଂଶ ?

କାଗଜ ପଟିର ରେଖାଙ୍କିତ ଅଂଶରେ କିଛି ପରିବର୍ତ୍ତନ ହୋଇଛି କି ?

ସମସ୍ତେ ଦେଖିଲେ, $\frac{୧}{୨} = \frac{୧ \times ୨}{୨ \times ୨} = \frac{୨}{୪}$

$$\frac{୨}{୪} = \frac{୨ \times ୨}{୪ \times ୨} = \frac{୪}{୮}$$

ଏଣୁ $\frac{୧}{୨} = \frac{୨}{୪} = \frac{୪}{୮}$

ଏଗୁଡ଼ିକ ସମ ଭଗ୍ନସଂଖ୍ୟା ବୋଲି ଗୁରୁମା'ଙ୍କୁ ପଚାରି ବୁଝିଲେ ।


ପାଖରେ ଠିଆ ହୋଇଥିଲା ଖଲିଲ୍ । ସେ କାଗଜ ପଟି ଖଣ୍ଡେ ନେଇ ତାକୁ ସମାନ ତିନି ଭାଗ କଲା । ସେଥିରୁ ଗୋଟିଏ ଭାଗରେ ଗାର ଟାଣି ତାକୁ ରେଖାଙ୍କିତ କଲା ।

ଦେଖିଲା ରେଖାଙ୍କିତ ଅଂଶ $\frac{୧}{୩}$



ପ୍ରତି ଭାଗକୁ ସମାନ ଦୁଇ ଭାଗ କଲା ।

ବର୍ତ୍ତମାନ ଦେଖିଲା, ରେଖାଙ୍କିତ ଅଂଶ = $\frac{୨}{୬}$



ତା'ପରେ ବାରମ୍ବାର ଏହି କାର୍ଯ୍ୟ କରି ଦେଖିଲା

$$\frac{୧}{୩} = \frac{୧ \times ୨}{୩ \times ୨} = \frac{୨}{୬}$$


$$= \frac{୧ \times ୪}{୩ \times ୪} = \frac{୪}{୧୨}$$


ତା' କାଗଜପଟିକୁ ସାଙ୍ଗମାନଙ୍କୁ ଦେଖାଇ କହିଲା- $\frac{୧}{୩}, \frac{୨}{୬}, \frac{୪}{୧୨}$ ମଧ୍ୟ ସମ ଭଗ୍ନସଂଖ୍ୟା ।


ସମସ୍ତେ ଭଲ ଭାବେ ଜାଣିଲେ,

କୌଣସି ଭଗ୍ନସଂଖ୍ୟାର ଲବ ଓ ହରକୁ ସମାନ ସଂଖ୍ୟା (ଶୂନ୍ୟ ହୋଇ ନଥିବ) ଦ୍ୱାରା ଗୁଣିଲେ ଯେଉଁ ଭଗ୍ନସଂଖ୍ୟା ମିଳେ ତାହା ମୂଳ ଭଗ୍ନସଂଖ୍ୟାର ଏକ ସମ ଭଗ୍ନସଂଖ୍ୟା ।

- ଚିତ୍ର ୧ ଓ ୨କୁ ଲକ୍ଷ୍ୟକର ଓ ଚିତ୍ର ୩ରେ ରଙ୍ଗ ଦିଅ ।




ଚିତ୍ର ୩ (କ)ରେ ବୃତ୍ତାକୃତିକ୍ଷେତ୍ରକୁ କେତେ ସମାନ ଭାଗ କରାଯାଇଛି ?

ଚିତ୍ର ୩ (ଖ)ରେ ବୃତ୍ତାକୃତିକ୍ଷେତ୍ରର ୪ସମାନ ଭାଗରୁ ଭାଗେକୁ ରଙ୍ଗ ଦିଅ ।

ଚିତ୍ର ୩ (ଗ)ରେ ବୃତ୍ତାକୃତିକ୍ଷେତ୍ରର ୪ସମାନ ଭାଗରୁ ୨ଭାଗକୁ ରଙ୍ଗ ଦିଅ ।

ଚିତ୍ର ୩ (ଘ)ରେ ବୃତ୍ତାକୃତିକ୍ଷେତ୍ରର  ୪ସମାନ ଭାଗରୁ ୩ଭାଗକୁ ରଙ୍ଗ ଦିଅ।

ଚିତ୍ର ୩ (ଙ)ରେ ବୃତ୍ତାକୃତିକ୍ଷେତ୍ରର  ୪ସମାନ ଭାଗରୁ ୪ଭାଗକୁ ରଙ୍ଗ ଦିଅ।

ଚିତ୍ରଗୁଡ଼ିକୁ ଲକ୍ଷ୍ୟ କର :-

ଚିତ୍ର ୧ ରେ (କ) ଓ (ଘ) ଉଭୟ ସମାନ ଚିତ୍ରକୁ ଦର୍ଶାଉଛି। ଅର୍ଥାତ୍ $\frac{୨}{୨} = ୧$

ସେହିଭଳି ଚିତ୍ର- ୨ ରେ କ ଓ (ଘ) ସମାନ ଚିତ୍ରକୁ ଦର୍ଶାଉଛି। ଅର୍ଥାତ $\frac{୩}{୩} = ୧$

ଓ ଚିତ୍ର – ୩ ରେ (କ) ଓ (ଙ) ସମାନ ଚିତ୍ରକୁ ଦର୍ଶାଉଛି। ଅର୍ଥାତ୍ $\frac{୪}{୪} = ୧$

ଏଥିରୁ ଆମେ ଜାଣିଲେ $\frac{୨}{୨} = \frac{୩}{୩} = \frac{୪}{୪} = ୧$


ଏଣୁ $\frac{୨}{୨}, \frac{୩}{୩}, \frac{୪}{୪}$ ଆଦି ଭଗ୍ନ ସଂଖ୍ୟା ନୁହେଁ।

**ଆମେ ଜାଣିଲେ**

ଲବ ଓ ହର ସମାନ ଥିବା ସଂଖ୍ୟାଟି ଏକ ଭଗ୍ନସଂଖ୍ୟା ନୁହେଁ।

**ତୁମ ପାଇଁ କାମ:**

- ଗୋଟିଏ ପୃଷ୍ଠା ମୋଟା କାଗଜ ନିଅ।
- ମୋଟ କାଗଜରୁ ୮ସେ.ମି. ଦୈର୍ଘ୍ୟ ଓ ୧ସେ.ମି. ପ୍ରସ୍ଥ ବିଶିଷ୍ଟ ଚାରୋଟି ଆୟତାକୃତି କାଗଜ ପଟି ତିଆରି କର।
- ଚାରୋଟି ପଟିକୁ ୧, ୨, ୩, ଓ ୪ ଭାବେ ନାମକରଣ କର।
- ୧ନମ୍ବର ପଟିକୁ ସମାନ ଆଠ ଭାଗକରି ଗୋଟିଏ ଭାଗକୁ ରଂଗ କର। (ତଳେ ଦିଆଯାଇଥିବା ଚିତ୍ର ଭଳି)




- ସେହିପରି ୨ ନମ୍ବର କାଗଜ ପଟିକୁ ସମାନ ୪ଭାଗ କରି ୧ଭାଗକୁ ରଂଗ ଦିଅ।
- ୩ ନମ୍ବର ପଟିକୁ ସମାନ ଦୁଇ ଭାଗ କରି ଗୋଟିଏ ଭାଗକୁ ରଂଗ ଦିଅ।
- ଏବେ କାଗଜ ପଟିଗୁଡ଼ିକୁ ତଳକୁ ତଳ ସଜାଡ଼ି ରଖ। ଦେଖ, ପ୍ରତ୍ୟେକ କାଗଜ ପଟିରେ ରଂଗ ହୋଇଥିବା ଅଂଶର ପରିମାଣ ସମାନ କି ? ଏପରି କାହିଁକି ହେଲା ? ସାଙ୍ଗମାନଙ୍କ ସହ ଆଲୋଚନା କର।

## ଅଭ୍ୟାସ କାର୍ଯ୍ୟ


୧. ଚିତ୍ର ଦେଖି ସମ ଭଗ୍ନସଂଖ୍ୟା ଲେଖ ।

(କ) ଯେପରି




$\frac{୧}{୨}$ = $\frac{୪}{୮}$

(ଖ)




$\frac{୨}{୫}$ = ☐

(ଗ)



$\frac{୨}{୩}$ = ☐

(ଘ)



$\frac{୪}{୫}$ = ☐

୨. ପ୍ରତ୍ୟେକ ଧାଡ଼ିରେ ଥିବା ସଂରଚନାକୁ ଦେଖ ଓ ପରବର୍ତ୍ତୀ ତିନୋଟି ଭଗ୍ନସଂଖ୍ୟା ଲେଖ ।

(କ) $\frac{୧}{୩}$ = $\frac{୨}{୬}$ = $\frac{୩}{୯}$ = ____ = ____ = ____

(ଖ) $\frac{୪}{୫}$ = $\frac{୮}{୧୦}$ = $\frac{୧୨}{୧୫}$ = ____ = ____ = ____

(ଗ) $\frac{୪}{୭}$ = $\frac{୮}{୧୪}$ = $\frac{୧୨}{୨୧}$ = ____ = ____ = ____

୩. ନିମ୍ନଲିଖିତ ସଂଖ୍ୟାଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକର ମୂଲ୍ୟ ୧ ସହିତ ସମାନ ସେଗୁଡ଼ିକୁ ବାଛି ଲେଖ ।

$\frac{୧}{୩}, \frac{୨}{୩}, \frac{୪}{୪}, \frac{୬}{୭}, \frac{୭}{୭}, \frac{୮}{୯}, \frac{୧୦}{୧୦}, \frac{୪}{୫}, \frac{୫}{୫}, \frac{୩}{୨}$

୪. ନିମ୍ନରେ ଥିବା ପ୍ରତ୍ୟେକ ଭଗ୍ନସଂଖ୍ୟା ଲାଗି ଛଅଟି ଲେଖାଏଁ ସମଭଗ୍ନସଂଖ୍ୟା ଲେଖ ।

$\frac{୨}{୫}, \frac{୧}{୩}, \frac{୪}{୫}$

କୌଣସି ଭଗ୍ନସଂଖ୍ୟାର କେତୋଟି ସମଭଗ୍ନସଂଖ୍ୟା ଥାଏ ? ତୁମ ଉତ୍ତର ସପକ୍ଷରେ କାରଣ ଦର୍ଶାଅ ।

## ଦୁଇଟି ଭଗ୍ନସଂଖ୍ୟା ସମ ଭଗ୍ନସଂଖ୍ୟା କି ନୁହେଁ କିପରି ଜାଣିବା ?

ଦୁଇଟି ଭଗ୍ନସଂଖ୍ୟା ସମଭଗ୍ନସଂଖ୍ୟା କି ନାହିଁ ଆମେ ସହଜରେ ଜାଣିପାରିବା । ତଳ ଉଦାହରଣ ଦୁଇଟିକୁ ଲକ୍ଷ୍ୟ କର ।

**ଉଦାହରଣ - ୧** $\frac{୧}{୩}$ ଓ $\frac{୨}{୬}$ ନିଆଯାଉ । ସେମାନଙ୍କର ଲବ ଓ ହରକୁ ତୀର ଦେଖାଯାଇଥିବା ଭଳି ଗୁଣନ କରାଯାଏ ।

ଏହି ପ୍ରକାରର ଗୁଣନକୁ **ବଜ୍ର ଗୁଣନ** କୁହାଯାଏ ।

$\frac{୧}{୩} \times \frac{୨}{୬}$   – ୩ × ୨ = ୬

– ୧ × ୬ = ୬

ଲକ୍ଷ୍ୟ କର, ପ୍ରଥମ ଭଗ୍ନସଂଖ୍ୟାର 'ଲବ' ସହ ଦ୍ୱିତୀୟ ଭଗ୍ନସଂଖ୍ୟାର 'ହର'କୁ ଗୁଣନ କରାଯାଇଛି । ସେହିପରି ପ୍ରଥମ ଭଗ୍ନସଂଖ୍ୟାର ହର ସହ ଦ୍ୱିତୀୟ ଭଗ୍ନସଂଖ୍ୟାର ଲବକୁ ଗୁଣନ କରାଯାଇଛି ।

$\frac{୧}{୩}$ ଓ $\frac{୨}{୬}$ ସମଭଗ୍ନସଂଖ୍ୟା କି ?

**ଉଦାହରଣ- ୨** $\frac{୨}{୭} = \frac{୪}{୧୪}$ ହେଉଛନ୍ତି ଦୁଇଟି ସମଭଗ୍ନସଂଖ୍ୟା ।

ଏଠାରେ $\frac{୨}{୭} = \frac{୪}{୧୪}$

ଭଗ୍ନସଂଖ୍ୟା ଦୁଇଟିକୁ ବଜ୍ର ଗୁଣନ କଲେ

$\frac{୨}{୭} \times \frac{୪}{୧୪}$   ୭ × ୪ = ୨୮

୨ × ୧୪ = ୨୮

ଉଭୟ କ୍ଷେତ୍ରରେ ଗୁଣଫଳ ସମାନ ।

ଏଥିରୁ ଜାଣିଲେ-

ଦୁଇଟି ସମଭଗ୍ନସଂଖ୍ୟା ମଧ୍ୟରୁ ପ୍ରଥମର ଲବ ଓ ଦ୍ୱିତୀୟର ହରର ଗୁଣଫଳ ଏବଂ ପ୍ରଥମର ହର ଓ ଦ୍ୱିତୀୟର ଲବର ଗୁଣଫଳ ସମାନ ।

☞ ନିମ୍ନରେ ପ୍ରତ୍ୟେକ ଯୋଡ଼ା ଭଗ୍ନସଂଖ୍ୟା ମଧ୍ୟରୁ କେଉଁ ଯୋଡ଼ା ସମଭଗ୍ନସଂଖ୍ୟା ତାହା ବଜ୍ରଗୁଣନ ଉପାୟରେ ନିର୍ଣ୍ଣୟ କର ।

(କ) $\frac{୧}{୯}, \frac{୩}{୨୭}$    (ଗ) $\frac{୭}{୮}, \frac{୨୧}{୨୪}$

(ଖ) $\frac{୩}{୫}, \frac{୧୨}{୧୯}$    (ଘ) $\frac{୩}{୧୧}, \frac{୨୧}{୭୭}$

# ପାଠ-୧୫ ଭଗ୍ନସଂଖ୍ୟାର ଯୋଗ ଓ ବିୟୋଗ କରିବା

ଥରେ ସୁନିତାର ମା’ ଗୋଟିଏ ତରଭୁଜ ଆଣି କାଟିଲେ । ସେ ସେଥିରୁ ଦୁଇ ଚତୁର୍ଥାଂଶ ସୁନିତାକୁ ଓ ଏକ ଚତୁର୍ଥାଂଶ ତା’ର ଭାଇ ମିଳନକୁ ଦେଲେ ।




ମିଳନର ଅଂଶ + ସୁନିତାର ଅଂଶ

ଏକ ଚତୁର୍ଥାଂଶ + ଦୁଇଟି ଏକ ଚତୁର୍ଥାଂଶ = ତିନିଟି ଏକ ଚତୁର୍ଥାଂଶ

ବା, $\frac{୧}{୪} + \frac{୨}{୪} = \frac{୩}{୪}$ (ଏକ ଚତୁର୍ଥାଂଶ + ଦୁଇ ଚତୁର୍ଥାଂଶ = ତିନି ଚତୁର୍ଥାଂଶ)

ଲକ୍ଷ୍ୟକର : ଏକ ଚତୁର୍ଥାଂଶ ଓ ଦୁଇ ଚତୁର୍ଥାଂଶ ମିଶିଲେ ତିନି ଚତୁର୍ଥାଂଶ ହୁଏ ।

ସେହିପରି




ଦୁଇ ଷଷ୍ଠାଂଶ ତିନି ଷଷ୍ଠାଂଶ ପାଞ୍ଚ ଷଷ୍ଠାଂଶ

$\frac{୨}{୬} + \frac{୩}{୬} = \frac{୫}{୬}$ ଯାହାକୁ $\frac{୨+୩}{୬}$ ଭାବେ ମଧ୍ୟ ଲେଖାଯାଇପାରେ ।

ଆମେ ଦେଖିଲେ : $\frac{୨}{୬} + \frac{୩}{୬} = \frac{୨+୩}{୬}$

ସେହିପରି କାମ



$$\frac{୧}{୮} + \frac{୨}{୮} + \frac{୩}{୮} = \frac{୬}{୮}$$

ଏହାକୁ ମଧ୍ୟ $\frac{୧}{୮}+\frac{୨}{୮}+\frac{୩}{୮}=\frac{୧+୨+୩}{୮}=\frac{୬}{୮}$ ଭାବେ ଲେଖାଯାଏ ।

ସମହର ବିଶିଷ୍ଟ ଭଗ୍ନସଂଖ୍ୟାମାନଙ୍କର ଯୋଗ କଲାବେଳେ ଯୋଗଫଳ କିପରି ବାହାରେ ଲେଖ ।

________________________________________

________________________________________


**ଆମେ ଜାଣିଲେ, ସମହର ବିଶିଷ୍ଟ ଭଗ୍ନସଂଖ୍ୟାମାନଙ୍କୁ ଯୋଗକଲା ବେଳେ –**

**ଯୋଗଫଳର ଲବ = ଯୋଗ କରାଯାଇଥିବା ଭଗ୍ନସଂଖ୍ୟାମାନଙ୍କର ଲବର ସମଷ୍ଟି ।**

**ଯୋଗଫଳର ହର = ଯୋଗ କରାଯାଇଥିବା ପ୍ରତ୍ୟେକ ଭଗ୍ନସଂଖ୍ୟାର ହର ସଙ୍ଗେ ସମାନ ।**

## ତୁମ ପାଇଁ କାମ

- ଦୁଇଟି ସମାନ ଆକାରର ବୃତ୍ତାକୃତି କାଗଜ ଖଣ୍ଡ ନିଅ ।
- ପ୍ରତ୍ୟେକ ବୃତ୍ତାକୃତି କାଗଜ ଖଣ୍ଡକୁ ମଝିରୁ ଭାଙ୍ଗି ଦୁଇ ସମାନ ଭାଗ କର ଓ ଗୋଟିଏ ଭାଗକୁ ରଙ୍ଗ ଦିଅ ।
- ଦୁଇଟିଯାକ ବୃତ୍ତାକୃତି କାଗଜ ଖଣ୍ଡ ରଙ୍ଗ ଦିଆଯାଇଥିବା ଅଂଶକୁ ମୂଳ କାଗଜରୁ ଅଲଗା କରିଦିଅ ।
- ଚିତ୍ରରେ ଦିଆଯାଇଥିବା ଭଳି ରଙ୍ଗିନ୍ ଅଂଶ ଦୁଇଟିକୁ ଯୋଡ଼ି ରଖ । କ'ଣ ଲକ୍ଷ୍ୟ କରୁଛ ?
- ଏଥିରୁ ତୁମେ କ'ଣ ଜାଣିଲ କହ ।





$\frac{୧}{୨}+\frac{୧}{୨}=୧$

ବା ଦୁଇଟି $\frac{୧}{୨}$ ମିଶି ୧ ହୁଏ ।

# ଅଭ୍ୟାସ କାର୍ଯ୍ୟ

୧. ପୂର୍ବ ପୃଷ୍ଠାରେ ତୁମ ପାଇଁ କାମରେ କରାଯାଇଥିବା ମିଶାଣକୁ ଦେଖ ଓ ସେହିଭଳି ତଳେ ଥିବା ଖାଲି ଘରଗୁଡ଼ିକ ପୂରଣ କର ।

(କ)





□ + □ + □ + □ = □

∴ □ ଗୋଟି □ ମିଶି ୧ ।

(ଖ)

(ଖ)




□ + □ + □ + □ + □ = □


∴ □ ଗୋଟି □ ମିଶି ୧ ।

୨. ଖାଲି ଘର ପୂରଣ କର ।


| | |
|---|---|
| $\frac{୧}{୪}+\frac{୧}{୪}$ ଓ ଆଉ □ ଗୋଟି $\frac{୧}{୪}$ ମିଶି ୧ | ୫ ଗୋଟି $\frac{୧}{୮}$ ଓ ଆଉ □ ଗୋଟି $\frac{୧}{୮}$ ମିଶି ୧ |
| $\frac{୧}{୫}+\frac{୧}{୫}+\frac{୧}{୫}$ ଓ ଆଉ □ ଗୋଟି $\frac{୧}{୫}$ ମିଶି ୧ | ୨ ଗୋଟି $\frac{୧}{୯}$ ଓ ଆଉ □ ଗୋଟି $\frac{୧}{୯}$ ମିଶି ୧ |
| $\frac{୪}{୬}$ ଓ ଆଉ □ ଗୋଟି $\frac{୧}{୬}$ ମିଶି ୧ | □ ଗୋଟି $\frac{୧}{୫}$ ମିଶି ୧ |
| ୩ ଗୋଟି $\frac{୧}{୭}$ ଓ ଆଉ □ ଗୋଟି $\frac{୧}{୭}$ ମିଶି ୧ | □ ଗୋଟି $\frac{୧}{୧୦}$ ମିଶି ୧ |


୩. ତଳେ ଥିବା ଉଦାହରଣକୁ ଲକ୍ଷ୍ୟ କରି, ସେହିପରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକରେ ଥିବା ଶୂନ୍ୟସ୍ଥାନ ପୂରଣ କର ।


ଉଦାହରଣ :




$$\frac{୩}{୮} + \frac{୪}{୮} = \frac{୩+୪}{୮} = \frac{୭}{୮}$$





(କ)  $\frac{୧}{୫} + \frac{୨}{୫} = \frac{_\,+\,_}{୫} = \frac{_}{_}$

(ଖ)  $\frac{୧}{୬} + \frac{୨}{୬} =$ ______ = ______

(ଗ)  $\frac{୩}{୬} + \frac{୨}{୬} =$ ______ = ______

(ଘ)  $\frac{୧}{୮} + \frac{୨}{୮} + \frac{୩}{୮} =$ ______ = ______

୪. ଚିତ୍ରରେ ଉପଯୁକ୍ତ ରଙ୍ଗ ଦେଇ ଭଗ୍ନସଂଖ୍ୟାଗୁଡ଼ିକୁ ଯୋଗକର ।

| | ଚିତ୍ର | ଯୋଗଫଳ |
|---|---|---|
| (କ) $\frac{୧}{୪} + \frac{୨}{୪}$ |  | |
| (ଖ) $\frac{୧}{୬} + \frac{୫}{୬}$ |  | |
| (ଗ) $\frac{୨}{୭} + \frac{୪}{୭}$ |  | |
| (ଘ) $\frac{୨}{୧୦} + \frac{୫}{୧୦}$ |  | |

୫. ଯୋଗଫଳ ନିର୍ଣ୍ଣୟ କର ।

(କ) $\frac{୨}{୫}+\frac{୧}{୫}$ (ଖ) $\frac{୧}{୯}+\frac{୪}{୯}$ (ଗ) $\frac{୪}{୭}+\frac{୨}{୭}$

(ଘ) $\frac{୨}{୫}+\frac{୧}{୫}+\frac{୧}{୫}$ (ଙ) $\frac{୨}{୭}+\frac{୨}{୭}+\frac{୩}{୭}$ (ଚ) $\frac{୩}{୮}+\frac{୨}{୮}+\frac{୩}{୮}$

## ଭଗ୍ନସଂଖ୍ୟାର ବିୟୋଗ




ସୁମନର ଜନ୍ମଦିନ । ଘରେ ପିଠା ହୋଇଥାଏ । ସନ୍ଧ୍ୟା ବେଳକୁ ତା'ର ସାଙ୍ଗ କିଶନ୍ ଆସି ପହଞ୍ଚିଲା । ସୁମନ ତା' ପାଖରେ ଥିବା ପିଠାର ଚାରି ପଞ୍ଚମାଂଶରୁ ଏକ ପଞ୍ଚମାଂଶ କିଶନ୍‌କୁ ଦେଲା । ଏବେ ସୁମନ ପାଖରେ ପୁରା ପିଠାର କେତେ ଅଂଶ ରହିଲା ?

ଆସ ଦେଖିବା ।




$\frac{୪}{୫} \quad - \quad \frac{୧}{୫} \quad = \quad \frac{୩}{୫}$

ବର୍ତ୍ତମାନ ପାଖ ଚିତ୍ରକୁ ଲକ୍ଷ୍ୟକର :-



ମୋଟ ରଙ୍ଗିନ୍ ଅଂଶ ସଂଖ୍ୟା = ୪

ବିଚ୍ଛିନ୍ନ ହୋଇଥିବା ରଙ୍ଗିନ୍ ଅଂଶ ସଂଖ୍ୟା = ୧


ଅବଶିଷ୍ଟ ରଙ୍ଗିନ୍ ଅଂଶ ସଂଖ୍ୟା = ୩

$$\therefore \frac{୪}{୫}-\frac{୧}{୫}=\frac{୪-୧}{୫}=\frac{୩}{୫}$$

ଏଥିରୁ ଆମେ ଜାଣିଲେ,


**ସମହର ବିଶିଷ୍ଟ ଭଗ୍ନସଂଖ୍ୟାର ବିୟୋଗ ବେଳେ**
**ବିୟୋଗ ଫଳର ଲବ = ପ୍ରଥମ ଭଗ୍ନସଂଖ୍ୟାର ଲବ – ଦ୍ୱିତୀୟ ଭଗ୍ନସଂଖ୍ୟାର ଲବ**
**ବିୟୋଗ ଫଳର ହର = ବିୟୋଗ କ୍ରିୟାରେ ଥିବା ପ୍ରତ୍ୟେକ ଭଗ୍ନସଂଖ୍ୟାର ହର ।**

ଆସ ଚିତ୍ର ଦେଖି ବିୟୋଗ କରିବା :

(କ) 

$\frac{୩}{୪} - \frac{୨}{୪} = \square$


$= \square$

(ଖ) 


$\frac{୫}{୬} - \frac{୨}{୬} = \square$


$= \square$

ଆସ ଚିତ୍ର ଦେଖି ବିୟୋଗ କରିବା-

(କ) 


$\frac{୩}{୪} - \frac{୨}{୪} = \frac{\square - \square}{\square} = \square$

(ଖ) 


$\frac{୫}{୬} - \frac{୨}{୬} = \frac{\square - \square}{\square} = \square$

## ଆସ ଖେଳିବା


- ଚରିଜଣିଆଁ ଦଳଟିଏ ହୋଇ ଏହି ଖେଳ ଖେଳିବା ।
- ଚିତ୍ରରେ ଦେଖାଯାଇଥିବା ଭଳି ଗୋଟିଏ ୧୨ ଭାଗ ବିଶିଷ୍ଟ ବୃତ୍ତ ଚିତ୍ରଟିଏ କର ଓ ୧୫ ଟି ଟୋକନ୍ କାଗଜ ଖଣ୍ଡ ପ୍ରସ୍ତୁତ କର । ଏହି ଟୋକନ୍‌ଗୁଡ଼ିକରେ ନିମ୍ନ କୋଠରିରେ ଥିବା ଭଗ୍ନସଂଖ୍ୟାଗୁଡ଼ିକ ମଧ୍ୟରୁ ଗୋଟିଏ ଲେଖାଏଁ ଲେଖ ।

$\frac{୧}{୨}, \frac{୧}{୩}, \frac{୧}{୪}, \frac{୧}{୬}, \frac{୧}{୧୨}$

$\frac{୨}{୧୨}, \frac{୩}{୧୨}, \frac{୪}{୧୨}, \frac{୫}{୧୨}$

$\frac{୬}{୧୨}, \frac{୭}{୧୨}, \frac{୮}{୧୨}, \frac{୯}{୧୨}$

$\frac{୧୦}{୧୨}, \frac{୧୧}{୧୨}$



- ବର୍ତ୍ତମାନ ଟୋକନ୍‌ଗୁଡିକୁ ଏକାଠି କରି ଗୋଟିଏ ଉପରେ ଗୋଟିଏ କରି ରଖ, ଯେପରି ଲେଖାଥିବା ପାଖଟି ତଳକୁ ରହିବ ।
- ଏବେ ଖେଳ ଆରମ୍ଭ କର । ଦଳରେ ଥିବା ୪ଜଣ ମଧ୍ୟରୁ ଜଣେ ଆଗ ଗୋଟିଏ ଟୋକନ୍ ଉଠାଇବ, ସେଥିରେ ଲେଖାଥିବା ଭଗ୍ନସଂଖ୍ୟା ଅନୁଯାୟୀ ବୃତ୍ତର ଅଂଶ ଉପରେ ରଙ୍ଗ ଦେବ ଓ ପୁନର୍ବାର ଟୋକନଟିକୁ ଟୋକନ୍ ଥାକର ତଳେ ରଖିବେ ।
- ଏହାପରେ ୨ୟ ପିଲାଟି ଗୋଟିଏ ଟୋକନ୍ ଉଠାଇବ ଓ ସେଥିରେ ଲେଖାଥିବା ଭଗ୍ନସଂଖ୍ୟା ଅନୁଯାୟୀ ବୃତ୍ତର ଅଂଶରେ ରଙ୍ଗ ଦେବେ ।
- ଏହିପରି ପର୍ଯ୍ୟାୟ କ୍ରମେ ପିଲାମାନେ ବୃତ୍ତଚିତ୍ରର ବିଭିନ୍ନ ଅଂଶରେ ରଙ୍ଗ ଦେବେ । ଯେଉଁ ପିଲାଟି ରଙ୍ଗ ଦେବାପରେ ବୃତ୍ତଟି ସମ୍ପୂର୍ଣ୍ଣ ଭାବରେ ରଙ୍ଗିନ୍ ହୋଇଯିବ, ସେ ଜିତିବ ।
- ଯେଉଁ ଯେଉଁ ଟୋକନ୍‌ରେ ଲେଖାଥିବା ସଂଖ୍ୟା ଅନୁଯାୟୀ ବୃତ୍ତଟିରେ ରଙ୍ଗ ଦିଆଯାଇ ବୃତ୍ତଟି ସମ୍ପୂର୍ଣ୍ଣଭାବେ ରଙ୍ଗୀନ୍ ହେଲା, ପିଲାମାନେ ସେହି ଭଗ୍ନସଂଖ୍ୟାଗୁଡିକୁ ଲେଖିବେ ଏବଂ ସେଗୁଡ଼ିକ ଯୋଗଫଳ ନିର୍ଣ୍ଣୟ କରିବେ । (ମନେକରାଯାଉ ଟୋକନ୍‌ରେ ଲେଖାଥିବା ସଂଖ୍ୟାଗୁଡ଼ିକ ହେଲା $\frac{୩}{୧୨}, \frac{୧}{୧୨}, \frac{୧}{୨}, \frac{୧}{୪}$ ଏଠାରେ ଦେଖାଯିବ ଯେ ଶେଷ ଖେଳାଳିର ଟୋକନ୍‌ରେ ଥିବା ଭଗ୍ନସଂଖ୍ୟା ଅନୁଯାୟୀ ବୃତ୍ତର ଅଂଶରେ ରଙ୍ଗକରି ହେବ ନାହିଁ । ବୃତ୍ତର ୨ଟି ଖାଲି ଘର ଫାଙ୍କା ଥିବ ଏବଂ ତାହା ବୃତ୍ତର $\frac{୧}{୪}$ ନୁହେଁ, ଏ କ୍ଷେତ୍ରରେ ସେ ପିଲାଟିକୁ ବାଦ୍ ଦିଆଯିବ ଓ ତା'ର ଟୋକନଟିକୁ ଅନ୍ୟ ଟୋକନ୍‌ର ତଳେ ରଖାଯିବ । ବର୍ତ୍ତମାନ ଅନ୍ୟ ଯେଉଁ ପିଲାଟି ପ୍ରଥମେ ସୁଯୋଗ ପାଇଥିଲା ସେ ପୁଣି ଟୋକନ୍ ଟାଣିବାର ସୁଯୋଗ ପାଇବ ।

## ଅଭ୍ୟାସ କାର୍ଯ୍ୟ

୧. ଶୂନ୍ୟସ୍ଥାନ ପୂରଣ କରି ବିୟୋଗଫଳ ସ୍ଥିର କର ।

(କ) $\frac{୭}{୯} - \frac{୨}{୯} = \frac{୭ - ୨}{୯} = \frac{\square}{\square}$

(ଖ) $\frac{୫}{୭} - \frac{୨}{୭} = \frac{\square - \square}{\square} = \frac{\square}{\square}$

(ଗ) $\frac{୮}{୫} - \frac{୪}{୫} = \frac{\square - \square}{\square} = \frac{\square}{\square}$

(ଘ) $\frac{୭}{୮} - \frac{୩}{୮} = \frac{\square - \square}{\square} = \frac{\square}{\square}$

୨. ବିୟୋଗ କାର୍ଯ୍ୟ କର ଓ ବିୟୋଗଫଳ ନିର୍ଣ୍ଣୟ କର ।

(କ) $\frac{୨}{୩} - \frac{୧}{୩} = \square = \square$

(ଖ) $\frac{୭}{୮} - \frac{୪}{୮} = \square = \square$

(ଗ) $\frac{୮}{୯} - \frac{୩}{୯} = \square = \square$

(ଘ) $\frac{୫}{୧୦} - \frac{୩}{୧୦} = \square = \square$

୩. '$\bigcirc$' ମଧ୍ୟରେ '+' ବା '-' ଚିହ୍ନ ଦିଅ ।

(କ) $\frac{୪}{୯} \bigcirc \frac{୩}{୯} = \frac{୭}{୯}$

(ଖ) $\frac{୩}{୬} \bigcirc \frac{୧}{୬} = \frac{୨}{୬}$

(ଗ) $\frac{୪}{୫} \bigcirc \frac{୧}{୫} = \frac{୩}{୫}$

(ଘ) $\frac{୭}{୯} \bigcirc \frac{୧}{୯} = \frac{୮}{୯}$

(ଙ) $\frac{୪}{୮} \bigcirc \frac{୧}{୮} = \frac{୫}{୮}$

(ଚ) $\frac{୧}{୧୦} \bigcirc \frac{୧}{୧୦} = \frac{୨}{୧୦}$

୪. ମୂଲ୍ୟ ନିରୂପଣ କର ।

(କ) $\frac{୧}{୫} + \frac{୩}{୫} - \frac{୨}{୫}$

(ଖ) $\frac{୧}{୯} + \frac{୭}{୯} - \frac{୪}{୯}$

(ଗ) $\frac{୧}{୭} + \frac{୪}{୭} - \frac{୨}{୭}$

(ଘ) $\frac{୩}{୮} + \frac{୨}{୮} - \frac{୫}{୮}$

୫. ରମେଶ ବାବୁ ତାଙ୍କ ବଗିଚାରେ ଲଗାଇଥିବା କଦଳୀ ଗଛମାନଙ୍କ ମଧ୍ୟରୁ $\frac{୩}{୧୦}$ ଅଂଶ ତରକାରୀ କଦଳୀ ଓ ଅବଶିଷ୍ଟ ପାଚିଲା କଦଳୀ । ପାଚିଲା କଦଳୀ ଗଛ ସଂଖ୍ୟା ମୋଟ୍ କଦଳୀ ଗଛ ସଂଖ୍ୟାର କେତେ ଅଂଶ ?

୬. ଗୋଟିଏ ଖମ୍ବର $\frac{୧}{୭}$ ଅଂଶରେ କଳାରଙ୍ଗ, $\frac{୨}{୭}$ ଅଂଶରେ ନାଲି ରଙ୍ଗ ଓ $\frac{୪}{୭}$ ଅଂଶରେ ହଳଦିଆ ରଙ୍ଗ ଦିଆଯାଇଛି । ତେବେ-

(କ) ଖମ୍ବର ମୋଟ କେତେ ଅଂଶ ରଙ୍ଗ ଦିଆଯାଇଛି ?

(ଖ) କେଉଁ ରଙ୍ଗ ଦିଆଯାଇଥିବା ଅଂଶ ସର୍ବାଧିକ ?

(ଗ) କେଉଁ ରଙ୍ଗ ଦିଆଯାଇଥିବା ଅଂଶ ସର୍ବନିମ୍ନ ?

(ଘ) ହଳଦିଆ ରଙ୍ଗ ଦିଆଯାଇଥିବା ଅଂଶଠାରୁ କେତେ କମ୍ ଅଂଶରେ ନାଲି ରଙ୍ଗ ଦିଆଯାଇଛି ?




# ପାଠ-୧୬ ଟଙ୍କା ପଇସା ହିସାବ କରିବା

ଆମେ ତଳ ଶ୍ରେଣୀମାନଙ୍କରେ ବିଭିନ୍ନ ପ୍ରକାର ମୁଦ୍ରା ଓ ନୋଟ୍ ସହିତ ପରିଚିତ ହୋଇଛୁ । ନିତିଦିନିଆ ଜିନିଷ କିଣା ବିକାରେ ସେଗୁଡ଼ିକୁ ମଧ୍ୟ ବ୍ୟବହାର କରିଛୁ । ଆସ, ଆଉ କେତୋଟି ଅଧିକ ମୂଲ୍ୟର ମୁଦ୍ରା ଓ ନୋଟ୍ ଚିହ୍ନିବା । ସେଗୁଡ଼ିକୁ ଚିହ୍ନି ତଳେ ଥିବା କୋଠରିରେ ସେଗୁଡ଼ିକର ପରିମାଣ ଲେଖ ।



7YXJYT

ଏବେ, ମୁଦ୍ରା ଓ ନୋଟ୍‌ଗୁଡ଼ିକର ମୋଟ ମୂଲ୍ୟ ନିର୍ଣ୍ଣୟ କରିବା ।

| ମୁଦ୍ରା / ନୋଟ୍ | ମୋଟ୍ ମୂଲ୍ୟ |
|---|---|
|  | ୧୪ ଟଙ୍କା |
|  | |
|  | |
|  | |
|  | |
|  | |
|  | |
|  | |
|  | |
|  | |

ମନେରଖିଛ କି ?

- ୧ ଟଙ୍କା= ୧୦୦ ପଇସା
- ଉଭୟ ଟଙ୍କା ଓ ପଇସା ଥିବାର ପରିମାଣକୁ ଲେଖିଲା ବେଳେ ମଝିରେ ଏକ ବିନ୍ଦୁ (.) ଦେଇ ଲେଖାଯାଏ । ଯେପରି ୧୧ ଟଙ୍କା ୨୫ ପଇସାକୁ ଆମେ ଟ ୧୧.୨୫ ପ ଲେଖୁ ।

☞ ଗୋଟିଏ ଅଫିସ୍‌ର କର୍ମଚାରୀମାନେ ଗୋଟିଏ ମାସର ଦରମା ପାଇଥିବା ଟଙ୍କାର ପରିମାଣକୁ ତଳ ସାରଣୀରେ ଦିଆଯାଇଛି । ପ୍ରତ୍ୟେକଙ୍କୁ ଦରମା ଦେବା ପାଇଁ କେଉଁ ନୋଟ୍ ଓ ମୁଦ୍ରାରୁ କେତୋଟି ଆବଶ୍ୟକ ପଡ଼ିଥିବ ଲେଖ ।

| କର୍ମଚାରୀଙ୍କ ନାମ | ଦରମାର ପରିମାଣ | କେଉଁ ନୋଟ ବା ମୁଦ୍ରାରୁ କେତୋଟି ଦରକାର |
|---|---|---|
| ନିହାର | ୯୬୫୦ | |
| ମିହିର | ୬୩୮୫ | |
| ତୁଷାର | ୫୨୮୩ | |
| ମେହେବୁବା | ୮୫୩୫ | |
| ସଲିମ୍ | ୭୩୦୦ | |
| ରାଜିନ୍ଦର ସିଂ | ୬୦୦୦ | |

ତୁମେ ଲେଖିଥିବା ଉତ୍ତର ଓ ତୁମ ସାଙ୍ଗର ଉତ୍ତର ସମାନ ହୋଇଛି କି ? ଉତ୍ତର ଅଲଗା ହେଲା କାହିଁକି ?

☞ ପ୍ରଥମେ ଥିବା ନୋଟ୍‌ର ମୂଲ୍ୟ ସହିତ ଦକ୍ଷିଣ ପାର୍ଶ୍ୱରେ ଯେଉଁ ନୋଟ୍‌ଗୁଡ଼ିକର ମୂଲ୍ୟ ସମାନ ତା' ସହିତ ଗାର ଟାଣି ଯୋଡ଼ ।



| | | | | | | | |
|---|---|---|---|---|---|---|---|
| ୧୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | | | |
| ୧୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୫୦ଟ | | | |
| ୧୦୦ଟ | ୧୦୦ଟ | ୧୦୦ଟ | ୫୦ଟ | ୫୦ଟ | | | |
| ୧୦୦ଟ | ୧୦୦ଟ | ୫୦ଟ | ୫୦ଟ | ୫୦ଟ | ୫୦ଟ | ୫୦ଟ | ୫୦ଟ |
| ୧୦୦ଟ | ୫୦ଟ | ୨୦ଟ | ୧୦ଟ | ୫ଟ | ୨ଟ | ୧ଟ | |

☞ ବାମ ପାର୍ଶ୍ୱରେ ଥିବା ନୋଟ୍‌ର ମୂଲ୍ୟ ସହ ଦକ୍ଷିଣ ପାର୍ଶ୍ୱରେ ଥିବା ଯେଉଁ ନୋଟ୍‌ଗୁଡ଼ିକର ମୂଲ୍ୟ ସମାନ ତା' ସହିତ ଗାର ଟାଣି ଯୋଡ଼ ।



| | | | | | |
|---|---|---|---|---|---|
| | | ୫୦୦ଟ | ୫୦୦ଟ | | |
| ୫୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୫୦ଟ | ୫୦ଟ |
| ୫୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ |
| ୫୦୦ଟ | ୧୦୦ଟ | ୫୦ଟ | ୨୦ଟ | ୧୦ଟ | ୫ଟ |
| ୫୦୦ଟ | ୧୦୦ଟ | ୧୦୦ଟ | ୧୦୦ଟ | ୫୦ଟ | ୫୦ଟ |



☞ ଶୂନ୍ୟସ୍ଥାନ ପୂରଣ କର ।

୧୦୦ଟଙ୍କା = ____ ଟି ୫୦ଟଙ୍କିଆ ନୋଟ୍
= ____ ଟି ୧୦ଟଙ୍କିଆ ନୋଟ୍
= ____ ଟି ୫ଟଙ୍କିଆ ନୋଟ୍
= ____ ଟି ୨ଟଙ୍କିଆ ନୋଟ୍

୫୦୦ଟଙ୍କା = ____ ଟି ୧୦୦ଟଙ୍କିଆ ନୋଟ୍
= ____ ଟି ୫୦ଟଙ୍କିଆ ନୋଟ୍
= ____ ଟି ୨୦ଟଙ୍କିଆ ନୋଟ୍
= ____ ଟି ୧୦ଟଙ୍କିଆ ନୋଟ୍
= ____ ଟି ୫ଟଙ୍କିଆ ନୋଟ୍

୧୦୦୦ଟଙ୍କା = ____ ଟି୫୦୦ଟଙ୍କିଆ ନୋଟ୍
= ____ ଟି ୧୦୦ଟଙ୍କିଆ ନୋଟ୍
= ____ ଟି ୫୦ଟଙ୍କିଆ ନୋଟ୍
= ____ ଟି ୨୦ଟଙ୍କିଆ ନୋଟ୍
= ____ ଟି ୧୦ଟଙ୍କିଆ ନୋଟ୍
= ____ ଟି ୫ଟଙ୍କିଆ ନୋଟ୍

☞ ବିଭିନ୍ନ ଫଳର ଦାମ୍ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

| କଦଳୀ କାନ୍ଦି | ସେଓ | କମଳା | ଆତ ଝୁଡ଼ି | ପିଜୁଳି ଝୁଡ଼ି |
|---|---|---|---|---|
|  |  |  |  |  |
| ୪୫୦ ଟଙ୍କା | ୩୭୫ଟଙ୍କା | ୩୨୦ଟଙ୍କା | ୨୮୦ଟଙ୍କା | ୧୪୫ଟଙ୍କା |

(କ) ସେଓ ଝୁଡ଼ି ଓ କମଳା ଝୁଡ଼ିର ଦାମ୍ ମିଶି କେତେ ?


(ଖ) କଦଳୀ କାନ୍ଦି ଓ ଆତ ଝୁଡ଼ିର ଦାମ୍ ମିଶି କେତେ ?

(ଗ) ସେଓ ଝୁଡ଼ି ଓ ପିଜୁଳି ଝୁଡ଼ିର ଦାମ୍ ମିଶି କେତେ ?

(ଘ) କମଳା ଝୁଡ଼ି ଓ କଦଳୀ କାନ୍ଦିର ଦାମ୍ ମିଶି କେତେ ?

(ଙ) ସେଓ, କମଳା ଓ ପିଜୁଳି ଝୁଡ଼ିର ଦାମ୍ ମିଶି କେତେ ?

**ତଳ ପରିବାଗୁଡ଼ିକର ଦାମ୍ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

| ଫୁଲକୋବି | ବନ୍ଧାକୋବି | କଞ୍ଚା କଦଳୀ | ଅମୃତଭଣ୍ଡା |
|---|---|---|---|
|  |  |  |  |
| ଟ୩୫.୩୫ପ | ଟ୨୦.୦୦ | ଟ.୪୦.୦୦ | ଟ୧୫.୫୦ପ. |

(କ) ଫୁଲକୋବିର ଦାମ୍ ବନ୍ଧାକୋବିର ଦାମ୍ ଠାରୁ କେତେ ଅଧିକ ?

(ଖ) ଅମୃତଭଣ୍ଡା ଦାମ୍ ଫୁଲକୋବିର ଦାମ୍ ଠାରୁ କେତେ କମ୍ ?

(ଗ) କଦଳୀ ଫେଣାର ଦାମ୍ ବନ୍ଧାକୋବିର ଦାମ୍ ଠାରୁ କେତେ ଅଧିକ ?

- ଆସ, ଟଙ୍କାକୁ ପଇସା ଓ ପଇସାକୁ ଟଙ୍କାରେ ପରିଣତ କରିବା ।

ଆମେ ଜାଣିଛେ ୧ ଟଙ୍କା= ୧୦୦ ପଇସା

୨ ଟଙ୍କା= ୨୦୦ ପଇସା

୫ ଟଙ୍କା= ________ ପଇସା

୭ ଟଙ୍କା= ________ ପଇସା

୧୧ ଟଙ୍କା= ________ ପଇସା

## ଆମେ ଜାଣିଲେ

ଟଙ୍କାକୁ ପଇସାରେ ପରିଣତ କରିବାକୁ ହେଲେ ଆମେ ଟଙ୍କା ପରିମାଣରେ ୧୦୦ ଗୁଣନ କରିବା ବା ଟଙ୍କାର ପରିମାଣର ଡାହାଣପଟେ ଦୁଇଟି ଶୂନ ଲେଖିବା ।

ଉଦାହରଣ-୧ :





୧ଟଙ୍କା ୫୦ ପଇସା = ୧୦୦ ପଇସା + ୫୦ ପଇସା

= ୧୫୦ ପଇସା

ଉଦାହରଣ-୨ ୫ଟଙ୍କା ୨୫ପଇସାକୁ ପଇସାରେ ପରିଣତ କର ।




ସମାଧାନ: ୧ଟଙ୍କା = ୧୦୦ପଇସା

୫ଟଙ୍କା = ୫୦୦ ପଇସା

ଟ୫.୨୫ପ = ୫୦୦ପଇସା + ୨୫ପଇସା

= ୫୨୫ ପଇସା

☞ **ଶୂନ୍ୟସ୍ଥାନ ପୂରଣ କର**

(କ) ଟ.୨.୭୫ପ = _______ ପଇସା + _______ ପଇସା = _______ ପଇସା

(ଖ) ଟ.୮.୬୦ପ = _______ ପଇସା + _______ ପଇସା = _______ ପଇସା

(ଗ) ଟ.୧୨.୮୦ପ = _______ ପଇସା + _______ ପଇସା = _______ ପଇସା

- ଏବେ ପଇସାରେ ଦିଆଯାଇଥିବା ପରିମାଣକୁ କିପରି ଟଙ୍କାରେ ପରିଣତ କରାଯିବ ଜାଣିବା ।

ଉଦାହରଣ ୩ : ୪୨୫ ପଇସାକୁ ଟଙ୍କାରେ ପରିଣତ କର ।

ସମାଧାନ : ୪୨୫ ପଇସା =୪୦୦ ପଇସା + ୨୫ ପଇସା

= ୪ଟଙ୍କା ୨୫ ପଇସା ବା ଟ୪.୨୫

ଉଦାହରଣ ୪:୧୦୫୦ପଇସାକୁ ଟଙ୍କାରେ ପରିଣତ କର ।

ସମାଧାନ:୧୦୫୦ ପଇସା = ୧୦୦୦ପଇସା + ୫୦ପଇସା

= ୧୦ଟଙ୍କା + ୫୦ ପଇସା

= ୧୦ଟଙ୍କା ୫୦ ପଇସା = ଟ'୧୦.୫୦

☞ ଉତ୍ତର ଲେଖ

(କ)୧୦୦୦ ପଇସା = _______ ଟଙ୍କା

(ଖ)୫୭୦ ପଇସା= _______ ପଇସା + _______ ପଇସା

= _______ ଟଙ୍କା + _______ ପଇସା

= ଟ. [    ] . [    ] ପଇସା

(ଗ)୯୦୫ ପଇସା= _______ ପଇସା + _______ ପଇସା

= _______ ଟଙ୍କା + _______ ପଇସା

= ଟ. [    ] . [    ] ପଇସା

ପଇସାରେ ଦିଆଯାଇଥିବା ପରିମାଣକୁ କିପରି ଟଙ୍କାରେ ପରିଣତ କରାଯାଇଛି ଲେଖ ।

ଆମେ ଜାଣିଲେ,

ପଇସାକୁ ଟଙ୍କାରେ ପରିଣତ କରିବାକୁ ହେଲେ ସଂଖ୍ୟାର ଡାହାଣପଟୁ ଦୁଇଟି ଅଙ୍କ ଛାଡ଼ି ବିନ୍ଦୁ (.) ଦିଆଯିବ ।

## ଟଙ୍କା ପଇସାର ଯୋଗ:

ବାପି ଦୋକାନରୁ ୨୮ ଟଙ୍କା ୪୦ ପଇସା ମୂଲ୍ୟର ଆଳୁ ଓ ୩୨ଟଙ୍କା ୫୦ପଇସା ମୂଲ୍ୟର ପିଆଜ କିଣିଲା । ସେ ମୋଟ୍‌ରେ କେତେ ଟଙ୍କାର ଜିନିଷ କିଣିଲା ?

ଏଠାରେ ଆଳୁ ଓ ପିଆଜର ମୋଟ ମୂଲ୍ୟ ଜାଣିବା ପାଇଁ ଆମକୁ ୨୮ଟଙ୍କା ୪୦ ପଇସାରେ ୩୨ଟଙ୍କା ୫୦ପଇସାକୁ ଯୋଗ କରିବାକୁ ପଡ଼ିବ । ଏହାକୁ କିପରି ଯୋଗ କରାଯାଇଛି ଆସ ଦେଖିବା ।

**ପ୍ରଥମ ପ୍ରଣାଳୀ-**

ଆଳୁର ମୂଲ୍ୟ = ୨୮ଟଙ୍କା ୪୦ପଇସା

ପିଆଜର ମୂଲ୍ୟ = ୩୨ଟଙ୍କା ୫୦ ପଇସା

୨୮ ଟଙ୍କା ୪୦ ପଇସା = ୨୮୪୦ ପଇସା

୩୨ ଟଙ୍କା ୫୦ ପଇସା = ୩୨୫୦ ପଇସା

ମୋଟ ମୂଲ୍ୟ = ୨୮୪୦ପଇସା + ୩୨୫୦ ପଇସା

= ୬୦୯୦ ପଇସା

= ଟ୬୦.୯୦

**ଦ୍ୱିତୀୟ ପ୍ରଣାଳୀ-**

ଆଳୁର ମୂଲ୍ୟ ଟ୨୮ .୪୦

ପିଆଜର ମୂଲ୍ୟ ଟ୩୨.୫୦

ମୋଟ୍ ମୂଲ୍ୟ ଟ୬୦.୯୦

ଉଭୟ ପ୍ରଣାଳୀରେ ସମାନ ଉତ୍ତର ମିଳିଲା, କିନ୍ତୁ ଉଭୟ ପ୍ରଣାଳୀ ମଧ୍ୟରେ କ'ଣ ଭିନ୍ନତା ଅଛି ଲେଖ ।

ଲକ୍ଷ୍ୟ କର, ପ୍ରଥମ ପ୍ରଣାଳୀରେ ଉଭୟ ମୂଲ୍ୟକୁ ପଇସାରେ ପରିଣତ କରାଯାଇ ଯୋଗ କରାଯାଇଛି ଓ ମିଳିଥିବା ଯୋଗଫଳକୁ ପୁଣି ଟଙ୍କାରେ ପରିଣତ କରାଯାଇଛି । କିନ୍ତୁ, ଦ୍ୱିତୀୟ ପ୍ରଣାଳୀରେ ଉଭୟ ପରିମାଣକୁ ସ୍ତମ୍ଭରେ ତଳକୁ ତଳ ଲେଖାଯାଇ ପଇସାକୁ ପଇସା ସହ ଓ ଟଙ୍କାକୁ ଟଙ୍କା ସହ ଯୋଗ କରାଯାଇ ଉତ୍ତର ନିର୍ଣ୍ଣୟ କରାଯାଇଛି ।

ଦୁଇଟି ଯାକ ପ୍ରଣାଳୀ ମଧ୍ୟରୁ ତୁମକୁ କେଉଁଟି ଭଲ ଲାଗୁଛି ଓ କାହିଁକି ?

☞ ନିଜେ କର-

ଫାତିମା ୪୬ଟଙ୍କା ୬୦ ପଇସା ମୂଲ୍ୟର ଗୋଟିଏ ଜ୍ୟାମିତି ବାକ୍ସ ଓ ୪୮ ଟଙ୍କା ୩୦ ପଇସା ମୂଲ୍ୟର ଗୋଟିଏ ରଂଗତୂଳୀ କିଣିଲା । ଦୁଇଟିଯାକ ଜିନିଷ କିଣିବାରେ ସେ ମୋଟ କେତେ ଖର୍ଚ୍ଚ କଲା ?

## ଟଙ୍କା ପଇସାର ବିୟୋଗ:

ଉଦାହରଣ :ଟ ୯୫.୫୦ପ. - ଟ ୭୦.୮୫ପ. = କେତେ ?

ସମାଧାନ

ପ୍ରଥମ ପ୍ରଣାଳୀ

ଟ ୯୫.୫୦ପଇସା → ୯୫୫୦ପଇସା

- ଟ ୭୦.୮୫ପଇସା → ୭୦୮୫ପଇସା

୨୪୬୫ପଇସା

୨୪୬୫ପଇସା = ଟ୨୪.୬୫

ଦ୍ୱିତୀୟ ପ୍ରଣାଳୀ

| | ଟଙ୍କା | ପଇସା |
|---|---|---|
| | ୯୫ | ୫୦ |
| - | ୭୦ | ୮୫ |
| | ୨୪ | ୬୫ |

ଦୁଇଟିଯାକ ପ୍ରଣାଳୀରେ କରାଯାଇଥିବା ବିୟୋଗକୁ ଲକ୍ଷ୍ୟ କର । ଦୁଇଟି ପ୍ରଣାଳୀ ମଧ୍ୟରେ କ'ଣ ଭିନ୍ନତା ଅଛି କହ ।

## ରେଟ୍ ଚାର୍ଟ ବା ଚିଠା ପ୍ରସ୍ତୁତି:

ତୁମ ଗାଁରେ କିମ୍ବା ଗାଁ ପାଖରେ ଥିବା ଡାକଘରକୁ ଯାଇ ପୋଷ୍ଟକାର୍ଡ଼, ଅନ୍ତର୍ଦ୍ଦେଶୀୟ ପତ୍ର ଓ ଲଫାପାର ଦାମ କେତେ ବୁଝି ଲେଖ ।

ଗୋଟିଏ ପୋଷ୍ଟକାର୍ଡ଼ର ଦାମ୍ କେତେ ? ____________________

ଗୋଟିଏ ଅନ୍ତର୍ଦ୍ଦେଶୀୟ ପତ୍ରର ଦାମ୍ କେତେ ? ____________________

ଗୋଟିଏ ଲଫାପାର ଦାମ୍ କେତେ ? ____________________

| ଜିନିଷର ନାମ | ଦର |
|---|---|
| ପୋଷ୍ଟକାର୍ଡ଼ | ଟ୦.୫୦ |
| ଅନ୍ତର୍ଦ୍ଦେଶୀୟ ପତ୍ର | ଟ୨.୫୦ |
| ଲଫାପା | ଟ୫.୦୦ |

ଲକ୍ଷ୍ୟକର, ଗୋଟିଏ ପୋଷ୍ଟକାର୍ଡ଼ର ମୂଲ୍ୟ ହେଉଛି ୫୦ ପଇସା । ଏହାକୁ ପୋଷ୍ଟକାର୍ଡ଼ର ଦର ବା ରେଟ୍ କୁହାଯାଏ । କିନ୍ତୁ ୪ଟି ପୋଷ୍ଟକାର୍ଡ଼ କିଣିଲେ ୨ଟଙ୍କା ଦେବାକୁ ହେବ । ଏଠାରେ ୨ଟଙ୍କା ହେଉଛି ଦାମ୍ । ସେହିପରି ଅନ୍ତର୍ଦ୍ଦେଶୀୟ ପତ୍ରର ଦର ହେଉଛି ଟ୨.୫୦ । ଗୋଟିଏ ଅନ୍ତର୍ଦ୍ଦେଶୀୟ ପତ୍ର କିଣିଲେ ଟ୨.୫୦ ଦେବାକୁ ପଡ଼ିବ । ଦୁଇଟି ଅନ୍ତର୍ଦ୍ଦେଶୀୟ ପତ୍ର କିଣିବାକୁ ଟ୫.୦୦ ଦରକାର । ଏହା ହେଉଛି ଦାମ୍ ।

ମିତା ତୁମ ପରି ୪ର୍ଥ ଶ୍ରେଣୀ ପଢୁଥିବା ଝିଅଟିଏ । ଥରେ ବାପାଙ୍କ ସାଙ୍ଗରେ ଘର ପାଇଁ ସଉଦା ଆଣିବାକୁ ଦୋକାନକୁ ଗଲା । କ'ଣ କ'ଣ ଜିନିଷ ଅଣାହେବ ତା'ର ଏକ ତାଲିକା ମା' ପ୍ରସ୍ତୁତ କରିଥିଲେ । ଦୋକାନୀ ତାଲିକା ଅନୁଯାୟୀ ଜିନିଷ ଦେଲେ ଏବଂ ମିତାକୁ ଖଣ୍ଡେ କାଗଜ ବଢ଼ାଇ ଦେଲେ । କାଗଜରେ କ'ଣ ଲେଖାଥିଲା ଆସ ଦେଖିବା ।

**ଶ୍ରୀକାନ୍ତ ଭେରାଇଟି ଷ୍ଟୋର**

ଚିଠା ନମ୍ବର- ୬୫୪ ତାରିଖ-୨୦/୧/୨୦୧୫

କ୍ରେତାଙ୍କ ନାମ: ମିତା ମିଶ୍ର

| କ୍ର. ନ. | ଜିନିଷର ନାମ | ପରିମାଣ | ରେଟ୍ ବା ଦର୍ | ଦାମ୍ |
|---|---|---|---|---|
| ୧. | ହରଡ଼ ଡାଲି | ୧ କି.ଗ୍ରା | ଟ ୭୦.୦୦ | ଟ ୭୦.୦୦ |
| ୨. | ସୋରିଷ ତେଲ | ୧ ଲିଟର | ଟ ୬୫.୦୦/ ଲିଟର | ଟ ୬୫.୦୦ |
| ୩. | ପିଆଜ | ୧ କି.ଗ୍ରା | ଟ ୧୨.୦୦/ କି.ଗ୍ରା | ଟ ୧୨.୦୦ |
| ୪. | ଆଳୁ | ୧ କି.ଗ୍ରା | ଟ ୧୬.୦୦/ କି.ଗ୍ରା | ଟ ୧୬.୦୦ |
| ୫. | ଦିଆସିଲି | ୧ ଟା | ଟ୧.୦୦/ ଗୋଟିକୁ | ଟ ୧.୦୦ |
| | (ଏକ ଶହ ଚଉଷଠି ଟଙ୍କା ମାତ୍ର) | | ମୋଟ୍ | ଟ ୧୬୪.୦୦ |

ବିକ୍ରେତାଙ୍କ ଦସ୍ତଖତ

ଉପରେ ଦିଆଯାଇଥିବା ଚିଠା ପଢ଼ି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ସେ କେଉଁ ଦୋକାନରୁ ସଉଦା କିଣିଲା ? ------------------

(ଖ) ମିତା କେଉଁ କେଉଁ ଜିନିଷ କିଣିଲା ? ------------------

(ଗ) ସଉଦା ବାବଦରେ ତାକୁ କେତେ ଟଙ୍କା ଦେବାକୁ ପଡ଼ିଲା ? ------------------

(ଘ) ଦୋକାନୀ ପିଆଜ କେତେ ଦରରେ ବିକିଲେ ? ------------------

(ଙ) ସୋରିଷ ତେଲର ରେଟ୍ କ'ଣ ? ------------------

ଏହିପରି ଦର ଓ ଦାମ୍ ଲେଖାଥିବା କାଗଜକୁ **ଚିଠା** କହନ୍ତି ।

☞ ଚିଠାରୁ କେଉଁ କେଉଁ ସୂଚନା ମିଳେ ଲେଖ ।

ନିତିଦିନିଆ ଜୀବନରେ ଆମେ ଟଙ୍କା ପଇସା ସମ୍ବନ୍ଧୀୟ ବିଭିନ୍ନ ହିସାବ କିତାବ କରୁଛେ । ଆସ, ତଳ ପ୍ରଶ୍ନଟିକୁ ସମାଧାନ କରିବା ।

☞ ସମାଧାନ କର

ଅମିତ୍ ଜନ୍ମଦିନ ପାଇଁ ମା' ଙ୍କ ସହିତ ଯାଇ ୨୨୦ଟଙ୍କା ଦେଇ ଗୋଟିଏ ପ୍ୟାଣ୍ଟ ଓ ୧୨୫ଟଙ୍କା ଦେଇ ଗୋଟିଏ ସାର୍ଟ କିଣି ଦୋକାନୀକୁ ୫୦୦ଟଙ୍କିଆ ନୋଟ୍‌ଟିଏ ଦେଲା । ଦୋକାନୀ କେତେ ଟଙ୍କା ଫେରାଇବ ?

**ସମାଧାନ:**

ଗୋଟିଏ ପ୍ୟାଣ୍ଟର ଦାମ୍ = ଟ ______

ଗୋଟିଏ ସାର୍ଟର ଦାମ୍ = ଟ ______

ମୋଟ୍ = ଟ ---------

ଦୋକାନୀକୁ ଦେଲା = ଟ ______

ପ୍ୟାଣ୍ଟ ଓ ସାର୍ଟର ଦାମ୍ ମିଶି = ଟ ______

ଦୋକାନୀ ଫେରାଇଲା = ଟ ---------

## ଅଭ୍ୟାସ କାର୍ଯ୍ୟ

୧. ଖାଲିସ୍ଥାନ ପୂରଣ କର ।

(କ) ୪ଟଙ୍କା = ____ ପଇସା (ଖ) ୯ଟଙ୍କା = ____ ପଇସା

(ଗ) ଟ ୬.୩୫ ପ. = ____ ପଇସା (ଘ) ଟ ୭.୦୮ ପ. = ____ ପଇସା

(ଙ) ଟ ୧୫.୨୯ ପ. = ____ ପଇସା (ଚ) ଟ ୪୯.୭୦ ପ. = ____ ପଇସା

୨. ଟଙ୍କାରେ ପ୍ରକାଶ କର ।

(କ) ୬୦୦ ପଇସା = ____ (ଖ) ୯୯୦ ପଇସା = ____

(ଗ) ୮୮୮ ପଇସା = ____ (ଘ) ୧୬୦୮ ପଇସା = ____

(ଙ) ୩୦୭୦ ପଇସା = ____ (ଖ) ୫୦୦୫ ପଇସା = ____

୩. ଦିଆଯାଇଥିବା ଦୁଇଟି ପରିମାଣକୁ ପଇସାରେ ପରିଣତ କରି ଯୋଗଫଳ ନିର୍ଣ୍ଣୟ କର।

(କ) ଟ ୧୯.୭୫ ଓ ଟ ୫୦.୨୫

(ଖ) ଟ ୨୬.୩୦ ଓ ଟ ୩୬.୮୮

(ଗ) ଟ ୯.୯୯ ଓ ଟ ୮୮.୮୭

(ଘ) ଟ ୪୨.୦୯ ଓ ଟ ୫୬.୯୫

୪. ଯୋଗକର।

(କ)

| ଟଙ୍କା | ପଇସା |
|---|---|
| ୫୫ | ୮୦ |
| + ୨୯ | ୬୦ |

(ଖ)

| ଟଙ୍କା | ପଇସା |
|---|---|
| ୬୫ | ୭୦ |
| + ୩୩ | ୭୫ |

(ଗ)

| ଟଙ୍କା | ପଇସା |
|---|---|
| ୪୦ | ୫୦ |
| + ୫୦ | ୬୦ |

୫. ପଇସାରେ ପରିଣତ କରି ବିୟୋଗ କର।

(କ) ଟ୨୧.୨୦ପ. ରୁ ଟ୧୫.୭୫ପ.

(ଖ) ଟ ୩୫.୫୦ପ. ରୁ ଟ.୨୭.୮୫ପ.

(ଗ) ଟ ୯୯.୮୫ପ. ରୁ ଟ୨୯.୯୦ପ.

(ଘ) ଟ୧୦୮.୪୫ପ. ରୁ ଟ୬୮.୬୦ପ.

୬. ବିୟୋଗଫଳ ନିର୍ଣ୍ଣୟ କର।

(କ)

| ଟଙ୍କା | ପଇସା |
|---|---|
| ୪୨ | ୩୦ |
| - ୨୯ | ୭୦ |

(ଖ)

| ଟଙ୍କା | ପଇସା |
|---|---|
| ୫୬ | ୪୦ |
| -୩୮ | ୮୦ |

ଗ)

| ଟଙ୍କା | ପଇସା |
|---|---|
| ୨୧୨ | ୨୫ |
| - ୯୯ | ୯୦ |

୭. ତଳେ କେତେକ ଜିନିଷର ଦର ଦିଆଯାଇଛି। ଜନ୍ ପ୍ରତ୍ୟେକରୁ ଦୁଇଟି ଲେଖାଏଁ କିଣିଲା। ତୁମେ ଏଥିପାଇଁ ଦିଆଯାଇଥିବା ଅସଂପୂର୍ଣ୍ଣ ଚିଠାକୁ ସଂପୂର୍ଣ୍ଣ କର ଓ ଦୋକାନୀକୁ କେତେ ଟଙ୍କା ଦେବ କୁହ ?

ଗୋଟିଏ ଖାତାର ମୂଲ୍ୟ ୧୦ଟଙ୍କା,
ଗୋଟିଏ କଲମର ମୂଲ୍ୟ ୫ଟଙ୍କା,
ଗୋଟିଏ ପେନ୍‌ସିଲ୍‌ର ମୂଲ୍ୟ ୨ଟଙ୍କା,
ଗୋଟିଏ ରବରର ମୂଲ୍ୟ ୧ଟଙ୍କା,
ଗୋଟିଏ ଜ୍ୟାମିତି ବାକ୍ସର ମୂଲ୍ୟ ୪୦ଟଙ୍କା।

| ଚିଠା ନମ୍ବର - ୭୨ | | | ତାରିଖ - ୧୧.୦୮.୦୯ | |
|---|---|---|---|---|
| କ୍ରେତାଙ୍କ ନାମ - ଜନ୍ | | | | |
| କ୍ରମିକ ନମ୍ବର | ଜିନିଷର ନାମ | ପରିମାଣ | ଦର | ଦାମ୍ |
| | | | | |
| | | | | |

(ଖ)ରିଙ୍କି ଦୋକାନରୁ ପ୍ରତ୍ୟେକ ଜିନିଷ ଗୋଟିଏ ଲେଖାଏଁ କିଣି ଦୋକାନୀଙ୍କୁ ୧୦୦ ଟଙ୍କିଆ ନୋଟ୍ ଖଣ୍ଡିଏ ଦେଲା । ଦୋକାନୀ କେତେ ଟଙ୍କା ଫେରାଇ ଦେବ ?

ରିଙ୍କି ଦୋକାନୀକୁ ଦେଲା = ଟ. ...........

ଜିନିଷର ମୋଟ ଦାମ୍ = ଟ. ...........

ଦୋକାନୀ ଫେରାଇ ଦେଲା = ଟ. .........

୮. ତଳେ କେତେକ ଜିନିଷର ଦର ଦିଆଯାଇଛି । ଭିକି ପ୍ରତ୍ୟେକରୁ ଗୋଟିଏ ଲେଖାଏଁ କିଣି ଦୋକାନୀକୁ ୧୦୦ ଟଙ୍କା ଦେଲେ । ସେ କେତେ ଟଙ୍କା ଫେରି ପାଇବେ ? ଏହାର ଏକ ଚିଠା ପ୍ରସ୍ତୁତ କର ।

ସାବୁନ - ଟ୧୫.୭୫ପ.

ନଡ଼ିଆ ତେଲ - ଟ ୩୨.୫୦ପ.

ମହମବତୀ - ଟ ୨.୫୦ପ.

ମଶାଧୂପ - ଟ ୧୮.୦୦

କଲଗେଟ୍ ପେଷ୍ଟ - ଟ ୨୭.୦୦

୯.(କ) ସୋରେନ୍ ପୋଷ୍ଟଅଫିସ୍‌ରୁ ଦୁଇଟି ଲେଖାଏଁ ପୋଷ୍ଟକାର୍ଡ୍, ଅନ୍ତର୍ଦ୍ଦେଶୀୟ ପତ୍ର ଓ ଲଫାପା କିଣି ୫୦ ଟଙ୍କିଆ ନୋଟ୍‌ଟିଏ ଦେଲେ । ପୋଷ୍ଟମାଷ୍ଟର ତାଙ୍କୁ କେତେ ଟଙ୍କା ଫେରାଇବେ ? ଏହାର ଏକ ଚିଠା ପ୍ରସ୍ତୁତ କର ।

(ଖ) ସେ ଯଦି ୧୦୦ଟଙ୍କା ଦେଇଥା'ନ୍ତେ, ତେବେ ପୋଷ୍ଟମାଷ୍ଟର ତାଙ୍କୁ କେତେ ଟଙ୍କା ଫେରାଇଥା'ନ୍ତେ ?

୧୦. ତଳେ କେତେକ ଜିନିଷର ଦର ଦିଆଯାଇଛି । ତା'ର ଅର୍ଥ କ'ଣ ପାଖ ଖାଲି ଘରେ ଲେଖ ।

| ଜିନିଷ | ଦର | ଅର୍ଥ |
|---|---|---|
| ଅଟା | ଟ.୧୬ / କି.ଗ୍ରା. | ୧ କି.ଗ୍ରା. ଅଟାର ମୂଲ୍ୟ ୧୬ ଟଙ୍କା |
| ଚାଉଳ | ଟ.୧୨ / କି.ଗ୍ରା. | |
| ରିଫାଇନ୍ ତେଲ | ଟ.୬୮ / ଲିଟର | |
| କଦଳୀ | ଟ.୨୫ / ଡ଼ଜନ | |
| ନଡ଼ିଆ | ଟ.୫.୫୦ / ଗୋଟି | |
| ମହମବତୀ | ଟ.୨୦ / ପ୍ୟାକେଟ୍ | |
| ପେଷ୍ଟ | ଟ.୨୮ / ୧୦୦ ଗ୍ରାମ୍ | |

୧୧. ଏସ୍‌ମା ଜଳଖିଆ ଦୋକାନକୁ ଗଲା । ଦୋକାନରେ ରେଟ୍ ତାଲିକା ଟଙ୍ଗାଯାଇଥିଲା ।

**ରେଟ୍ ତାଲିକା**

| ଜିନିଷ | ଦର |
|---|---|
| ବରା | ଟ.୧.୫୦ / ଗୋଟି |
| ଆଳୁଚପ୍ | ଟ.୧.୦୦ / ଗୋଟି |
| ସିଙ୍ଗଡ଼ା | ଟ.୨.୦୦ / ଗୋଟି |
| ରସଗୋଲା | ଟ.୨.୫୦ / ଗୋଟି |
| ତରକାରୀ | ଟ.୩.୫୦ / ପ୍ଲେଟ୍ |

ଏସମା ୪ଟି ବରା, ୨ଟି ଆଳୁଚପ୍, ୬ଟି ସିଙ୍ଗଡ଼ା, ୪ଟି ରସଗୋଲା ଓ ୨ପ୍ଲେଟ୍ ତରକାରୀ କିଣି ୫୦ଟଙ୍କା ଦେଲା । ଏହାର ଏକ ଚିଠା ପ୍ରସ୍ତୁତ କର ।

୧୨. ତଳେ ଏକ ପ୍ରଶ୍ନର ସମାଧାନ ଦିଆଯାଇଛି । ଯେଉଁ ପ୍ରଶ୍ନ ପାଇଁ ଏହି ସମାଧାନ ଦିଆଯାଇଛି ସେହି ପ୍ରଶ୍ନଟିକୁ ତୁମ ଖାତାରେ ଲେଖ ।

ଖଣ୍ଡିଏ ଡ୍ରଇଁ ଖାତାର ଦାମ୍ = ଟ ୮.୫୦ପ.

ଗୋଟିଏ ପେନ୍‌ସିଲ୍‌ର ଦାମ୍ = ଟ ୨.୭୫ପ.

ମୋଟ୍ = ଟ ୧୧.୨୫ପ.

| | | |
|---|---|---|
| ଦୋକାନୀକୁ ଲିଲି ଦେଲା | = | ଟ.୨୦.୦୦ପ. |
| ଲିଲି କିଣିଲା | = | ଟ.୧୧.୨୫ପ. |
| ଦୋକାନୀ ଫେରାଇଲା | = | ଟ.୮.୭୫ପ. |

୧୨. ମିକିଲି ଓ ଟିକିଲି ଦୁଇ ଭଉଣୀ, ବାପାଙ୍କ ଠାରୁ ଟଙ୍କା ଆଣି ମଝିରେ ମଝିରେ ମାଟି କୁମ୍ଭିରେ ଗଳାନ୍ତି । ଦିନେ କୁମ୍ଭି ଭାଙ୍ଗି ଟଙ୍କା ଗଣିଲେ । ମିକିଲି ୮୭ଟଙ୍କା ଓ ଟିକିଲି ୧୨୬ଟଙ୍କା ଗଣିଲେ । ଏବେ କହ ଓ ଲେଖ ।



(କ) କୁମ୍ଭିରେ କେତେ ଟଙ୍କା ଥିଲା ?

(ଖ) ମିକିଲିର ଟଙ୍କା ଟିକିଲି ଟଙ୍କା ଠାରୁ କେତେ କମ୍ ?

୧୩. ଗୋଟିଏ ଟର୍ଚ୍ଚର ଦାମ୍ ୧୩୦ ଟଙ୍କା । ଗୋଟିଏ ଛତାର ଦାମ୍ ତା' ଅପେକ୍ଷା ୧୭ ଟଙ୍କା କମ୍ ହେଲେ,

(କ) ଛତାର ଦାମ୍ କେତେ ?

(ଖ) ଉଭୟର ଦାମ୍ ମିଶି କେତେ ?

୧୪. ଗୋଟିଏ ପେନ୍‌ସିଲ୍ ବାକ୍ସର ଦାମ୍ ଟ ୨୫.୫୦ । ଜ୍ୟାମିତି ବାକ୍ସର ଦାମ୍ ତା' ଅପେକ୍ଷା ଟ ୧୯.୮୦ ଅଧିକ ।

(କ) ଜ୍ୟାମିତି ବାକ୍ସର ଦାମ୍ କେତେ ?

(ଖ) ଦୁଇଟିର ଦାମ୍ ମିଶି କେତେ ?


୧୫. ଲୀନା ତା' ବଡ଼ଭାଇ ପାଖକୁ ଡାକରେ ରାକ୍ଷୀ ପଠାଇବା ପାଇଁ ଡାକଘରକୁ ଗଲା । ପୋଷ୍ଟମାଷ୍ଟର କହିଲେ ଏଥିପାଇଁ ୨୫ ଟଙ୍କାର ଡାକଟିକଟ ଦରକାର । କିନ୍ତୁ ଡାକଘରେ ୧ ଟଙ୍କିଆ, ୨ ଟଙ୍କିଆ, ୫ ଟଙ୍କିଆ ଓ ୧୦ ଟଙ୍କିଆ ଡାକଟିକଟ ମିଳୁଥିଲା । ସେ କେଉଁଥିରୁ କେତୋଟି ଲେଖାଏଁ ଟିକଟ କିଣି ୨୫ ଟଙ୍କାର ଡାକଟିକଟ ଲଫାପାରେ ଲଗାଇବ ?

(ଏହି ପ୍ରଶ୍ନର ଭିନ୍ନ ଭିନ୍ନ ଉତ୍ତର ସମ୍ଭବ, ତୁମେ ଯେ କୌଣସି ଚାରି ପ୍ରକାର ଉପାୟରେ ୨୫ଟଙ୍କାର ଡ଼ାକ ଟିକଟ କିଣିବାର ଉତ୍ତର ଲେଖ)

## ପାଠ - ୧୭ ମେଟ୍ରିକ୍ ପଦ୍ଧତିରେ ଦୈର୍ଘ୍ୟ ମାପିବା

7Z7G1G


ଆସ, ଆମେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାରର ସ୍କେଲ୍ ଦେଖିବା ଓ ସେଗୁଡ଼ିକର ଲମ୍ବ କେତେ ଜାଣିବା ।



ଏହି ସ୍କେଲ୍ ସାଧାରଣତଃ ଆମ ଜ୍ୟାମିତି ବାକ୍ସରେ ଥାଏ । ରେଖାଖଣ୍ଡ ଆଙ୍କିବାରେ ଆମେ ଏହାକୁ ବ୍ୟବହାର କରିଥାଉ । ଏହାର ଦୈର୍ଘ୍ୟ ୧୫ ସେ.ମି. । ତୁମେ ଏହି ସ୍କେଲ୍‌କୁ କେଉଁ କେଉଁ କାମରେ ବ୍ୟବହାର କରିଛ, ତାର ପାଞ୍ଚଟି ଉଦାହରଣ ଦିଅ ।

________________________________

________________________________



ଏ ପ୍ରକାର ସ୍କେଲ୍‌ର ଦୈର୍ଘ୍ୟ ହେଉଛି ୩୦ ସେ.ମି. । ତୁମେ ଏଭଳି ସ୍କେଲ୍ ଦେଖିଛ କି ? ଏହା କେଉଁ କେଉଁ କାମରେ ଆସେ ଶିକ୍ଷକଙ୍କ ପାଖରୁ ବୁଝିଲେଖ ।

________________________________

________________________________

ଲୁଗାଦୋକାନରେ କପଡ଼ା କିଣିବା ସମୟରେ କପଡ଼ା ମାପିବା ପାଇଁ ଏକ ଲମ୍ବା ସ୍କେଲ୍ ବ୍ୟବହାର ହେଉଥିବାର ଦେଖିଥିବ । ଏହି ସ୍କେଲ୍ ହେଉଛି ଗୋଟିଏ ମିଟର ବାଡ଼ି । ଏହାର ଦୈର୍ଘ୍ୟ ୧ ମିଟର ବା ୧୦୦ ସେଣ୍ଟିମିଟର । ଏହି ସ୍କେଲ୍ ସମ୍ବନ୍ଧରେ ତୁମେ ତୃତୀୟ ଶ୍ରେଣୀରେ ପଢ଼ିଛ । କେଉଁ କେଉଁଠାରେ ଏହି ସ୍କେଲ୍ (ମିଟର ବାଡ଼ି) ବ୍ୟବହାର ହେବାର ତୁମେ ଲକ୍ଷ୍ୟ କରିଛ କହ ଓ ଲେଖ ।

________________________________

________________________________

________________________________

ତୁମ ଶ୍ରେଣୀ କାନ୍ଥରେ ଚଟାଣରୁ ଆରମ୍ଭ କରି ୨ ମିଟର ଲମ୍ବାର ସିଧାଗାର ଟାଣ। ଭୂମିରୁ ୧୦ସେ.ମି. ଦୂରତାରେ ଚିହ୍ନ ଦିଅ। (ଚିତ୍ରରେ ଯେପରି ଦିଆଯାଇଛି।) ଲକ୍ଷ୍ୟକର, ଶ୍ରେଣୀକାନ୍ଥରେ ଗୋଟିଏ ୨ ମିଟର ଦୈର୍ଘ୍ୟର ସ୍କେଲ୍ ତିଆରି ହୋଇଗଲା। ଜଣଜଣ କରି ପିଲା ତା' ସାମ୍ନାରେ ଠିଆ ହୁଅ। କାନ୍ଥରେ ଅଙ୍କାଯାଇଥିବା ସ୍କେଲରେ ଥିବା ଚିହ୍ନକୁ ଲକ୍ଷ୍ୟକରି ପ୍ରତ୍ୟେକ ପିଲାର ଉଚ୍ଚତା କେତେ ତାହା ଜଣାପଡ଼ିବ। ଏବେ ତଳ ସାରଣୀରେ ତୁମର ଯେ କୌଣସି ୪ଜଣ ସାଙ୍ଗଙ୍କର ନାମ ଲେଖି ସେମାନଙ୍କର ଉଚ୍ଚତା ଲେଖ।




| ପିଲାର ନାମ | ଉଚ୍ଚତା (ସେ.ମି.ରେ) | ଉଚ୍ଚତା (ମି.ଓ ସେ.ମି.ରେ) |
|---|---|---|
| ରାମ | ୧୩୫ ସେ.ମି. | ୧ମି. ୩୫ ସେ.ମି. |
| | | |
| | | |
| | | |

- ମିଟର ବାଡ଼ି ବ୍ୟବହାର କରି ତଳ ସାରଣୀର ବାମପାଖ ସ୍ତମ୍ଭରେ ଦିଆଯାଇଥିବା ଦୈର୍ଘ୍ୟର ପରିମାଣକୁ ମାପି ଲେଖ। ସେହି ମାପକୁ ସେଣ୍ଟିମିଟରରେ ପ୍ରକାଶ କର।

| ମାପିବା ଜିନିଷ | ମାପ (ମି. ଓ ସେ.ମି.ରେ) | ମାପ (ସେ. ମି.ରେ) |
|---|---|---|
| ଝରକାର ଦୈର୍ଘ୍ୟ | | |
| ବାରଣ୍ଡାର ଦୈର୍ଘ୍ୟ | | |
| କଳାପଟାର ଦୈର୍ଘ୍ୟ | | |
| ଟେବୁଲ୍‌ର ଦୈର୍ଘ୍ୟ | | |

କୌଣସି ଜିନିଷର ଦୈର୍ଘ୍ୟ ମିଟର ଓ ସେଣ୍ଟିମିଟରରେ ଥିଲେ ତାହାକୁ କିପରି କେବଳ ସେଣ୍ଟିମିଟରରେ ପ୍ରକାଶ କରାଯିବ ତାହା ଜାଣିବା।

ତଳ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର:

ଉଦାହରଣ ୧ : ୪୫ମିଟର ୫୦ ସେ.ମି. କୁ ସେ.ମି.ରେ ପ୍ରକାଶ କରିବା।

ଆମେ ଜାଣିଛୁ, ୧ମିଟର = ୧୦୦ସେ.ମି.

୪୫ମିଟର = ୪୫୦୦ସେ.ମି.

୪୫ମି. ୫୦ସେ.ମି. = ୪୫ମି. + ୫୦ସେ.ମି.

= ୪୫୦୦ସେ.ମି. + ୫୦ସେ.ମି.

= ୪୫୫୦ ସେ.ମି.

ଉଦାହରଣ ୨ : ୧୬ ମି ୮୫ ସେ.ମି. = ୧୬୦୦ସେ.ମି. + ୮୫ ସେ.ମି.

= ୧୬୮୫ ସେ.ମି.

ଉଦାହରଣ ୩: ୨୩ ମିଟର ୨୦ସେ.ମି. = ୨୩୦୦ସେ.ମି. + ୨୦ସେ.ମି.

= ୨୩୨୦ ସେ.ମି.

ଆମେ କ'ଣ ପାଇଲେ ?

| ଦୈର୍ଘ୍ୟ (ମି ଓ ସେ.ମି. ଏକକରେ) | ଦୈର୍ଘ୍ୟ (କେବଳ ସେ.ମି. ଏକକରେ) |
|---|---|
| ୪୫ମି. ୫୦ସେ.ମି | ୪୫୫୦ସେ.ମି. |
| ୧୬ମି. ୮୫ସେ.ମି. | ୧୬୮୫ ସେ.ମି. |
| ୨୩ମି. ୨୦ସେ.ମି. | ୨୩୨୦ ସେ.ମି. |

କୌଣସି ଦୈର୍ଘ୍ୟର ପରିମାଣକୁ ମିଟର ଓ ସେଣ୍ଟିମିଟର ଏକକରେ ଦିଆଯାଇଥିଲେ ତାହାକୁ କିପରି ସେଣ୍ଟିମିଟରରେ ପ୍ରକାଶ କରାଯାଏ କହ ।

କୌଣସି ଜିନିଷର ଦୈର୍ଘ୍ୟ ମିଟର ଓ ସେଣ୍ଟିମିଟରରେ ଦିଆଯାଇଥିଲେ, ଏହି ଦୈର୍ଘ୍ୟକୁ କେବଳ ସେଣ୍ଟିମିଟର ଏକକରେ ପ୍ରକାଶ କରିବା ପାଇଁ ପ୍ରଥମେ ମିଟର ଥିବା ପରିମାଣକୁ ସେଣ୍ଟିମିଟରରେ ପ୍ରକାଶ କରାଯାଇ ସେଥିରେ ସେଣ୍ଟିମିଟରରେ ଥିବା ପରିମାଣକୁ ଯୋଗ କରିବାକୁ ପଡ଼େ ।

☞ ନିଜେ କର-

(କ) କୋଣାର୍କଠାରେ ଥିବା ପ୍ରସିଦ୍ଧ ସୂର୍ଯ୍ୟମନ୍ଦିରର ଉଚ୍ଚତା ପ୍ରାୟ ୭୦ମି. ୧୦ସେ.ମି. । ଏହାକୁ ସେଣ୍ଟିମିଟରରେ ପ୍ରକାଶ କଲେ କେତେ ହେବ ?

(ଖ) ପୁରୀର ଜଗନ୍ନାଥ ମନ୍ଦିରର ଉଚ୍ଚତା ପ୍ରାୟ ୬୫ ମି. ୫୩ ସେ.ମି. । ଏହି ଉଚ୍ଚତାକୁ ସେଣ୍ଟିମିଟରରେ ପ୍ରକାଶ କର ।

ଏବେ କୌଣସି ଦୈର୍ଘ୍ୟ କେବଳ ସେଣ୍ଟିମିଟରରେ ଥିଲେ, ତାହାକୁ କିପରି ମିଟର ଏକକରେ ପ୍ରକାଶ କରାଯିବ ଦେଖିବା ।

ଗୋଟିଏ ଗଛର ଲମ୍ବ ୧୭୫୨ ସେଣ୍ଟିମିଟର । ଏହି ଦୈର୍ଘ୍ୟକୁ ମିଟରରେ ପ୍ରକାଶ କଲେ କେତେ ହେବ ?

୧୭୫୨ ସେ.ମି.କୁ ଆମେ ୧୭୦୦ସେ.ମି. ଓ ୫୨ ସେ.ମି.ର ସମଷ୍ଟିରେ ପ୍ରକାଶ କରିପାରିବା ।

୧୭୫୨ ସେ.ମି. = ୧୭୦୦ ସେ.ମି. + ୫୨ ସେ.ମି.

= ୧୭ମିଟର + ୫୨ ସେ.ମି. = ୧୭ମି ୫୨ ସେ.ମି.

ଭାବି କହ : ୧୭୫୨ସେ.ମି.କୁ ୧୭୦୦+୫୨ସେ.ମି.ରେ ପ୍ରକାଶ ନ କରି ୧୭୫୦ସେ.ମି. + ୨ସେ.ମି. ଉପାୟରେ ଲେଖିଲେ କ'ଣ ହେବ ?

☞ ସେହିପରି ତୁମେ ୨୨୪୦ ସେ.ମି. ଓ ୮୫୦ସେ.ମି.କୁ ମିଟର ଏକକରେ ପ୍ରକାଶ କର ।

ଦୈର୍ଘ୍ୟ ମାପ କରିବା ପାଇଁ ଯେପରି ସେଣ୍ଟିମିଟର ଓ ମିଟର ଏକକର ବ୍ୟବହାର କରାଯାଇଥାଏ, ସେହିପରି କିଲୋମିଟର ଏକକ ମଧ୍ୟ ଅନେକ ପରିସ୍ଥିତିରେ ବ୍ୟବହାର କରାଯାଏ ।

କେଉଁ କେଉଁ କ୍ଷେତ୍ରରେ କିଲୋମିଟର ଏକକର ବ୍ୟବହାର ହୋଇଥାଏ ଲେଖ ।

______________________________

______________________________

କିଲୋମିଟରକୁ ସଂକ୍ଷେପରେ କି.ମି. ବୋଲି ଲେଖାଯାଏ ।

୧ କିଲୋମିଟର = ୧୦୦୦ ମିଟର

☞ (କ) କି.ମି. କୁ ମି.ରେ ପ୍ରକାଶ କର -

୨କି.ମି. = __________ ମି.     ୩ କି.ମି. = __________ ମି.

୪ କି.ମି. = __________ ମି.     ୫ କି.ମି. = __________ମି.

(ଖ) କିଲୋମିଟରରେ ପ୍ରକାଶ କର -

୧୦୦୦ମି. = _____ କି.ମି.     ୨୦୦୦ମି.= _____ କି.ମି.     ୭୦୦୦ମି = _____ କି.ମି.

୩୦୦୦ମି.= ______ କି.ମି.     ୫୦୦୦ମି.= ______ କି.ମି.     ୧୦୦୦୦ମି._____ କି.ମି.

ତଳେ ଦିଆଯାଇଥିବା ଉଦାହରଣକୁ ଲକ୍ଷ୍ୟ କର ।

୩ କି.ମି. ୯୦୦ମି. କୁ ମିଟରରେ ପ୍ରକାଶ କର ।

୩ କି.ମି. ୯୦୦ମି = ୩ କି.ମି. + ୯୦୦ ମି

= ୩୦୦୦ ମି + ୯୦୦ ମି.

= ୩୯୦୦ ମି

☞ କିପରି ଲେଖିବା ?

ଯେପରି,

| | | | |
|---|---|---|---|
| ୧କି.ମି. ୧୨୦ମି. | ୧କି.ମି. +୧୨୦ମି. | ୧୦୦୦ମି.+୧୨୦ମି. | ୧୧୨୦ ମିଟର |
| ୨କି.ମି. ୨୨୯ମି. | | | |
| ୩କି.ମି. ୮୯ମି. | | | |
| ୭କି.ମି. ୩୩୪ମି. | | | |
| ୮କି.ମି. ୮୦ମି. | | | |
| ୯କି.ମି. ୮ମି. | | | |
| ୫ କି.ମି. ୮୩୦ମି. | | | |
| ୬କି.ମି. ୭୮୦ମି. | | | |

ଲକ୍ଷ୍ୟକର : କି.ମି. ଓ ମି. କୁ 'ମିଟର'ରେ ପରିବର୍ତ୍ତନ କଲାବେଳେ କି.ମି.କୁ ୧୦୦୦ରେ ଗୁଣନ କରି, ଗୁଣଫଳରେ ମିଟର ପରିମାଣକୁ ଯୋଗ କରାଯାଏ ।

☞ ଖାଲିଘର ପୂରଣ କର ।

ଯେପରି

| | | |
|---|---|---|
| ୩୨୫୦ | ୩୦୦୦ ମି + ୨୫୦ ମି | ୩ କି.ମି. ୨୫୦ମି. |
| ୨୦୦୫ମି. | | |
| ୩୨୦୦ମି. | | |
| ୫୦୫୦ ମି. | | |
| ୧୦୮୦ମି. | | |
| ୧୦୯୫ମି. | | |
| ୧୨୩୪ମି. | | |

ଲକ୍ଷ୍ୟକର : କେବଳ ମିଟରରେ ଦିଆଯାଇଥିବା ଦୂରତାକୁ କି.ମି. ଓ ମି. ରେ ପରିବର୍ତ୍ତନ କଲାବେଳେ ଏକକ, ଦଶକ ଓ ଶତକ ସ୍ଥାନରେ ଥିବା ଅଙ୍କକୁ ନେଇ ଗଠିତ ସଂଖ୍ୟାଟି ମିଟର ସୂଚାଇ ଥିଲାବେଳେ ଏହାକୁ ବାଦ୍‌ଦେଇ ଅନ୍ୟ ଅଙ୍କମାନଙ୍କୁ ନେଇ ଗଠିତ ସଂଖ୍ୟା କି.ମି.କୁ ସୂଚାଇ ଥାଏ ।

ଯେପରି ୮୬୫୪ ମିଟର = ୮ କି.ମି. ୬୫୪ ମି.

୨୦୫୦ ମିଟର = ୨ କି.ମି. ୦୫୦ ମି. ବା ୨ କି.ମି. ୫୦ ମି.

## ଦୈର୍ଘ୍ୟ ମାପରେ ଯୋଗ ଓ ବିୟୋଗ

ନିନୀ ଓ ରୁନୀ ଦୁଇ ଭଉଣୀ । ଥରେ ତାଙ୍କ ବାପା ହରିବାବୁ ସେମାନଙ୍କର ଜାମା ତିଆରି କରିବା ପାଇଁ ଦରଜୀ ଦୋକାନରେ ପହଞ୍ଚିଲେ । ଦରଜୀକୁ ପଚାରିବାରୁ ସେ କହିଲା– ରୁନୀ ପାଇଁ ୨ ମି. ୫୦ ସେ.ମି. କପଡ଼ା ଓ ନିନୀ ପାଇଁ ୨ ମି. ୩୦ ସେ.ମି. କପଡ଼ା ଲାଗିବ । ହରିବାବୁ ଭାବିଲେ, ରୁନୀ ପାଇଁ ନିନୀଠାରୁ କେତେ ଅଧିକ କନା ଦରକାର ହେବ ଓ ଦୁହିଁଙ୍କ ପାଇଁ ମୋଟ୍ କେତେ କନା ଦରକାର ହେବ ?



ହରିବାବୁଙ୍କର ପ୍ରଶ୍ନର ଉତ୍ତର ପାଇଁ ଆସ ହିସାବ କରିବା

| | | |
|---|---|---|
| ୨ମି ୫୦ ସେ.ମି. | = | ୨୫୦ ସେ.ମି. |
| ୨ମି. ୩୦ ସେ.ମି. | = | ୨୩୦ ସେ.ମି. |
| ଯୋଗଫଳ | = | ୪୮୦ ସେ.ମି. |
| | = | ୪ମି. ୮୦ ସେ.ମି. |

ଦୁହିଙ୍କ ପାଇଁ ଆବଶ୍ୟକ ମୋଟ୍ କନାର ପରିମାଣ

= ୪ମି. ୮୦ ସେ.ମି.

### ଉଦାହରଣ – ୧

ଯୋଗକର : ୨୫ମି. ୧୦ ସେ.ମି. + ୫୦ମି. ୪୦ ସେ.ମି.

**ସମାଧାନ :**

**ପ୍ରଥମ ପ୍ରଣାଳୀ (ଦୈର୍ଘ୍ୟକୁ ସେ.ମି.ରେ ପ୍ରକାଶ କରି )**

| | | |
|---|---|---|
| ୨୫ମି. ୧୦ ସେ.ମି. | = | ୨୫୧୦ ସେ.ମି. |
| ୫୦ମି. ୪୦ ସେ.ମି. | = | + ୫୦୪୦ ସେ.ମି. |
| ଯୋଗଫଳ | = | ୭୫୫୦ ସେ.ମି. |
| | = | ୭୫ ମି. ୫୦ ସେ.ମି. |

**୨ୟ ପ୍ରଣାଳୀ (ସ୍ତମ୍ଭରେ ଲେଖି ଯୋଗକରି)**

| ମି. | ସେ.ମି. |
|---|---|
| ୨୫ | ୧୦ |
| + ୫୦ | ୪୦ |
| ୭୫ | ୫୦ |

ସେହିପରି ୨ମି ୫୦ ସେ.ମି. = ୨୫୦ସେ.ମି.

୨ମି ୩୦ ସେ.ମି. = ୨୩୦ ସେ.ମି.

ବିୟୋଗ ଫଳ = ୨୦ ସେ.ମି.

ଅର୍ଥାତ୍, ନିନୀଠାରୁ ରୁନୀ ପାଇଁ ୨୦ ସେ.ମି. ଅଧିକ କପଡ଼ା ଆବଶ୍ୟକ ।

ମିଟର ଓ ସେଣ୍ଟିମଟର ଏକକରେ ଦିଆଯାଇଥିବା ଦୁଇଟି ଦୈର୍ଘ୍ୟର ଯୋଗ ଓ ବିୟୋଗ କରିବା ବେଳେ-

- ଉଭୟ ମାପ କୁ ସେଣ୍ଟିମିଟରରେ ପ୍ରକାଶ କର ।
- ଆବଶ୍ୟକ ଅନୁଯାୟୀ ଯୋଗ ବା ବିୟୋଗ କର ।
- ପାଇଥିବା ଯୋଗଫଳ ବା ବିୟୋଗଫଳକୁ ମିଟର ଓ ସେଣ୍ଟିମିଟରରେ ପ୍ରକାଶ କର ।

ମାପମାନଙ୍କ ମଧ୍ୟରେ ଯୋଗ ବା ବିୟୋଗ ପ୍ରକ୍ରିୟା ମଧ୍ୟ ସ୍ତମ୍ଭରେ ଲେଖି କରାଯାଇପାରିବ । ଏଥିପାଇଁ ଦୁଇଟିଯାକ ଦୈର୍ଘ୍ୟକୁ ତଳକୁ ତଳ ଲେଖିବାକୁ ପଡ଼ିଥାଏ ।

**ପ୍ରଥମ ପ୍ରଣାଳୀ**

୬୧ ମି ୮୦ ସେ.ମି. ରୁ ୨୫ମି ୩୦ ସେ.ମି.କୁ ବିୟୋଗ କରିବା

୬୧ମି ୮୦ ସେ.ମି. = ୬୧୮୦ ସେ.ମି.

-୨୫ମି. ୩୦ସେ.ମି. = ୨୫୩୦ ସେ.ମି.

ବିୟୋଗଫଳ = ୩୬୫୦ ସେ.ମି.

= ୩୬ମି ୫୦ସେ.ମି.

**ଦ୍ୱିତୀୟ ପ୍ରଣାଳୀ**

| | ମିଟର | ସେଣ୍ଟିମିଟର |
|---|---|---|
| | ୬୧ | ୮୦ |
| - | ୨୫ | ୩୦ |
| | ୩୬ | ୫୦ |

ଉପରେ ଦିଆଯାଇଥିବା ବିୟୋଗ ପ୍ରକ୍ରିୟାକୁ ଲକ୍ଷ୍ୟ କର ।

ପ୍ରଥମ ପ୍ରଣାଳୀ ଓ ଦ୍ୱିତୀୟ ପ୍ରଣାଳୀ ମଧ୍ୟରେ କ'ଣ ଭିନ୍ନତା ଅଛି ?

_______________________________________________

_______________________________________________

ଦୁଇଟିଯାକ ପ୍ରଣାଳୀ ମଧ୍ୟରୁ ତୁମକୁ କେଉଁଟି ଭଲ ଲାଗୁଛି କହ, ଭଲ ଲାଗିବାର କାରଣ କ'ଣ ?

☞ ତୁମ ଘରଠାରୁ ତୁମ ମାଉସୀ ଘରର ଦୂରତା ୯ କି.ମି. । ତୁମେ ୪ କି.ମି. ୩୦୦ମି. ଯିବା ପରେ ବିଶ୍ରାମ ନେଲ । ଆଉ କେତେ ଦୂର ଯିବା ପରେ ତୁମେ ମାଉସୀ ଘରେ ପହଞ୍ଚିବ ?

ସମାଧାନ -ତୁମ ଘରଠାରୁ ମାଉସୀ ଘରର ଦୂରତା = ୯କି.ମି.

ତୁମ ଘରଠାରୁ ବିଶ୍ରାମ ନେବା ସ୍ଥାନର ଦୂରତା = ୪କି.ମି. ୩୦୦ମି.

ଅବଶିଷ୍ଟ ରାସ୍ତା = ୯କି.ମି. - ୪ କି.ମି. ୩୦୦ମି.

= ୯୦୦୦ମି. - ☐ ମି.

= ☐ ମି.= ☐ କି.ମି. ☐ ମି.

## ଅଭ୍ୟାସ କାର୍ଯ୍ୟ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ୫୦୦ ସେ.ମି. = ________ ମି.

(ଖ) ୪୩୫ ସେ.ମି. = ________ ମି. ________ ସେ.ମି

(ଗ) ୬୦୫ ସେ.ମି. = ________ ମି. ________ ସେ.ମି

(ଘ) ୧୨୫୦ ସେ.ମି. = ________ ମି. ________ ସେ.ମି

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ୫ମି ୨୫ ସେ.ମି. + ୮ମି ୮୮ ସେ.ମି. = ୫୨୫ ସେ.ମି. + ୮୮୮ ସେ.ମି.

= ________ ସେ.ମି

= ________ ମି. ________ ସେ.ମି

(ଖ) ୮ମି ୪୫ ସେ.ମି. + ୬ମି ୫୫ ସେ.ମି. = ________ ସେ.ମି. + ________ ସେ.ମି

= ________ ମି. ________ ସେ.ମି.

(ଗ) ୧୫ମି ୭୨ ସେମି. + ୧୨ ମି ୫୬ ସେ.ମି.= ________ ସେ.ମି. + ________ ସେ.ମି

= ________ ସେ.ମି.

= ________ ମି. ________ ସେ.ମି

୩. ବିୟୋଗଫଳ ନିର୍ଣ୍ଣୟ କର ।

ଯେପରି, ୨୧ମି. ୨୦ ସେ.ମି - ୧୮ମି ୨୫ ସେ.ମି.=୨୧୨୦ ସେ.ମି.-୧୮୨୫ ସେ.ମି

= ୨୯୫ ସେ.ମି.

= ୨ମି. ୯୫ସେ.ମି.

(କ) ୨୫ ମି. ୧୫ ସେ.ମି. - ୨୨ମି. ୨୨ ସେ.ମି.

(ଖ) ୪୮ ମି. ୩୦ ସେ.ମି. - ୫୨ ସେ.ମି.

(ଗ) ୬୨ମି. ୪୨ସେ.ମି. - ୭ମି. ୮୫ ସେ.ମି.

୪. (କ) ମିଟର ଓ ସେଣ୍ଟିମିଟରରେ ଥିବା ଦୈର୍ଘ୍ୟକୁ କେବଳ ସେଣ୍ଟିମିଟର ଏକକରେ ପ୍ରକାଶ କରି ଦିଆଯାଇଥିବା ଯୋଗ ଓ ବିୟୋଗ ପ୍ରଶ୍ନର ସମାଧାନ କର ।

- ୨୫ମି. ୩୫ସେ.ମି.+ ୨୦ ମି. ୪୦ସେ.ମି.
- ୧୭ମି.୭୦ସେ.ମି. + ୩୮ମି.୩୦ସେ.ମି.
- ୨୪ମି. ୭୫ସେ.ମି. + ୯ମି. ୬୫ସେ.ମି

- ୪୦ ମି.୩୦ସେ.ମି. – ୧୮ ମି. ୧୫ସେ.ମି
- ୮୪ମି. ୬୦ସେ.ମି – ୨୯ ମି.୮ସେ.ମି
- ୫୨ ମି. ୨୫ସେ.ମି – ୪୬ମି.୩୮ ସେ.ମି

(ଖ) 'କ' ପ୍ରଶ୍ନରେ ଦିଆଯାଇଥିବା ଯୋଗ ବିୟୋଗ କାର୍ଯ୍ୟ ସ୍ତମ୍ଭ ପ୍ରଣାଳୀରେ ସମ୍ପାଦନ କର ।

୫. ଶୂନ୍ୟସ୍ଥାନ ପୂରଣ କର ।

(କ) ୨ କି.ମି. = ☐ ମି. (ଖ) ୩କି.ମି. = ☐ ମି.

(ଗ) ୪୦୦୦ମି. = ☐ କି.ମି. (ଘ) ୫୦୦୦ମି. = ☐ କି.ମି.

(ଙ) ୨୪୦୦ମି. = ☐ କି.ମି. ☐ ମି. (ଚ) ୪୩୨୮ମି. = ☐ କି.ମି. ☐ ମି.

୬. ଯୋଗଫଳ ନିର୍ଣ୍ଣୟ କର ।

(କ) ୨ କି.ମି. ୩୨୦ ମି. + ୫ କି.ମି. ୨୬୦ ମି.

= (୨ + ୫) କି.ମି. + (୩୨୦ + ୨୬୦) ମି.

= ୭ କି.ମି.+ ୫୮୦ ମି. = ୭କି.ମି. ୫୮୦ମି.

(ଖ) ୩ କି.ମି. ୫୬୦ ମି. + ୨ କି.ମି. ୧୪୫ ମି.

= ☐ କି.ମି. + ☐ ମି.

= ☐ କି.ମି. + ☐ ମି.

୭. ଖଣ୍ଡିଏ ପ୍ୟାଣ୍ଟ୍ ତିଆରି ପାଇଁ ଯେତେ କପଡ଼ା ଲାଗେ, ଖଣ୍ଡିଏ ସାର୍ଟରେ ତା' ଅପେକ୍ଷା ୮୫ ସେ.ମି. ଅଧିକ କପଡ଼ା ଲାଗେ । ଖଣ୍ଡିଏ ପ୍ୟାଣ୍ଟ୍ ତିଆରି ପାଇଁ ୧ମି. ୧୫ସେ.ମି. ମାପର କପଡ଼ା ଲାଗିଲେ, ପ୍ୟାଣ୍ଟ୍ ଓ ସାର୍ଟ ତିଆରି ପାଇଁ କେତେ କପଡ଼ା ଲାଗିବ ?


୮. ମାଧବୀ ଓ ଗୀତା ଗୁଡ଼ି ଉଡ଼େଇବାକୁ ଜଣକା ୨୦୦ ମି. ୪୦ ସେ.ମି. ଲମ୍ବର ସୂତା କିଣିଲେ । ତେବେ ଦୁହେଁ ମିଶି କେତେ ଲମ୍ବର ସୂତା କିଣିଲେ ?

୯. ଗୋଟିଏ ଥାନରେ ୪୦ ମି. କପଡ଼ା ଥିଲା । ସେଥିରୁ ମୀନା ଫ୍ରକ୍ ତିଆରି ପାଇଁ ୩ମି. ୭୫ ସେ.ମି. କପଡ଼ା ନେଲା । ସେହି ଥାନରେ ଆଉ କେତେ କପଡ଼ା ରହିଲା ?

୧୦. ତଳ ସାରଣୀରେ ଦିଆଯାଇଥିବା ଜିନିଷର ଦୈର୍ଘ୍ୟ ପ୍ରଥମେ ଅନୁମାନ କରି ତା' ଡ଼ାହାଣ ପଟ ସ୍ତମ୍ଭର ଉପଯୁକ୍ତ ଘରେ ଲେଖ । ଏବେ ସ୍କେଲ୍ ବା ମିଟର ବାଡ଼ି ଆଣି ସେହି ଜିନିଷର ଦୈର୍ଘ୍ୟର ପ୍ରକୃତ ମାପ ନିର୍ଣ୍ଣୟ କର । ତୁମର ଆନୁମାନିକ ମାପ ଠାରୁ ପ୍ରକୃତ ମାପ ବେଶୀ ହେଲା ନା କମ୍ ହେଲା ସାରଣୀର ଉପଯୁକ୍ତ ସ୍ଥାନରେ ଲେଖ ।

| ମାପିବା ଜିନିଷ | ଆନୁମାନିକ ମାପ | ପ୍ରକୃତ ମାପ | କମ୍ ବା ବେଶୀ ହେଲା |
|---|---|---|---|
| ଟେବୁଲ୍ ଗୋଡ଼ର ଲମ୍ବ | | | |
| ତୁମ ଶ୍ରେଣୀଗୃହର ଓସାର | | | |
| କବାଟ ପାଖରୁ ଟେବୁଲ୍‌ର ଦୂରତା | | | |
| ଟେବୁଲ୍ ଠାରୁ ତୁମେ ବସିଥିବା ସ୍ଥାନର ଦୂରତା | | | |
| ଝରକା ପାଖରୁ ଟେବୁଲ୍‌ର ଦୂରତା | | | |

୧୧.




ଚିତ୍ର ଦେଖି ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) ପୁରୀରୁ ସାତପଡ଼ା କେତେ ବାଟ ?

(ଖ) କୋଣାର୍କରୁ ପୁରୀ ଦେଇ ବ୍ରହ୍ମଗିରି କେତେ ବାଟ ?

(ଗ) ସାତପଡ଼ାରୁ କୋଣାର୍କ କେତେ ବାଟ ?

(ଘ) ପୁରୀରୁ ବ୍ରହ୍ମଗିରିର ଦୂରତା ପୁରୀରୁ କୋଣାର୍କର ଦୂରତାଠାରୁ କେତେ କମ୍ ?

(ଙ) ସାତପଡ଼ାରୁ ବ୍ରହ୍ମଗିରିର ଦୂରତାଠାରୁ କୋଣାର୍କରୁ ପୁରୀର ଦୂରତାଠାରୁ କେତେ ବେଶି ?

(ଚ) ପୁରୀରୁ କୋଣାର୍କର ଦୂରତା ପୁରୀରୁ ସାତପଡ଼ାର ଦୂରତାଠାରୁ କେତେ କମ୍ ?

(ଛ) କୋଣାର୍କରୁ ସାତପଡ଼ା ଯାଇ ଫେରି ଆସିଲେ ଆମେ ମୋଟ୍‌ରେ କେତେ ଦୂରତା ଅତିକ୍ରମ କରିବା ?

୧୨. ଖାଲିଥିବା କୋଠରି ପୂରଣ କର । (ଆବଶ୍ୟକ ସ୍ଥଳେ ଶିକ୍ଷକ/ ବୟସ୍କ ବ୍ୟକ୍ତିମାନଙ୍କର ସହାୟତା ନେଇପାରିବ)

ତୁମ ଘର ଠାରୁ ନିମ୍ନଲିଖିତ ଅନୁଷ୍ଠାନମାନଙ୍କର ଦୂରତା କେତେ ହେବ ?

| ଅନୁଷ୍ଠାନ | କେଉଁଠାରେ ଅଛି | ଦୂରତା |
|---|---|---|
| ପଞ୍ଚାୟତ ଅଫିସ | | |
| ବ୍ଲକ | | |
| ଜିଲ୍ଲା ସଦର ମହକୁମା | | |
| ନିକଟସ୍ଥ ଡାକ୍ତରଖାନା | | |
| ବସ୍ ରହଣି ସ୍ଥାନ | | |
| ନିକଟସ୍ଥ ରେଳଷ୍ଟେସନ୍ | | |
| ନିକଟସ୍ଥ ବ୍ୟାଙ୍କ୍ | | |

ତୁମେ ପୂରଣ କରିଥିବା ସାରଣୀକୁ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

(କ) ତୁମ ଗ୍ରାମରୁ ପଞ୍ଚାୟତ ଅଫିସ୍‌କୁ ଯାଇ ଫେରି ଆସିବାକୁ ହେଲେ କେତେ ଦୂରତା ଅତିକ୍ରମ କରିବାକୁ ପଡ଼ିବ ?

(ଖ) ଡାକ୍ତରଖାନାରୁ ତୁମ ଗାଁକୁ ଆସି ସେଠାରୁ ପଞ୍ଚାୟତ ଅଫିସ୍‌କୁ ଗଲେ କେତେ ଦୂରତା ଅତିକ୍ରମ କରିବାକୁ ପଡ଼ିବ ?

(ଗ) ବ୍ୟାଙ୍କ୍‌ରେ ଥିବା ତୁମ ପାସ୍‌ବୁକ୍‌ରୁ ଟଙ୍କା ଉଠାଇବା ପାଇଁ ତୁମକୁ କେତେ ଦୂର ଯିବାକୁ ପଡ଼ିବ ?

(ଘ) ତୁମ ଘର ଠାରୁ ବସ୍ ରହଣି ସ୍ଥାନ ଓ ରେଳ ଷ୍ଟେସନ୍ ମଧ୍ୟରୁ କେଉଁଟି ପାଖରେ ଅଛି ?

(ଙ) ତୁମ ଘର ଠାରୁ ଡାକ୍ତରଖାନା ଓ ବ୍ୟାଙ୍କ ମଧ୍ୟରୁ କେଉଁଟି ଦୂରରେ ଅଛି ?

୧୩. ୧ କି.ମି. ୩୪୫ ମି. କୁ କେତେ ପ୍ରକାରରେ ପ୍ରକାଶ କରିପାରୁଛ ଦେଖ ।

ଯେପରି : ୧କି.ମି. ୩୪୫ ମି. = ୯୦୦ ମି. + ୧୦୦ମି. + ୩୪୫ ମି.

= ୯୦୦ମି. + ୪୪୫ମି.

= ୮୦୦ ମି. + ୫୪୫ମି.

ଏହିପରି ଆହୁରି ଅନେକ ପ୍ରକାରରେ ୧କି.ମି.୩୪୫ ମି. କୁ ପ୍ରକାଶ କରାଯାଇପାରିବ ।

ସେହିପରି ୩ କି.ମି.୬୦୦ମିଟର ଓ ୫ କି.ମି.କୁ ବିଭିନ୍ନ ଉପାୟରେ ପ୍ରକାଶ କର ।

# ଓଜନ ଓ ପରିମାଣ ଜାଣିବା

ଜନ୍ମଦିନରେ ଲୁନା ତା'ର ସାଙ୍ଗମାନଙ୍କୁ ଭୋଜି ଖାଇବାକୁ ଡାକିଛି । ଭୋଜିରେ କ୍ଷୀରି ନିହାତି ହେବା ଦରକାର । ମା' ଲୁନାକୁ ଟଙ୍କା ଓ ଚିଠା ଦେଇ କହିଲେ- 'କ୍ଷୀରି ପାଇଁ ଜିନିଷ ନେଇ ଆସିବୁ ।' ଲୁନା ବଜାରକୁ ଗଲା । ମା'ଙ୍କ ଚିଠା ଅନୁସାରେ ଅରୁଆ ଚାଉଳ ୫୦୦ ଗ୍ରାମ୍, କ୍ଷୀର ୨ ଲିଟର, ଚିନି ୧ କିଲୋଗ୍ରାମ୍ ୫୦୦ ଗ୍ରାମ୍, କିସ୍‌ମିସ୍ ୧୦୦ ଗ୍ରାମ୍, କାଜୁ ୧୦୦ ଗ୍ରାମ୍ ଓ ଗୁଜୁରାତି ୧୦ ଗ୍ରାମ୍ କିଣି ଦୋକାନୀକୁ ହିସାବ କରି ପଇସା ଦେଲା । ଲୁନା ଜିନିଷ ଆଣି ବାଟରେ ଭାବିଲା, ବୋଧ ହୁଏ ଯେଉଁ ଜିନିଷ ବେଶି ଦରକାର ତାହା କିଲୋଗ୍ରାମ୍‌ରେ ଓଜନ ହେଉଛି ଓ ଯାହା କମ୍ ଦରକାର ତାହା ଗ୍ରାମ୍‌ରେ ଓଜନ ହେଉଛି ।

ତୁମ ଘର ପାଇଁ ସଉଦା ଅଣାହେବା ବେଳେ କେଉଁ କେଉଁ ଜିନିଷ ସବୁ ଏକ କିଲୋଗ୍ରାମରୁ ଅଧିକ ଓଜନର ଜିନିଷ ଆସିଥାଏ ଓ କେଉଁ ଜିନିଷ ସବୁ ଏକ କିଲୋଗ୍ରାମରୁ କମ୍ ଓଜନର ଆସିଥାଏ ବୁଝି ଲେଖ ।

ଅଫିସ୍‌ରୁ ଫେରିବା ବେଳେ ଲୁନାର ବାପା ବାଟରୁ କିଛି ସଉଦା ଆଣିଥିଲେ, ଯଥା - ୨ କିଲୋଗ୍ରାମ ଆଳୁ, ୧ କିଲୋଗ୍ରାମ ଓଜନର ବାଇଗଣ, ୫୦୦ ଗ୍ରାମ୍ ଓଜନର ବିଲାତି ବାଇଗଣ, ଅଦା ୧୦୦ ଗ୍ରାମ୍ ଓ ରସୁଣ ୫୦ ଗ୍ରାମ୍ । ତାଲିକାଟା ଲୁନା ହାତକୁ ବଢ଼ାଇଦେଇ ବାପା ଲୁନାକୁ ପଚାରିଲେ, "ମୁଁ କେତେ ଓଜନର ଜିନିଷ ଆଣିଛି କହିଲୁ ?"

ଲୁନା ତଳେ ଦିଆଯାଇଥିବା ସାରଣୀ ତିଆରି କଲା-

| ଜିନିଷର ନାମ | କିଲୋଗ୍ରାମ୍ | ଗ୍ରାମ୍ |
|---|---|---|
| ଆଳୁ | ୨ | |
| ବାଇଗଣ | ୧ | |
| ବିଲାତିବାଇଗଣ | | ୫୦୦ |
| ଅଦା | | ୧୦୦ |
| ରସୁଣ | | ୫୦ |
| ମୋଟ୍ | ୩ | ୬୫୦ |

୧ କି.ଗ୍ରା. ର ଅର୍ଥ ୧୦୦୦ ଗ୍ରାମ, ଏହାକୁ ମଧ୍ୟ
୧ କି.ଗ୍ରା. ୦୦୦ ଗ୍ରା. ଭାବେ ଲେଖାଯାଇ ପାରିବ ।

7ZGC34

ଲୁନା ହିସାବ କରି କହିଲା- ବାପା, ଆପଣ ୩ କିଲୋଗ୍ରାମ୍ ୬୫୦ ଗ୍ରାମ୍ ଓଜନର ଜିନିଷ ଆଣିଛନ୍ତି ।

ମାଛବିକାଳି ଦୁଆରେ ଆସି ଡାକିଲା । ଲୁନାର ମା' ତାକୁ କହିଲେ "କିଲେ ମାଛ ଦିଅ" । ମାଛ ବିକାଳି ନିକିତିରେ ଗୋଟିଏ ପାଖ ପଲାରେ ୧ କି.ଗ୍ରା. ଓଜନର ବଟକରା ପକାଇଲା ଓ ଗୋଟିଏ ଗୋଟିଏ ମାଛ ନେଇ ନିକିତିର ଅନ୍ୟ ପଲାରେ ପକାଇ ଓଜନ କଲା । ଠିକ୍ ୧ କିଲୋଗ୍ରାମ୍ ଓଜନର ମାଛ ଲୁନାର ମା'ଙ୍କୁ ଦେଲା ।

ଲୁନା ମନେ ପକାଇଲା -

୧ କିଲୋଗ୍ରାମ୍ = ୧୦୦୦ ଗ୍ରାମ୍

☞ ଆସ, ଶୂନ୍ୟସ୍ଥାନ ପୂରଣ କରି ଦିଆଯାଇଥିବା ଓଜନକୁ କେବଳ ଗ୍ରାମ୍‌ରେ ଲେଖିବା ।

୧ କି.ଗ୍ରା. = ୧୦୦୦ ଗ୍ରା. ୨ କି.ଗ୍ରା = ୨୦୦୦ ଗ୍ରା.

୩ କି.ଗ୍ରା. = _______ ଗ୍ରା. ୪ କି.ଗ୍ରା. = _______ ଗ୍ରା.

୫ କି.ଗ୍ରା. = _______ ଗ୍ରା. ୭ କି.ଗ୍ରା. = _______ ଗ୍ରା.

୮ କି.ଗ୍ରା. ୩୦୦ ଗ୍ରା. = ୮୦୦୦ ଗ୍ରା. + ୩୦୦ ଗ୍ରା. = ୮୩୦୦ ଗ୍ରା.

୨ କି.ଗ୍ରା. ୨୫୦ ଗ୍ରା. = _______ ଗ୍ରା. + _______ ଗ୍ରା. = _______ ଗ୍ରା.

୪ କି.ଗ୍ରା. ୧୦୦ ଗ୍ରା. = _______ ଗ୍ରା. + _______ ଗ୍ରା. = _______ ଗ୍ରା.

୩ କି.ଗ୍ରା. ୪୫୦ ଗ୍ରା. = _______ ଗ୍ରା. + _______ ଗ୍ରା. = _______ ଗ୍ରା.

ଆସ, ଗ୍ରାମ୍‌ରେ ଦିଆଯାଇଥିବା ପରିମାଣକୁ କି.ଗ୍ରା. ଓ ଗ୍ରାମ୍‌ରେ କିପରି ପ୍ରକାଶ କରାଯାଏ ଜାଣିବା । ତଳେ ଦିଆଯାଇଥିବା ଉଦାହରଣକୁ ଲକ୍ଷ୍ୟ କର ।

୫୬୩୫ ଗ୍ରା. = ୫୦୦୦ ଗ୍ରା. + ୬୩୫ ଗ୍ରା.

= ୫ କି.ଗ୍ରା + ୬୩୫ ଗ୍ରା.

= ୫ କି.ଗ୍ରା. ୬୩୫ ଗ୍ରା. ।

☞ ସେହିପରି ନିଜେ କର ।

୮୯୨୧ ଗ୍ରା. = _______ ଗ୍ରା. + _______ ଗ୍ରା.

= _______ କି.ଗ୍ରା. + _______ ଗ୍ରା.

= _______ କି.ଗ୍ରା. _______ ଗ୍ରା.

୩୬୪୭ ଗ୍ରା. = _______ ଗ୍ରା. + _______ ଗ୍ରା.

= _______ କି.ଗ୍ରା. + _______ ଗ୍ରା.

= _______ କି.ଗ୍ରା. _______ ଗ୍ରା.

● ଆସ, ଉଦାହରଣ ଦେଖି ସମାଧାନ କରିବା ।

**ଉଦାହରଣ - ୧ :** ଯୋଗଫଳ ନିର୍ଣ୍ଣୟ କର ।

(କ)
| | |
|---|---|
| ୬ କି.ଗ୍ରା. | ୩୦୦ ଗ୍ରା. |
| + ୨ କି.ଗ୍ରା. | ୨୮୫ ଗ୍ରା. |
| ୮ କି.ଗ୍ରା. | ୫୮୫ ଗ୍ରା. |

(ଖ)
| | |
|---|---|
| ୫ କି.ଗ୍ରା. | ୭୪୫ ଗ୍ରା. |
| + ୪ କି.ଗ୍ରା. | ୫୨୦ ଗ୍ରା. |
| ୯ କି.ଗ୍ରା. | ୧୨୬୫ ଗ୍ରା. |

= ୯ କି.ଗ୍ରା. + ୧୦୦୦ ଗ୍ରା. + ୨୬୫ ଗ୍ରା.

= ୯ କି.ଗ୍ରା. + ୧ କି.ଗ୍ରା. + ୨୬୫ ଗ୍ରା.

= ୧୦ କି.ଗ୍ରା. ୨୬୫ ଗ୍ରା.

**ଉଦାହରଣ - ୨ :** ବିୟୋଗଫଳ ନିର୍ଣ୍ଣୟ କର ।

| | | |
|---|---|---|
| ୮ କି.ଗ୍ରା. ୨୫୦ ଗ୍ରା. | = | ୮୨୫୦ ଗ୍ରା. |
| - ୩ କି.ଗ୍ରା. ୫୪୦ ଗ୍ରା. | = | ୩୫୪୦ ଗ୍ରା. |
| | | ୪୭୧୦ ଗ୍ରା. = ୪ କି.ଗ୍ରା. ୭୧୦ ଗ୍ରା. |

## ଅଭ୍ୟାସ କାର୍ଯ୍ୟ

୧. କେତେକ ଜିନିଷର ଓଜନକୁ କି.ଗ୍ରା. ଓ ଗ୍ରା.ରେ ଲେଖାଯାଇଛି । ସେଗୁଡ଼ିକୁ କେବଳ ଗ୍ରାମ୍ ଏକକରେ ପ୍ରକାଶ କର ।

| | | | | |
|---|---|---|---|---|
| ଯେପରି | ୫ କି.ଗ୍ରା. | ୭୦୦ ଗ୍ରା. | = | ୫୭୦୦ ଗ୍ରାମ୍ |
| | ୪ କି.ଗ୍ରା. | ୬୬୩ ଗ୍ରା. | = | ________ |
| | ୨ କି.ଗ୍ରା. | ୨୦ ଗ୍ରା. | = | ________ |
| | ୭ କି.ଗ୍ରା. | ୫ ଗ୍ରା. | = | ________ |
| | ୮ କି.ଗ୍ରା | ୩୭୦ ଗ୍ରା. | = | ________ |
| | ୨ କି.ଗ୍ରା. | ୧୫ ଗ୍ରା. | = | ________ |

୨. ଉଦାହରଣ ଦେଖି ଲେଖ ।

ଯେପରି ୮୦୨୩ ଗ୍ରାମ୍ = ୮୦୦୦ ଗ୍ରାମ୍ + ୨୩ ଗ୍ରାମ୍ = ୮ କି.ଗ୍ରା. ୨୩ ଗ୍ରାମ୍

୩୫୫୦ ଗ୍ରାମ୍ = ☐ ଗ୍ରାମ୍ + ☐ ଗ୍ରାମ୍ = ☐ କି.ଗ୍ରା. ☐ ଗ୍ରାମ୍

୪୩୦୫ ଗ୍ରାମ୍ = ☐ ଗ୍ରାମ୍ + ☐ ଗ୍ରାମ୍ = ☐ କି.ଗ୍ରା. ☐ ଗ୍ରାମ୍

୧୦୦୮ ଗ୍ରାମ୍ = ☐ ଗ୍ରାମ୍ + ☐ ଗ୍ରାମ୍ = ☐ କି.ଗ୍ରା. ☐ ଗ୍ରାମ୍

୫୯୮୦ ଗ୍ରାମ୍ = ☐ ଗ୍ରାମ୍ + ☐ ଗ୍ରାମ୍ = ☐ କି.ଗ୍ରା. ☐ ଗ୍ରାମ୍

୨୫୫୫ ଗ୍ରାମ୍ = ☐ ଗ୍ରାମ୍ + ☐ ଗ୍ରାମ୍ = ☐ କି.ଗ୍ରା. ☐ ଗ୍ରାମ୍

୩. 'କ' ସ୍ତମ୍ଭ ଓ 'ଖ' ସ୍ତମ୍ଭରେ ଥିବା ସମାନ ଓଜନ ପରିମାଣକୁ ତୀର ଚିହ୍ନ ଦେଇ ଦେଖାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୨ କି.ଗ୍ରା. ୨୦ ଗ୍ରା. | ୯୩୬୦ ଗ୍ରା. |
| ୮ କି.ଗ୍ରା. ୩୦୦ ଗ୍ରା. | ୬୦୨୫ ଗ୍ରା. |
| ୭ କି.ଗ୍ରା. ୫୦ ଗ୍ରା. | ୨୦୨୦ ଗ୍ରା. |
| ୯ କି.ଗ୍ରା. ୩୬୦ ଗ୍ରା. | ୮୩୦୦ ଗ୍ରା. |
| ୬ କି.ଗ୍ରା. ୨୫ ଗ୍ରା. | ୪୨୨୦ ଗ୍ରା. |
| ୪ କି.ଗ୍ରା. ୨୨୦ ଗ୍ରା. | ୭୦୫୦ ଗ୍ରା. |

୪. ଖାଲି କୋଠରିରେ ଉତ୍ତର ଲେଖ ।

(କ) ୪ କି.ଗ୍ରା. ୫୦୦ ଗ୍ରା.

\+ ୩ କି.ଗ୍ରା. ୫୦୦ ଗ୍ରା.

= ☐ କି.ଗ୍ରା. ☐ ଗ୍ରା.= ☐ କି.ଗ୍ରା.

(ଖ) ୧୫ କି.ଗ୍ରା. ୯୫୦ ଗ୍ରା.

\+ ୭ କି.ଗ୍ରା. ୭୫ ଗ୍ରା.

= ☐ କି.ଗ୍ରା. ☐ ଗ୍ରା.

= ☐ କି.ଗ୍ରା. + ☐ ଗ୍ରା. + ☐ ଗ୍ରାମ୍

= ☐ କି.ଗ୍ରା. + ☐ ଗ୍ରା.

୫. ଗୋଟିଏ ଛାତ୍ରାବାସ ପାଇଁ ଦିନେ ୨୫ କି.ଗ୍ରା. ଚାଉଳ, ୧୦ କି.ଗ୍ରା. ଡାଲି, ୧୮ କି.ଗ୍ରା. ଓଜନର ପରିବା କିଣାଗଲା । ସବୁ ଜିନିଷଗୁଡ଼ିକୁ ଭାରୁଆ ଆଣିଲା । ତେବେ, ଭାରୁଆଟି ମୋଟ୍ କେତେ ଓଜନର ଜିନିଷ ଆଣିଲା ?

ଚାଉଳର ଓଜନ = ______ କି.ଗ୍ରା.

ଡାଲିର ଓଜନ = ______ କି.ଗ୍ରା.

ପରିବାର ଓଜନ = ______ କି.ଗ୍ରା.

---

ମୋଟ ଓଜନ = ________ କି.ଗ୍ରା.

୬. ଠିକ୍ ଉତ୍ତର ଲେଖାଥିବା ପାଖ କୋଠରିରେ (✓) ଚିହ୍ନ ଓ ଭୁଲ ଉତ୍ତର ଲେଖାଥିବା ପାଖ କୋଠରିରେ (✗) ଚିହ୍ନ ଦିଅ ।

(କ) ୫ କି.ଗ୍ରା. ୫ ଗ୍ରା. + ୮ କି.ଗ୍ରା ୩୨୦ ଗ୍ରା. = ୧୩ କି.ଗ୍ରା. ୮୨୦ ଗ୍ରା. ☐

(ଖ) ୨ କି.ଗ୍ରା. ୨୦ ଗ୍ରା. + ୩ କି.ଗ୍ରା ୬୨୫ ଗ୍ରା. = ୫ କି.ଗ୍ରା. ୬୪୫ ଗ୍ରା. ☐

(ଗ) ୬ କି.ଗ୍ରା. ୩୦୦ ଗ୍ରା. + ୪ କି.ଗ୍ରା. ୨୫୦ ଗ୍ରା. = ୧୧ କି.ଗ୍ରା. ୫୫୦ ଗ୍ରା. ☐

୭. ରାମବାବୁ ପାରାଙ୍କୁ ଖାଦ୍ୟ ଦେବା ପାଇଁ ୨୫୦ ଗ୍ରା. ଓଜନର ସୋରିଷ, ୫୦୦ ଗ୍ରାମ୍ ଓଜନର ମୁଗ ଏବଂ ୨ କି.ଗ୍ରା. ଓଜନର ଚାଉଳ କିଣିଲେ । ସେ ମୋଟ୍‌ରେ କେତେ ଓଜନର ଶସ୍ୟ କିଣିଲେ ?

୮. ଗୋଟିଏ ଅଟା ପ୍ୟାକେଟ୍‌ରେ ୫ କି.ଗ୍ରା. ଅଟା ଅଛି । ତୁମ ମା' ତୁମ ଘର ପାଇଁ ୧ କି.ଗ୍ରା. ୨୫୦ ଗ୍ରା. ଅଟା ନେଇ ରୁଟି ତିଆରି କଲେ । ପ୍ୟାକେଟ୍‌ରେ ଆଉ କେତେ ଅଟା ରହିଲା ?

୯. ମାମୁନୀ ତେଜରାତି ଦୋକାନରୁ ୧୩ କି.ଗ୍ରା. ୫୦୦ ଗ୍ରାମ୍ ଅଟା, ୧୫ କି.ଗ୍ରା. ୭୫୦ ଗ୍ରାମ୍ ଚାଉଳ ଓ ୪ କି.ଗ୍ରା. ୪୫୦ ଗ୍ରାମ୍ ଡାଲି କିଣିଲା । ତେବେ ମାମୁନୀ କିଣିଥିବା ଜିନିଷର ମୋଟ୍ ଓଜନ କେତେ ?

୧୦. ରାମର ଓଜନ ହରିର ଓଜନ ଠାରୁ ୫ କି.ଗ୍ରା ୩୦୦ ଗ୍ରାମ୍ ଅଧିକ । ହରିର ଓଜନ ୪୨ କି.ଗ୍ରା ୮୦୦ ଗ୍ରାମ୍ ହେଲେ, ଦୁଇଜଣଙ୍କର ମୋଟ୍ ଓଜନ କେତେ ?

୧୧. ସୀତାର ଓଜନ ଗୋପାଳର ଓଜନ ଠାରୁ ୨ କି.ଗ୍ରା. ୭୫୦ ଗ୍ରାମ୍ କମ୍ । ଗୋପାଳର ଓଜନ ୩୯ କି.ଗ୍ରା ୪୦୦ ଗ୍ରାମ୍ ହେଲେ, ଉଭୟଙ୍କର ମୋଟ୍ ଓଜନ କେତେ ?

## ଧାରକତ୍ୱ ମାପ

ସୀତା ୨୫୦ ମିଲି ଲିଟରର ଗୋଟିଏ ଖାଲି ନଡ଼ିଆ ତେଲ ବୋତଲ ନେଇ କିପରି ଗୋଟିଏ ବଡ଼ ମାପ ବୋତଲ ତିଆରି କରିଥିବ ତୁମ ସାଙ୍ଗମାନଙ୍କ ସହ ଆଲୋଚନା କର। ଏହି ମାପ ବୋତଲକୁ ନେଇ କେତେ ପରିମାଣର ତରଳ ପଦାର୍ଥ ମାପି ପାରିବ ଲେଖ ଓ ତୁମ ସାଙ୍ଗକୁ କହ ଓ ଲେଖ।




---

ତୁମେ ଗୋଟିଏ ମାପ ବୋତଲ ତିଆରି କର, ଯେଉଁଥିରେ ୨୦୦ ମି.ଲି., ୪୦୦ ମି.ଲି., ୫୦୦ ମି.ଲି., ୮୦୦ ମି.ଲି. ଓ ୧ ଲିଟର ତେଲ ମାପି ପାରିବ।

☞ ତୁମେ ଘରେ ପାଣି ରହୁଥିବା ୫ ଟି ପାତ୍ର ନିଅ। ପ୍ରତି ପାତ୍ରରେ କେତେ ପାଣି ଧରୁଛି ପ୍ରଥମେ ଅନୁମାନ କରି ଓ ପରେ ତୁମେ ତିଆରି କରିଥିବା ମାପ ବୋତଲରେ ମାପି ତଳ ସାରଣୀ ପୂରଣ କର।

| ପାତ୍ରର ନାମ | ଆନୁମାନିକ ମାପ | ପ୍ରକୃତ ମାପ |
|---|---|---|
| ବାଲ୍‌ଟି | | |
| | | |
| | | |
| | | |
| | | |
| | | |

ଆମେ ଜାଣିଲେ ଯେ,ତରଳ ପଦାର୍ଥ ମାପର ଏକକ ହେଉଛି ଲିଟର ଓ ମିଲିଲିଟର।

| | | |
|---|---|---|
| ୧ ଲିଟର | = | ୧୦୦୦ ମିଲିଲିଟର |
| ୨ ଲିଟର | = | ୨୦୦୦ ମିଲିଲିଟର |
| ୩ ଲିଟର | = | ୩୦୦୦ ମିଲିଲିଟର |

- ଲିଟରକୁ ମିଲିଲିଟରରେ ପ୍ରକାଶ କଲାବେଳେ କ'ଣ କରାଯାଏ ଲକ୍ଷ୍ୟ କର।

୫ ଲିଟର = ୫ × ୧୦୦୦ ମି.ଲି. = ୫୦୦୦ ମି.ଲି.

☞ ଶୂନ୍ୟସ୍ଥାନ ପୂରଣ କର । ଯେପରି,

୪ ଲି. ୬୫୦ ମି.ଲି. = ୪ × ୧୦୦୦ ମି.ଲି. + ୬୫୦ ମି.ଲି. = ୪୬୫୦ ମି.ଲି.

୭ ଲି. ୩୨୦ ମି.ଲି. = _____ × ୧୦୦୦ ମି.ଲି. + ୩୨୦ ମି.ଲି. = ____ __ମି.ଲି.

୮ ଲି. ୨୫ ମି.ଲି. = _________ ମି.ଲି. + _______ମି.ଲି. = ___ ___ମି.ଲି.

୬ ଲି. ୧୧୫ ମି.ଲି. = _________ ମି.ଲି. + _______ମି.ଲି. = ______ମି.ଲି.

_________ = ୩ × ୧୦୦୦ ମି.ଲି. + ୪୨୫ ମି.ଲି. = ______ମି.ଲି.

- ମିଲିଲିଟରରେ ଥିବା ମାପକୁ ଲିଟର ଓ ମିଲିଲିଟରରେ ଲେଖ ।

୩୦୦୦ ମି.ଲି. = ୩ ଲି.

୧୨୫୦ ମି.ଲି. = ୧୦୦୦ ମି.ଲି. + ୨୫୦ ମି.ଲି. = ୧ ଲି. ୨୫୦ ମି.ଲି.

୨୪୫୦ ମି.ଲି. = ______ମି.ଲି. + ୪୫୦ ମି.ଲି. = ______ଲି.______ମି.ଲି.

୪୬୭୫ ମି.ଲି. = ______ମି.ଲି. + _______ମି.ଲି. = ______ଲି. ______ମି.ଲି.

______ = ୫୦୦୦ ମି.ଲି. + ୩୨୫ ମି.ଲି. = ______ଲି. ______ମି.ଲି.

**ଉଦାହରଣ - ୧**

ଦିନେ ରାମ ବେହେରା ଟିକିଲିକୁ ୧ ଲି. ୨୫୦ ମି.ଲି., ଲିପିକୁ ୨ ଲି. ୩୫୦ ମି.ଲି. ଓ ନିଲୁକୁ ୩ଲି. ୧୦୦ ମି.ଲି. କ୍ଷୀର ଦେଲେ । ସେଦିନ ସେ ମୋଟ୍‌ରେ କେତେ କ୍ଷୀର ଦେଲେ ?

**ସମାଧାନ :**

| | | ଲିଟର | ମିଲିଲିଟର |
|---|---|---|---|
| ଟିକିଲିକୁ ଦେଲେ | | ୧ | ୨୫୦ |
| ଲିପି କୁ ଦେଲେ | | ୨ | ୩୫୦ |
| ନିଲୁ କୁ ଦେଲେ | + | ୩ | ୧୦୦ |
| ମୋଟ କ୍ଷୀରର ପରିମାଣ | | ୬ | ୭୦୦ |

∴ ରାମ ବେହେରା ସେଦିନ ମୋଟ୍‌ରେ ୬ ଲି. ୭୦୦ ମି.ଲି. କ୍ଷୀର ଦେଲେ ।

### ଉଦାହରଣ - ୨

ଜଣେ କ୍ଷୀର ବେପାରୀଠାରୁ ଯଦୁ, ମଧୁ ଓ ରାଧୁ କ୍ଷୀର କିଣିବାକୁ ଗଲେ । ମଧୁ ୧ ଲି. ୨୫୦ ମି.ଲି., ଯଦୁ ୧ ଲି. ୭୫୦ ମି.ଲି. ଓ ରାଧୁ ୨ ଲି. ୬୦୦ ମି.ଲି. କ୍ଷୀର କିଣିଲେ । ତେବେ ତିନି ଜଣ ମିଶି କେତେ କ୍ଷୀର କିଣିଲେ ?

**ସମାଧାନ :**

| | | | |
|---|---|---|---|
| ମଧୁ କିଣିଲା | | ୧ ଲି. | ୨୫୦ ମି.ଲି. |
| ଯଦୁ କିଣିଲା | + | ୧ ଲି. | ୭୫୦ ମି.ଲି. |
| ରାଧୁ କିଣିଲା | + | ୨ ଲି. | ୬୦୦ ମି.ଲି. |

ମୋଟ କ୍ଷୀରର ପରିମାଣ = ୧ଲି. ୨୫୦ମି.ଲି. + ୧ଲି. ୭୫୦ ମି. ଲି.+ ୨ଲି. ୬୦୦ମି.ଲି.

= ୧ଲି. + ୧ଲି. +୨ଲି. + ୨୫୦ମି.ଲି. +୭୫୦ମି.ଲି. + ୬୦୦ମି. ଲି.

= ୪ଲି. + ୧୬୦୦ମି.ଲି.

= ୫ଲି. + ୬୦୦ ମି.ଲି. = ୫ଲି. ୬୦୦ ମି.ଲି.

### ଉଦାହରଣ - ୩

ଜଣେ ଦୋକାନୀ ପାଖରେ ଗୋଟିଏ ଟିଣରେ ୧୬ ଲି. ୨୫୦ ମି.ଲି. କିରୋସିନ୍ ଥିଲା । ସେଥିରୁ ଦୋକାନୀ ୭ ଲି. ୫୦୦ ମି.ଲି. କିରୋସିନ୍ ବିକ୍ରି କରିସାରିବା ପରେ ଟିଣରେ ଆଉ କେତେ କିରୋସିନ୍ ରହିଲା ?

**ସମାଧାନ : -**

| | | | | | |
|---|---|---|---|---|---|
| | ୧୬ ଲି. | ୨୫୦ ମି.ଲି. | | ୧୫ ଲି. | ୧୨୫୦ ମି.ଲି. |
| - | ୭ ଲି. | ୫୦୦ ମି.ଲି. | - | ୭ ଲି. | ୫୦୦ ମି.ଲି. |
| | | | | ____ଲି. | ______ମି.ଲି. |

(ଏଠାରେ ୧୬ ଲି. ରୁ ୧ ଲି. ନେଇ ତାକୁ ୧୦୦୦ ମି.ଲି. କରାଗଲା ଓ ୨୫୦ ମି.ଲି. ସଙ୍ଗେ ମିଶାଇ ସିଧାସଳଖ ୧୨୫୦ ମି.ଲି. କରାଗଲା ଓ ଲିଟର ଘରେ ୧୫ ଲି. ରଖାଗଲା)

**ଜାଣିଛ କି ?**

ତରଳ ପଦାର୍ଥ ମାପିବା ପାଇଁ ବିଭିନ୍ନ ମାପର ପଳା ବ୍ୟବହାର କରାଯାଏ । ୫ମି.ଲି., ୧୦ମି.ଲି., ୨୦ ମି.ଲି., ୫୦ ମି.ଲି., ୧୦୦ ମି.ଲି., ୨୦୦ ମି.ଲି., ୫୦୦ ମି.ଲି. ୧ ଲିଟର ମାପର ପଳା ତୁମେ ଦୋକାନରେ ଦେଖିପାରିବ । ତୁମ ଘର ପାଖରେ ଥିବା ଦୋକାନକୁ ଯାଇ ସେଠାରେ କେଉଁ କେଉଁ ମାପର ପଳା ଅଛି ବୁଝ ।

ପେଟ୍ରୋଲ ଟାଙ୍କିରେ ପେଟ୍ରୋଲକୁ କିପରି ମାପି ଦିଆଯାଏ ଦେଖିଛ କି ?

ପେଟ୍ରୋଲକୁ ଲିଟର ମାପ ପାତ୍ରରେ ମାପକରି ଦିଆଯାଏ ନାହିଁ । ପେଟ୍ରୋଲ ଖୋଲା ରହିଲେ ତାହା ଖୁବ୍ ଶୀଘ୍ର ବାଷ୍ପହୋଇ ଉଡ଼ିଯାଏ । ଏଣୁ ପେଟ୍ରୋଲକୁ ଯନ୍ତ୍ରରେ ମାପିବାର ବ୍ୟବସ୍ଥା ରହିଛି ।

# ଅଭ୍ୟାସ କାର୍ଯ୍ୟ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ୩ ଲିଟର ୪୫୦ ମି.ଲି
\+ ୫ ଲିଟର ୭୫୦ ମି.ଲି
୮ ଲିଟର □ ମି.ଲି
= ୮ ଲି. + ୧୦୦୦ ମି.ଲି + □ ମି.ଲି.
= ୮ ଲି. + □ ଲି. + □ ମି.ଲି.
= □ ଲି. □ ମି.ଲି

(ଖ) ୫ ଲି. ୭୦୦ ମି.ଲି.
\+ ୮ ଲି. ୬୫୦ ମି.ଲି.
□ ଲି. □ ମି.ଲି
= □ ଲି. + □ ମି.ଲି + □ ମି.ଲି
= □ ଲି. + □ ଲି. + □ ମି.ଲି
= □ ଲି. + □ ମି.ଲି

(ଗ) ୪ ଲି. ୭୦୦ ମି.ଲି.
\+ ୩ ଲି. ୫୦୦ ମି.ଲି.
\+ ୯ ଲି. ୮୦୦ ମି.ଲି.
□ ଲି. □ ମି.ଲି.
= □ ଲି. □ ମି.ଲି.

(ଘ) ୧୦ ଲି. ୫୫୦ ମି.ଲି.
\+ ୨୦ ଲି. ୭୫୫ ମି.ଲି.
\+ ୨୦ ଲି. ୩୩୦ ମି.ଲି.
□ ଲି. □ ମି.ଲି.
□ ଲି. □ ମି.ଲି.

(ଙ) ୪ ଲି.୮୫୦ ମି.ଲି. + ୩ ଲି. ୪୫୦ ମି.ଲି.
= □ ଲି.+ □ ମି.ଲି.
= □ ଲି.+ □ ମି.ଲି. □ + ମି.ଲି
= □ ଲି.+ □ ଲି. □ + ମି.ଲି.
= □ ଲି.+ □ ମି.ଲି.

**୨.** **ହିସାବ କରି ଶୂନ୍ୟସ୍ଥାନ ପୂରଣ କର ।**

(କ) ୨୦ ଲିଟର ୧୨୦ ମି.ଲି

\- ୧୫ ଲିଟର ୫୦୦ ମି.ଲି

= ୧୯ ଲି. + ☐ ଲି. + ୧୨୦ ମି.ଲି.

\- ୧୫ ଲି. + ୫୦୦ ମି.ଲି.

= ୧୯ ଲି. ☐ ମି.ଲି.

\- ୧୫ଲି. ୫୦୦ ମି.ଲି.

☐ ଲି. ☐ ମି.ଲି.

(ଖ) ୩୪ ଲି. ୫୩୫ ମି.ଲି.

\- ୧୨ ଲି. ୮୫୦ ମି.ଲି.

= ୩୩ ଲି.+ ☐ ଲି.+ ☐ ମି.ଲି.

\- ୧୨ ଲି. ୮୫୦ ମି.ଲି.

☐ ଲି. ☐ ମି.ଲି.

୩. ହିସାବ କରି ଶୂନ୍ୟ ସ୍ଥାନ ପୂରଣ କର ।

| ଥିଲା | ମିଶିଲା | ମୋଟ୍ ହେଲା |
|---|---|---|
| ୫ ଲି. ୨୫୦ ମି.ଲି. | ୧୦ ଲି. ୫୦୦ ମି.ଲି. | ୧୫ ଲି. ୭୫୦ ମି.ଲି. |
| ୧୨ ଲି. ୫୭୫ ମି.ଲି. | ୩ ଲି. ୧୨୫ ମି.ଲି. | |
| ୧୮ ଲି. ୯୦୦ ମି.ଲି. | | ୨୫ ଲି. ୭୫୦ ମି.ଲି. |
| ୯ ଲି. ୨୭୫ ମି.ଲି. | | ୧୨ ଲି. ୮୦ ମି.ଲି. |
| ୪ ଲି. ୭୩ ମି.ଲି. | ୩ ଲି. ୨୮୦ ମି.ଲି. | |
| ୮ ଲି. ୫ ମି.ଲି. | ୨ ଲି. ୨୭ ମି.ଲି. | |

୪. ଗୋଟିଏ ଟିଣରୁ ଗୀତା ୩ ଲି. ୨୫୦ ମି.ଲି. ଓ ମିତା ୨ ଲି. ୪୦୦ ମି.ଲି. କିରୋସିନ୍ ନେଲେ । ଟିଣରେ ବଳକା ୩ ଲି. ୧୦୦ ମି.ଲି. କିରୋସିନ୍ ରହିଲା । ସେହି ଟିଣରେ କେତେ କିରୋସିନ୍ ଥିଲା ?

୫. ଗୋଟିଏ ଥଣ୍ଡା ପାନୀୟ ବୋତଲରେ ୨ ଲି. ୫୦୦ ମି.ଲି. ପାନୀୟ ଥିଲା । ସୁର ୧ ଲି. ୨୫୦ ମି.ଲି. ଧରୁଥିବା ଏକ ବୋତଲରେ ପୂରା ବୋତଲ ପାନୀୟ କାଢ଼ି ନେଲା । ଥଣ୍ଡା ପାନୀୟ ବୋତଲରେ ଆଉ କେତେ ପାନୀୟ ରହିଲା ?

୬. ଚିତ୍ର ଦେଖି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।




୧୦ଲିଟର ୩୫୦ମି.ଲି.



୧ଲିଟର ୫୦୦ମି.ଲି.



୩ ଲିଟର



୨୫ଲିଟର ୬୫୦ମି.ଲି.



୪ଲିଟର ୭୫୦ମି.ଲି.

(କ) ବାଲ୍‌ଟି ଓ ହାଣ୍ଡିରେ ମୋଟ୍‌ରେ କେତେ ପାଣି ଧରିବ ?

(ଖ) ମଗ୍ ଓ ପ୍ରେସରକୁକର୍‌ରେ ମୋଟ୍‌ରେ କେତେ ପାଣି ଧରିବ ?

(ଗ) ବେସିନ୍ ଓ ହାଣ୍ଡିରେ ମୋଟ୍‌ରେ କେତେ ପାଣି ଧରିବ ?

(ଘ) ବେସିନ୍ ଅପେକ୍ଷା ବାଲ୍‌ଟିରେ କେତେ କମ୍ ପାଣି ଧରିବ ?

(ଙ) ପ୍ରେସରକୁକର୍ ଓ ଜଗ୍‌ରେ ହାଣ୍ଡି ଅପେକ୍ଷା କେତେ କମ୍ ପାଣି ଧରିବ ?

(ଚ) ପ୍ରେସର୍‌କୁକର୍ ଓ ହାଣ୍ଡିରେ ବେସିନ୍ ଅପେକ୍ଷା କେତେ କମ୍ ପାଣି ଧରିବ ?

୫. ଗୋଟିଏ ଡ୍ରମ୍‌ରେ ୩୨ ଲି. ୧୨୦ ମି.ଲି. କ୍ଷୀର ଅଛି । ସେଥିରୁ ରାମ ୮ ଲି. ୭୫୦ ମି.ଲି. ଓ ସୀତା ୧୦ ଲି. ୫୦୦ ମି.ଲି. କ୍ଷୀର ନେଲେ । ତେବେ ଡ୍ରମ୍‌ରେ ଆଉ କେତେ କ୍ଷୀର ବଳକା ରହିଲା ?

୬. ତୁମ ଘରେ ଥିବା ପାଣି ଟାଙ୍କିରେ ୫୦୦ ଲିଟର ପାଣି ଧରେ । ଗୋଟିଏ ଦିନରେ ତୁମ ଘରେ ଗାଧୋଇବା ପାଇଁ ୨୦୦ ଲିଟର, ରୋଷେଇ ଓ ପିଇବା ପାଇଁ ୫୦ଲି. ୫୦୦ ମି.ଲି., ଲୁଗା ସଫା ପାଇଁ ୮୫ ଲିଟର ୭୫୦ ମି.ଲି. ଖର୍ଚ୍ଚ ହେଲା । ତେବେ ଟାଙ୍କିରେ ଆଉ କେତେ ପାଣି ବଳକା ରହିଲା ?

୭. ଗୋଟିଏ ଦୋକାନରେ ସୋରିଷ ତେଲ, ନଡ଼ିଆ ତେଲ ଅପେକ୍ଷା ୪ଲି. ୩୫୦ ମି.ଲି. ଅଧିକ ଅଛି । ଦୋକାନରେ ୨୦ ଲିଟର ୨୦୦ ମି.ଲି. ସୋରିଷ ତେଲ ଅଛି । ତେବେ ଦୋକାନରେ ସୋରିଷ ତେଲ ଓ ନଡ଼ିଆ ତେଲ ମିଶି କେତେ ଅଛି ?

# ପାଠ-୧୯ କ୍ୟାଲେଣ୍ଡର ତିଆରି କରିବା

ତୁମେ ତୁମ ଘରେ, ବିଦ୍ୟାଳୟରେ, ସାଙ୍ଗମାନଙ୍କର ଘରେ କ୍ୟାଲେଣ୍ଡର ଝୁଲାଯାଇଥିବାର ଦେଖିଥିବ। କ୍ୟାଲେଣ୍ଡରରୁ କି କି ସୂଚନା ମିଳେ ଲେଖ।

______________________________

______________________________

7ZQ84R

ତଳେ ୨୦୧୫ ମସିହା ଜୁନ୍ ମାସର କ୍ୟାଲେଣ୍ଡର ଦିଆଯାଇଛି। ଏହାକୁ ଲକ୍ଷ୍ୟ କରି ମଇ ୨୦୧୫ ଓ ଜୁଲାଇ ୨୦୧୫ ର କ୍ୟାଲେଣ୍ଡର ପ୍ରସ୍ତୁତ କର।

**ମଇ - ୨୦୧୫**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

**ଜୁନ୍ - ୨୦୧୫**

| | | | | | |
|---|---|---|---|---|---|
| ରବି | | ୭ | ୧୪ | ୨୧ | ୨୮ |
| ସୋମ | ୧ | ୮ | ୧୫ | ୨୨ | ୨୯ |
| ମଙ୍ଗଳ | ୨ | ୯ | ୧୬ | ୨୩ | ୩୦ |
| ବୁଧ | ୩ | ୧୦ | ୧୭ | ୨୪ | |
| ଗୁରୁ | ୪ | ୧୧ | ୧୮ | ୨୫ | |
| ଶୁକ୍ର | ୫ | ୧୨ | ୧୯ | ୨୬ | |
| ଶନି | ୬ | ୧୩ | ୨୦ | ୨୭ | |

**ଜୁଲାଇ - ୨୦୧୫**

| | | | | | |
|---|---|---|---|---|---|
| ରବି | | | | | |
| ସୋମ | | | | | |
| ମଙ୍ଗଳ | | | | | |
| ବୁଧ | | | | | |
| ଗୁରୁ | | | | | |
| ଶୁକ୍ର | | | | | |
| ଶନି | | | | | |

☞ ତୁମେ ଲେଖିଥିବା କ୍ୟାଲେଣ୍ଡର ଦେଖି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

- ଜୁନ୍ ମାସରେ କେତୋଟି ରବିବାର ପଡ଼ିଥିଲା ? __________
- ଜୁଲାଇ ମାସ ୧ ତାରିଖ କେଉଁ ବାରରେ ପଡ଼ିଛି ? __________
- ଜୁନ୍ ମାସର ଗୁରୁବାରଗୁଡ଼ିକ କେଉଁ କେଉଁ ତାରିଖରେ ପଡ଼ିଛି ? __________
- ଅଗଷ୍ଟ ମାସର ୧ ତାରିଖ କେଉଁ ବାର ହେବ ? __________
- ମଇ ମାସରେ କେତୋଟି ପୂର୍ଣ୍ଣ ସପ୍ତାହ ଅଛି ? __________
- ଜୁନ୍ ମାସର ୧୦ ତାରିଖରୁ ଜୁନ୍ ମାସ ୨୮ ତାରିଖ କେତେ ଦିନ ? __________
- ଜୁନ୍ ମାସର ୨୫ ତାରିଖରୁ ଜୁଲାଇ ମାସ ୪ ତାରିଖ କେତେ ଦିନ ? __________
- ଗୋଟିଏ ବିଦ୍ୟାଳୟରେ ସ୍ୱଚ୍ଛଭାରତ ଅଭିଯାନ ଜୁନ୍ ମାସ ୨୯ ତାରିଖରେ ଆରମ୍ଭ ହୋଇ ଜୁଲାଇ ମାସ ୨୪ ତାରିଖରେ ଶେଷ ହେଲା। ଏହି ଅଭିଯାନ କେତେ ଦିନ ଚାଲିଲା ? __________

ଶିକ୍ଷକଙ୍କଠାରୁ ୨୦୧୨, ୨୦୧୩ ଓ ୨୦୧୪ ମସିହାର କ୍ୟାଲେଣ୍ଡର ସଂଗ୍ରହ କର । କ୍ୟାଲେଣ୍ଡରକୁ ଦେଖି କେଉଁ ମାସ କେତେ ଦିନିଆଁ ତାହା ତଳ ସାରଣୀର ଖାଲିଘରେ ଲେଖ । (କ୍ୟାଲେଣ୍ଡର ନ ପାଇଲେ ଶିକ୍ଷକଙ୍କଠାରୁ ବୁଝି ଲେଖ)

| ବର୍ଷ | ଜାନୁୟାରୀ | ଫେବୃୟାରୀ | ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ୍ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ମୋଟ |
|---|---|---|---|---|---|---|---|---|---|---|---|---|---|
| ୨୦୧୨ | | | | | | | | | | | | | |
| ୨୦୧୩ | | | | | | | | | | | | | |
| ୨୦୧୪ | | | | | | | | | | | | | |

☞ ଉପର ସାରଣୀକୁ ଲକ୍ଷ୍ୟ କରି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ –

- ବର୍ଷର କେଉଁ ମାସଗୁଡ଼ିକ ୩୧ ଦିନିଆଁ ? ______
- ବର୍ଷର କେଉଁ ମାସଗୁଡ଼ିକ ୩୦ ଦିନିଆଁ ? ______
- ୨୦୧୨ ମସିହାରେ କେତେ ଦିନ ? ______
- ୨୦୧୩ ମସିହାରେ କେତେ ଦିନ ? ______

ଆମେ ଜାଣୁ ଯେ, ବର୍ଷକ ୩୬୫ ଦିନ । କିନ୍ତୁ ପ୍ରତି ୪ ବର୍ଷରେ ଥରେ ବର୍ଷକ ୩୬୫ ଦିନ ବଦଳରେ ୩୬୬ ଦିନ ହୋଇଥାଏ, ସେହି ବର୍ଷ ଫେବୃୟାରୀ ମାସ ୨୮ ଦିନ ବଦଳରେ ୨୯ ଦିନିଆ ହୋଇଥାଏ । ଯେଉଁ ବର୍ଷ ଫେବୃୟାରୀ ମାସ ୨୯ ଦିନିଆ ହୁଏ, ସେହି ବର୍ଷକୁ **ଅଧିବର୍ଷ** କୁହାଯାଏ ।

### ଅଧିବର୍ଷ କାହିଁକି ହୁଏ ?

ବର୍ଷକ ୩୬୫ ଦିନ ରୂପେ ଆମେ ହିସାବ କରୁ । କିନ୍ତୁ ପ୍ରକୃତରେ ଏହା ପ୍ରାୟ ୩୬୫ ଦିନ ୬ ଘଣ୍ଟା । ବର୍ଷକର ଏହି ୬ ଘଣ୍ଟା ଅଧିକ ସମୟକୁ ହିସାବ କରି ପ୍ରତି ଚାରିବର୍ଷରେ ଥରେ ୬ ଘଣ୍ଟା × ୪ = ୨୪ ଘଣ୍ଟା ବା ୧ ଦିନ, ବର୍ଷର ଦିନ ସଂଖ୍ୟାରେ ବଢ଼ାଇ ଦିଆଯାଏ । ଏହି ଅଧିକ ଦିନଟି ସେ ବର୍ଷର ଫେବୃୟାରୀ ମାସରେ ମିଶାଯାଇ ସେହି ମାସର ଦିନ ସଂଖ୍ୟା ୨୮ ପରିବର୍ତ୍ତେ ୨୯ ହୁଏ । ଏହା ଦ୍ୱାରା ସେହି ବର୍ଷର ଦିନସଂଖ୍ୟା ୩୬୬ ଦିନ ହୋଇଥାଏ । ପ୍ରତି ୪ ବର୍ଷରେ ଏହିଭଳି ବର୍ଷଟିଏ ଆସିଥାଏ ଓ ଏହାକୁ ଅଧିବର୍ଷ ବା **ଲିପ୍ ଇୟର** କୁହାଯାଏ ।

ଯେଉଁ ମସିହାକୁ (ପୂର୍ଣ୍ଣ ଶହ ମସିହା ବ୍ୟତୀତ) ୪ ଦ୍ୱାରା ଭାଗକଲେ କୌଣସି ଭାଗଶେଷ ରହେନାହିଁ, ସେହି ବର୍ଷର ଦିନ ସଂଖ୍ୟା ୩୬୬ ହୁଏ । ୧୯୮୪, ୧୯୮୮, ୧୯୯୨, ୧୯୯୬, ୨୦୦୪, ୨୦୦୮ ଆଦି ମସିହା ଗୁଡ଼ିକ ଅଧିବର୍ଷ । କିନ୍ତୁ ପୂର୍ଣ୍ଣ ଶହ ମସିହା ଯଥା ୧୯୦୦, ୨୧୦୦, ୨୨୦୦, ୨୩୦୦, ୨୫୦୦ ମସିହାଗୁଡ଼ିକ ୪ ଦ୍ୱାରା ବିଭାଜ୍ୟ ହେଲେ ମଧ୍ୟ ଅଧିବର୍ଷ ନୁହନ୍ତି । ଏହିପରି ପୂର୍ଣ୍ଣ ଶହ ମସିହାଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ୪୦୦ ଦ୍ୱାରା ବିଭାଜ୍ୟ, ସେ ମସିହାଗୁଡ଼ିକ ଅଧିବର୍ଷ ହୋଇଥାନ୍ତି । ୧୨୦୦, ୧୬୦୦ ଓ ୨୦୦୦ ମସିହା ୪୦୦ ଦ୍ୱାରା ବିଭାଜ୍ୟ ସେଗୁଡ଼ିକ ଅଧିବର୍ଷ ।

☞ ନିମ୍ନ ମସିହାଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଅଧିବର୍ଷ ତା' ପାଖ ଘରେ ଠିକ୍ (✓) ଚିହ୍ନ ଦିଅ। ଯେଉଁ ମସିହାଗୁଡ଼ିକ ଅଧିବର୍ଷ ନୁହେଁ ତା'ପାଖରେ (X) ଚିହ୍ନ ଦିଅ।

| | | | |
|---|---|---|---|
| ୧୯୯୩ | | ୨୦୦୦ | |
| ୧୯୯୨ | | ୧୯୪୭ | |
| ୧୮୮୦ | | ୧୯୫୨ | |
| ୧୨୩୨ | | ୨୦୧୪ | |
| ୧୨୯୫ | | ୨୦୧୬ | |
| ୧୯୯୮ | | ୨୦୧୧ | |
| ୨୦୦୯ | | ୧୮୦୦ | |

**ସଂକ୍ଷେପରେ ତାରିଖ ଲେଖିବା ପ୍ରଣାଳୀ :**

ମାମୁନୀ ଚତୁର୍ଥ ଶ୍ରେଣୀରେ ପଢ଼େ। ତା' ବଡ଼ଭାଇ ରମେଶ କୋରାପୁଟରେ ମାମୁଁଘରେ ରହି ଷଷ୍ଠ ଶ୍ରେଣୀରେ ପଢ଼େ। ରମେଶ ମାମୁନୀ ପାଖକୁ ଗ୍ରୀଷ୍ମଛୁଟିରେ ତଳ ଚିଠିଟି ଲେଖିଥିଲା।

କୋରାପୁଟ

ତା. ୨୩.୦୪.୨୦୦୯

ସ୍ନେହର ମାମୁନୀ


ମୋର ସ୍ନେହ ନେବୁ। ମା, ବାପାଙ୍କୁ ମୋର ନମସ୍କାର ଜଣେଇ ଦେବୁ। ଆମ ସ୍କୁଲ ତା ୨୨.୦୪.୨୦୦୯ ରିଖରେ ଛୁଟି ହେଲା। ଏ ବର୍ଷ ଅତ୍ୟଧିକ ଗରମ ହେତୁ ୯ ଦିନ ଆଗରୁ ଆମ ବିଦ୍ୟାଳୟ ଛୁଟି ହୋଇଗଲା। ଗ୍ରୀଷ୍ମଛୁଟି ପରେ ତା ୧୭.୦୬.୨୦୦୯ ରିଖରେ ଖୋଲିବ। ମୁଁ ମୋର ସାଙ୍ଗ ସୁରେଶ ଘରକୁ ତା ୨୫.୦୪.୨୦୦୯ ରେ ଯିବି ଓ ସେଠାରେ ତା.୮.୫.୨୦୦୯ ରିଖ ପର୍ଯ୍ୟନ୍ତ ରହିବି। ସେଠାରୁ ତୋ ପାଖକୁ ଯିବି ଓ ଘରେ ୧୫ ଦିନ ରହିବି। ଘରକୁ ଗଲେ ବହୁତ ମଜା କରିବା।

ଇତି

ତୋର ବଡ଼ ଭାଇ ରମେଶ

ମାମୁନୀ ଚିଠିଟି ପାଇ ବହୁତ ଖୁସି ହେଲା କିନ୍ତୁ ଚିଠିଟି ପଢ଼ି ଭାଇ କେବେ ଆସିବେ ଓ କେବେ ଯିବେ ଜାଣି ପାରିଲା ନାହିଁ। ମା'କୁ ଯାଇ ଚିଠି ଦେଖେଇ ପଚାରିଲା - "ଭାଇ କେବେ ଆସିବେ ଓ କେବେ ଯିବେ କହ ?"

ମା' ମାମୁନୀକୁ କହିଲେ "ତୁମ ଖାତାରେ ଶିକ୍ଷକ ଯେଉଁଠି ଦସ୍ତଖତ କରିଛନ୍ତି ଆସ ଦେଖିବା"। ମାମୁନୀ ଖାତା ଖୋଲିଲା, ଶିକ୍ଷକଙ୍କ ଦସ୍ତଖତ ପାଖରେ ଲେଖା ଅଛି ୧୦.୦୨.୧୫ । ଆସ, ୧୦.୨.୧୫ କ'ଣ ସୂଚାଉଛି ଜାଣିବା -



ଏହି ତାରିଖରେ ଲେଖାଯାଇଥିବା ଶେଷ ଦୁଇଟି ଅଙ୍କ ହେଉଛି ୧୫ ର ଅର୍ଥ ୨୦୧୫ ମସିହା। ଦସ୍ତଖତ ତାରିଖରେ ଥିବା ୨ ହେଉଛି ମାସର କ୍ରମିକ ନମ୍ବର। କ୍ୟାଲେଣ୍ଡରରୁ ଦେଖିପାରିବା ଯେ ବର୍ଷରେ ୨ୟ ମାସ ହେଉଛି ଫେବୃୟାରୀମାସ। ୧୦ରୁ ଜଣାପଡ଼େ ଯେ ଶିକ୍ଷକ ମାସର ୧୦ ତମ ଦିନ ଖାତା ଦେଖିଛନ୍ତି। ଏଣୁ ଖାତା ଦେଖା ଦିନଟି ହେଉଛି ୨୦୧୫ ମସିହା ଫେବୃୟାରୀ ମାସ ୧୦ ତାରିଖ। ସେହିପରି ୨୫.୪.୧୫ ହେଉଛି ୨୦୧୫ ମସିହା ଏପ୍ରିଲ ମାସ ୨୫ ତାରିଖ।

## ଅଭ୍ୟାସ କାର୍ଯ୍ୟ

୧. ଉଦାହରଣ ଦେଖି ସାରଣୀ ପୂରଣ କର।

| ମସିହା | ଦିନସଂଖ୍ୟା | ଅଧିବର୍ଷ |
|---|---|---|
| ୧୨୦୫ | ୩୬୫ | |
| ୧୨୦୮ | | |
| ୨୦୦୫ | | |
| ୧୩୦୭ | | |
| ୨୦୧୬ | | |

| ମସିହା | ଦିନସଂଖ୍ୟା | ଅଧିବର୍ଷ |
|---|---|---|
| ୧୩୦୦ | | |
| ୨୪୦୦ | | |
| ୧୫୦୮ | | |
| ୨୦୨୦ | | |
| ୨୦୧୦ | | |

୨. ଚଳିତ ବର୍ଷରେ କ୍ୟାଲେଣ୍ଡର ଦେଖି ଖାଲିସ୍ଥାନରେ ସଂକ୍ଷେପରେ ତାରିଖ ଲେଖ।

(କ) ଡିସେମ୍ବର ମାସର ଶେଷ ରବିବାର ______________

(ଖ) ମାର୍ଚ୍ଚ ମାସର ପ୍ରଥମ ମଙ୍ଗଳବାର ______________

(ଗ) ଅଗଷ୍ଟ ମାସର ଦ୍ୱିତୀୟ ଗୁରୁବାର ______________

(ଘ) ଗୁରୁ ଦିବସ ______________

(ଙ) ଶିଶୁ ଦିବସ ______________

(ଚ) ଉତ୍କଳ ଦିବସ ______________

(ଛ) ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ______________

୩. କେତେ ତାରିଖ ହେବ ସଂକ୍ଷେପରେ ତାରିଖ ଲେଖି ଖାଲିଘର ପୂରଣ କର ।

(କ) ୨୦୧୦ ମସିହା ଜୁନ୍ ମାସ ୨୮ ତାରିଖର ୫ଦିନପରେ ________

(ଖ) ୨୦୧୦ ମସିହା ମାର୍ଚ୍ଚ ୧୦ ତାରିଖର ୩ ଦିନ ପୂର୍ବରୁ ________

(ଗ) ୨୦୧୦ ମସିହା ଅକ୍ଟୋବର ୨୮ ତାରିଖର ୮ ଦିନ ପୂର୍ବରୁ ________

(ଘ) ୨୦୧୦ ମସିହା ଏପ୍ରିଲ ମାସ ୨୨ ତାରିଖର ୯ ଦିନ ପରେ ________

୪. ତଳ ତାରିଖମାନଙ୍କ ମଧ୍ୟରୁ କେଉଁ ତାରିଖଗୁଡ଼ିକ ଠିକ୍ ତା'ପାଖରେ ଠିକ୍ ଚିହ୍ନ (✓) ଦିଅ ।

| | | | |
|---|---|---|---|
| କ) ୨୩.୧୨.୦୪ | ☐ | (ଙ) ୫.୬.୦୭ | ☐ |
| ଖ) ୨୯.୦୨.୧୨ | ☐ | (ଚ) ୨୯.୨.୧୦ | ☐ |
| ଗ) ୨.୧୩.୦୮ | ☐ | (ଛ) ୩୧.୧୧.୦୫ | ☐ |
| ଘ) ୩୦.୨.୦୬ | ☐ | (ଜ) ୩୧.୦୪.୦୫ | ☐ |

୫.କ)ଗୋଟିଏ ବିଦ୍ୟାଳୟ ୨୦୦୧ ମସିହାରେ ଦଶହରା ଛୁଟି ୨୩.୧୦.୦୧ ତାରିଖଠାରୁ ୪.୧୧.୦୧ ତାରିଖ ପର୍ଯ୍ୟନ୍ତ ହୋଇଥିଲା । ତେବେ ସମୁଦାୟ କେତେ ଦିନ ଛୁଟି ହୋଇଥିଲା (ଉଭୟ ଦିନକୁ ହିସାବ କରାଯିବ) ?

ଅକ୍ଟୋବର ମାସରେ ୨୩.୧୦.୦୧ ରୁ ତା. ୩୧.୧୦.୦୧ ପର୍ଯ୍ୟନ୍ତ________ଦିନ ।

ନଭେମ୍ବର ମାସ ୧.୧୧.୦୧ ରୁ ୪.୧୧.୦୧ ପର୍ଯ୍ୟନ୍ତ________ଦିନ ।

ତେବେ ସମୁଦାୟ________ଦିନ ଛୁଟି ହୋଇଥିଲା ।

ଖ) ୧୫.୦୧.୦୨ ଠାରୁ ୧୨.୦୪.୦୨ ପର୍ଯ୍ୟନ୍ତ ମୋଟ୍ କେତେ ଦିନ ହିସାବ କର ।

ପ୍ରଥମ ମାସ ଅର୍ଥାତ୍ ଜାନୁୟାରୀ ମାସରେ (୩୧-୧୪ = ୧୭) ୧୭ ଦିନ

ଦ୍ୱିତୀୟ ମାସ ________(ପୁରାମାସ) ______ଦିନ

ତୃତୀୟ ମାସ ବା ________ ______ଦିନ

ଚର୍ତୁଥ ମାସ ବା ________ (୧ ତାରିଖରୁ ୧୨ ତାରିଖ) ______ଦିନ

ଗ) ୨୧.୬.୦୩ ଠାରୁ ୮.୯.୦୩ ପର୍ଯ୍ୟନ୍ତ ମୋଟ କେତେ ଦିନ ହିସାବ କର ।

୬ ମାସ ବା ________ ମାସରେ (୨୧ ତାରିଖରୁ ୩୦ ତାରିଖ) ______ଦିନ

୭ ମାସ ବା ________ ମାସରେ ______ଦିନ

୮ ମାସ ବା ________ ମାସରେ ______ଦିନ

୯ ମାସ ବା ________ ମାସରେ (୧ ତାରିଖରୁ ୮ ତାରିଖ) ______ଦିନ

ମୋଟ ________ ______ଦିନ

(ଘ) ତା ୧୮.୨.୦୮ ରୁ ତା ୩.୫.୦୮ ପର୍ଯ୍ୟନ୍ତ ମୋଟ୍ କେତେ ଦିନ ହିସାବ କର ।

ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

- ୨୦୦୮ ମସିହାର ଫେବୃୟାରୀ ମାସ କେତେ ଦିନ ?
- ୨୦୦୮ ମସିହା ଫେବୃୟାରୀ ୧୮ ତାରିଖରୁ ଫେବୃୟାରୀ ୨୯ ତାରିଖ ପର୍ଯ୍ୟନ୍ତ କେତେ ଦିନ ?
- ମାର୍ଚ୍ଚ ମାସରେ କେତେ ଦିନ ?
- ଏପ୍ରିଲ ମାସରେ କେତେ ଦିନ ?
- ମଇ ମାସ ୧ ତାରିଖରୁ ମେ ତିନି ତାରିଖ ପର୍ଯ୍ୟନ୍ତ କେତେ ଦିନ ?
- ତେବେ ତା ୧୮.୨.୦୮ ରୁ ତା ୩.୫.୦୮ ପର୍ଯ୍ୟନ୍ତ ମୋଟ୍ କେତେ ଦିନ ?

(ଙ) ଅନୀତା ଗୋଟିଏ କାମକୁ ତା ୫.୬.୦୯ ରିଖରେ ଆରମ୍ଭ କଲା । ଯଦି କାମଟିକୁ ସାରିବାକୁ ତାକୁ ୩୫ ଦିନ ଲାଗିବ, ସେ କେତେ ତାରିଖରେ କାମ ସାରିବ ?

- ଅନୀତା କାମଟିକୁ କେତେ ଦିନରେ ସାରିବ ?
- ଅନୀତା କେତେ ତାରିଖରେ କାମ ଆରମ୍ଭ କଲେ ?
- ଅନୀତା ଜୁନ୍ ମାସରେ କେତେ ଦିନ କାମ କରିବ ?
- ଜୁନ୍ ମାସ ପରେ ଅର୍ଥାତ୍ ଜୁଲାଇ ମାସରେ ଅନୀତା କେତେ ଦିନ କାମ କରିବ ?
- ଅନୀତା କେତେ ତାରିଖରେ କାମଟି ସାରିବ ?

**ତୁମ ପାଇଁ କାମ-** ଚଳିତ ବର୍ଷର କ୍ୟାଲେଣ୍ଡରରେ ତୁମ ଜନ୍ମ ତାରିଖରେ (✓) ଚିହ୍ନ ଦିଅ । ସେହି ମାସରେ ଥିବା ଛୁଟି ଦିନଗୁଡ଼ିକୁ କ୍ୟାଲେଣ୍ଡରରେ ଗୋଲ୍ ବୁଲାଅ ।

## ଘଣ୍ଟା ଦେଖି ସମୟ ଜାଣିବା

ଆମେ ଜାଣିଛେ, ଡିଜିଟାଲ୍ ଘଣ୍ଟା ବ୍ୟତୀତ ଅନ୍ୟ ଘଣ୍ଟାଗୁଡ଼ିକରେ ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟା ଥାଏ । ଆଉ କେତେକ ଘଣ୍ଟାରେ ଏ ଦୁଇଟି କଣ୍ଟା ସହିତ ସେକେଣ୍ଡ କଣ୍ଟାଟି ମଧ୍ୟ ଥାଏ ।

ତଳ ଘଣ୍ଟା ଦୁଇଟିରେ ସମୟ କେତେ ଖାଲି ଘରେ ଲେଖ ।







ମିନିଟ୍ କଣ୍ଟା ଗୋଟିଏ ସଂଖ୍ୟାଠାରୁ ତା'ର ଠିକ୍ ପରବର୍ତ୍ତୀ ସଂଖ୍ୟାକୁ ଗଲାବେଳେ ଏହା ୫ଟି ଛୋଟ ଘର ଅତିକ୍ରମ କରେ । ଗୋଟିଏ ଛୋଟ ଘର ଅତିକ୍ରମ କରିବା ପାଇଁ ୧ ମିନିଟ୍ ସମୟ ନିଏ । ମିନିଟ୍ କଣ୍ଟାଟି ୧ ୨ ରୁ ୨ ପର୍ଯ୍ୟନ୍ତ ଯିବା ସମୟରେ ଏହା ୧ ୦ ଟି ଛୋଟ ଘର ଦେଇ ଗତିକରେ ଓ ୧ ୦ ମିନିଟ୍ ସମୟ ନେଇଥାଏ ।


## ଅଭ୍ୟାସ କାର୍ଯ୍ୟ

୧. ତିନିଜଣ ସାଙ୍ଗ ପାର୍ଶ୍ୱରେ ଥିବା ଘଣ୍ଟା ଚିତ୍ରରୁ ସମୟ କହିଲେ । ଯିଏ ସମୟ ଠିକ୍ କହିଛି ସେହି ଘରେ ଠିକ୍ (✓) ଚିହ୍ନ ଦିଅ ।

| | ରଘୁ | ଲୁନା | ସୀତା |
|---|---|---|---|
|  | ୧୨ଟା ୩ମିନିଟ୍ | ୧୨ଟା ୧୫ମିନିଟ୍ | ୩ଟା ୧୨ମିନିଟ୍ |
|  | ୭ଟା ୨୫ମିନିଟ୍ | ୫ଟା ୭ମିନିଟ୍ | ୭ଟା ୩୫ମିନିଟ୍ |
|  | ୩ଟା ୩୫ମିନିଟ୍ | ୭ଟା ୩ ମିନିଟ୍ | ୭ଟା ୧୫ମିନିଟ |

୨. ଘଣ୍ଟାଚିତ୍ର ଦେଖି ଖାଲିଘରେ ସମୟ ଦୁଇ ପ୍ରକାରରେ ଲେଖ ।






| | | |
|---|---|---|
| ______ଟା ______ମିନିଟ୍ | | |
| ୪ଟା ବାଜିବାକୁ ୧୫ମିନିଟ୍ ବାକି | | |






| | | |
|---|---|---|
| | | |
| | | |


୩. ପ୍ରତ୍ୟେକ ଘଣ୍ଟା ତଳେ ଲେଖାଯାଇଥିବା ସମୟ ଦେଖି ଘଣ୍ଟାରେ ଘଣ୍ଟାକଣ୍ଟା ଓ ମିନିଟ୍ କଣ୍ଟାକୁ ଆଣି ଦେଖାଅ ।




୯ ଟା ୪୦ ମିନିଟ୍




୩ ଟା ବାଜିବାକୁ
୧୫ ମିନିଟ୍ ବାକି




୪ ଟା ୫୫ ମିନିଟ୍

**ତୁମ ପାଇଁ କାମ** - ଘରେ, ବିଦ୍ୟାଳୟରେ ତଥା ଅନ୍ୟ ସ୍ଥାନମାନଙ୍କରେ ତୁମେ ବିଭିନ୍ନ ପ୍ରକାରର ଘଣ୍ଟା ଦେଖିଥିବ । ତୁମେ ଦେଖିଥିବା ତିନି ପ୍ରକାରର ଘଣ୍ଟାର ଚିତ୍ର ଆଙ୍କ ।

## ୨୪ ଘଣ୍ଟିଆ ସମୟ ହିସାବ

ଗ୍ରୀଷ୍ମଛୁଟିରେ ଲୁନା ମାମୁ ଘରକୁ ବୁଲିବାକୁ ଯାଇଥିଲା । ମାମୁ ଘରେ ସାଙ୍ଗମାନଙ୍କ ସହ ବହୁତ ମଜା କରୁଥିଲା । ଲୁନାର ଘରକୁ ଯିବାକୁ ଆଦୌ ଇଚ୍ଛା ନ ଥିଲା । ଦିନେ ତାଙ୍କର ବାପା ଆସି କହିଲେ-"ମୁଁ ଟିକେଟ କରି ଆଣିଛି, ଆମେ ଆସନ୍ତା କାଲି ୩ ଟା ୩୦ ମିନିଟ୍ ସମୟରେ ଟ୍ରେନ୍‌ରେ ଘରକୁ ଯିବା"। ଲୁନା ମନ ଦୁଃଖ କଲା । ଲୁନା ଓ ତା'ର ବାପା ପରଦିନ ଅପରାହ୍ନ ୩ଟା ୩୦ ମିନିଟ୍ ପୂର୍ବରୁ ଯାଇ ଷ୍ଟେସନ୍ ମାଷ୍ଟରଙ୍କୁ ଟ୍ରେନ୍ ବିଷୟରେ ପଚାରିଲେ । ଷ୍ଟେସନ୍ ମାଷ୍ଟର କହିଲେ- 'ଏବେ ତ କୌଣସି ଟ୍ରେନ୍ ଆସିବାର ନାହିଁ ।' ଲୁନାର ବାପା କହିଲେ- ଟିକେଟରେ ଟ୍ରେନ୍ ସମୟ ୩.୩୦ ଘଣ୍ଟା ଲେଖା ହୋଇଛି । ଷ୍ଟେସନ୍ ମାଷ୍ଟର କହିଲେ- ଟ୍ରେନ୍ ସମୟ ୩.୩୦ ଘଣ୍ଟା ଅର୍ଥାତ୍ ସକାଳ (ଭୋର୍) ୩ ଟା ୩୦ ମିନିଟ୍ । ଯଦି ଟ୍ରେନ୍ ସମୟ ଅପରାହ୍ନ ୩ ଟା ୩୦ ମିନିଟ୍ ହୋଇଥା'ନ୍ତା ତେବେ ଟିକେଟରେ ୧୫.୩୦ ଘଣ୍ଟା ଲେଖା ଯାଇଥାନ୍ତା । ଲୁନାର ବାପା କହିଲେ-"ସତରେ, ଟ୍ରେନ୍ ସମୟ ୨୪ ଘଣ୍ଟିଆ ଘଡ଼ିର ସମୟ ଅନୁଯାୟୀ ଲେଖାଯାଏ ।"

☞ ତଳ ସାରଣୀ ପୂରଣ କର :-

| ତୁମ ଘଣ୍ଟାରେ ସମୟ ( ୧ ୨ ଘଣ୍ଟିଆ ଘଡ଼ି) | ରେଲୱେ ସମୟ ( ୨ ୪ ଘଣ୍ଟିଆ ଘଡ଼ି) |
|---|---|
| ସକାଳ ୬ ଟା | ୬:୦୦ ଘଣ୍ଟା |
| ଭୋର ୩ ଟା | |
| ଅପରାହ୍ନ ୧ ଟା ୩୦ ମିନିଟ୍ | ୧୩: ୩୦ ଘଣ୍ଟା |
| ସଂଧ୍ୟା ୬ ଟା | |
| ରାତି ୯ଟା ୩୦ ମିନିଟ୍ | |
| ମଧ୍ୟାହ୍ନ ୧ ୨ ଟା | |
| ରାତି ୧ ୧ ଟା | |
| ସକାଳ ୮ ଟା ୩୦ ମିନିଟ୍ | |

୧ ୨ ଘଣ୍ଟା ସୂଚକ ଘଡ଼ିରେ ପ୍ରତ୍ୟେକ ସମୟ ଦିନରେ ଦୁଇ ଥର ଆସେ । ଯଥା- ସକାଳ ୫ ଟା ୩୦ ମିନିଟ୍ ଓ ସଂଧ୍ୟା ୫ ଟା ୩୦ ମିନିଟ୍ । ମଧ୍ୟରାତି ବା ରାତି ୧ ୨ ଟାରୁ ମଧ୍ୟାହ୍ନ ବା ଦିନ ୧ ୨ ଟା ପର୍ଯ୍ୟନ୍ତ ସମୟକୁ ପୂର୍ବାହ୍ନ ସମୟ ଓ ମଧ୍ୟାହ୍ନ ୧ ୨ଟାରୁ ରାତି ୧ ୨ ପର୍ଯ୍ୟନ୍ତ ସମୟକୁ ଅପରାହ୍ନ ଦ୍ୱାରା ସୂଚିତ କରାଯାଏ ।

ଯେପରି- ପୂର୍ବାହ୍ନ ୧୦ ଟାକୁ ୧୦ a m, ଅପରାହ୍ନ ୪ ଟା ୩୦ ମିନିଟ୍‌କୁ ୪.୩୦ p m, ମଧ୍ୟାହ୍ନ ୧ ୨ ଟାକୁ ୧ ୨ noon ଓ ରାତି ୧ ୨ ଟାକୁ ୧ ୨ midnight, ରାତି ୧ ୨ଟା ୩୦ ମିନିଟ୍‌କୁ ୧ ୨.୩୦ a m ଭାବେ ଲେଖାଯାଏ ।

☞ ଉଦାହରଣ ଦେଖି ତଳ ସାରଣୀ ପୂରଣ କର ।

| ସମୟ | am ବା pm | ୨୪ ଘଣ୍ଟିଆ ସମୟ |
|---|---|---|
| ସକାଳ ୬ଟା ୪୦ ମିନିଟ୍ | ୬.୪୦ am | ୬:୪୦ |
| ଅପରାହ୍ନ ୧ ୨ଟା ୧ ୫ ମିନିଟ୍ | | |
| ସଂଧ୍ୟା ୬ ଟା ୧ ୫ ମିନିଟ୍ | | |
| ରାତି ୪ ଟା ୪ ୫ ମିନିଟ୍ | | |
| ଦିନ ୨ ଟା ୧ ୫ ମିନିଟ୍ | | |
| ଅପରାହ୍ନ ୩ଟା ୨ ୦ ମିନିଟ୍ | | |
| ଅପରାହ୍ନ ୭ଟା ୩୦ ମିନିଟ୍ | | |
| ପୂର୍ବାହ୍ନ ୩ ଟା ବାଜିବାକୁ ୧ ୫ ମିନିଟ୍ ବାକି | | |
| ମଧ୍ୟାହ୍ନ ୧ ୨ ଟା ବାଜିବାକୁ ୨ ୫ ମିନିଟ୍ ବାକି | | |
| ମଧ୍ୟରାତ୍ର ୧ ୨ଟା ବାଜିବାକୁ ୧ ୦ ମିନିଟ୍ ବାକି | | |

## ଘଣ୍ଟାକୁ ମିନିଟ୍‌ରେ ଓ ମିନିଟ୍‌କୁ ଘଣ୍ଟାରେ ପ୍ରକାଶ

ଆମେ ଜାଣିଛୁ ୧ ଘଣ୍ଟା = ୬୦ ମିନିଟ୍

☞ ତଳେ ଥିବା ଖାଲି ଘର ପୂରଣ କର -

୨ ଘଣ୍ଟା = ୨ × ________ = ________ ମିନିଟ୍

୩ଘ. = ________ ମି. ୪ଘ. = ________ ମି.

୨ଘ. ଓ ୨୫ମି. = ୨ × ୬୦ ମି. + ୨୫ମି. = ________ ମି. + ________ ମି. = ________ ମି.

୩ଘ. ଓ ୪୦ମି. = ୩ × ________ ମି. + ________ ମି. = ________ ମି. + ________ ମି. = ________ ମି.

ଆସ ମିନିଟ୍‌କୁ ଦିଆଯାଇଥିବା ସମୟକୁ ଘଣ୍ଟାରେ ପ୍ରକାଶ କରିବା ।

୬୦ମି. = ୧ ଘଣ୍ଟା

୧୨୦ ମି. = ୬୦ମି. + ୬୦ମି. = ୧ଘ. + ୧ଘ. = ୨ଘ.

୧୫୦ ମି. = ୬୦ମି. + ୬୦ମି. + ୩୦ମି. = ୨ଘ. + ୩୦ମି. = ୨ଘ.୩୦ ମି.

☞ ନିଜେକର

| |
|---|
| ୮୦ମି. = ୬୦ମି. + _____ମି.= _____ଘ. + _____ମି.= _____ଘ. _____ମି. |
| ୧୦୦ମି.= _____ମି. + _____ମି.= _____ଘ. + _____ମି.= _____ଘ. _____ମି. |
| ୧୨୦ମି. = |
| ୧୫୫ମି.= |
| ୧୮୦ମି.= |
| ୨୨୦ମି. = |

## ସମୟର ଯୋଗ

୧ ଟଙ୍କା = ୧୦୦ ପଇସା, ହୋଇଥିବାରୁ ଟଙ୍କା ପଇସାର ଯୋଗ ବା ବିୟୋଗ ସାଧାରଣ ସଂଖ୍ୟାର ଯୋଗ ବିୟୋଗ ପରି ହୋଇଥାଏ । କିନ୍ତୁ ୧ ଘଣ୍ଟା = ୬୦ ମିନିଟ୍, ହୋଇଥିବାରୁ ଘଣ୍ଟା ମିନିଟ୍‌ର ଯୋଗ ବା ବିୟୋଗରେ ଆମେ କିଛି ପାର୍ଥକ୍ୟ ଲକ୍ଷ୍ୟ କରୁ । ତଳ ଉଦାହରଣକୁ ଦେଖ-

ଉଦାହରଣ-

ବାବୁଲି ୧୦କି.ମି. ରାସ୍ତାକୁ ୧ ଘଣ୍ଟା ୫୫ ମିନିଟ୍‌ରେ ଓ ପରବର୍ତ୍ତୀ ୧୦ କି.ମି. ରାସ୍ତାକୁ ୨ ଘଣ୍ଟା ୧୮ ମିନିଟ୍‌ରେ ଅତିକ୍ରମ କଲା । ତେବେ ସମୁଦାୟ ୨୦ କି.ମି. ରାସ୍ତାକୁ ସେ କେତେ ସମୟରେ ଅତିକ୍ରମ କଲା ?

ସମାଧାନ-

| | ଘଣ୍ଟା | ମିନିଟ୍ |
|---|---|---|
| | ୧ | ୫୫ |
| + | ୨ | ୧୮ |
| | ୩ | ୭୩ |

= ୩ ଘଣ୍ଟା + ୧ ଘଣ୍ଟା + ୧୩ ମିନିଟ୍

= ୪ ଘଣ୍ଟା ୧୩ ମିନିଟ୍

ଭାବି କହ-

ଯୋଗଫଳର ମିନିଟ୍ ସ୍ତମ୍ଭରେ ୭୩ ମିନିଟ୍ ବଦଳରେ ୧ ଘଣ୍ଟା ୧୩ ମିନିଟ୍ ଲେଖାଗଲା କାହିଁକି ?

## ଅଭ୍ୟାସ କାର୍ଯ୍ୟ

୧. ଯୋଗ କର ।

| କ) | ଘଣ୍ଟା | ମିନିଟ୍ |
|---|---|---|
| | ୫ | ୩୨ |
| + | ୬ | ୨୫ |

| ଖ) | ୩ଘ. | ୪୫ମିନିଟ୍ |
|---|---|---|
| + | ୭ଘ. | ୪୦ମିନିଟ୍ |
| | ୧୦ଘ. | ୮୫ମିନିଟ୍ |

=.....୧୦....ଘ. + ୬୦ମି. +୨୫...ମି.

= ............ଘ. + ୧ଘ. + ..............ମି.

=..............ଘ. .............................ମି.

| ଗ) | ୧୦ଘ. | ୨୫ମି. |
|---|---|---|
| + | ୫ଘ. | ୪୫ମି. |
| | ୧୫ଘ. | ୬୫ ମି. |

=......୧୫...ଘ+୬୦.....ମି.+.....୫...ମି.

=...........ଘ. + .........ଘ. + ........ମି.

=.....................ଘ. ...................ମି.

୨. ଯୋଗଫଳ ନିର୍ଣ୍ଣୟ କର ।

କ) ୩ଘଣ୍ଟା ୩୫ ମିନିଟ୍ ଓ ୫ଘଣ୍ଟା ୪୭ ମିନିଟ୍ (ଖ)୭ଘଣ୍ଟା ୪୪ମିନିଟ୍ ଓ ୮ଘଣ୍ଟା୪୬ମିନିଟ୍

ଗ) ୪ଘଣ୍ଟା ୪୫ମିନିଟ୍ ଓ ୪ଘଣ୍ଟା ୯ମିନିଟ୍ (ଘ)୫ଘଣ୍ଟା ୫୪ମିନିଟ୍ ଓ ୩ଘଣ୍ଟା ୪୨ମିନିଟ୍

୩. ମଧୁ ଘରେ ପ୍ରତିଦିନ ସକାଳେ ୪୦ ମିନିଟ୍ ପାଠ ପଢ଼େ । ସନ୍ଧ୍ୟାରେ ୧ ଘଣ୍ଟା ୩୦ ମିନିଟ୍ ପଢ଼େ । ତେବେ ପ୍ରତିଦିନ ସେ ଘରେ କେତେ ସମୟ ପାଠ ପଢ଼େ ?

୪. ଦିନେ ବିଦ୍ୟାଳୟରେ ୩ଘଣ୍ଟା ୪୫ମିନିଟ୍ ପାଠପଢ଼ା ହେଲା, ୧ ଘଣ୍ଟା ୧୫ ମିନିଟ୍ ଖେଳ ହେଲା ଓ ୩୦ ମିନିଟ୍ ବଗିଚା କାମ ହେଲା । ବିଦ୍ୟାଳୟରେ ସେଦିନ କେତେ ସମୟ କାମ ହେଲା ?

୫. ବସ୍‌ରେ ବ୍ରହ୍ମଗିରିଠାରୁ ସାତପଡ଼ା ଯିବାପାଇଁ ୧ ଘଣ୍ଟା ୧୫ ମିନିଟ୍ ସମୟ ଲାଗେ । ପୁରୀରୁ ବ୍ରହ୍ମଗିରି ଯିବା ପାଇଁ ୫୫ ମିନିଟ୍ ସମୟ ଲାଗେ । ପୁରୀରୁ କୋଣାର୍କ ଯିବାକୁ ୧ ଘଣ୍ଟା ୨୫ ମିନିଟ୍ ସମୟ ଲାଗେ । ତେବେ କୋଣାର୍କରୁ ପୁରୀ ଓ ବ୍ରହ୍ମଗିରି ଦେଇ ସାତପଡ଼ା ଯିବା ପାଇଁ କେତେ ସମୟ ଲାଗିବ ?

୬. ଆମ ଗାଁରେ ଦିନେ ସକାଳ ୯ଟାରେ କ୍ରିକେଟ୍ ଖେଳ ଆରମ୍ଭ ହୋଇ ୧୨ ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଲା । ଏହାପରେ ୪୫ ମିନିଟ୍ ମଧ୍ୟାହ୍ନ ଭୋଜନ ପାଇଁ ଖେଳ ବନ୍ଦ ରହି ପୁଣି ୪ ଟା ୫୫ ମିନିଟ୍‌ରେ ଖେଳ ଶେଷ ହେଲା । ତେବେ ସେଦିନ ମୋଟ୍ କେତେ ସମୟ ପାଇଁ ଖେଳାଯାଇଥିଲା ?

## ସମୟ ଅନୁମାନ କରିବା

ଚିତ୍ରରେ ଦିଆଯାଇଥିବା କାମ ସରିବାକୁ କେତେ ମିନିଟ୍ ଲାଗିବ ଅନୁମାନ କରି କୋଠରିରେ ଲେଖ ।



୨ ଲିଟର ପାଣି ଗରମ କରିବା



ବାଲ୍‌ଟି ପୂର୍ଣ୍ଣ ହେବା



ତୁମ ଶ୍ରେଣୀ କୋଠରି ଝାଡୁ କରିବା

ତୁମେ ଲେଖିଥିବା ଉତ୍ତରକୁ ତୁମ ସାଙ୍ଗ ଲେଖିଥିବା ଉତ୍ତର ସହ ତୁଳନା କର । ପ୍ରତ୍ୟେକଙ୍କ ଉତ୍ତର ସମାନ ହେଉଛି କି ? ଏପରି କାହିଁକି ହେଉଛି ସେମାନଙ୍କ ସହ ଆଲୋଚନା କରି କହ ଓ ଲେଖ ।

### ତୁମ ପାଇଁ କାମ-

ତୁମକୁ ନିମ୍ନ କାମଗୁଡ଼ିକୁ କରିବାକୁ କେତେ ସମୟ ଲାଗିବ ଅନୁମାନ କରି ଲେଖ ।

- ୫୦ ମିଟର ରାସ୍ତା ଦଉଡ଼ିବା
- ତଳୁ ୫୦ ଟି ଗୋଡ଼ି ଗୋଟେଇବା
- ୧ ରୁ ୧୦୦ ପର୍ଯ୍ୟନ୍ତ ଗଣିବା
- ୧୦୦ରୁ ୧ ପର୍ଯ୍ୟନ୍ତ ଗଣିବା
- ୧ କି.ମି. ବାଟ ଚାଲିବା
- ଘରୁ ସ୍କୁଲକୁ ଚାଲିକରି ଯିବା
- A ରୁ Z ପର୍ଯ୍ୟନ୍ତ ଇଂରାଜୀ ଅକ୍ଷର ଗୁଡ଼ିକୁ କ୍ରମରେ ଲେଖିବା
- ତୁମ ଶ୍ରେଣୀର ସବୁ ପିଲାଙ୍କ ନାମ କହିବା

ଏବେ ଉପରେ ଲେଖାଥିବା କାମଗୁଡ଼ିକୁ କର ଓ ପ୍ରତ୍ୟେକ କାମ କରିବା ପାଇଁ କେତେ ସମୟ ଲାଗିଲା ଲେଖିରଖ । ତୁମେ ଅନୁମାନ କରିଥିବା ସମୟ ଓ କାମ କରିବା ପାଇଁ ଲାଗିଥିବା ସମୟ ମଧ୍ୟରେ ଭିନ୍ନତା ଆସୁଛି କି ? ଏପରି କାହିଁକି ହେଉଛି ସାଙ୍ଗମାନଙ୍କ ସହ ଆଲୋଚନା କରି କୁହ ।

୧. ଶୂନ୍ୟ ସ୍ଥାନରେ ଉତ୍ତର am ବା p mରେ ଲେଖ।

(କ) ତୁମ ବିଦ୍ୟାଳୟର ଖେଳଛୁଟି____ ରୁ ____ସମୟ ପର୍ଯ୍ୟନ୍ତ ହୁଏ।

ତୁମର ଖେଳ ଛୁଟିର ସମୟ ଅବଧି ____।

(ଖ) ତୁମ ବିଦ୍ୟାଳୟ ____ ରୁ ____ସମୟ ପର୍ଯ୍ୟନ୍ତ ଖୋଲା ରହେ।

ତୁମ ବିଦ୍ୟାଳୟ ____ ସମୟ ଖୋଲା ରହେ।

(ଗ) ତୁମର ସ୍କୁଲର ପ୍ରଥମ ପିରିୟଡ୍ ____ ସମୟରୁ ____ସମୟ ପର୍ଯ୍ୟନ୍ତ ହୁଏ।

ତୁମ ସ୍କୁଲର ପ୍ରଥମ ପିରିୟଡ୍ ____ମିନିଟ୍ ହୁଏ।

୨. ଡାହାଣ ପାର୍ଶ୍ୱରେ ଥିବା ଶୂନ୍ୟସ୍ଥାନରେ ସମୟ ବ୍ୟବଧାନ ଲେଖ।

(କ)୮ am ରୁ ୧୧ am ପର୍ଯ୍ୟନ୍ତ

(ଖ)୧୧ am ରୁ ୩ pm ପର୍ଯ୍ୟନ୍ତ

(ଗ)ମଧ୍ୟରାତ୍ର ୧୨ ଟାରୁ ୩ pm ପର୍ଯ୍ୟନ୍ତ

(ଘ)୯ pm ରୁ ୯ am ପର୍ଯ୍ୟନ୍ତ

(ଙ)୧ amରୁ ୨.୨୦ pm ପର୍ଯ୍ୟନ୍ତ

## ବିୟୋଗ କରି ସମୟ ପରିମାଣ ହିସାବ କରିବା

ଚପଳା ସନ୍ଧ୍ୟା ୬.୩୦ମି.ରୁ ପାଠପଢ଼ା ଆରମ୍ଭ କଲା। ବିଦ୍ୟାଳୟରେ ଦିଆଯାଇଥିବା ସମସ୍ତ ପାଠ କଲାବେଳକୁ ରାତି ୯ଟା ୪୫ମି. ହୋଇଥିଲା। ତେବେ ସେ କେତେ ସମୟ ପାଠ ପଢ଼ିଲା ?

ମକରା ଚପଳାର ଭାଇ। ସେ ମଧ୍ୟ ଚପଳା ସହ ୬.୩୦ମି.ରେ ପାଠପଢ଼ା ଆରମ୍ଭ କରିଥିଲା, କିନ୍ତୁ ତା' ପାଠ ଶେଷ ହେଲା ବେଳକୁ ୧୦ଟା୧୫ମି. ହୋଇଥିଲା। ତେବେ ମକରା କେତେ ସମୟ ପଢ଼ିଥିଲା ?

ପ୍ରଥମ ପ୍ରଣାଳୀ

| | |
|---|---|
| ଚପଳାର ପଢ଼ା ଶେଷ କରିବା ସମୟ | ୯ଘ. ୪୫ମି. |
| ଚପଳାର ପଢ଼ା ଆରମ୍ଭ ସମୟ(-) | ୬ଘ.୩୦ମି. |
| ଚପଳାର ପଢ଼ା ସମୟ | ୩ଘ. ୧୫ମି. |

ଦ୍ୱିତୀୟ ପ୍ରଣାଳୀ

| | |
|---|---|
| ଚପଳାର ପଢ଼ା ଶେଷ କରିବା ସମୟ | ୯.୪୫ p m |
| ଚପଳାର ପଢ଼ା ଆରମ୍ଭ ସମୟ(-) | ୬.୩୦ p m |
| ଚପଳାର ପଢ଼ା ସମୟ | ୩ଘ. ୧୫ମିନିଟ୍ |

ଦୁଇଟି ସମୟ ମଧ୍ୟରେ ବ୍ୟବଧାନକୁ am ଓ p m ରେ କିମ୍ବା ସକାଳ ବା ସନ୍ଧ୍ୟାରେ ଲେଖାଯାଏ ନାହିଁ। ତାହା କେବଳ ଘଣ୍ଟା ଓ ମିନିଟ୍‌ରେ ଲେଖାଯାଏ।

ମକରାର ପଢ଼ିବା ସମୟ କେତେ ?

ମକରାର ପାଠପଢ଼ା ଶେଷ ସମୟ = ୧୦ଘ. ୧୫ମି.

ମକରାର ପାଠପଢ଼ା ଆରମ୍ଭ ସମୟ = (-) ୬ଘ. ୩୦ମି.

୧୫ମି.ରୁ ୩୦ମି. ଫେଡ଼ିହେବ କି ? ତେବେ କ'ଣ କରିବା ଭାବି କହ ।

ଟଙ୍କା ପଇସାର ବିୟୋଗରେ ଯେପରି କମ୍ ପଇସାରୁ ବେଶି ପଇସା ଫେଡ଼ି ନ ହେଲେ ଟଙ୍କା ଘରୁ ୧ ଟଙ୍କା ଅଣାଯାଏ ଓ ତାକୁ ୧୦୦ ପଇସାରେ ପରିବର୍ତ୍ତନ କରି ବିୟୋଗ କରାଯାଏ, ସେହିପରି ଏଠାରେ ଘଣ୍ଟା ଘରୁ ୧ଘ. ଅଣାଯିବ ଓ ତାକୁ ୬୦ମି.ରେ ପରିଣତ କରି ଆଗରୁ ଥିବା ମିନିଟ୍ ସହ ମିଶାଯିବ ।

୧୦ଘ. ୧୫ମିନିଟ୍ =୯ଘ. + ୧ଘ. + ୧୫ମି.

=୯ଘ. + ୬୦ମି.+୧୫ମି.

=୯ଘ. ୭୫ମି.

| | | |
|---|---|---|
| ୧୦ଘ.୧୫ମିନିଟ୍ | = | ୯ଘ.୭୫ମି. |
| - ୬ଘ.୩୦ମିନିଟ୍ | = | - ୬ଘ.୩୦ମି. |
| | | ୩ଘ. ୪୫ମି. |

ଏଣୁ ମକରାର ପାଠପଢ଼ା ସମୟ = ୩ଘ.୪୫ମି.

☞ ସମାଧାନ କର-

୧. ରାମବାବୁ ସକାଳ ୭ଟା ୩୫ମିନିଟ୍‌ରେ ଘରୁ ବାହାରି ସକାଳ ୧୦ ଟା ୨୮ ମିନିଟ୍‌ରେ କଚେରୀରେ ପହଞ୍ଚିଲେ । ତେବେ ତାଙ୍କୁ ଘରୁ ବାହାରି କଚେରୀରେ ପହଞ୍ଚିବାକୁ କେତେ ସମୟ ଲାଗିଲା ?

୨. ତଳେ ଥିବା ଶୂନ୍ୟ ସ୍ଥାନ ପୂରଣ କର ।

କ) ୧୧ଘ. ୪୦ମି.
  - ୭ଘ. ୩୫ମି.
  .....ଘ......ମି.

ଖ) ୫ଘ. ୩୦ମି. ...........ଘ. ...........ମି.
  - ୨ଘ. ୪୭ମି. ୨ଘ. ୪୭ମି.
  ଘ. ............ମି.

ଗ) ୯ଘ. ୨୪ମି. ଘ. ମି.
  - ୭ଘ. ୪୯ମି. ଘ. ମି.
  ଘ. ମି.

ଘ) ୧୩ଘ. ୨୦ମି. ଘ. ମି.
  - ୯ଘ. ୨୭ମି. ଘ. ମି.
  ଘ. ମି.

ଉଦାହରଣ-

କମଳ ବାବୁ ଟ୍ରେନ୍‌ରେ ଚଢ଼ି କଟକରୁ କୋଲକାତା ଗଲେ । ତାଙ୍କ ଟ୍ରେନ୍ ୮.୨୦ p mରେ କଟକ ଷ୍ଟେସନ୍ ଛାଡ଼ିଲା ଏବଂ ତା' ପରଦିନ ୭.୩୫ a mରେ କୋଲକାତା ଷ୍ଟେସନ୍‌ରେ ପହଞ୍ଚିଲା । ତେବେ କମଳ ବାବୁଙ୍କୁ କଟକ ଷ୍ଟେସନ୍‌ରୁ କଲିକତା ଷ୍ଟେସନ୍ ପର୍ଯ୍ୟନ୍ତ ଯିବାକୁ କେତେ ସମୟ ଲାଗିଲା ?

ସମାଧାନ-

ଯାତ୍ରା ଆରମ୍ଭ ସମୟ p m ରେ ଅଛି । ଯାତ୍ରା ଶେଷ ସମୟ a m ରେ ଅଛି ।

ଏଣୁ କିପରି ବିୟୋଗ କରିବା ?

କଟକ ଛାଡ଼ିବା ସମୟଠାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ - (୮.୨୦ p mରୁ ମଧ୍ୟ ରାତ୍ର ୧୨ ଟା ପର୍ଯ୍ୟନ୍ତ)

| | | |
|---|---|---|
| | ୧୨ଘ. ୦୦ମି. | ୧୧ଘ. ୬୦ମି. |
| (-) | ୮ଘ. ୨୦ମି. | ୮ଘ. ୨୦ମି. |
| | | ୩ଘ. ୪୦ମି. |

ମଧ୍ୟରାତ୍ର ୧୨ ଟା ଠାରୁ ପରଦିନ ୭.୩୫ a m ପର୍ଯ୍ୟନ୍ତ ସମୟ ପରିମାଣ = ୭ଘ.୩୫ମି.

ମୋଟ ସମୟ = ୩ଘ. ୪୦ମି.

(+) ୭ଘ. ୩୫ମି.

୧୦ଘ.୭୫ମି. = ୧୦ଘ.+୧ଘ.+୧୫ମି. = ୧୧ଘ.୧୫ମି.

∴ କମଳ ବାବୁଙ୍କୁ କୋଲ୍‌କାତାରେ ପହଞ୍ଚିବାକୁ ୧୧ ଘ. ୧୫ ମି. ସମୟ ଲାଗିଲା ।

## ଅଭ୍ୟାସ କାର୍ଯ୍ୟ

୧. ସମୟ ବ୍ୟବଧାନ କେତେ ?

କ) ୧୦.୧୫ am ରୁ ମଧ୍ୟାହ୍ନ ୧୨ଟା

ଖ) ୯.୩୦ pm ରୁ ୧୧.୪୫ pm

ଗ) ୧୦.୨୦ am ରୁ ୩.୩୦ pm

ଘ) ୮.୪୦ pm ରୁ ପରଦିନ ୪.୨୦ am

ଙ) ସକାଳ ୯ଘ.୩୦ମି.ରୁ ଅପରାହ୍ନ ୨ଘ. ୧୫ମି.

ଚ) ଅପରାହ୍ନ ୪ଘ. ୫୫ମି.ରୁ ପରଦିନ ପୂର୍ବାହ୍ନ ୬ଘ. ୨୫ ମି.

| | |
|---|---|
| ୨. ଲୁଲା ପଢ଼ା ସାରି ୧୧.୩୦ pm ରେ ଶୋଇଲା ଓ ପରଦିନ ୬.୧୫ a mରେ ଉଠିଲା । ସେ କେତେ ସମୟ ଶୋଇଥିଲା ? | |
| ୩. କିରଣ୍ଡି ଓ ଭଟଗ୍ରାମ ମଧ୍ୟରେ କ୍ରିକେଟ୍ ଖେଳ ୯.୧୫ a mରେ ଆରମ୍ଭ ହୋଇ ୪ pm ରେ ଶେଷ ହେଲା । ତେବେ କେତେ ସମୟ ଖେଳ ହେଲା ? | |
| ୪. ସୁବାଷ ବାବୁ ପାରଳାଖେମୁଣ୍ଡିରୁ ୧୦ pm ରେ ବାହାରି ୫ ଘଣ୍ଟା ପରେ ଭୁବନେଶ୍ୱରରେ ପହଞ୍ଚିଲେ । ତେବେ ସେ କେତେ ବେଳେ ଭୁବନେଶ୍ୱର ପହଞ୍ଚିଲେ ? | |
| ୫. ଗୋଟିଏ ଟ୍ରେନ୍ ଭୁବନେଶ୍ୱରରୁ ୮ pm ରେ ବାହାରି ତା' ପରଦିନ ୧୦ am ରେ କୋରାପୁଟରେ ପହଞ୍ଚିଲା । ଟ୍ରେନ୍‌ଟି କେତେ ସମୟ ଯାତ୍ରା କଲା ? | |
| ୬. ବଲାଙ୍ଗିରରୁ ଗୋଟିଏ ବସ୍ ୧୦ ଘଣ୍ଟା ଯାତ୍ରା କରି ୩ pm ରେ କଟକରେ ପହଞ୍ଚିଲା । ବସ୍‌ଟି କେତେବେଳେ ଯାତ୍ରା ଆରମ୍ଭ କରିଥିଲା ? | |

# ପାଠ-୨୦ ତଥ୍ୟ ଜାଣିବା ଓ ତହିଁରୁ ସିଦ୍ଧାନ୍ତ କରିବା

7ZZ46E

ଗୋଟିଏ ଚିଡ଼ିଆଖାନାରେ ଥିବା ପଶୁଙ୍କ ସଂଖ୍ୟା ତଳେ ଥିବା ଚିତ୍ରଲେଖରେ ଦିଆଯାଇଛି ।




୧ ୦ଟି ପଶୁ ପାଇଁ ଗୋଟିଏ '△'ଚିତ୍ର ନିଆଯାଇଛି ।

ବାଘ ସଂଖ୍ୟାକୁ ତିନୋଟି '△' ଚିତ୍ରରେ ସୂଚାଯାଇଛି, ଅର୍ଥାତ୍ ବାଘ ସଂଖ୍ୟା = ୧ ୦ × ୩ = ୩୦

☞ ଚିତ୍ରଲେଖ ଦେଖି ଉତ୍ତର କହ ଓ ଲେଖ ।

(କ) କେଉଁ ପଶୁଙ୍କ ସଂଖ୍ୟା ସର୍ବାଧିକ ?

(ଖ) କେଉଁ ପଶୁଙ୍କ ସଂଖ୍ୟା ସର୍ବନିମ୍ନ ?

(ଗ) ହରିଣଙ୍କ ସଂଖ୍ୟା ଦର୍ଶାଇବା ପାଇଁ କେତୋଟି '△' ନିଆଯାଇଛି ?

(ଘ) ଚିଡ଼ିଆଖାନାରେ କେତୋଟି ହରିଣ ଅଛନ୍ତି ?

(ଙ) ଠେକୁଆଙ୍କ ସଂଖ୍ୟା ଦର୍ଶାଇବା ପାଇଁ କେତୋଟି '△' ନିଆଯାଇଛି ?

(ଚ) ଚିଡ଼ିଆଖାନାରେ କେତୋଟି ଠେକୁଆ ଅଛନ୍ତି ?


(ଛ) ହରିଣଙ୍କ ଅପେକ୍ଷା ଠେକୁଆଙ୍କ ପାଇଁ କେତୋଟି ଅଧିକ '△' ନିଆଯାଇଛି ?

(ଛ) ଚିଡ଼ିଆଖାନାରେ ହରିଣଙ୍କ ସଂଖ୍ୟା ଠାରୁ ଠେକୁଆଙ୍କ ସଂଖ୍ୟା କେତେ ଅଧିକ ?

• ଗୋଟିଏ ଦୋକାନରେ ସାତଦିନରେ ବିକ୍ରି ହୋଇଥିବା କଣ୍ଢେଇର ପରିମାଣ ଟାଲି ଚିହ୍ନରେ ଦିଆଯାଇଛି । ଟାଲିଚିହ୍ନଗୁଡ଼ିକୁ ଗଣି ସାରଣୀ ପୂରଣ କର ।

| ବାରର ନାମ | ବିକ୍ରି ହୋଇଥିବା କଣ୍ଢେଇର ସଂଖ୍ୟା (ଟାଲି ଚିହ୍ନରେ) | ବିକ୍ରି ହୋଇଥିବା କଣ୍ଢେଇ ସଂଖ୍ୟା | ୫ଟି କଣ୍ଢେଇ ପାଇଁ ଗୋଟିଏ 𝍸 ଚିତ୍ର ଦେଲେ ଆବଶ୍ୟକ 𝍸 ସଂଖ୍ୟା |
|---|---|---|---|
| ରବିବାର | ǀǀǀǀǀǀǀǀǀǀǀǀǀǀǀǀǀǀǀǀǀǀǀǀǀ | ୨୫ | 𝍸 𝍸 𝍸 𝍸 𝍸 |
| ସୋମବାର | ǀǀǀǀǀǀǀǀǀǀǀǀǀǀǀǀǀǀǀǀ | | |
| ମଙ୍ଗଳବାର | ǀǀǀǀǀǀǀǀǀǀ | | |
| ବୁଧବାର | ǀǀǀǀǀǀǀǀǀǀǀǀǀǀǀ | | |
| ଗୁରୁବାର | ǀǀǀǀǀǀǀǀǀ | | |
| ଶୁକ୍ରବାର | ǀǀǀǀǀ | | |
| ଶନିବାର | ǀǀǀǀǀǀǀǀǀǀǀǀ | | |

ପ୍ରତି ୫ଟି କଣ୍ଢେଇ ପାଇଁ ଗୋଟିଏ  ଚିତ୍ର ନେଇ ଦୋକାନରେ ବିଭିନ୍ନ ଦିନରେ ବିକ୍ରି ହୋଇଥିବା କଣ୍ଢେଇ ସଂଖ୍ୟାକୁ ଚିତ୍ର ଲେଖରେ ଦର୍ଶାଅ ।



- ସଲିମ୍ ବିଭିନ୍ନ ଦେଶର ଡାକଟିକଟ ସଂଗ୍ରହ କରିଥିଲା । ସଂଗୃହୀତ ଡାକଟିକଟଗୁଡ଼ିକର ସଂଖ୍ୟାକୁ ନିମ୍ନ ଚିତ୍ରଲେଖରେ ଦର୍ଶାଯାଇଛି ।

| | |
|---|---|
| ପାକିସ୍ତାନ | ◯◯◯◯◯◯◯◯◯◯◯◯ |
| ନେପାଳ | ◯◯◯◯◯ |
| ରୁଷିଆ | ◯◯◯◯◯◯◯◯ |
| ଆମେରିକା | ◯◯◯ |
| ଇଂଲଣ୍ଡ | ◯◯◯◯◯◯◯◯ |
| ଶ୍ରୀଲଙ୍କା | ◯◯◯◯◯◯◯◯◯ |

ଉପରିସ୍ଥ ଚିତ୍ରଲେଖରେ ୩ଟି ଡାକଟିକଟ ପାଇଁ ଗୋଟିଏ ' ◯ ' ନିଆଯାଇଛି । ଉପର ଚିତ୍ରଲେଖକୁ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ସଲିମ୍ କେତୋଟି ରୁଷିଆର ଡାକଟିକଟ ସଂଗ୍ରହ କରିଥିଲା ? ☐


(ଖ) ସଲିମ୍ କେତୋଟି ଶ୍ରୀଲଙ୍କାର ଡାକଟିକଟ ସଂଗ୍ରହ କରିଥିଲା ? ☐

(ଗ) ସଲିମ୍ ସଂଗ୍ରହ କରିଥିବା ଡାକଟିକଟଗୁଡ଼ିକ ମଧ୍ୟରୁ ନେପାଳ ଓ ଆମେରିକାର ଡାକଟିକଟ ସଂଖ୍ୟା ମିଶିଲେ ଅନ୍ୟ କେଉଁ ଦେଶର ଡାକଟିକଟ ସଂଖ୍ୟା ସହ ସମାନ ହେବ ? ☐

(ଘ) ସଲିମ୍ ଯେଉଁ ଦେଶର ଡାକଟିକଟ ସବୁଠାରୁ ବେଶୀ ସଂଖ୍ୟାରେ ସଂଗ୍ରହ କରିଛି ଓ ଯେଉଁ ଦେଶର ଡାକଟିକଟ ସବୁଠାରୁ କମ୍ ସଂଖ୍ୟାରେ ସଂଗ୍ରହ କରିଛି, ସେହି ଦେଶଦ୍ୱୟର ସଂଗୃହୀତ ଡାକଟିକଟ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ କେତେ ? ☐

(ଙ) ଯଦି ସଂଗ୍ରହ କରାଯାଇଥିବା ଶ୍ରୀଲଙ୍କାର ପ୍ରତ୍ୟେକ ଡାକଟିକଟର ମୂଲ୍ୟ ୮ ଟଙ୍କା ହୁଏ, ତେବେ ସେହି ଦେଶର ସଂଗୃହୀତ ଡାକଟିକଟର ମୋଟ୍ ମୂଲ୍ୟ କେତେ ହେବ ? ☐

• ଗୋଟିଏ ସପ୍ତାହରେ ୬ ଜଣ ବହି ବ୍ୟବସାୟୀ ବିକିଥିବା ବହିର ସଂଖ୍ୟାକୁ ତଳ ଚିତ୍ରଲେଖରେ ଦିଆଯାଇଛି ।




(କ)ବିକ୍ରି ହୋଇଥିବା ୧୦୦ ଖଣ୍ଡ ବହି ପାଇଁ ଗୋଟିଏ ‘ ’ ଛବି ନିଆଯାଇଛି । ଚିତ୍ରଲେଖ ଦେଖି ଦୋକାନୀ ବିକିଥିବା ବହିସଂଖ୍ୟାକୁ ସାରଣୀରେ ଦର୍ଶାଅ ।

| ଦୋକାନୀର ନାମ | ଚିତ୍ରଲେଖରେ ଥିବା ଛବି ସଂଖ୍ୟା | ବିକ୍ରିହୋଇଥିବା ବହିସଂଖ୍ୟା |
|---|---|---|
| | | |
| | | |
| | | |
| | | |
| | | |
| | | |



(ଖ) ସେହି ସପ୍ତାହରେ କିଏ ସବୁଠାରୁ ଅଧିକ ସଂଖ୍ୟକ ବହି ବିକ୍ରି କରିଥିଲା ? ______________

(ଗ) ଅଧିକରୁ କମ୍ ବିକ୍ରି ହୋଇଥିବା ବହି ସଂଖ୍ୟା ଅନୁଯାୟୀ ବ୍ୟବସାୟୀମାନଙ୍କ ନାମକୁ କ୍ରମରେ ଲେଖ ।

______________________________________________

## ଅଭ୍ୟାସ କାର୍ଯ୍ୟ

୧. ଘର ଗୁଡ଼ିକରେ ଥିବା ପ୍ରତ୍ୟେକ ଚିତ୍ର ୫ଟି ବସ୍ତୁକୁ ବୁଝାଏ । ପ୍ରତ୍ୟେକ ଘରେ ଥିବା ଚିତ୍ରଗୁଡ଼ିକ କେତୋଟି ବସ୍ତୁକୁ ବୁଝାଏ ତାହା ଡାହାଣ ପାଖ ଘରେ ଲେଖ ।

| ଚିତ୍ର | ସଂଖ୍ୟା |
|---|---|
|  | |
|  | |
|  | |
|  | |
|  | |
|  | |
|  | |
|  | |

୨. ଗୋଟିଏ ବିଦ୍ୟାଳୟର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟରେ ଭାଗ ନେଇଥିବା ପିଲାଙ୍କ ସଂଖ୍ୟା ଏହି ସାରଣୀରେ ଦିଆଯାଇଛି ।

| କାର୍ଯ୍ୟର ନାମ | କାର୍ଯ୍ୟରେ ଭାଗ ନେଇଥିବା ପିଲାସଂଖ୍ୟା |
|---|---|
| ସ୍କୁଲ ହତା ସଫେଇ | ୫୨ |
| ଶ୍ରେଣୀଗୃହ ପରିଷ୍କାର କରିବା | ୩୬ |
| ମିଷ୍ଟାନ୍ନ ବଣ୍ଟନ | ୧୬ |
| ସାଂସ୍କୃତିକ କାର୍ଯ୍ୟକ୍ରମ | ୨୪ |
| କ୍ରୀଡା ପ୍ରତିଯୋଗିତା | ୨୮ |

ଗୋଟିଏ ଚିତ୍ରଲେଖ ଅଙ୍କନ କଲାବେଳେ, ୪ଜଣ ପିଲାଙ୍କ ପାଇଁ ଗୋଟିଏ △ ଚିତ୍ର ଦର୍ଶାଇବା ।

ଉପରିସ୍ଥ ସାରଣୀ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ସ୍କୁଲ ହତା ସଫେଇ କାମ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଖ) ଶ୍ରେଣୀଗୃହ ଗୁଡ଼ିକ ପରିଷ୍କାର କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଗ) ମିଷ୍ଟାନ୍ନବଣ୍ଟନ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଘ) ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?


(ଙ) କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାଙ୍କ ପାଇଁ କେତୋଟି △ ଚିତ୍ର ଦର୍ଶାଇବା ?

(ଚ) କେଉଁ କାର୍ଯ୍ୟରେ ସବୁଠାରୁ ଅଧିକ ସଂଖ୍ୟକ ପିଲା ଅଂଶଗ୍ରହଣ କରିଥିଲେ ?

(ଛ) କେଉଁ କାର୍ଯ୍ୟରେ ସବୁଠାରୁ କମ୍ ପିଲା ଅଂଶଗ୍ରହଣ କରିଥିଲେ ?

(ଜ) ୪ଜଣ ପିଲାଙ୍କ ପାଇଁ ଗୋଟିଏ △ ବ୍ୟବହାର କରି ଏହି ସାରଣୀରେ ଦିଆଯାଇଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ?

୩. ସୁରେଶ ଗୋଟିଏ ସପ୍ତାହର ବିଭିନ୍ନ ଦିନରେ ଖର୍ଚ୍ଚ କରିଥିବା ଟଙ୍କାର ପରିମାଣକୁ ଚିତ୍ରଲେଖରେ ଦିଆଯାଇଛି । ଏହାକୁ ଲକ୍ଷ୍ୟ କର ।




ଏଠାରେ ଟ. ୧୨.୦୦ ପାଇଁ ଗୋଟିଏ '⊕' ନିଆଯାଇଛି ।

ଚିତ୍ରଲେଖ ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଖାଲି କୋଠରିରେ ଲେଖ ।

(କ) ସୁରେଶ ସୋମବାର ଦିନ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଖ) ସୁରେଶ ମଙ୍ଗଳବାର ଓ ବୁଧବାର ଦିନ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଗ) ସୁରେଶ ଶୁକ୍ର ଓ ଶନିବାର ଦିନ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

(ଘ) ସୁରେଶ ସେହି ସପ୍ତାହରେ ମୋଟ୍ କେତେ ଟଙ୍କା ଖର୍ଚ୍ଚ କରିଥିଲା ?

୪. ସାରଣୀରେ ଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର (୬ଟି ପିଲାଙ୍କ ପାଇଁ ଗୋଟିଏ ଚିତ୍ର ନେବ) ।

| ଶ୍ରେଣୀ | ପ୍ରଥମ | ଦ୍ୱିତୀୟ | ତୃତୀୟ | ଚତୁର୍ଥ | ପଞ୍ଚମ |
|---|---|---|---|---|---|
| ପିଲାସଂଖ୍ୟା | ୧୮ | ୩୦ | ୨୪ | ୧୨ | ୨୪ |

୫. ଗୋଟିଏ ଦୋକାନରେ ଗୋଟିଏ ମାସରେ ବିକ୍ରି ହୋଇଥିବା ସାମଗ୍ରୀଗୁଡ଼ିକର ପରିମାଣକୁ ନିମ୍ନ ସାରଣୀରେ ଦର୍ଶାଯାଇଛି । ସାରଣୀଟିରେ ଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ।

| ସାମଗ୍ରୀର ନାମ | ବିକ୍ରି ପରିମାଣ |
|---|---|
| ଚାଉଳ | ୪୫୦୦ କି.ଗ୍ରା |
| ଡାଲି | ୫୦୦ କି.ଗ୍ରା |
| ଅଟା | ୨୦୦୦ କି.ଗ୍ରା |
| ଆଳୁ | ୧୫୦୦ କି.ଗ୍ରା |
| ଲୁଣ | ୧୦୦୦ କି.ଗ୍ରା |

୬. ଗୋଟିଏ ଦୋକାନୀ ଏକ ସପ୍ତାହରେ ବିକ୍ରି କରିଥିବା କ୍ଷୀରପ୍ୟାକେଟ୍ ସମ୍ବନ୍ଧୀୟ ତଥ୍ୟ ନିମ୍ନ ସାରଣୀରେ ଦିଆଯାଇଛି । ସାରଣୀରେ ଦିଆଯାଇଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କର ।


| ବାରର ନାମ | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର | ରବିବାର |
|---|---|---|---|---|---|---|---|
| କ୍ଷୀର ପ୍ୟାକେଟ୍ ସଂଖ୍ୟା | ୧୮ | ୬ | ୧୨ | ୨୪ | ୧୨ | ୧୮ | ୩୦ |

ତୁମେ ତିଆରି କରିଥିବା ଚିତ୍ରଲେଖ, ତୁମ ସାଙ୍ଗମାନଙ୍କର ଚିତ୍ରଲେଖ ସହ ସମାନ ହେଉଛି କି ?


ଯଦି ନ ହେଉଛି ତା'ର କାରଣ କ'ଣ ?

୭.  ଛଅଟି କ୍ରିକେଟ୍ ମ୍ୟାଚ୍‌ରେ ମାମୁନି ଓ ବୁବୁନି ସଂଗ୍ରହ କରିଥିବା ରନ୍‌କୁ ଦୁଇଟି ଅଲଗା ଅଲଗା ଚିତ୍ରଲେଖରେ ଦର୍ଶାଯାଇଛି ।

ଚିତ୍ରଲେଖରେ ପ୍ରତି ୩ ରନ୍ ପାଇଁ ଗୋଟିଏ ଚିତ୍ର କରାଯାଇଛି ।



(ମାମୁନି ସଂଗ୍ରହ କରିଥିବା ରନ୍ ପାଇଁ ଚିତ୍ରଲେଖ)



(ବୁବୁନି ସଂଗ୍ରହ କରିଥିବା ରନ୍ ପାଇଁ ଚିତ୍ରଲେଖ)

(କ)  ମାମୁନି ଓ ବୁବୁନି ଉଭୟ ସଂଗ୍ରହ କରିଥିବା ରନ୍ ସଂଖ୍ୟାକୁ ନିମ୍ନ ସାରଣୀରେ ଲେଖ ।

| | ମାମୁନି ସଂଗ୍ରହ କରିଥିବା ରନ୍ ପରିମାଣ | ବୁବୁନି ସଂଗ୍ରହ କରିଥିବା ରନ୍ ପରିମାଣ |
|---|---|---|
| ପ୍ରଥମ ମ୍ୟାଚ୍ | | |
| ଦ୍ୱିତୀୟ ମ୍ୟାଚ୍ | | |
| ତୃତୀୟ ମ୍ୟାଚ୍ | | |
| ଚତୁର୍ଥ ମ୍ୟାଚ୍ | | |
| ପଞ୍ଚମ ମ୍ୟାଚ୍ | | |
| ଷଷ୍ଠ ମ୍ୟାଚ୍ | | |

(ଖ) ଉପରେ ଦିଆଯାଇଥିବା ସାରଣୀକୁ ଦେଖି କେତେଗୁଡ଼ିଏ ପ୍ରଶ୍ନ ତିଆରି କର ।

ଯେପରି – ଦ୍ୱିତୀୟ ମ୍ୟାଚ୍‌ରେ କିଏ ଅଧିକ ରନ ସଂଗ୍ରହ କରିଛି ଓ କେତେ ଅଧିକ ରନ୍ ସଂଗ୍ରହ କରିଛି ?